# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ନଭେମ୍ବର ୧୬/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 16/2024 Page 16 ₹ 7.00

୫୦ଶ ଭାଗ ୩୫୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 351 ମୂଲ୍ୟ ₹୭/-


# ଆଜିଠୁ ଚାରିଦ୍ୱାର ଖୋଲା

## କାର୍ତ୍ତିକ ମାସ କଟକଣା ହଟିଲା

**ପୁରୀ,୧୫।୧୧(ଅଜିତ୍ କୁମାର ମହାନ୍ତି)**

ଭକ୍ତଙ୍କ ନିମନ୍ତେ ଖୁସି ଖବର। କାର୍ତ୍ତିକ ମାସ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି ହୋଇଥିବା କଟକଣାକୁ ଶୁକ୍ରବାର ହଟାଇ ନିଆଯାଇଛି। ଶନିବାରଠାରୁ ପୁନର୍ବାର ଭକ୍ତମାନେ ଶ୍ରୀମନ୍ଦିରରେ ଚାରିଦ୍ୱାର ଦେଇ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ସିଂହଦ୍ୱାର ବ୍ୟତୀତ ଅନ୍ୟ ୩ ଦ୍ୱାରରେ ପ୍ରସ୍ଥାନ କରିବେ। ତେବେ ସେବକ ତଥା ତାଙ୍କ ପରିବାରବର୍ଗ ସମସ୍ତ ଦ୍ୱାରରେ ପ୍ରବେଶ ଓ ପ୍ରସ୍ଥାନ କରିପାରିବେ। ନାଟମଣ୍ଡପଠାରେ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଏବେ ବିଚାରାଧୀନ ରହିଛି। ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ପରିଚାଳନା କମିଟିର ପରାମର୍ଶ ଓ ଅନୁମୋଦନ ପରେ ନାଟମଣ୍ଡପରେ ହେବାକୁ ଥିବା ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଶୁକ୍ରବାର ସୂଚନା ଦିଆଯାଇଛି।



ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାଜାଧିରାଜ ବା ସୁନାବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଗହଳି ଲାଗିଥିଲା। ସେହିପରି ଲୋକେ ସମୁଦ୍ର ଓ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ଡଙ୍ଗା ଭସାଇଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ହବିଷିଆଳିମାନେ ଏଠାକୁ ଆସି ଗତ ଏକମାସ ଧରି କାର୍ତ୍ତିକ ବ୍ରତ କରୁଥିଲେ। ଶୁକ୍ରବାର ବ୍ରତ ସମାପନ ପରେ ସେମାନେ ଶ୍ରୀକ୍ଷେତ୍ରରୁ ବିଦାୟ ନେଇଛନ୍ତି। ସୂଚନା ଅନୁଯାୟୀ, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କାର୍ତ୍ତିକ ମାସରେ ଚାରିଦ୍ୱାର ମଧ୍ୟରୁ ଦୁଇଟି ଦ୍ୱାରରେ ପ୍ରବେଶ ଓ ଅନ୍ୟ ଦୁଇ ଦ୍ୱାରରେ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଥିଲା। କାର୍ତ୍ତିକ ପ୍ରତିପଦାଠାରୁ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଭକ୍ତମାନେ ଦୁଇଟି ଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଅନ୍ୟ ଦୁଇ ଦ୍ୱାର ଦେଇ ପ୍ରସ୍ଥାନ କରୁଥିଲେ। ତେବେ ପଞ୍ଚକଠାରୁ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ସମାଗମ ଅଧିକ ହେବାର ସମ୍ଭାବନା ଥିବାରୁ ଏକାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ କେବଳ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ ଅନୁମତି ରହିଥିଲା। ଭକ୍ତମାନେ ସିଂହଦ୍ୱାର ଦେଇ ପ୍ରବେଶ କରିବା ସହ ଅନ୍ୟ ତିନିଦ୍ୱାର ଦେଇ ପ୍ରସ୍ଥାନ କରୁଥିଲେ। ତେବେ କାର୍ତ୍ତିକ ମାସ ଶେଷହୋଇଥିବାରୁ ଭକ୍ତଙ୍କ ସଂଖ୍ୟା କମ୍ ରହିବ। ତେଣୁ କାର୍ତ୍ତିକ ମାସ ପରବର୍ତ୍ତୀ ଦର୍ଶନ ବ୍ୟବସ୍ଥା ନେଇ ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରୱାଲଙ୍କ ସମେତ ଶ୍ରୀମନ୍ଦିର ଓ ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା। ପଞ୍ଚକ ଗହଳି ଆଉ ନ ଥିବାରୁ ନଭେମ୍ବର ୧୬ରୁ ଭକ୍ତମାନେ ଚାରିଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।







# ପାରାଦୀପ ଐତିହାସିକ ପୃଷ୍ଠଭୂମିର ଗବେଷଣା ଆବଶ୍ୟକ: ମୁଖ୍ୟମନ୍ତ୍ରୀ

ପାରାଦୀପ,୧୫ା୧୧(ଶରତ ରାଉତ)

ଶିଳ୍ପ ସମୃଦ୍ଧ ପାରାଦୀପର ଅନ୍ତରାଳେ ଥିବା ଐତିହାସିକ ପୃଷ୍ଠଭୂମି, ପୌରାଣିକ କିମ୍ବଦନ୍ତୀ ଓ ଆଧ୍ୟାତ୍ମିକ ବିଚାର ଉପରେ ଅନେକ ରହସ୍ୟ ରହିଛି। ଏସବୁ ଉପରେ ଗବେଷଣା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓଡ଼ିଶାର ଯେତେ ପର୍ବ ପାଳନ କରାଯାଉଛି ତାହା ଧାର୍ମିକ ଭାବନା ସହିତ ଜଡ଼ିତ। କିନ୍ତୁ ପାରାଦୀପର ନିଆରା ବୋଇତ ବନ୍ଦାଣ ଉତ୍ସବ ଓ ବାଲିଯାତ୍ରା ମହୋତ୍ସବ କେବଳ ନୌବାଣିଜ୍ୟ ଇତିହାସ ସହ ଜଡ଼ିତ ବୋଲି ମୁଖ୍ୟମନ୍ତ୍ରୀ ଶୁକ୍ରବାର ପାରାଦୀପ ବନ୍ଦର ବୋଇତ ବନ୍ଦାଣ ଉତ୍ସବ ଅବସରରେ କହିଛନ୍ତି। ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବନ୍ଦର ଦିବସ ଓ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ମେରାଇନ ବର୍ଥ ପାଖରେ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମାଝୀଙ୍କ ସହ ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଏମ୍‌ପି ବିଭୁପ୍ରସାଦ ତରାଇ, ଜିଲାପାଳ ଜେ.ସୋନାଲ, ଡିଆଇଜି ଚରଣ ସିଂହ ମାନ୍ୟା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ବୋଇତ ପୂଜା ପରେ ସେଥିରେ ଥିବା ସାଧବାଣୀ ସାଧବ ପୁଅଙ୍କୁ ମୁଖ୍ୟମନ୍ତ୍ରୀ ପତାକା ଦେଖାଇ ବିଦାୟ ଜଣାଇଥିଲେ। ପୋତାଶ୍ରୟରେ ଥିବା ସମସ୍ତ ଜାହାଜ ଏକା ସମୟରେ ହର୍ନ ବଜାଇ ଏହାକୁ ସ୍ୱାଗତ ଜଣାଇଥିଲେ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଏମ୍‌ପି ବିଭୁ ପ୍ରସାଦ ତରାଇ ପତାକା ଦେଖାଇ ବୋଇତକୁ ବିଦାୟ ଦେଉଛନ୍ତି।

### ■ ଓଡ଼ିଶାର ବିଭିନ୍ନ ପର୍ବରୁ ବୋଇତ ବନ୍ଦାଣ କେବଳ ନୌବାଣିଜ୍ୟ ଇତିହାସ ସହ ଜଡ଼ିତ
### ■ ଘରକୁ ପାଇପ ଯୋଗେ ଇନ୍ଧନ ଯୋଗାଣ ପ୍ରକଳ୍ପ ଓ ନୂତନ ପୋଲ ପାଇଁ ଭିତ୍ତିପ୍ରସ୍ତର

ଏହି ଅବସରରେ, ମୁଖ୍ୟମନ୍ତ୍ରୀ ମାଝୀ କହିଥିଲେ, ତାଙ୍କ ନିର୍ବାଚନମଣ୍ଡଳୀରୁ ଯେତିକି ପଣ୍ୟ ଉତ୍ତୋଳନ ହେଉଛି ତା'ର ସିଂହଭାଗ ପାରାଦୀପ ବନ୍ଦର ବାଟେ ବିଦେଶକୁ ରପ୍ତାନି ହେଉଛି। ପାରାଦୀପ ଏବେ ଦେଶର ୧ ନମ୍ବର ସ୍ଥାନ ହାସଲ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାର୍ତ୍ତା ପୂର୍ବୋଦୟରୁ ଭାରତ ଉଦୟ ସ୍ଥାନ ହେଲା ପାରାଦୀପ। ଏହି ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ କରିବେ। ପାରାଦୀପର ବିକାଶ ପାଇଁ ତାଳଚେରଠାରୁ ପାରାଦୀପ ବନ୍ଦର ପର୍ଯ୍ୟନ୍ତ ଜାତୀୟ ଜଳପଥ ହେବାକୁ ଯାଉଛି। ଏଥିପାଇଁ ୧୫ ହଜାର କୋଟି ଟଙ୍କା ବିନିଯୋଗ ହେବ। ମେରିଟାଇମ ଇଣ୍ଡିଆ ଭିଜନ ୨୦୩୦ ସୁଦ୍ଧା ୭୦ ଲକ୍ଷ କୋଟି ଟଙ୍କା ବିନିଯୋଗ ହେବାର ପ୍ରସ୍ତାବ ରହିଛି। ୨୦୪୭ ଅମୃତକାଳ ପାଇଁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରାଯାଉଛି। ଏହା ପରେ ପାରାଦୀପ ବନ୍ଦର ପକ୍ଷରୁ ଅଠରବାଙ୍କୀଠାରେ ଆଉ ଏକ ୫୦୦ ମିଟର ପୋଲ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିରେ ୨୪ କୋଟି ୮୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ସେହିପରି ବନ୍ଦରାଞ୍ଚଳର ୭ ହଜାର ଘରକୁ ଭାରତ ପେଟ୍ରୋଲିୟମ ପକ୍ଷରୁ ଇନ୍ଧନ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହାଦ୍ୱାରା ପ୍ରତି ଘରେ ରହୁଥିବା ଲୋକମାନେ ୪୫ ପ୍ରତିଶତ କମ୍ ମୂଲ୍ୟରେ ରନ୍ଧନ ଗ୍ୟାସ ପାଇବେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ସଞ୍ଚାଳନ କରିଥିବା ବେଳେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଧନ୍ୟବାଦ ଦେଇଥିଲେ।

## ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ୬ ଦିନିଆ ସିଙ୍ଗାପୁର ଗସ୍ତ

ଭୁବନେଶ୍ୱର,୧୫ା୧୧(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାରଠାରୁ ୬ ଦିନିଆ ସିଙ୍ଗାପୁର ଗସ୍ତରେ ଯାଉଛନ୍ତି। ସିଙ୍ଗାପୁରଠାରେ ଆୟୋଜିତ ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଯୋଗଦେବେ। ବିଭିନ୍ନ କମ୍ପାନୀକୁ ଓଡ଼ିଶାରେ ପୁଞ୍ଜିନିବେଶ କରିବା ଲାଗି ମୁଖ୍ୟମନ୍ତ୍ରୀ ଆଲୋଚନା କରିବେ। ରାଜ୍ୟକୁ କିପରି ଅଧିକ ପୁଞ୍ଜିନିବେଶ ଆଣି ହେବ ସେଥିପ୍ରତି ରାଜ୍ୟ ସରକାର ବିଶେଷ ଗୁରୁତ୍ୱ ପ୍ରଦାନ କରିଛନ୍ତି। ସିଙ୍ଗାପୁରଠାରେ ବିଦେଶୀ ନିବେଶକମାନଙ୍କ ସହ ୱାନ୍ ଟୁ ୱାନ୍ ମୁଖ୍ୟମନ୍ତ୍ରୀ ଆଲୋଚନା କରିବେ। ଏହି ଅବସରରେ ଶିଳ୍ପମନ୍ତ୍ରୀଙ୍କ ସମେତ ଶିଳ୍ପ ସଚିବ ମଧ୍ୟ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି।

## ରେଳଧାରଣାରୁ ମିଳିଲା ବ୍ୟାଙ୍କ କର୍ମଚାରୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ

ଭଦ୍ରକ,୧୫ା୧୧(ସନାତନ ରାଉତ)

ଭଦ୍ରକ ଜିଲା କେନ୍ଦୁଆପଦା ଷ୍ଟେଶନଠାରୁ କିଛି ଦୂର ରେଳଧାରଣାରୁ ଜଣେ ବ୍ୟାଙ୍କ କର୍ମଚାରୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଶୁକ୍ରବାର ମିଳିଛି। ମୃତକ ହେଲେ ଭଦ୍ରକ ବ୍ଲକ ଅଧୀନ କେଦାରପୁର ପଞ୍ଚାୟତ ସେରପୁର ଦେଉଳସାହିର ଲଲାଟେନ୍ଦୁ ବାରିକ (୨୯)। ସେ ଭଦ୍ରକ ୟୁନିଅନ ବ୍ୟାଙ୍କରେ କାର୍ଯ୍ୟରତ ଥିଲେ।

ସୂଚନା ଅନୁଯାୟୀ, ଲଲାଟେନ୍ଦୁଙ୍କ ଅନ୍ୟତ୍ର ବଦଳି ହୋଇଥିବା ବେଳେ ସେଠାକୁ ଯିବାକୁ ଅରାଜି ଥିବା ସହ ମାନସିକ ଭାବେ ବିଚଳିତ ଥିଲେ। ଶେଷରେ ବାଧହୋଇ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି। ଉକ୍ତ ବ୍ୟାଙ୍କ ଶାଖାର ଜଣେ ଅଧିକାରୀ ତାଙ୍କୁ ମାନସିକ ଯନ୍ତ୍ରଣା ଦେଉଥିଲେ ବୋଲି ଆଲୋଚନା ହେଉଛି। ଖବର ଜାଣିବା ପରେ ୟୁନିଅନ ବ୍ୟାଙ୍କର ମୁଖ୍ୟ ଶାଖା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏନେଇ ଜିଆର୍‌ପି ଥାନାରେ ଏକ ମାମଲା (ନଂ. ୮୬/୨୪) ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜିଆର୍‌ପି ଥାନା ପକ୍ଷରୁ କୁହାଯାଇଛି। ରିପୋର୍ଟ ଲେଖାହେବା ସୁଦ୍ଧା ଏନେଇ ମୃତ ଲଲାଟେନ୍ଦୁଙ୍କ ପରିବାର ପକ୍ଷରୁ କୌଣସି ଅଭିଯୋଗ କରାଯାଇ ନାହିଁ।


ଲଲାଟେନ୍ଦୁ ବାରିକ

## ୧୮, ୨୫ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର,୧୫ା୧୧
(ଅନିଲ ଦାସ)

ଚଳିତ ନଭେମ୍ବର ୧୮ (ସୋମବାର) ଏବଂ ୨୫ ତାରିଖ (ସୋମବାର)ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ଏହି ଦିନଗୁଡ଼ିକରେ ଭୁବନେଶ୍ୱରସ୍ଥିତ ୟୁନିଟ-୫ ଅଭିଯୋଗ ପ୍ରକୋଷ୍ଠଠାରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ଶୁକ୍ରବାର ଏ ନେଇ ସୂଚନା ଦିଆଯାଇଛି।

## ଗ୍ୟାସ୍ ଟାଙ୍କି ଫାଟି ଜଣେ ମୃତ, ୨ ଗୁରୁତର

ରାୟଗଡ଼ା,୧୫ା୧୧
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାରେ ଏକ ଅଘଟଣ ଘଟିଛି। ଗ୍ୟାସ୍ ଟାଙ୍କି ଫାଟି ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଦିନ ମିଣିଆକା (୧୮)। ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଦିନଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଗୁରୁତର ହେଲେ ଡି. ଶିବା ଏବଂ ଧର୍ମା ମିଣିଆକା। ଉଭୟଙ୍କୁ ପ୍ରଥମେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଧର୍ମାଙ୍କୁ ବ୍ରହ୍ମପୁର ଏମ୍‌କେସିଜିକୁ ସ୍ଥାନାନ୍ତର କରାଯାଇଥିବାବେଳେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ପଠାଯାଇଛି। ଅନ୍ୟ ଗୁରୁତର ଡି. ଶିବାଙ୍କୁ ପରିବାରବର୍ଗ ବିଶାଖାପାଟଣା ନେଇଥିବା ଜଣାପଡ଼ିଛି। ସେମାନେ ରାଣୀଗୁଡ଼ା ଫାର୍ମ ଅଞ୍ଚଳର ହାତୀପଥର ନିକଟସ୍ଥ ସାହିରେ ଏକ ଭଡ଼ାଘର ନେଇ ରହୁଥିଲେ। ଶୁକ୍ରବାର ଭୋର ସମୟରେ ୨ ଜଣ ବ୍ୟକ୍ତି ଶୋଇଥିବା ବେଳେ ଅନ୍ୟ ଜଣେ କୌଣସି କାମ ପାଇଁ ଗ୍ୟାସ୍ ସିଲିଣ୍ଡର ଅନ୍ କରିବା ସମୟରେ ଲିକେଜ୍ ଥିବାରୁ ଗ୍ୟାସ୍ ଟାଙ୍କିରେ ନିଆଁ ଲାଗି ଫାଟିଯାଇଥିଲା। ଫଳରେ ୩ ଜଣ ଗୁରୁତର ଆହତ ହୋଇଥିଲେ। ମୃତକ ଦିନ ଏବଂ ଧର୍ମା ଦୁଇ ଭାଇ ବୋଲି ଜଣାପଡ଼ିଛି। ଏ ନେଇ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ପି.କେ.ପାଢ଼ୀଙ୍କୁ ପଚାରିବାରୁ ଆହତ ୩ ଜଣ ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା ବୋଲି କହିଛନ୍ତି।


ଦିନ ମିଣିଆକା

ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୧୬/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 16/2024 Page 16 ₹ 7.00

୫୦ଶ ଭାଗ ୩୫୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 351 ମୂଲ୍ୟ₹୭/-

# ‘ପେସା’ ପାଇଁ ନିଆଯିବ ମତ: ମୁଖ୍ୟମନ୍ତ୍ରୀ

**ଜନଜାତି ସମ୍ପ୍ରଦାୟ ଓଡ଼ିଶାର ଶକ୍ତି ଓ ଆତ୍ମା ହୋଇଥିଲେ ମଧ୍ୟ ସେମାନଙ୍କୁ ପୂର୍ବରୁ ଅବହେଳିତ କରି ରଖାଯାଇଥିଲା। ଏଥିଯୋଗୁଁ ଆଦିବାସୀଙ୍କୁ ସଶକ୍ତ କରିବା ପାଇଁ ଉଦ୍ଦିଷ୍ଟ ପେସା ଆଇନ ୨୭ ବର୍ଷ ହେଲା କାର୍ଯ୍ୟକାରୀ ହୋଇ ନ ପାରି ପଡ଼ିରହିଛି। କିନ୍ତୁ ଜନଜାତି ସମ୍ପ୍ରଦାୟର ଉଚ୍ଚ ପରମ୍ପରା ଓ ଐତିହ୍ୟର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ଭାଜପା ସରକାର କ୍ଷମତାକୁ ଆସିବା ପରେ ସେମାନଙ୍କ ଉନ୍ନତି ଲାଗି ସବୁ ପ୍ରକାର ପଦକ୍ଷେପ ନିଆଯାଉଛି। ପେସା ଆଇନ ଲାଗୁ କରିବା ପୂର୍ବରୁ ସମସ୍ତ ପକ୍ଷଙ୍କ ସହ ବିସ୍ତୃତ ଆଲୋଚନା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଏହି ବହୁପ୍ରତୀକ୍ଷିତ ଆଇନ ଲାଗୁ ହେଲେ ଆଦିବାସୀମାନେ ଶାସନରେ ସ୍ୱାୟତ୍ତତା ଲାଭ କରିବେ ବୋଲି ଆଶା କରାଯାଉଛି।**




ଭୁବନେଶ୍ୱର ଜନତା ମଇଦାନରେ ଜନ ଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କ ସହ ଅନ୍ୟମାନେ।

**ଭୁବନେଶ୍ୱର,୧୫।୧୧**
**(ଅନିଲ ଦାସ)**

ପଞ୍ଚାୟତ ଏକ୍ସଟେନଶନ ଟୁ ସିଡ୍ୟୁଲ ଏରିଆଜ୍ (ପେସା) ଆଇନ ଲାଗୁ ହେବା ପୂର୍ବରୁ ଲୋକଙ୍କ ମତ ନିଆଯିବ। ଏଥିସହିତ ରାଜ୍ୟ ସରକାର ସଚେତନତା ସୃଷ୍ଟି ପାଇଁ ଜନସଭାର ଆୟୋଜନ କରିବେ। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ପ୍ରତି ଗାଁରେ ଜନସଭା ହେବ। ପେସା ଆଇନ କିପରି କାର୍ଯ୍ୟକାରୀ ହେବ ସେ ନେଇ ବିସ୍ତୃତ ଆଲୋଚନା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଜନତା ମଇଦାନଠାରେ ଶୁକ୍ରବାର ଅନୁଷ୍ଠିତ ଜନ ଜାତୀୟ ☞**ପୃଷ୍ଠା-୯**

## ପେସା ଆଇନ କ’ଣ

ଦେଶର ଅନୁସୂଚିତ ଅଞ୍ଚଳ(ସିଡ୍ୟୁଲ୍ଡ ଏରିଆ)ରେ ପେସା (ପଞ୍ଚାୟତ ଏକ୍ସଟେନ୍‌ଶନ ଟୁ ସିଡ୍ୟୁଲ ଏରିଆଜ୍) ଆଇନ ଲାଗୁ କରିବା ପାଇଁ କେନ୍ଦ୍ର ସରକାର ୧୯୯୬ ଡିସେମ୍ବର ୨୪ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଭାରତୀୟ ସମ୍ବିଧାନର ପଞ୍ଚମ ପରିଚ୍ଛେଦ ଅନୁଯାୟୀ ୧୦ଟି ରାଜ୍ୟର ସିଡ୍ୟୁଲ୍‌ଡ ଏରିଆରେ ଏହି ଆଇନକୁ ଲାଗୁ କରାଯିବ। ☞**ପୃଷ୍ଠା-୯**

# ଡଙ୍ଗା ଗୋଟାଇବାକୁ ଯାଇ ୫ ଶିଶୁ ମୃତ

ବସ୍ତା(ହରିଶଙ୍କର ପାଢୀ)/ଖଇରା(ଉତ୍କଳବନ୍ଧୁ ପଣ୍ଡା)/ ମାଲକାନଗିରି, (ଗୌରୀ ଶଙ୍କର ପଣ୍ଡା)/ ସାଲେପୁର, (ଅରବିନ୍ଦ ଭୂୟାଁ) ୧୫।୧୧

କାର୍ତ୍ତିକ ପୂର୍ଣ୍ଣିମାରେ ଭସାଯାଇଥିବା ଡଙ୍ଗା ଆଣିବାକୁ ଯାଇ ବିଭିନ୍ନ ସ୍ଥାନରେ ପାଣିରେ ବୁଡ଼ି ୫ ଶିଶୁଙ୍କ ମୃତ୍ୟୁ ଘଟିଛି। ବାଲେଶ୍ୱର ଜିଲାରେ ୩ ଶିଶୁ ପ୍ରାଣ ହରାଇଥିବା ବେଳେ ମାଲକାନଗିରି ଜିଲା ସଦର ଚମ୍ପାନଗର ଗ୍ରାମରେ ଜଣେ ଓ କଟକ ଜିଲା ସାଲେପୁର ଥାନା ଛାଣିପୁର ପଞ୍ଚାୟତ କରମୁଆଁ ଗ୍ରାମରେ ଜଣଙ୍କର ମୃତ୍ୟୁ ହୋଇଛି।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ବସ୍ତା ଥାନା ପଣସାପଡ଼ା ଗ୍ରାମର ମାନସ ନନ୍ଦଙ୍କ ୪ ବର୍ଷର ଝିଅ ଏବଂ ମହେଶ୍ୱର ଦାସଙ୍କ ୪ବର୍ଷର ଝିଅ ଘରଲୋକଙ୍କ ଅଜାଣତରେ ପାଖରେ ଥିବା ଏକ ପୋଖରୀକୁ ଡଙ୍ଗା ଆଣିବାକୁ ପଶିଯାଇ ବୁଡ଼ି ଯାଇଥିଲେ। ଗ୍ରାମବାସୀ ବହୁ ଖୋଜାଖୋଜି ☞**ପୃଷ୍ଠା-୯**

# ୨୦୫୦ ସୁଦ୍ଧା ୨ ଗୁଣା ପ୍ଲାଷ୍ଟିକ୍ ବର୍ଜ୍ୟ

**ନୂଆଦିଲ୍ଲୀ,୧୫।୧୧(ପି.ଟି.)**

ସାରା ବିଶ୍ୱରେ ପ୍ଲାଷ୍ଟିକ୍ ବର୍ଜ୍ୟ ପରିମାଣ ୨୦୫୦ ବେଳକୁ ଦୁଇଗୁଣା ହୋଇପାରେ। ଏହାର ସମାଧାନ ପାଇଁ ଉପଯୁକ୍ତ ନୀତି ପ୍ରଣୟନ ନିମନ୍ତେ ଗବେଷକମାନେ ପ୍ରସ୍ତାବ ଦେଇଛନ୍ତି। ପୁନଃଚକ୍ରଣଯୋଗ୍ୟ ପ୍ଲାଷ୍ଟିକ୍‌ର ବ୍ୟବହାର ଏବଂ ବର୍ଜ୍ୟ ପରିଚାଳନାରେ ପୁଞ୍ଜି ନିବେଶ ଦ୍ୱାରା ପ୍ଲାଷ୍ଟିକ୍ ବର୍ଜ୍ୟ ୯୦ ପ୍ରତିଶତରୁ ଅଧିକ ହ୍ରାସ ପାଇବା ସହ ଏ ସମ୍ପର୍କିତ ଉତ୍ସର୍ଜନକୁ ଏକ-ତୃତୀୟାଂଶ କମାଯାଇପାରିବ ବୋଲି ଏକ ନୂଆ ଅଧ୍ୟୟନରେ କୁହାଯାଇଛି।

ଜାତିସଂଘ ପ୍ଲାଷ୍ଟିକ୍ ଚୁକ୍ତିନାମା ସ୍ୱାକ୍ଷର ହେବା ପୂର୍ବରୁ ସାଇନ୍ସ ପତ୍ରିକାରେ ଉକ୍ତ ଅଧ୍ୟୟନ ପ୍ରକାଶ ପାଇଛି। ପ୍ଲାଷ୍ଟିକ୍ ବର୍ଜ୍ୟ ଉପରେ ବିଶ୍ୱର ପ୍ରଥମ ଚୁକ୍ତିନାମା ଖୁବ୍‌ଶୀଘ୍ର ସ୍ୱାକ୍ଷର ହେବାକୁ ଯାଉଛି। ଏନେଇ ଚୂଡ଼ାନ୍ତ ବୁଝାମଣା ପାଇଁ ନଭେମ୍ବର ୨୫ରୁ ଡିସେମ୍ବର ୧ ପର୍ଯ୍ୟନ୍ତ କୋରିଆର ବୁସନଠାରେ ସମ୍ମିଳନୀ ଅନୁଷ୍ଠିତ ହେବ, ଯେଉଁଥିରେ ୧୯୦ରୁ ଊର୍ଦ୍ଧ୍ୱ ଦେଶର ପ୍ରତିନିଧି ଯୋଗଦେବେ। ଏହା ପୂର୍ବରୁ ଗତ ଏପ୍ରିଲରେ କାନାଡାର ଓଟ୍ଟାୱାଠାରେ ଏଭଳି ଏକ ବୈଠକ ବସିଥିଲା।

ପ୍ଲାଷ୍ଟିକ୍ ସଙ୍କଟର ମୁକାବିଲା ନିମନ୍ତେ ଉପରୋକ୍ତ ଅଧ୍ୟୟନ ଏକ ଗୁରୁତ୍ୱପୂର୍ଣ୍ଣ ନୀଳନକ୍ସା ପ୍ରଦାନ କରିପାରିବ ବୋଲି ☞**ପୃଷ୍ଠା-୯**






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ବିଜ୍ଞାନ, କଳା ଏବଂ କ୍ରାଫ୍ଟ ପ୍ରଦର୍ଶନୀ, ସ୍ଥାନ: ବିଦ୍ୟାଳୟ ପରିସର, ପଟିଆ, ସମୟ: ସକାଳ ୯ଟା।
- ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ-୨୦୨୪, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ସାଙ୍ଗଠନିକ ସମ୍ମେଳନ, ସ୍ଥାନ: କସ୍ତୁରବା ନାରୀ ସେବା ସଦନ, ୟୁନିଟ୍-୧, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୩ଟା।
- ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ତୁସାର ଚାରିଟେବୁଲ ଟ୍ରଷ୍ଟ ମା' ସୁନାଦେଇ ପ୍ରଡକ୍ସନ ଏବଂ ନିୟୁ ଏଜି କଲୋନୀ ରେସିଡେନ୍ସି କମିଟି ପକ୍ଷରୁ ଫୁଟ୍‌ବଲ ପ୍ରତିଯୋଗିତା, ସ୍ଥାନ: ନିୟୁ ଏଜି କଲୋନୀ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା ପତ୍ରକାର ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଲୋହିୟା ଏକାଡେମୀ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ୩୦।
- ଅମୀୟ ଭୂଷଣ ତ୍ରିପାଠୀଙ୍କ ପୁସ୍ତକ 'ଜଣେ ଐତିହ୍ୟ କର୍ମୀର କଥା ଓ ବ୍ୟଥା' ଉନ୍ମୋଚନ ସମାରୋହ, ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରିମିୟମ, ସମୟ: ସନ୍ଧ୍ୟା ୫ଟା ୧୫।
- ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ମେଡିକାଲ ଛକ, ବାରଙ୍ଗ, ସମୟ: ସନ୍ଧ୍ୟା ୫ଟା ୩୦।
- ସ୍ୱାଭିମାନ ପକ୍ଷରୁ ଅଞ୍ଜଳି ମହୋତ୍ସବ, ସ୍ଥାନ: କଳାଭୂମି, ସମୟ: ସନ୍ଧ୍ୟା ୬ଟା।
- ବାଦିପାଲା ପରିବେଷଣ, ସ୍ଥାନ: ପ୍ରତାପରୁଦ୍ରପୁର ସ୍ଥିତ ପାଲା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ଚାରିଛକ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ, ସ୍ଥାନ: ସାଇକ୍ରିଷ୍ଣା କନ୍‌ଭେନଶନ କଲ୍ୟାଣ ମଣ୍ଡପ, ତୁଳସୀପୁର, ଚାଲିଛକ, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକଙ୍କ ୧୧୯ତମ ଜୟନ୍ତୀ ଉତ୍ସବ ପାଳନ, ସ୍ଥାନ: ପ୍ରାଣନାଥ ବିଦ୍ୟାଳୟ ପରିସର, ଜଟଣୀ, ସମୟ: ସକାଳ ୯ଟା।
- ଜିଲା ପ୍ରେସ୍ କ୍ଲବ ପକ୍ଷରୁ ପ୍ରେସ୍ ଦିବସ ପାଳନ, ସ୍ଥାନ: ସାମ୍ବାଦିକ ଭବନ, ଖୋର୍ଦ୍ଧା ସମୟ: ସକାଳ ୯ଟା।
- ଖୋର୍ଦ୍ଧା ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ମହିଳା ମହାବିଦ୍ୟାଳୟ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନିଖିଳ ଓଡ଼ିଶା ଇପିଏଫ୍ ପେନ୍‌ସନରସ ସଂଘ ଖୋର୍ଦ୍ଧା ଶାଖା ପକ୍ଷରୁ ଦାବିପତ୍ର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ,ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରାଣନାଥଙ୍କ ଜୟନ୍ତୀ ଉତ୍ସବ ଓ ସମ୍ମାନ କାର୍ଯ୍ୟକ୍ରମ, ସ୍ଥାନ: ମୈତ୍ରୀଭବନ, କଲେଜ କ୍ୟାମ୍ପସ, ଖୋର୍ଦ୍ଧା, ସମୟ: ଅପରାହ୍ନ ୧ଟା।
- ଜିଲାସ୍ତରୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ଖୋର୍ଦ୍ଧା, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ଶିଶୁ ଉତ୍ସବ 'ଉତ୍ସାହ-୨୦୨୪', ସ୍ଥାନ: ସ୍ପୋର୍ଟ୍ସ ହଷ୍ଟେଲ, ଭୀମପୁରା, ବାଲେଶ୍ୱର, ସମୟ: ସକାଳ ୯ଟା।
- ଭୋଗରାଇ ସାମ୍ବାଦିକ ମଞ୍ଚ ପକ୍ଷରୁ ଜାତୀୟ ଗଣମାଧ୍ୟମ ଦିବସ, ସ୍ଥାନ: ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟ କନଫରେନ୍ସ ହଲ୍, ଭୋଗରାଇ, ସମୟ: ସକାଳ ୯ଟା ୩୦।
- ଜାତୀୟ ପ୍ରେସ ଦିବସ, ସ୍ଥାନ: ଚନ୍ଦନେସିଆ କଲ୍ୟାଣ ମଣ୍ଡପ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ବୈଦିକ ଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଷ୍ଟେଶନ ବଜାର, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ, ସ୍ଥାନ: ସଦ୍‌ଭାବନା ସଭାଗୃହ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଦାବି ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ୨୦ତମ ରାସପୂର୍ଣ୍ଣିମା ମହୋତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ: ରାଉତପଡ଼ା ରାଧାକୃଷ୍ଣ ମନ୍ଦିର ପରିସର, ରୂପସା, ସମୟ: ମଧ୍ୟାହ୍ନ ୧୨ଟା।
- ଡ. କାର୍ତ୍ତିକେଶ୍ୱର ପାତ୍ର ଫାଉଣ୍ଡେଶନ ପକ୍ଷରୁ ଶିଶୁଦିବସ, ସ୍ଥାନ: କୃପାକ୍ଷେତ୍ର, ଶ୍ରୀ ଜଗନ୍ନାଥ ମନ୍ଦିର, ରସିଦପୁର, ଭୋଗରାଇ, ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ଜିଲା ବ୍ୟାଡ଼ମିଣ୍ଟନ ଲିଗ୍ ସିଜନ୍-୧ ଦ୍ୱିତୀୟ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଜଗଦ୍ଧାତ୍ରୀ ମେଳାରେ ଆଧ୍ୟାତ୍ମିକ କୁନି ପ୍ରବଚକଙ୍କ ପ୍ରବଚନ, ସ୍ଥାନ: ନସ୍କରପୁର, ଭୋଗରାଇ, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଅଷ୍ଟପ୍ରହର ନାମସଂକୀର୍ତ୍ତନ, ସ୍ଥାନ: ତଳକାଁପଡ଼ା, ତିହିଡ଼ି, ସମୟ: ସକାଳ ୭ଟା।
- ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଜାତୀୟ ଆଲୋଚନାଚକ୍ର, ସ୍ଥାନ: ବିରଞ୍ଚି ନାରାୟଣ ମାଧବ ଅର୍ଜୁନ କଲେଜ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପ୍ରେସ୍ ଦିବସ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ପୁସ୍ତକ ମେଳାର ୨ୟ ସନ୍ଧ୍ୟା, ସ୍ଥାନ: ମନମୋହନ ସଙ୍ଗୀତ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ଚିନ୍ମୟ ମିଶନ ଆନୁକୂଲ୍ୟରେ ମହାଭାରତ ଜ୍ଞାନ ଯଜ୍ଞ, ସ୍ଥାନ: ଜୁବୁଲି ଲାଇବ୍ରେରୀ ପଡ଼ିଆ, ବାରିପଦା,ସମୟ: ସକାଳ ୭ଟାରୁ ୮ଟା।
- ଗୋପବନ୍ଧୁ ନଗର ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳନ,ସ୍ଥାନ: ପୁରୁଣାବାରିପଦା ସ୍କୁଲ ପରିସର,ସମୟ: ପୂର୍ବାହ୍ନ ୧୦ଟା।
- ମା' ଜଗଦ୍ଧାତ୍ରୀଙ୍କ ମେଳା, ସ୍ଥାନ: ଭଞ୍ଜପୁର, ବାରିପଦା, ସମୟ:ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ,ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷ, ବାରିପଦା, ସମୟ:ପୂର୍ବାହ୍ନ ୧୧ଟା।
- ବେତନଟୀ ବ୍ଲକ ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳନ,ସ୍ଥାନ: ରୟାଲ ବଗିଚା କଲ୍ୟାଣ ମଣ୍ଡପ, ବୈଶିଙ୍ଗା, ବେତନଟୀ ବ୍ଲକ,ସମୟ: ପୂର୍ବାହ୍ନ ୧୧ଟା।
- ୧୭ତମ ଶିଶୁ ସଂସ୍କାର ମହୋତ୍ସବ, ସ୍ଥାନ: ଶିଶୁ ଉଦ୍ୟାନ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସଦଗୋପ ସମାଜ ପକ୍ଷରୁ ଷୋହଳ ପ୍ରହର ନାମଯଜ୍ଞ ଅବସରରେ ପ୍ରସାଦ ସେବନ,ସ୍ଥାନ: ଜୁବୁଲି ଲାଇବ୍ରେରୀ, ବାରିପଦା,ସମୟ: ଅପରାହ୍ନ ୧ଟା।
- ରାଧାକୃଷ୍ଣ ପୂଜା ଓ ଷୋହଳ ପ୍ରହର ନାମଯଜ୍ଞ ଅବସରରେ ପ୍ରସାଦ ସେବନ, ସ୍ଥାନ:ହାତୀମଡା, ବଡ଼ସାହି ବ୍ଲକ, ସମୟ:ଅପରାହ୍ନ ୧ଟା।
- ଶ୍ରୀଶ୍ରୀ ଲକ୍ଷ୍ମୀ ନାରାୟଣ ପୂଜା ପ୍ରସାଦ ସେବନ, ସ୍ଥାନ: ଇଟାମୁଣ୍ଡିଆ, ବଡ଼ସାହି ବ୍ଲକ,ସମୟ: ଅପରାହ୍ନ ୧ଟା।
- ଗୋରୁ ଖୁଣ୍ଟା ପ୍ରତିଯୋଗିତା,ସ୍ଥାନ:ଆଣୁଆ ଯାତ୍ରା ପଡିଆ, ମୋରଡ଼ା ବ୍ଲକ, ସମୟ:ଅପରାହ୍ନ ୩ଟା।
- ଚାରୁଶ ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଗଦ୍ଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ:ସନ୍ଧ୍ୟା ୭ରୁ ୮ଟା।
- ସାଇ ଶିକ୍ଷାକେନ୍ଦ୍ର ପକ୍ଷରୁ ଶୋ' ଡ୍ୟାନ୍ସ, ସ୍ଥାନ: ଜଗଦ୍ଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ରାତି ୮ଟାରୁ ୧୧ଟା।

## ବ୍ରହ୍ମପୁର

- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ, ସ୍ଥାନ: ଟାଉନ ହଲ,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଯଜ୍ଞ ଉଦଯାପନ, ସ୍ଥାନ: ବୁଗୁଡା ବିରଞ୍ଚିପୁର,ସମୟ: ସକାଳ ୭ଟା।
- ପ୍ରେସ ଦିବସ, ସ୍ଥାନ: ସାମନ୍ତିଆପଲ୍ଲୀ ପରାଙ୍କୁଶ ବିଦ୍ୟାପୀଠ, ପାତ୍ରପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ପ୍ରେସ ଦିବସ, ସ୍ଥାନ: ଭଞ୍ଜନଗର ପ୍ରେସ କ୍ଲବ, ସମୟ: ମଧ୍ୟାହ୍ନ ୧୨ଟା।
- ଜାତୀୟ ପ୍ରେସ ଦିବସ, ସ୍ଥାନ: ଭଞ୍ଜନଗର ଜେଲ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ବୁଗୁଡା ମିଡିଆ କ୍ଲବ,ସମୟ:ଅପରାହ୍ନ ୩ଟା।

## କନ୍ଧମାଳ

- ବ୍ଲକସ୍ତରୀୟ ସର୍ଗୀଫୁଲ ମହୋତ୍ସବ, ସ୍ଥାନ: ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ଦାରିଙ୍ଗବାଡି, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ମନ୍ଦିର ପରିସରରେ ପାର୍ଶ୍ୱ ଦେବାଦେବୀଙ୍କ ନୂତନ ବିଗ୍ରହ ସ୍ଥାପନ,ସ୍ଥାନ: ବାଲିଗୁଡ଼ା ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଜାତୀୟ ପ୍ରେସ୍ ଦିବସ, ସ୍ଥାନ ଗାନ୍ଧୀ ସ୍ମୃତି ଭବନ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ଜାତୀୟ ପ୍ରେସ୍ ଦିବସ, ସ୍ଥାନ-ସଦଭାବନା ସଭାଗୃହ, ଜିଲା କାର୍ଯ୍ୟାଳୟ, ସମୟ-ମଧ୍ୟାହ୍ନ ୧୨ଟା।

## ରାୟଗଡ଼ା

- ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ମୁନିଗୁଡା ପ୍ରେସ୍ କ୍ଲବ୍ ତରଫରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ମୁନିଗୁଡା ଶୌଣ୍ଡିକ ମଙ୍ଗଳ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ପୋଲିସ ପ୍ରଶାସନ ତରଫରୁ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡା ପୋଲିସ ଷ୍ଟେଶନ ପରିସର, ସମୟ: ସନ୍ଧ୍ୟା ୫ଟା।

## ନବରଙ୍ଗପୁର

- ଜାତୀୟ ପ୍ରେସ ଦିବସ, ସ୍ଥାନ: ନବରଙ୍ଗପୁର ମିଶନଶକ୍ତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ରୋଗୀ କଲ୍ୟାଣ କମିଟି ବୈଠକ, ସ୍ଥାନ : ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, ସମୟ : ଅପରାହ୍ନ ୪ ଟା।

## ସମ୍ବଲପୁର

- ଜାତୀୟ ପ୍ରେସ ଦିବସ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଭାରତୀ ସମାବେଶ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜେଲଛକ ନିକଟସ୍ଥ ଗୁରୁ ପଦ୍ମସମ୍ଭବ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପ୍ରେସ ଦିବସ, ସ୍ଥାନ: ଜମନକିରା ସାମ୍ବାଦିକ ସଂଘ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ପ୍ରେସ ଦିବସ, ସ୍ଥାନ: ସମ୍ବଲପୁର ପ୍ରେସ କ୍ଲବ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବଲାଙ୍ଗୀର

- ଜାତୀୟ ପ୍ରେସ୍ ଦିବସ ୨୦୨୪, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ସୁବର୍ଣ୍ଣପୁର

- ସଂକ୍ରାନ୍ତି ପାଳନ, ସ୍ଥାନ: ଅମରପାଲି ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ ଟା।
- ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ଘିଚାପାଲି, ବୀରମହାରାଜପୁରରେ ବ୍ଲକ, ସମୟ: ସକାଳ ୯ଟା,
- ମାସ ବ୍ୟାପି ଅଖଣ୍ଡ ନାମଯଜ୍ଞ, ସ୍ଥାନ: ଖୁଣ୍ଟୁଲାପାଲି,ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଭଗବତ ମନ୍ଦିର, ଦାଦରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଭଜନ ସନ୍ଧ୍ୟା, ସ୍ଥାନ: ଘିଚାପାଲି, ବୀରମହାରାଜପୁରରେ ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁତୁରପଙ୍କ ଜଗନ୍ନାଥ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରୀ ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ ଟା।
- ରାସ ପୂର୍ଣ୍ଣିମା ଅବସରରେ ଅପେରା, ସ୍ଥାନ: ଘିଚାପାଲି, ବୀରମହାରାଜପୁର ବ୍ଲକ, ସମୟ: ରାତ୍ର ୧୧ ଟା।

## ବରଗଡ଼

- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ବରଗଡ଼ ସାମ୍ବାଦିକ ସଂଘ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ସମ୍ମିଳନୀ କକ୍ଷ, ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭକ୍ତି କବିତା ସଙ୍କଳନ ସମର୍ପଣ ଉନ୍ମୋଚନ ସମାରୋହ, ସ୍ଥାନ: ଗାନ୍ଧୀ ଭବନ, ବରଗଡ଼, ସମୟ: ଅପରାହ୍ନ ୪ଟା ୩୦।

## ଝାରସୁଗୁଡ଼ା

- ଲକ୍ଷ୍ମୀ ପୁରାଣ ପାଠ ଉତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଶ୍ରୀପୁରା ମଠ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ଡିଏମ୍‌ଏଫ୍ ସମ୍ମିଳନୀ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ସୁନ୍ଦରଗଡ଼

- ଜାତୀୟ ପ୍ରେସ୍ ଦିବସ ପାଳନ,ସ୍ଥାନ:ସଦ ଭାବନା ଭବନ,ସମୟ:ପୂର୍ବାହ୍ନ୧୧ଟା।

## ରାଉରକେଲା

- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ଆଇଟିଡିଏ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଇଷ୍ଟଜୋନ୍ ୟୁନିଭର୍ସିଟି ମହିଳା ହକି ମ୍ୟାଚ୍, ସ୍ଥାନ: ପାନପୋଷ ସ୍ପୋର୍ଟସ ହଷ୍ଟେଲ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଆଇଟିଡିଏ ହଲ ଓ ଗୁରୁନାନକ ସ୍କୁଲରେ ପ୍ରେସ୍ ଦିବସ, ସ୍ଥାନ: ଉଦିତନଗର, ସେକ୍ଟର-୨୧, ସମୟ: ସକାଳ ୯ଟା ୩୦।
- ୧୨୪ତମ ହାପିନେସ୍ ସେୟାରିଙ୍ଗ ଡେ, ସ୍ଥାନ: ସେକ୍ଟର-୩ ଜଗନ୍ନାଥ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ସିଆଇଟି କ୍ରିକେଟ୍ କପ୍, ସ୍ଥାନ: ସେକ୍ଟର-୧୫ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ, ସ୍ଥାନ: ବସନ୍ତ ନିବାସ, ସମୟ: ମଧ୍ୟାହ୍ନ ୧୨ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଲିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଜିଲା ପ୍ରଶାସନ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନୂଆପଡ଼ା

- ରାଧାମାଧବ ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ କଲୋନି ଓ ବଙ୍ଗଳାପଡ଼ା,: ସମୟ ରାତ୍ର ୧୦ଟା ୩୦।
- ରାଧାକୃଷ୍ଣ ପୂଜା ଉପଲକ୍ଷେ ପୁରାଣପାଠ, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା ପଞ୍ଚାୟତ ଡୋଙ୍ଗରିପାଲି ଗାଁ, ସମୟ ପୂର୍ବାହ୍ନ ୧୧ଟା।
- ରାଧାକୃଷ୍ଣ ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଝଗ୍ରାହୀ ପଞ୍ଚାୟତ କୋଟ୍ରିବାହାଲି ଗାଁ, ସମୟ: ରାତ୍ର ୮ଟା ୩୦।
- ଲକ୍ଷ୍ମୀନାରାୟଣ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ସିଆଳଲଟି ପଞ୍ଚାୟତ ଭାଲୁକୋନା ଗାଁ, ସମୟ: ସନ୍ଧ୍ୟା ୬ଟା ୩୦।
- ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ସଦ୍‌ଭାବନା ସଭାଗୃହ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ, ସ୍ଥାନ: ଟାଉନ ହଲ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ପାରାଦୀପ ପ୍ରେସ୍ ମିଡିଆ ସଙ୍ଗଠନ ପକ୍ଷରୁ ଜାତୀୟ ପ୍ରେସ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଓଜେୟୁ କାର୍ଯ୍ୟାଳୟ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କବି ସମ୍ମିଳନୀ, ସ୍ଥାନ: ଶିଖରଘାଟ ବୋଇତ ବନ୍ଦାଣ ଉତ୍ସବ, ନାଉଗାଁ, ସମୟ: ପୂର୍ବାହ୍ନ ୧୧ଟା।
- କଳିଙ୍ଗ ବାଲିଯାତ୍ରା ମହୋତ୍ସବ ତୃତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବତିଘର ପାଖ ବେଳାଭୂମି, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ଗଣେଶ୍ୱର ଯୁବ ପରିଷଦ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟନ ଓ ବାର୍ଷିକୋତ୍ସବ, ସ୍ଥାନ: ଖନ୍ଦୋଲ, ସମୟ: ସନ୍ଧ୍ୟା ୬ଟା।
- ଚେଲିତୋଳ ବାଲିଯାତ୍ରାର ୨ୟ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ମହାନଦୀ ପଠା, ଗୋପିଆକୁଦ ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- ବାଲିଯାତ୍ରା ମହୋତ୍ସବ, ସ୍ଥାନ: ଗୋବରୀ ନଦୀ ପଠା, ଗୁଲନଗର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ନୂତନ ପ୍ରେସ୍ କକ୍ଷ ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ସାଢ଼େ ୯ଟା।
- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ସମାରୋହ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଆଞ୍ଚଳିକ କୃଷକ ସେବା ସମିତି ପକ୍ଷରୁ କାର୍ତ୍ତିକେଶ୍ୱର ପୂଜା ଓ ପାଲା ପରିବେଷଣ, ସ୍ଥାନ: ରସୁଲପୁର ବ୍ଲକ୍‌ର ଓଡ଼ଙ୍ଗସ୍ଥିତ ପରିବାହାଟ, ସମୟ: ସନ୍ଧ୍ୟା ୭ଟା।
- ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ଅନୁକୂଲ୍ୟରେ ରାଜ୍ୟସ୍ତରୀୟ ଟ୍ରକ ମାଲିକ ସଂଘ ସମାବେଶ, ସ୍ଥାନ: ବିଜୁକଲ୍ୟାଣ ମଣ୍ଡପ, ଚଣ୍ଡିଖୋଲ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- କାର୍ତ୍ତିକ ଯାତ୍ରା ମହୋତ୍ସବ, ସ୍ଥାନ: ଭାପୁର ବ୍ଲକ ବୋରଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ସାମ୍ବାଦିକତା ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ସାମ୍ବାଦିକ ସଂଘ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ସାମ୍ବାଦିକତା ଦିବସ, ସ୍ଥାନ: ଗଣିଆ ବ୍ଲକ୍‌ର ଗଣିଆ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ସାମ୍ବାଦିକତା ଦିବସ, ସ୍ଥାନ: ଭାପୁର ବ୍ଲକ ଭାପୁର ଡାକବଙ୍ଗଳା, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ସାମ୍ବାଦିକତା ଦିବସ, ସ୍ଥାନ: ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।
- ମାଗଣା ପ୍ରସାଦ ବଣ୍ଟନର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ସହର ୧୬ ନଂ. ୱାର୍ଡ ମଧୁସୂଦନ ବିହାରର ଶ୍ୟାମାକାଳୀ ଠାକୁରାଣୀ ମନ୍ଦିର, ସମୟ: ମଧ୍ୟାହ୍ନ ୧ଟା।
- କାର୍ତ୍ତିକେଶ୍ୱର ଉତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡ଼ା ରଥଗଡ଼ା ଛକ, ସମୟ: ଅପରାହ୍ନ ୪ଟା।
- ଭାଗବତ ସପ୍ତାଙ୍ଗର ଉଦ୍‌ଯାପନ ଦିବସ, ସ୍ଥାନ: ଭାପୁର ବ୍ଲକ ନାରାୟଣୀ ପୀଠ ପଥର ଚକଡ଼ା, ସମୟ: ସନ୍ଧ୍ୟା ୭ଟା।
- ବାଣପୁର ଯାତ୍ରା ମହୋତ୍ସବର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବଡବାଣପୁର, ସମୟ: ସନ୍ଧ୍ୟା ୭ଟା।
- ରାସୋତ୍ସବର ଉଦ୍‌ଯାପନ ଦିବସରେ ଦଧି ଖେଳ, ସ୍ଥାନ: ଦଶପଲ୍ଲା ସହର ଶ୍ରୀଶ୍ରୀ ଗୋପୀନାଥ ଜୀଉ ସାତପାଟଣା ମନ୍ଦିର, ସମୟ: ରାତି ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି କୃତ୍ତିକା ନକ୍ଷତ୍ରର ଅର୍ଥ, ଜମିଜମା, କଳକବ୍ଜା, ବିଦ୍ୟୁତ୍ ଉପକରଣାଦି ଲାଭ ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ବନ୍ଧୁ ଓ ପରିବାର ଦିଗରୁ ମଧ୍ୟ ସମୟଟି ଅନୁକୂଳ ନୁହେଁ। ଭଲ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାରର କଥା କହୁଥିବାର ଶୁଣିବାକୁ ପାଇବେ।

**ବୃଷ**

କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅବଦାନ ସମସ୍ୟା ସମାଧାନରେ ସହାୟକ ହେବ। ବନ୍ଧୁ, ସହକର୍ମୀ ସହଯୋଗର ହାତ ବଢ଼ାଇବାରୁ କୌଣସି କାମ ଅଟକିବ ନାହିଁ। କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ରୋହିଣୀ ନକ୍ଷତ୍ରର ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

**ମିଥୁନ**

କଠିନ ଶ୍ରମ ଓ ଭ୍ରମଣଜନିତ ଶାରୀରିକ ଓ ମାନସିକ ସ୍ତରକୁ ଉଦାସୀନ ରଖିପାରେ। ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ କଟୁ ସତ୍ୟ କହିବାରୁ ତିକ୍ତତା ସୃଷ୍ଟି ହେବ। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କଳା, ସାହିତ୍ୟ, ରାଜନୀତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ**

ଆର୍ଥିକ ଉନ୍ନତି ହେଲେ ମଧ୍ୟ ଶାରୀରିକ ଅସୁସ୍ଥତା ସୃଷ୍ଟି ହେବ। ପୁଷ୍ୟା ନକ୍ଷତ୍ର ସବୁ କଥାକୁ ଚିନ୍ତା କରି କାମ କରିବା ଭଲ ହେବ। ପରିବାର ମଧ୍ୟରେ ନିଜ ଭାଇ,ବନ୍ଧୁ ଓ କୁଟୁମ୍ବ ଲୋକମାନଙ୍କ ସହ ସାଧାରଣ କଥାରେ ପାଟିତୁଣ୍ଡ ହୋଇପାରେ। ସଭାସମିତିରେ ଜଣେ ପ୍ରତଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି।

**ସିଂହ**

ନିଜର ଅସାମର୍ଥ୍ୟତା ବନ୍ଧୁଙ୍କ ସାହାଯ୍ୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ। ଉତ୍ତରାଫାଲଗୁନୀ ନକ୍ଷତ୍ର ଋଣ ଭାରରେ ଅତିଷ୍ଠ ହେବେ, କିନ୍ତୁ ପରିଶୋଧର ରାସ୍ତା ପାଇବେ ନାହିଁ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ ସହିତ ସମସ୍ୟାର ସମାଧାନ କରିପାରିବେ। ନୂତନ ନିଯୁକ୍ତି ସୂଚନା ଲାଭକରି ଖୁସି ହେବେ।

**କନ୍ୟା**

ହସ୍ତା ନକ୍ଷତ୍ର ସକାଶେ ଆଜି ବ୍ୟୟଭାର ବୃଦ୍ଧି ମାନସିକ ଅସ୍ଥିରତା ସୃଷ୍ଟି କରିବ। କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରନ୍ତୁ। ଜମା ପଡୁନଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ସାଙ୍ଗକୁ କଳହର ଆଶଙ୍କା ମଧ୍ୟ ରହିଛି।

**ତୁଳା**

ବନ୍ଧୁଙ୍କ ପରାମର୍ଶାନୁସାରେ କାମ କଲେ ସମସ୍ୟା ସାମାଧାନର ମାର୍ଗ ଉନ୍ମୁକ୍ତ ହେବ। କିଛି ଦେବା ସକାଶେ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କୁ ହଁ କରିପାରିବେନି କିମ୍ବା ନାହିଁ କରିପାରିବେନି। ଶତ୍ରୁଠାରୁ ଦୂରତା ନ ରଖିଲେ ହଇରାଣ ହେବାକୁ ପଡ଼ିପାରେ। ବିଶାଖା ନକ୍ଷତ୍ର ସକାଶେ ଆଜି ଫେରି ଯାଉଥିବା ବନ୍ଧୁଟି ବାଟରୁ ଲେଉଟି ଆସିପାରେ।

**ବିଛା**

ଅନୁରାଧା ନକ୍ଷତ୍ର ଅନୁକୂଳ ସମୟର ଆଗମନରେ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରିବେ। ଦୀର୍ଘଦିନ ହେଲା ଯାହା ହୋଇ ପାରିନଥିଲା ଆଜି ତାହା ହୋଇଯିବ। ବ୍ୟବସାୟ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ଲାଗି ଚେଷ୍ଟା କରିପାରନ୍ତି। ପରିବାରର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ**

ଯେତେ ଭଲ କାମ କଲେ ମଧ୍ୟ ନିଜ ଲୋକଙ୍କ ତରଫରୁ ବିରୋଧ ସୂଚନା ପାଇପାରନ୍ତି। ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାର୍ଯ୍ୟ ସାଧନ କରିବେ।

**ମକର**

ଆଜି ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ କର୍ମାରମ୍ଭ କରି ଆତ୍ମତୃପ୍ତି ଲଭିବେ। ଉତ୍ତରାଷାଢ଼ା ନକ୍ଷତ୍ର ପାରିବାରିକ ସହଯୋଗ ମାନସିକ କ୍ଷେତ୍ରକୁ ସ୍ଥିରତା ପ୍ରଦାନ କରିବ। କର୍ମକ୍ଷେତ୍ରରେ ଉପରିସ୍ଥମାନେ କାମହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ**

ଆଜି ଯେଉଁ କାମ ଆରମ୍ଭ କରିବେ ତାହା ନିର୍ବିଘ୍ନରେ ସମାପନ ହେବ। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ଶତଭିଷା ନକ୍ଷତ୍ରର ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କଳା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ**

ପରିବାରରେ ପିଲାମାନଙ୍କ ସମସ୍ୟା ସମାଧାନ ସକାଶେ ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। କଳା, ସାହିତ୍ୟ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନେବା ଭଲ ହେବ। ଶିକ୍ଷା, ସନ୍ତାନ ଏବଂ ବନ୍ଧୁସମ୍ପର୍କ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି ହୋଇପାରେ।

ଆଜି ବିଛା ସଂକ୍ରାନ୍ତି, ନଭେମ୍ବର ୧୬ ତାରିଖ, ଜାତୀୟ ପ୍ରେସ୍ ଦିବସ, ମାର୍ଗଶିର କୃଷ୍ଣ ପ୍ରତିପଦା, ଶନିବାର, ରାଶି/ନକ୍ଷତ୍ର-କୃତ୍ତିକା/ବୃଷ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା.ଘ. ୦୭।୨୮ ଗତେ ଘ.୦୮।୪୫ ମଧ୍ୟେ, ଘ୧୧।୫୩ ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୪୫ ଗତେ ଘ.୧୦।୦୮ ମଧ୍ୟେ ରାହୁକାଳ।

# 'ବୋଇତ ବନ୍ଦାଣ' ଉଦ୍ୟୋଗୀ ଭାବନାର ଅନନ୍ୟ ଉତ୍ସବ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୫।୧୧(ସୁନିତ୍ ମିଶ୍ର)**



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ହାଇଦ୍ରାବାଦସ୍ଥିତ ଇଣ୍ଡିଆନ ସ୍କୁଲ ଅଫ୍ ବିଜ୍‌ନେସ୍ କ୍ୟାମ୍ପସ ପରିସରରେ ଆୟୋଜିତ ଆଇଏସ୍‌ବି ଇନ୍‌ସାଇଟ୍ସ ଫୋରମ-୨୦୨୪ରେ ଯୋଗଦେଇ କାର୍ତ୍ତିକ ପୂର୍ଣ୍ଣିମା ଏବଂ ଓଡ଼ିଶାରେ ପାଳନ ହେଉଥିବା ବୋଇତ ବନ୍ଦାଣ ଉତ୍ସବର ମାହାତ୍ମ୍ୟ ଉପରେ ଆଲୋକପାତ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, କାର୍ତ୍ତିକ ପୂର୍ଣ୍ଣିମାର ଅନେକ ମହତ୍ତ୍ୱ ରହିଛି। ସମଗ୍ର ଭାରତରେ ଏହାକୁ ବିଭିନ୍ନ ଢଙ୍ଗରେ ପାଳନ କରାଯାଇଥାଏ। ଓଡ଼ିଶାରେ କାର୍ତ୍ତିକ ପୂର୍ଣ୍ଣିମାକୁ 'ବୋଇତ ବନ୍ଦାଣ' ଭାବେ ପାଳନ କରାଯାଇଥାଏ। ଆମର ସମୃଦ୍ଧ ସାମୁଦ୍ରିକ ନୌବାଣିଜ୍ୟ ଇତିହାସକୁ ସ୍ମରଣ କରିବା ସହ ସାଧବ ପୁଅଙ୍କୁ ସମ୍ମାନ ଜଣାଇବାର ଏହା ମହାନ୍ ଅବସର। କାର୍ତ୍ତିକ ପୂର୍ଣ୍ଣିମା ପ୍ରାଚୀନ ଉତ୍କଳର ସମୃଦ୍ଧ ସାଧବ ସଂସ୍କୃତି ଓ ବର୍ଣ୍ଣାଢ଼୍ୟ ବୋଇତ ବନ୍ଦାଣ ଆମ ପରମ୍ପରାର ଦୃଢ଼ ଗୌରବଗାଥା। ବୋଇତ ବନ୍ଦାଣ ହେଉଛି ଅନ୍ୱେଷଣ ଏବଂ ଉଦ୍ୟୋଗୀ ଭାବନାର ଏକ ଅନନ୍ୟ ଉତ୍ସବ। ବର୍ତ୍ତମାନ ସାରା ବିଶ୍ୱ ଭାରତକୁ ବୃହତ୍ ଭରସା ଦୃଷ୍ଟିରେ ଦେଖୁଛି। ଭାରତର ଉଦ୍ୟମିତା କ୍ଷମତା ଏବଂ ବୌଦ୍ଧିକ ଦକ୍ଷତା ବିଶ୍ୱର ଅଭିବୃଦ୍ଧି ଇଞ୍ଜିନ ଭାବେ କାର୍ଯ୍ୟ କରିବ। 'ଅମୃତ କାଳ'ର ଏହି ୨୫ ବର୍ଷ କେବଳ ଭାରତ ପାଇଁ ନୁହେଁ, ସାରା ବିଶ୍ୱ ପାଇଁ ଗେମ୍ ଚେଞ୍ଜର ହେବ। ତେଣୁ ଏହି ସମୟରେ ଆମର ଦାୟିତ୍ୱ ଅଧିକ। ଶିକ୍ଷା ହେଉଛି ସମସ୍ତ ସଭ୍ୟତାର ଆବଶ୍ୟକତାକୁ ପୂରଣ କରିବାର ଜନନୀ। ତେଣୁ ଜାତୀୟ ଶିକ୍ଷାନୀତିର କାର୍ଯ୍ୟକାରିତା ଏକବିଂଶ ଶତାବ୍ଦୀର ସ୍ଥାନୀୟ ଏବଂ ବିଶ୍ୱସ୍ତରୀୟ ଆକାଂକ୍ଷାକୁ ସାକାର କରିବାର ଏକ ଉତ୍ତମ ମାର୍ଗ। ଏ ଦିଗରେ ଆମକୁ ମିଳିତ ଭାବେ କାମ କରିବା ପାଇଁ ସେ ଆହ୍ୱାନ କରିଛନ୍ତି। ଲୋକକଲ୍ୟାଣକୁ ବ୍ୟାପକ କରିବା ଦିଗରେ ଗବେଷଣା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଆଗାମୀ ଦିନରେ ଭାରତର ଆବିର୍ଭାବ ଓ ପ୍ରଭାବର ସ୍ତମ୍ଭ ହେବ ଜ୍ଞାନ କ୍ଷେତ୍ର। ଅନ୍ୟପକ୍ଷେ ଇଣ୍ଡିଆନ ସ୍କୁଲ ଅଫ୍ ବିଜ୍‌ନେସ୍ ନିଜର ୨ ଦଶନ୍ଧିର ଯାତ୍ରା ମଧ୍ୟରେ ଅନେକ ଉତ୍କର୍ଷ ହାସଲ କରିଛି। ଇଣ୍ଡିଆନ ସ୍କୁଲ ଅଫ୍ ବିଜ୍‌ନେସ୍ ଭାରତକୁ ବିଶ୍ୱର ଏକ ଦକ୍ଷତା କେନ୍ଦ୍ରରେ ପରିଣତ କରିବାକୁ ଲକ୍ଷ୍ୟ ରଖିବା ଉଚିତ ବୋଲି ସେ କହିଛନ୍ତି।

# 'ମିସ୍ ଟିନ୍ ୟୁନିଭର୍ସ' ଘୋଷଣାବେଳେ ଗାୟତ୍ରୀ ମନ୍ତ୍ର ଜପୁଥିଲି: ତ୍ରିଷ୍ଣା

**ଭୁବନେଶ୍ୱର, ୧୫।୧୧ (ବନ୍ଦନା ସେଠୀ)**

ବିଶ୍ୱସ୍ତରରେ ନିଜ ଜଲୱା ଦେଖାଇବା ପରେ ଜନ୍ମମାଟି ଓଡ଼ିଶା ଫେରିଛନ୍ତି ତ୍ରିଷ୍ଣା ରାୟ। 'ମିସ୍ ଟିନ୍ ୟୁନିଭର୍ସ ୨୦୨୪' ଟାଇଟଲ ଜିତି ଓଡ଼ିଶା ତଥା ଦେଶ ପାଇଁ ଗୌରବ ଆଣିଛନ୍ତି ଭୁବନେଶ୍ୱର ବାସିନ୍ଦା ୧୯ ବର୍ଷୀୟା ତ୍ରିଷ୍ଣା। ଶୁକ୍ରବାର ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ସମୟରେ ତ୍ରିଷ୍ଣା ନିଜର ସଫଳତା ଯାତ୍ରା ସମ୍ପର୍କରେ କହିଲେ, ବିଜେତା ଘୋଷଣା ହେବା ସମୟରେ ମୁଁ ଭାବି ନ ଥିଲି ଏମିତି କିଛି ହେବ। ସେ ସମୟରେ ମୁଁ କେବଳ ଗାୟତ୍ରୀ ମନ୍ତ୍ର ଜପ କରୁଥିଲି। ମୋ ନାମ ବିଜେତା ଘୋଷଣା ହେବା ଶୁଣି ଆଖିରୁ ଲୁହ ଝରିଯାଇଥିଲା ବୋଲି ସେ କହିଛନ୍ତି। ଦକ୍ଷିଣ ଆଫ୍ରିକାର କିମ୍ବର୍ଲିଠାରେ ଅନୁଷ୍ଠିତ 'ମିସ୍ ଟିନ୍ ୟୁନିଭର୍ସ' ସୁନ୍ଦରୀ ପ୍ରତିଯୋଗିତାରେ ବିଶ୍ୱର ୩୨ଜଣଙ୍କୁ ପଛରେ ପକାଇ ତ୍ରିଷ୍ଣା ବିଜେତା ହୋଇଛନ୍ତି। ତେବେ ଏହି ଯାତ୍ରା ତାଙ୍କ ପାଇଁ ବେଶ୍ କଷ୍ଟଦାୟକ ଥିଲା। ଭିସା ସମସ୍ୟା ପାଇଁ ତାଙ୍କ ସହ କେହି ଯାଇପାରି ନ ଥିଲେ। ତେଣୁ ତାଙ୍କୁ ପ୍ରତିଯୋଗିତା ପାଇଁ ଏକାକୀ ଯାତ୍ରା କରିବାକୁ ପଡିଥିଲା। ତେବେ ନିଜ ସହ ମା' ବାପାଙ୍କ ସ୍ୱପ୍ନ ପୂରଣ କରିପାରିଥିବାରୁ ବହୁତ ଖୁସି ଲାଗୁଛି। ଏହି ପ୍ରତିଯୋଗିତା ପାଇଁ ୨ବର୍ଷ ଧରି ପ୍ରସ୍ତୁତି ଜାରି ରଖିଥିଲି ବୋଲି ତ୍ରିଷ୍ଣା କହିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୧୬/୨୦୨୪ | Bhubaneswar, Saturday, November 16/2024 | ପୃଷ୍ଠା-୧





**ଦାଦାଙ୍କ ସହ ମନାନ୍ତର ତୁଟିଥିବା ଚର୍ଚ୍ଚା**

ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ଦାଦା ପବନ କଲ୍ୟାଣଙ୍କ ସହ ମନାନ୍ତର ତୁଟିଥିବା ତାଙ୍କର ଏକ ବୟାନକୁ ନେଇ ଚର୍ଚ୍ଚା ହେଉଛି। ୦୮

୧୨ **ଗୋବିନ୍ଦ ପ୍ଲେୟର ଅଫ୍ ଦି ମ୍ୟାଚ୍**

ମହାରାଷ୍ଟ୍ର ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ୍‌ରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ଓଡ଼ିଶା ଅଧିନାୟକ ଗୋବିନ୍ଦ ପୋଦ୍ଦାର।






କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ଭୋର୍ ସମୟରେ ଭୁବନେଶ୍ୱର କୁଆଖାଇ ବ୍ରିଜ୍ ନିକଟ ନଦୀରେ ମହିଳାମାନେ ଡଙ୍ଗା ଭସାଇ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ମୃତିଚାରଣ କରୁଛନ୍ତି। **(ଫଟୋ– ବିକାଶ ନାୟକ)**

# ‘ଯମୁନା’ ପାଇଁ ଯନ୍ତା ପ୍ରସ୍ତୁତ

**ବାରିପଦା,୧୫।୧୧**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କୋର୍ ଅଞ୍ଚଳରେ ଘୂରିବୁଲୁଥିବା ମହାବଳ ବାଘୁଣୀ ‘ଯମୁନା’ ଚିନ୍ତାର କାରଣ ପାଲଟିଛି। କୋର୍ ଅଞ୍ଚଳ ଛାଡ଼ି ସେ ବଫର୍ ଅଞ୍ଚଳକୁ ପ୍ରବେଶ କରିବା ମାତ୍ରେ ତାକୁ ତୁରନ୍ତ ଧରିବା ପାଇଁ ବନ ବିଭାଗର ଟିମ୍ ଯନ୍ତା ଧରି ସଜାଗ ହୋଇ ରହିଛି। ୪ ଦିନ ତଳେ ଶିମିଳିପାଳ ମଧ୍ୟରେ ଥିବା ଏକ ପର୍ଯ୍ୟଟନସ୍ଥଳୀରେ ଜଣେ ପର୍ଯ୍ୟଟକଙ୍କୁ ‘ଯମୁନା’ ଆକ୍ରମଣ ଉଦ୍ୟମ କରିଥିବା ପ୍ରଚାରିତ ହୋଇଥିଲା। ଏହି ଖବରକୁ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡା. ପ୍ରକାଶ ଚାନ୍ଦ ଗୋଗିନେନୀ ଗୁଜବ କହି ଖଣ୍ଡନ କରିଥିବା ବେଳେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଶୁକ୍ରବାର ଯଶିପୁରରୁ ଏକ ସ୍ୱତନ୍ତ୍ର ଯନ୍ତା ଡୁକୁରା ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚିଛି। ଯମୁନା ସମ୍ପର୍କିତ ତଥ୍ୟ ବନ ବିଭାଗ ଗୋପନ ରଖିବାକୁ ଚେଷ୍ଟା କରୁଥିବା ଆଲୋଚନା ହେଉଛି। ଗୋଟିଏ ପରିବେଶରୁ ଅନ୍ୟ ଏକ ପରିବେଶକୁ ଅଣାଯାଉଥିବା ବାଘୁଣୀ ପାଇଁ ବ୍ୟବସ୍ଥାରେ ତ୍ରୁଟି ଥିବା ପ୍ରାଣୀପ୍ରେମୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

କୋର୍ ଅଞ୍ଚଳରେ ବାଘୁଣୀ ‘ଯମୁନା’କୁ ଛଡ଼ାଯିବା ପରେ ସେ ନିଜର ବାସସ୍ଥଳୀ ପ୍ରସ୍ତୁତ କରିବା ପାଇଁ ପ୍ରୟାସ ଜାରି ରଖିଛି। ପର୍ଯ୍ୟଟନସ୍ଥଳୀଟି କୋର୍ ଅଞ୍ଚଳରେ ରହିଥିବାରୁ ସେଠାରେ ଯମୁନା ପ୍ରବେଶ କରିବା ସ୍ୱାଭାବିକ କଥା। ନିଜର ସୁରକ୍ଷିତ ଅଞ୍ଚଳ ବାଛିବା ପାଇଁ ‘ଯମୁନା’କୁ କିଛି ଦିନ ସମୟ ଲାଗିବ। ଖାଦ୍ୟ ପାଇଁ ଶିକାର କରିବା ଉଦ୍ଦେଶ୍ୟରେ ‘ଯମୁନା’ ବୁଲୁଥିବା ବେଳେ ତାର ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ଦିଆଯାଇଛି। ସେହିପରି ଗୋଟିଏ ନୂଆ ଅଞ୍ଚଳରେ ବାଘୁଣୀକୁ ☞ପୃଷ୍ଠା–୯



ଏନ୍‌କ୍ଲୋଜରରେ ବୁଲୁଥିବା ‘ଜିନତ୍’ ।

## ଏନ୍‌କ୍ଲୋଜରରେ ମହାବଳ ବାଘୁଣୀ

**ବାରିପଦା,୧୫।୧୧**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

- **ନାଁ ରଖାହେଲା ଜିନତ୍**
- **ଆସିବେ ଆଉ ୩ ମହାବଳ: ମନ୍ତ୍ରୀ ଗଣେଶ ରାମସିଂ**

ମହାରାଷ୍ଟ୍ରରୁ ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପକୁ ଅଣାଯାଇଥିବା ଅନ୍ୟ ଏକ ମହାବଳ ବାଘୁଣୀକୁ ଏନ୍‌କ୍ଲୋଜରରେ ଛଡ଼ାଯାଇଛି। ସୁସ୍ଥ ଓ ଚଳଚଞ୍ଚଳ ଭାବେ ସେ ଏନ୍‌କ୍ଲୋଜରରେ ବୁଲାବୁଲି କରୁଥିବା ବେଳେ ତା’ର ନାମ ଗଙ୍ଗା ବଦଳରେ ‘ଜିନତ୍’ ରଖାଯାଇଛି। ଏହି ବାଘୁଣୀର ଗତିବିଧି ଉପରେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ☞ପୃଷ୍ଠା–୯

**ଆଜିର ସମ୍ପାଦକୀୟ**

**ବୈଶ୍ୱିକ ବିଜୟ**

**ଆଜିର ମନ୍ତବ୍ୟ**

“ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାଜକୁ ଭାଗ ଭାଗ କରୁଛନ୍ତି। ଭାଜପା ସହ ରହିଥିବା ସହଯୋଗୀ ଦଳଗୁଡ଼ିକ ସହ ମେଣ୍ଟ ହେବନାହିଁ। **–ଶରଦ ପାୱାର, ଏନ୍‌ସିପି(ଏସ୍‌ପି) ଅଧ୍ୟକ୍ଷ**

# ଖସୁଛି ପାରଦ, ଥରାଇବ ଶୀତ

**ଭୁବନେଶ୍ୱର,୧୫।୧୧**
**(ଅନୁରାଧା ମହାରଣା)**

ରାଜ୍ୟରେ ଗତ କିଛିଦିନ ଧରି ପାଗ ପ୍ରାୟତଃ ଶୁଖିଲା ରହୁଥିବାବେଳେ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ଖସିଛି। ହେଲେ ଅନ୍ୟ ଜିଲାଗୁଡ଼ିରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇ ନ ଥିଲେ ମଧ୍ୟ ଶନିବାରଠାରୁ ରାଜ୍ୟରେ ପାରଦ ତଳମୁହାଁ ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି। ବିଶେଷକରି ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ହେବାର ସମ୍ଭାବନା ଥିବାରୁ ଅଧିକ ଶୀତ ଅନୁଭୂତ ହେବ। ଏପଟେ ଶୁକ୍ରବାର ଉତ୍ତର ଓଡ଼ିଶାରେ ବିଶେଷକରି ସୁନ୍ଦରଗଡ଼ ଜିଲାର କିଛି ସ୍ଥାନରେ ଘନ କୁହୁଡ଼ି ହୋଇଥିଲା। ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କନ୍ଧମାଳ ଜିଲାରେ ମଧ୍ୟମ ଧରଣର କୁହୁଡ଼ି ଆସ୍ତରଣ ଦେଖିବାକୁ ମିଳିଥିଲା। ତେଣୁ ପାରଦ ଆହୁରି ତଳମୁହାଁ ହେବାପରେ ସାରା ରାଜ୍ୟକୁ ଶୀତ ଥରାଇବ ବୋଲି ଅନୁମାନ କରାଯାଉଛି। ☞ପୃଷ୍ଠା–୯







କେତେ ହଜାର ଟଙ୍କା ନଷ୍ଟ ହୋଇଗଲେ ଲୋକେ ଖୁବ୍ ବ୍ୟସ୍ତ ହୋଇ ପଡନ୍ତି। କିନ୍ତୁ ସତ୍ୟରେ ଉପନୀତ ହେବା ଲାଗି ଉଦ୍ଦିଷ୍ଟ ଥିବା ଚେତନା ଓ ଶକ୍ତିର ମହାତରଙ୍ଗ ସବୁ ନଷ୍ଟ ହୋଇଗଲେ ଲୋକଙ୍କୁ ବାଧେ ନାହିଁ। -ଶ୍ରୀମା

-ବିଛା ସଂକ୍ରାନ୍ତି, ଛାଡ଼ଖାଇ ଓ ହଳ ନିଷେଧ



# ବୈଶ୍ୱିକ ବିଜୟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଗ୍ଲୋବାଲ ବାୟୋଫୁଏଲ ଆଲିଆନ୍ସ (ଜିବିଏ) ଓ ଭାରତ ମଧ୍ୟରେ ହୋଷ୍ଟ କଣ୍ଟ୍ରି ଏଗ୍ରିମେଣ୍ଟ ହୋଇଛି। ପ୍ରାୟୋଜକ ଦେଶ ଭାବେ ଭାରତ ଚୁକ୍ତିଭୁକ୍ତ ହେବା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ(ଏମ୍‌ଇଏ) ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ। ଏହି ପଦକ୍ଷେପ ଦ୍ୱାରା ଜିବିଏର ସଚିବାଳୟ ଭାରତକୁ ଆସିଛି। ଏହା ଅକ୍ଷୟ ଶକ୍ତି କ୍ଷେତ୍ର ପାଇଁ ଏକ ମାଇଲଖୁଣ୍ଟ । ଏମ୍‌ଇଏ, ତୈଳ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ଅଧିକାରୀମାନେ ଏହି ଚୁକ୍ତିରେ ସ୍ୱାକ୍ଷର କରି ଭାରତୀୟ ଆଇନ ଅଧୀନରେ ଜିବିଏକୁ ବୈଧତା ଓ ସ୍ୱାଧୀନତାର ଏକ ଆଧାର ପ୍ରଦାନ କରିଛନ୍ତି। ଜାତିସଂଘ କମ୍ ବିକଶିତ ଓ ବିକାଶଶୀଳ ଦେଶଗୁଡ଼ିକରେ ଥିବା ଏହି ନୂତନ ମୁଖ୍ୟାଳୟଗୁଡ଼ିକୁ ବିଶ୍ୱ ଶକ୍ତି ପରିବର୍ତ୍ତନର ଏକ ସଙ୍କେତ ଭାବରେ ଦେଖୁଛି । କଞ୍ଚାମାଲ ଏବଂ ଯୋଗାଣ ଶୃଙ୍ଖଳ, ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା ତଥା ସାଧାରଣ ମାନକ ସୃଷ୍ଟିକରି ବିଶ୍ୱବ୍ୟାପୀ ଜୈବ ଇନ୍ଧନ ବ୍ୟବହାରକୁ ବଢ଼ାଇବା ହେଉଛି ଜିବିଏର କାର୍ଯ୍ୟ। ୨୦୨୩ରେ ଭାରତ ଜି୨୦ର ଅଧ୍ୟକ୍ଷତା ସମୟରେ ଏହା ଆରମ୍ଭ ହୋଇଥିଲା। ଏହା ପରଠାରୁ ଏହି ମେଣ୍ଟରେ ୨୭ଟି ଦେଶ ଏବଂ ୧୨ଟି ଅନ୍ତର୍ଜାତୀୟ ସଙ୍ଗଠନ ସାମିଲ ହୋଇସାରିଲେଣି। ଜୈବ ଇନ୍ଧନ ବ୍ୟବହାର ପାଇଁ ବିଶ୍ୱସ୍ତରରେ ଦେଖାଯାଇଥିବା ଆଗ୍ରହର ଏହା ଏକ ଦୃଢ଼ ନିଦର୍ଶନ। ଭାରତକୁ ଜିବିଏ ସଚିବାଳୟ ଆଣିବା ଏଥିପାଇଁ ସୁଯୋଗ ସୃଷ୍ଟି କରୁଛି। ଭାରତୀୟ ଜୈବ ଇନ୍ଧନ ବିଶେଷଜ୍ଞମାନେ ମନେକରୁଛନ୍ତି ଯେ ଏଥିରେ ନୂତନ ଚାକିରିର ସମ୍ଭାବନା ରହିଥିବା ସହ ଘରୋଇ କ୍ଷେତ୍ର ବୈଷୟିକ ଜ୍ଞାନକୌଶଳ ପ୍ରଦର୍ଶନ ପାଇଁ ଏକ ପ୍ଲାଟ୍‌ଫର୍ମ ପାଇବ।

### ଟିକସ ବୋଝ କମିବ

ଆୟକର ବିଭାଗ ଏହାର ଅଧିକାରୀମାନଙ୍କୁ କିଛି ସର୍ତ୍ତ ଅନୁଯାୟୀ ଅନାଦାୟ ଟିକସ ଉପରେ ସୁଧ ଛାଡ଼ କିମ୍ବା ହ୍ରାସ କରିବାକୁ ଅନୁମତି ଦେଇ ଟିକସଦାତାଙ୍କ ଉପରେ ବୋଝ ହ୍ରାସ କରିବାକୁ ପଦକ୍ଷେପ ନେଇଛି। ଆୟକର ଆଇନର ଧାରା ୨୨୦(୨ଏ) ଅନୁଯାୟୀ ଡିମାଣ୍ଡ ନୋଟିସରେ ନିର୍ଦ୍ଦିଷ୍ଟ ଅର୍ଥ ଯଦି ଟିକସଦାତା ଦେବାରେ ବିଳମ୍ବ କରନ୍ତି , ତେବେ ତାହା ଉପରେ ସେମାନଙ୍କୁ ୧ ପ୍ରତିଶତ ସୁଧ ଦେବାକୁ ହୁଏ। ଏବେ ଯାହା ହେଉ ନିର୍ଦ୍ଧାରିତ ମାର୍ଗଦର୍ଶିକା ଆଧାରରେ ଅଧିକାରୀମାନେ ଛାଡ଼ କରିପାରିବେ। କେତେ ସୁଧ ଛାଡ଼ କିମ୍ବା ହ୍ରାସ କରାଯାଇପାରିବ ତାହା ନିକଟରେ ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ (ସିବିଡିଟି) ବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ ଏକ ଚିଠିରେ ଦର୍ଶାଇଛି । ଏବେ ପ୍ରିନ୍ସିପାଲ ଚିଫ୍ କମିଶନର ଅଫ୍ ଇନ୍‌କମ୍ ଟ୍ୟାକ୍ସ (ପିଆର୍‌ସିସିଆଇଟି) କିମ୍ବା ଚିଫ୍ କମିଶନର ଅଫ୍ ଇନ୍‌କମ୍ ଟ୍ୟାକ୍ସ (ସିସିଆଇଟି) ପରି ବରିଷ୍ଠ ଟିକସ ଅଧିକାରୀଙ୍କ ହାତରେ ବ୍ୟାପକ ଅଧିକାର ରହିଛି। ୧.୫ କୋଟିରୁ ଅଧିକ ଉପରେ ସୁଧ ଛାଡ଼ ଜଣେ ପିଆର୍‌ସିସିଆଇଟି ନିଷ୍ପତ୍ତି ନେଇପାରିବେ। ଅନ୍ୟପଟେ ଜଣେ ସିସିଆଇଟି ୫୦ ଲକ୍ଷରୁ ୧.୫ କୋଟି ଟଙ୍କା ମଧ୍ୟରେ ସୁଧ ଛାଡ଼ କରିପାରିବ । ୫୦ ଲକ୍ଷରୁ କମ୍ ରାଶି ପାଇଁ ସୁଧ ଛାଡ଼ ନିଷ୍ପତ୍ତି ଜଣେ ମୁଖ୍ୟ କମିଶନର କିମ୍ବା କମିଶନର ନେଇପାରିବେ। ଅଧିକାରୀମାନଙ୍କ ପାଇଁ ଅଧିକ ଛାଡ଼ ଏବଂ ଅଧିକ କେହଲର ଭଲ ଓ ମନ୍ଦ ପ୍ରଭାବ ରହିଛି। ଯଦି ଅଧିକାରୀମାନେ ଏହାକୁ ସ୍ୱଚ୍ଛତାର ସହ କାର୍ଯ୍ୟକାରୀ କରନ୍ତି, ତେବେ ଏହା ଏକ ଭଲ ସଙ୍କେତ ହେବା ସହ ଟିକସଦାତାଙ୍କ ପକ୍ଷରୁ ସକାରାତ୍ମକ ପ୍ରତିକ୍ରିୟା ମିଳିବ। ଟିକସ ବିଶେଷଜ୍ଞମାନେ ଏହାକୁ ନେଇ ଆଶାବାଦୀ ଅଛନ୍ତି । ସେମାନେ ଏହା ମଧ୍ୟ ଆଶା କରୁଛନ୍ତି ଯେ, ଏହି ବ୍ୟବସ୍ଥାଗୁଡ଼ିକ ଟିକସଦାତାଙ୍କ ପାଇଁ ଛାଡ଼ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉଚିତ। ଏହି ପଦକ୍ଷେପ ସ୍ୱଚ୍ଛତା ଏବଂ ଦକ୍ଷତାକୁ ପ୍ରୋତ୍ସାହିତ କରିବାର ସମ୍ଭାବନା ଅଛି। ପରିଶେଷରେ ଏହି ସଂସ୍କାର କରଦାତାମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଉପାୟରେ ସହଯୋଗ କରିବାର ଏକ ସୁଯୋଗକୁ ପ୍ରତିପାଦିତ କରେ ।

### ପ୍ରଯୁକ୍ତି ଦୌଡ଼ରେ ଉତ୍ତରପ୍ରଦେଶ

ନିକଟରେ ଉତ୍ତରପ୍ରଦେଶ ସରକାର ପୁରୁଷ ହେୟାର ପାର୍ଲର ଓ ଦରଜୀ ଦୋକାନକୁ ମହିଳାମାନେ ଯିବାକୁ ବାରଣ କରି ଏକ ନିର୍ଦ୍ଦେଶନାମା ଜାରିକରିବା ପରେ ବିବାଦୀୟ ହୋଇଥିଲେ। ସେହି ସପ୍ତାହରେ ରାଜ୍ୟ ଅମଲାତନ୍ତ୍ରୀମାନେ ଉଚ୍ଚ ବୈଷୟିକ ଭବିଷ୍ୟତରେ ରାଜ୍ୟ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୁରକ୍ଷିତ ରଖିବାକୁ ଲକ୍ଷ୍ୟ ରଖିଥିଲେ। ୩୦,୭୦୦କୋଟି ଟଙ୍କା ମୂଲ୍ୟର ସେମିକଣ୍ଡକ୍ଟର ଉତ୍ପାଦନ ପ୍ରକଳ୍ପ ଘୋଷଣାକରି ସେମାନେ ବିଶ୍ୱ ପ୍ରଯୁକ୍ତି ଦୌଡ଼ରେ ଉତ୍ତରପ୍ରଦେଶ ପାଇଁ ଏକ ସ୍ଥାନ ପାଇବାକୁ ଚେଷ୍ଟା କରୁଛନ୍ତି। ଉତ୍ତରପ୍ରଦେଶ ରାଜ୍ୟ କ୍ୟାବିନେଟ୍ ଦ୍ୱାରା ଦୁଇଟି ପ୍ରମୁଖ ପ୍ରକଳ୍ପର ଅନୁମୋଦନ କ୍ରମେ ନୋଏଡା ଏକ ପ୍ରମୁଖ ସେମିକଣ୍ଡକ୍ଟର ଉତ୍ପାଦନ କେନ୍ଦ୍ର ହେବାକୁ ଯାଉଛି। ପ୍ରଥମଟି, ଟାର୍କ ସେମିକଣ୍ଡକ୍ଟର (ହୀରାନନ୍ଦନୀ ଗ୍ରୁପ୍) ଦ୍ୱାରା ୨୭,୦୦୦ କୋଟି ଟଙ୍କାର କେନ୍ଦ୍ର ସ୍ମାର୍ଟଫୋନ ଏବଂ କାର୍ ପାଇଁ ଗୁରୁତ୍ୱପୂର୍ଣ୍ଣ ମାଇକ୍ରୋଚିପ୍ ଉତ୍ପାଦନ କରିବ। ଦ୍ୱିତୀୟଟି ହେଉଛି ଭାମା ସୁନ୍ଦରୀ ଇନ୍‌ଭେଷ୍ଟମେଣ୍ଟ (ଏଚ୍‌ସିଏଲ୍ ଗ୍ରୁପ୍) ଦ୍ୱାରା ୩,୭୦୦ କୋଟି ଟଙ୍କାର ପ୍ଲାଣ୍ଟ। ଏହା ଡ୍ରାଇଭର ଆଇସି ଏବଂ ଡିସ୍‌ପ୍ଲେ ଡ୍ରାଇଭର ସର୍କିଟ ଉତ୍ପାଦନ କରିବ। ଉଭୟ କମ୍ପାନୀ ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ରହିବ ଏବଂ ଏହି ଅଞ୍ଚଳର ବଢୁଥିବା ବୈଷୟିକ ପରିସଂସ୍ଥାକୁ ଅଧିକ ସହଯୋଗ କରିବ। କେନ୍ଦ୍ର ସରକାରଙ୍କ ଯୋଜନା ସହଯୋଗରେ ସେମିକଣ୍ଡକ୍ଟର ଉତ୍ପାଦନ କ୍ଷମତାକୁ ମଜଭୁତ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ଭଳି ଏହା କାମ କରିବ। ଜାତୀୟ ସୁରକ୍ଷା ପାଇଁ ଚିପ୍ସ ଉତ୍ପାଦନ ଲାଗି ରାଜ୍ୟର ଏହି ଯୋଜନାରେ ଆମେରିକାର ଭାଗୀଦାରି ରହିଛି।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | 8 | | | | 2 | | | |
| | | | | 4 | 9 | | 3 | |
| | | 7 | | | 8 | | | 6 |
| 8 | | | | | 1 | | | |
| | | | 2 | | | 5 | | |
| | 9 | 2 | | | | | | |
| | | | | | | 2 | | |
| | 2 | 6 | 7 | | | 8 | 1 | 9 |
| 3 | | | | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 8 | 1 | 5 | 3 | 4 | 2 | 6 |
| 2 | 5 | 6 | 4 | 9 | 8 | 1 | 3 | 7 |
| 3 | 4 | 1 | 7 | 2 | 6 | 9 | 5 | 8 |
| 7 | 6 | 2 | 9 | 1 | 4 | 5 | 8 | 3 |
| 4 | 1 | 3 | 8 | 7 | 5 | 6 | 9 | 2 |
| 5 | 8 | 9 | 6 | 3 | 2 | 7 | 4 | 1 |
| 6 | 9 | 4 | 3 | 8 | 1 | 2 | 7 | 5 |
| 8 | 2 | 7 | 5 | 6 | 9 | 3 | 1 | 4 |
| 1 | 3 | 5 | 2 | 4 | 7 | 8 | 6 | 9 |

ଗତକାଲିର ଉତ୍ତର

# କଳାପଟି ହଟିଗଲା ପରେ



ବୃହସ୍ପତି ସାମଲ

ଭାରତୀୟ ନ୍ୟାୟ ବ୍ୟବସ୍ଥା ଏବେ ଆଉ ଅନ୍ଧ ନୁହେଁ କି କୌଣସି ହିଂସାର ପ୍ରତୀକ ତା'ପାଇଁ ଶୋଭନୀୟ ନୁହେଁ ବୋଲି ବିବେଚନାକରି ନିକଟରେ ଉଚ୍ଚତମ ନ୍ୟାୟାଳୟ ଇଂରେଜ ଅମଳରୁ ନ୍ୟାୟଦେବୀଙ୍କ ଆଖିରେ ବନ୍ଧାହୋଇଥିବା କଳାପଟିକୁ କାଢ଼ିନେବା ସହ ତାଙ୍କ ବାମହାତରେ ଖଣ୍ଡା ବଦଳରେ ଭାରତୀୟ ସମ୍ବିଧାନ ଧରାଇଛନ୍ତି। ଆଇନ ଆଖିରେ ସମସ୍ତେ ସମାନ ବୋଲି ଅଦାଲତରେ ହାଜର ହେଉଥିବା ବ୍ୟକ୍ତିଙ୍କ ଧନ, କ୍ଷମତା କିମ୍ବା କୌଣସି ସାମାଜିକ ସ୍ଥିତିକୁ ନ ଦେଖି ଅନ୍ୟାୟ ବିରୋଧରେ ଦଣ୍ଡାଦେଶ କ୍ଷମତାର କର୍ତ୍ତୃତ୍ୱକୁ ନ୍ୟାୟଦେବୀଙ୍କ ଅନ୍ଧପୁଚୁଳି ଓ ଖଡ୍ଗ ସୂଚିତ କରୁଥିଲେ। କିନ୍ତୁ ଏବେ ଖୋଲାଆଖି ଓ ହାତରେ ସମ୍ବିଧାନ ସହ ନ୍ୟାୟଦେବୀଙ୍କ ମୂର୍ତ୍ତିରେ ପରିବର୍ତ୍ତନକୁ ନେଇ କୁହାଯାଇଛି ଯେ, ଅହିଂସାକୁ ମୂଳମନ୍ତ୍ର କରି ଭାରତ ଇଂରେଜ ଶାସନ କବଳରୁ ଅନେକ ଦିନରୁ ମୁକ୍ତିଲାଭ କରିସାରିଥିଲାବେଳେ ୧୮୬୦/୬୧ରେ ଇଂଲଣ୍ଡ ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ଇଣ୍ଡିଆନ୍ ପେନାଲ କୋଡ୍, ଏଭିଡେନ୍ସ ଆକ୍ଟ ଓ ସିଆର୍‌ପିସିକୁ ଇଂରେଜ ଉପନିବେଶବାଦରୁ ମୁକ୍ତି ଦେଇ ଯେଭଳି ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ସାକ୍ଷ୍ୟ ସଂହିତା ଓ ନାଗରିକ ସୁରକ୍ଷା ସଂହିତାର ପ୍ରଚଳନ କରାଗଲା, ଠିକ୍ ସେହିଭଳି ନ୍ୟାୟଦେବୀଙ୍କ ମୂର୍ତ୍ତିରେ ମଧ୍ୟ ପରିବର୍ତ୍ତନ ଆବଶ୍ୟକ। ନ୍ୟାୟଦେବୀଙ୍କ ନୂତନ ଅବୟବର ଅନାବରଣ ଅବସରରେ ଭାରତୀୟ ନ୍ୟାୟ ବ୍ୟବସ୍ଥା କେତେ ସୁଧୁରିବ ଓ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାରେ କେତେ ସହାୟକ ହେବ ଆଲୋଚନା ହେବା ଜରୁରୀ।

ନ୍ୟାଶନାଲ ଜୁଡିସିଆଲ ଡାଟା ଗ୍ରିଡ୍‌ର ତଥ୍ୟାନୁଯାୟୀ, ୨୦୨୩ ଶେଷସୁଦ୍ଧା ଦେଶର ବିଭିନ୍ନ ଅଦାଲତରେ ପାଖାପାଖି ୪.୫ କୋଟି ଅମୀମାଂସିତ ଓ ବିଚାରାଧୀନ ମକଦ୍ଦମା ମଧ୍ୟରୁ କେବଳ ନିମ୍ନ ଅଦାଲତମାନଙ୍କରେ ଏହା ୮୭.୬%, ଯେଉଁଥିରୁ ଅନ୍ୟୂନ ୨୫% ପାଞ୍ଚବର୍ଷରୁ ଅଧିକ ସମୟଧରି ରାୟ ଅପେକ୍ଷାରେ। ସେହିଭଳି ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ବିଚାରାଧୀନ ୪୧% ମକଦ୍ଦମା ସମାନ ଅବସ୍ଥାରେ। ଏପରିକି କିଛି ମକଦ୍ଦମା ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟଧରି ଅମୀମାଂସିତ ଅବସ୍ଥାରେ ପଡ଼ିରହିଛି। ଏ ବାବଦରେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଓ ବିହାର ଭଳି ଜନବହୁଳ ରାଜ୍ୟର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। କେବଳ ଉତ୍ତରପ୍ରଦେଶରେ ୧.୧ କୋଟିରୁ ଊର୍ଦ୍ଧ୍ୱ ମକଦ୍ଦମା ବିଚାରାଧୀନ। ବିଗତ ୫ ବର୍ଷ ମଧ୍ୟରେ ବିଚାରାଧୀନ ମକଦ୍ଦମାର ସଂଖ୍ୟା ଉଚ୍ଚତମ ନ୍ୟାୟାଳୟରେ ୩୫%, ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ୩୩% ଓ ନିମ୍ନ ଅଦାଲତଗୁଡ଼ିକରେ ୩୮% ବୃଦ୍ଧିପାଇଛି। ଏତେ ପରିମାଣରେ ବାକିଆ ଓ ଅସମ୍ପୂର୍ଣ୍ଣ ମକଦ୍ଦମା ସହ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଏବଂ ସଂସାଧନର ଅଭାବ, ବ୍ୟବସ୍ଥାଗତ ଦୋଷତ୍ରୁଟି, ଢାଞ୍ଚାଗତ ଅବ୍ୟବସ୍ଥା, ପ୍ରକ୍ରିୟାଗତ ଦୁର୍ବଳତା, ସରକାରୀ ବାଧାବିଘ୍ନ ଓ ମକଦ୍ଦମାଗୁଡ଼ିକର ଜଟିଳତା ସହ ଗଦାଗଦା କେସ୍ ଫାଇଲ ଭିତରେ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ



ଯୋଗାଇଦେବା ପାଇଁ ଅଣନିଃଶ୍ୱାସୀ ହୋଇପଡୁଥିବା ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ନ୍ୟାୟଦେବୀଙ୍କ କାୟିକ ପରିବର୍ତ୍ତନ ଅନେକ ବିବାଦକୁ ଆମନ୍ତ୍ରଣ କରିଛି।

ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ବଡ଼ ଆହ୍ୱାନ ହେଉଛି ଆବଶ୍ୟକ ସଂଖ୍ୟକ ବିଚାରପତିଙ୍କ ଅଭାବ। ତଥ୍ୟ ଅନୁସାରେ, ଫେବୃଆରୀ ୨୦୨୩ ସୁଦ୍ଧା ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ୪୨% ବିଚାରପତି ପଦବୀ ଖାଲିଥିଲା। ଏ ବାବଦରେ ଦିଲ୍ଲୀ ଓ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ଖାଲି ପଦବୀ ସଂଖ୍ୟା ୫୦%ରୁ ଅଧିକ। ସେହିଭଳି ନିମ୍ନ ଅଦାଲତଗୁଡ଼ିକରେ ଖାଲିଥିବା ବିଚାରପତିଙ୍କ ସଂଖ୍ୟା ଅନ୍ୟୂନ ୨୧%। ୧୯୮୭ରୁ ବିଧି ଆୟୋଗଙ୍କ ଅନୁମୋଦନ ମୁତାବକ ପ୍ରତି ଏକ ନିୟୁତ ଲୋକଙ୍କ ପାଇଁ ୫୦ଜଣ ବିଚାରପତିଙ୍କର ଆବଶ୍ୟକତା ଥିଲାବେଳେ ବର୍ତ୍ତମାନ ଭାରତରେ ତାହା ମାତ୍ର ୨୧, ଯାହା ଚାଇନା ଭଳି ରାଷ୍ଟ୍ରରେ ୧୫୯। ଏହି ଅନୁମୋଦନକୁ ଉଚ୍ଚତମ ନ୍ୟାୟାଳୟ ୨୦୦୧ରେ ଏବଂ ସଂସଦୀୟ ଷ୍ଟାଣ୍ଡିଂ କମିଟି ୨୦୦୨ରେ ଦୋହରାଇଥିଲେ ବି ବିଗତ ତିନି ଦଶନ୍ଧି ଭିତରେ ଜନସଂଖ୍ୟା ୧୪୦ କୋଟି ଅତିକ୍ରମ କରିବା ସତ୍ତ୍ୱେ ମଧ୍ୟ କେନ୍ଦ୍ର ସରକାର ଅଦ୍ୟାବଧି କୌଣସି ପଦକ୍ଷେପ ନ ନେବା ପରିତାପର ବିଷୟ। ତେଣୁ କଳାପଟି ହଟିଗଲା ପରେ ନ୍ୟାୟଦେବୀଙ୍କ ଦୃଷ୍ଟି ପ୍ରଥମେ ଏହି ମୁଖ୍ୟ ସମସ୍ୟା ଉପରେ କେନ୍ଦ୍ରୀଭୂତ ହେବ ବୋଲି ଆଶା।

ଦ୍ୱିତୀୟତଃ, ମାନବ ସମ୍ବଳ, ସଂସାଧନ ଓ ଢାଞ୍ଚାଗତ ଅଭାବବୋଧ ନ୍ୟାୟ ବ୍ୟବସ୍ଥାର ପାରିବାପଣିଆ ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟିକରେ। ବିଧି ସେଣ୍ଟର ଫର୍ ଲିଗାଲ ପଲିସିର ସୂଚନା ମୁତାବକ, ଅନ୍ୟୂନ ୯୦% ଜିଲାସ୍ତରୀୟ ନ୍ୟାୟାଳୟଗୁଡ଼ିକରେ ସର୍ବନିମ୍ନ ସୁବିଧାସୁଯୋଗ ଉପଲବ୍ଧ ନୁହେଁ। ବିଚାରାଳୟଗୁଡ଼ିକରେ ଘୋର ସ୍ଥାନାଭାବ, ଡିଜିଟାଲ ଟେକ୍ନୋଲୋଜି ସହ କର୍ମଚାରୀଙ୍କ ଅଭାବ ବିଚାରାଧୀନ ମକଦ୍ଦମାଗୁଡ଼ିକର ସଂଖ୍ୟାବୃଦ୍ଧିରେ ସହାୟକ ହେଉଛି। ସରକାରଙ୍କ ଦ୍ୱାରା ୨୦୦୭ରୁ ପ୍ରଚଳିତ ଇ-କୋର୍ଟ ଯୋଜନା ଏଯାଏ ଠିକ୍‌ଭାବରେ, ବିଶେଷକରି ଗ୍ରାମାଞ୍ଚଳ କୋର୍ଟଗୁଡ଼ିକରେ କାର୍ଯ୍ୟକାରୀ ହୋଇପାରିନାହିଁ। ଗ୍ରାମାଞ୍ଚଳରେ ସୀମିତ ଇଣ୍ଟରନେଟ୍ ଓ ଉପଯୁକ୍ତ ପ୍ରଯୁକ୍ତିବିଦ୍ୟା ସଂରଚନାର ଅଭାବ ଯୋଗୁ ନିମ୍ନ ଅଦାଲତଗୁଡ଼ିକ ଇ-ଫାଇଲିଂ, ଅନ୍‌ଲାଇନ ପେମେଣ୍ଟ, ଭିଡିଓ କନ୍‌ଫରେନ୍ସ ଭଳି ସୁବିଧା ଉପଲବ୍ଧ କରେଇବାରୁ ବଞ୍ଚିତ। ଆଜିର ଡିଜିଟାଲ ଦୁନିଆରେ ତ୍ୱରିତ ନ୍ୟାୟ ପ୍ରଦାନ ନିମନ୍ତେ କଳାପଟି ହଟିଗଲା ପରେ ଏସବୁ ଅସୁବିଧାଗୁଡ଼ିକ ଉପରେ ନ୍ୟାୟଦେବୀଙ୍କ ଦୃଷ୍ଟି ପଡ଼ିବା ଜରୁରୀ।

ତୃତୀୟରେ, ପରିଚାଳନା ଓ ପ୍ରକ୍ରିୟାଗତ ଦୋଷତ୍ରୁଟି ନ୍ୟାୟିକ ବ୍ୟବସ୍ଥାରେ ଅନ୍ୟ ଏକ ଦୁର୍ବଳତା। ତଥ୍ୟ ଅନୁସାରେ ଉଚ୍ଚତମ ନ୍ୟାୟାଳୟ ଆନୁଷ୍ଠାନିକ ଭାବେ ବର୍ଷରେ ପାଖାପାଖି ୧୯୩ ଦିନ କାର୍ଯ୍ୟ କରୁଥିଲାବେଳେ ଉଚ୍ଚ ନ୍ୟାୟାଳୟଗୁଡ଼ିକ ୨୧୦ ଦିନ ଓ ଟ୍ରାଏଲ କୋର୍ଟଗୁଡ଼ିକ ୨୪୫ ଦିନ କାର୍ଯ୍ୟ କରିଥାନ୍ତି। ସପ୍ତାହ ସପ୍ତାହ ଧରି ଲମ୍ବାଛୁଟି ସହ ବାରମ୍ବାର ମୁଲତବୀ ଓ ଶୁଣାଣି ତାରିଖରେ ପରିବର୍ତ୍ତନ ବିଳମ୍ବିତ ନ୍ୟାୟ ପ୍ରଦାନକୁ ବେଶି ଖୋରାକ ଯୋଗାଉଛି। ଏହି ପରିପ୍ରେକ୍ଷୀରେ ୫ ନଭେମ୍ବର ୨୦୨୪ରେ ସୁପ୍ରିମ୍‌କୋର୍ଟ (ଦ୍ୱିତୀୟ ସଂଶୋଧନ)ରୁଲ୍ସ, ୨୦୨୪ର ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସୁପ୍ରିମ୍‌କୋର୍ଟରେ ପାରମ୍ପରିକ ଭାବେ ଚାଲିଆସିଥିବା ଅବକାଶକାଳୀନ ଖରାଛୁଟି ଏଣିକି 'ଆଂଶିକ ନ୍ୟାୟାଳୟ କାର୍ଯ୍ୟଦିବସ' ରୂପେ ପରିଚିତ ହେବା ଏବଂ ପ୍ରତ୍ୟେକ ରବିବାରକୁ ଛାଡ଼ି ୯୫ ଦିନରୁ ଅଧିକ ଛୁଟି ଦିଆ ନ ଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିଲେ ବି ଦେଶର ପ୍ରତ୍ୟେକ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟଙ୍କ ଉପରୋକ୍ତ ନିୟମ ପରିସରଭୁକ୍ତ ହେଲେ ନ୍ୟାୟଦେବୀଙ୍କ ଅନ୍ଧପୁଚୁଳି ଖୋଲିବାର ଯଥାର୍ଥତା ପ୍ରତିପାଦିତ ହେବ।

ଚତୁର୍ଥରେ, ଆବଶ୍ୟକ ପ୍ରମାଣ ଯୋଗାଡ଼ ଓ ଉପସ୍ଥାପନାରେ ବାଧା, ସାକ୍ଷ୍ୟ ଗ୍ରହଣରେ ବିଳମ୍ବ, ଧାର୍ଯ୍ୟ ସମୟାନୁସାରେ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପାଳନରେ ଅସୁବିଧା, ଅପ୍ରଚଳିତ, ଜଟିଳ ଓ ଅସ୍ପଷ୍ଟ ଆଇନଗତ ପ୍ରକ୍ରିୟାମାନ ବିଳମ୍ବିତ ନ୍ୟାୟ ପ୍ରଦାନକୁ ଯେଭଳିଭାବେ ପ୍ରଭାବିତ କରୁଛି, ନ୍ୟାୟଦେବୀଙ୍କ ଖୋଲାଆଖି ସେସବୁ ସମସ୍ୟା ଉପରେ ଦୃଷ୍ଟିନିକ୍ଷେପ କରିବା ଜରୁରୀ। ଯାହା ଦେଖାଯାଏ, ଅର୍ଦ୍ଧାଧିକ ମକଦ୍ଦମାରେ ସରକାର ପକ୍ଷଭୁକ୍ତ ହୋଇଥାନ୍ତି ଏବଂ ସରକାରୀ କଳର କୁପରିଚାଳନା ବିଚାରାଧୀନ ମକଦ୍ଦମାର ସଂଖ୍ୟା ବୃଦ୍ଧିରେ ସହାୟକ ହୋଇଥାଏ। ବିଳମ୍ବିତ ନ୍ୟାୟ ବ୍ୟବସ୍ଥା ଯେ କେବଳ ବିଚାରବିଭାଗର ପାରିବାପଣିଆ ଉପରେ କୁଠାରାଘାତ କରି ଜନତାଙ୍କ ବିଶ୍ୱାସ ହରାଏ, ସେକଥା ନୁହେଁ ବରଂ ଉଭୟ ପକ୍ଷର ଆର୍ଥିକ ଓ ମାନସିକ ଅବସ୍ଥାକୁ କ୍ଷତି ପହଞ୍ଚାଏ। ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋର ତଥ୍ୟ ଅନୁସାରେ, ୨୦୨୦ ସୁଦ୍ଧା ଜେଲର ମୋଟ ବନ୍ଦୀଙ୍କ ମଧ୍ୟରୁ ୭୬% ହେଉଛନ୍ତି ବିଚାରାଧୀନ କଏଦୀ, ଯେଉଁମାନେ ବିଳମ୍ବିତ ନ୍ୟାୟ ପ୍ରକ୍ରିୟାରେ ଅଯଥା ଶିକାର ହୋଇଥାନ୍ତି।

ଅଦାଲତ ଓ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି, ଖାଲିଥିବା ସମସ୍ତ ପଦବୀ ପୂରଣ, ନୂତନ ପଦବୀ ସୃଷ୍ଟି, ନ୍ୟାୟାଳୟଗୁଡ଼ିକର କାର୍ଯ୍ୟଦିବସ ବୃଦ୍ଧି, ଡିଜିଟାଲ ପଦକ୍ଷେପକୁ ତ୍ୱରାନ୍ୱିତ କରି ଅଦାଲତଗୁଡ଼ିକରେ ଜନହିତ ପାଇଁ ମକଦ୍ଦମାଗୁଡ଼ିକର ଇ-ଫାଇଲିଂ, ଅନ୍‌ଲାଇନ ପେମେଣ୍ଟ ବ୍ୟବସ୍ଥା ଓ ଆଭାସୀ ଶୁଣାଣିର ବନ୍ଦୋବସ୍ତ ସହ ସର୍ବନିମ୍ନ ସୁବିଧାସୁଯୋଗ ଉପଲବ୍ଧ କରାଇବାକୁ ସରକାର ପ୍ରାଥମିକତା ଦେବା ଉଚିତ ହେବ। ସର୍ବୋପରି, ବିକଳ୍ପ ନ୍ୟାୟବ୍ୟବସ୍ଥା ପାଇଁ ଉଦ୍ଦିଷ୍ଟ ଫାଷ୍ଟଟ୍ରାକ୍ କୋର୍ଟ, ଲୋକ ଅଦାଲତ, ଗ୍ରାମ୍ୟ ନ୍ୟାୟାଳୟଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି ଅଧିକ ଜରୁରୀ, ଯାହା ଅଦାଲତର ମକଦ୍ଦମା ସଂଖ୍ୟା ହ୍ରାସକରି ତ୍ୱରିତ ନ୍ୟାୟ ପ୍ରଦାନରେ ସହାୟକ ହେବ। ନ୍ୟାୟଦେବୀଙ୍କ କାୟିକ ପରିବର୍ତ୍ତନ ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ଥିବା ଦୋଷଦୁର୍ବଳତାକୁ ଏକାକୀ ପରିବର୍ତ୍ତିତ କରିବା ଆଦୌ ସମ୍ଭବ ନୁହେଁ। ସମଗ୍ର ନ୍ୟାୟିକ ବ୍ୟବସ୍ଥାକୁ ପଙ୍ଗୁକରି ରଖିଥିବା ଉପରୋକ୍ତ ମୁଖ୍ୟ ସମସ୍ୟାଗୁଡ଼ିକର ସମାଧାନ ନ ହେଲେ ଅନ୍ଧପୁଚୁଳି ହଟିଗଲା ପରେ ବି ନ୍ୟାୟଦେବୀଙ୍କ ପ୍ରତିମୂର୍ତ୍ତି ବାମହାତରେ ସମ୍ବିଧାନକୁ ଧରି ଆଖିଖୋଲି କେବଳ ଜଳଜଳ ଚାହିଁଥିବେ ସିନା, ଲୋକଙ୍କ ସାମ୍ବିଧାନିକ ଅଧିକାରକୁ ସୁରକ୍ଷାଦେବାରେ ଅସଫଳ ରହିବେ ନିଶ୍ଚୟ।

ମୋ:୯୪୩୭୦୨୨୬୬୯

# ଖବରକାଗଜ ଓ ଆମେ



ସନତ୍ ମିଶ୍ର

ଭାରତ ସ୍ୱାଧୀନ ହେବାର ୭୭ ବର୍ଷ ପରେ ଏବେ ଖବରକାଗଜ ଉପରେ ସମୀକ୍ଷା କରିବାର ଆବଶ୍ୟକତା ଅନୁଭୂତ ହେଉଛି। ସ୍ୱାଧୀନତା ଲାଭ ପୂର୍ବରୁ ଭାରତର ସ୍ୱାଧୀନତା ଆନ୍ଦୋଳନକୁ ଆହୁରି ସକ୍ରିୟ କରିବାକୁ ଖବରକାଗଜକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରାଯାଉଥିଲା। ସ୍ୱାଧୀନତା ପରେ ମଧ୍ୟ ଖବରକାଗଜକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି ଉଦାହରଣ ଦିଆଯାଉଥିଲା। ମାତ୍ର ଖବରକାଗଜ ବା ମୁଦ୍ରଣ ଗଣମାଧ୍ୟମ ଏବେ ସଙ୍କଟରେ ବୋଲି କୁହାଗଲାଣି। ଖବରକାଗଜର ଇତିହାସ ବେଶ୍ ଉଜ୍ଜ୍ୱଳ ମନେ ହୋଇଥାଏ। ଅଷ୍ଟାଦଶ ଶତାବ୍ଦୀରେ ପ୍ରଥମ ଭାରତୀୟ ଖବରକାଗଜ ଭାବେ ବେଙ୍ଗଲ ଗେଜେଟ୍ ବା କାଲକାଟା ଜେନେରାଲ୍ ଆଡ୍‌ଭର୍ଟାଇଜର ଇଂଲିଶ ଭାଷାରେ ତତ୍କାଳୀନ କଲିକତା ଓ ଏବେର କୋଲକାତା ମହାନଗରରୁ ପ୍ରକାଶ ପାଇଥିଲା। ଏହାପରେ ୧୭୮୯ ମସିହାରେ ବମ୍ବେ (ଏବର ମୁମ୍ବାଇ) ରୁ ପ୍ରକାଶିତ ହୋଇଥିଲା 'ବମ୍ବେ ହେରାଲ୍ଡ' ଯାହା ପରବର୍ତ୍ତୀ ବର୍ଷ 'ବମ୍ବେ କୋରିଅ' ଭାବେ ପ୍ରକାଶ ଲାଭ କରିଥିଲା ଓ ପରେ ଇଂଲିଶ ଭାଷାର ଖବରକାଗଜ 'ଟାଇମ୍‌ସ ଅଫ୍ ଇଣ୍ଡିଆ'ରେ ୧୮୬୧ରେ ଏହାର ମିଶ୍ରଣ ଘଟିଥିଲା।

ଭାରତରେ ବଙ୍ଗଳା ଭାଷାରେ ପ୍ରଥମ ଆଞ୍ଚଳିକ ଖବରକାଗଜ ଭାବେ ୧୮୧୮ ମେ ୨୩ରେ ସମାଚାର ଦର୍ପଣ ପ୍ରକାଶ ପାଇବା ପରେ ହିନ୍ଦୀ ଭାଷାରେ ପ୍ରଥମ ଖବରକାଗଜ 'ସମାଚାର ସୁଧା ଦର୍ପଣ' ୧୮୫୪ରେ ପ୍ରକାଶ ପାଇଥିଲା । ଏହା ପରେ କନ୍ନଡ଼, ମାଲୟାଲମ୍, ତାମିଲ୍ ପ୍ରଭୃତି ଭାଷାରେ ଖବରକାଗଜ ପ୍ରକାଶିତ ହୋଇଥିଲା ଓ ପ୍ରକୃତରେ ପ୍ରଥମ ଓଡ଼ିଆ ଖବରକାଗଜ 'ଉତ୍କଳ ଦୀପିକା' ସାପ୍ତାହିକ ଖବରକାଗଜ ଭାବେ ୪ ଅଗଷ୍ଟ ୧୮୬୬ରେ ମୁଦ୍ରିତ ହୋଇ ଲୋକପ୍ରିୟତା ଅର୍ଜନ କରିଥିଲା। ଗୌରୀଶଙ୍କର ରାୟ ଏହାର ସମ୍ପାଦକ ଥିଲେ। ପରେ ପରେ 'ସମାଜ', 'ଦୈନିକ ଆଶା', 'ପ୍ରଜାତନ୍ତ୍ର' ଓ ଅନ୍ୟାନ୍ୟ ଖବରକାଗଜ ଆଦୃତ ହୋଇଥିଲା। ଏବେ ଏକବିଂଶ ଶତାବ୍ଦୀରେ 'ସମାଜ' ଏକଶତ ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ଖବରକାଗଜ ଭାବେ ଓଡ଼ିଆ ପାଠକଙ୍କ ପ୍ରତିନିଧିତ୍ୱ କରି ଆସୁଥିବା ବେଳେ ଏବେ ଅନେକ ପ୍ରତିଷ୍ଠିତ ଖବରକାଗଜ ନିଜର ସ୍ଥିତି ବଜାୟ ରଖିପାରିଛନ୍ତି। ଆହୁରି ଅନେକ ଓଡ଼ିଆ ଦୈନିକ ଖବରକାଗଜ ଅଛି, ଯାହାର ନାମ ସବୁକୁ ଆଲୋଚନା କରାଯାଇ ପାରନ୍ତା।

ସାପ୍ତାହିକ ଖବରକାଗଜ ଭାବେ 'ରାଷ୍ଟ୍ରଦୀପ', ଅନ୍ୟାନ୍ୟ ସାପ୍ତାହିକ ଖବରକାଗଜ ଓ ମାସିକ ଓଡ଼ିଆ ପତ୍ରିକା ଭାବେ ଶୈଳବାଳା ମିଶ୍ରଙ୍କ ସଂଯୋଜନାରେ 'ସମାରୋହ', ପ୍ରଭାସ ଆଚାର୍ଯ୍ୟଙ୍କ ସମ୍ପାଦନାରେ 'ଗୋପବନ୍ଧୁଙ୍କ ସତ୍ୟବାଦୀ', ଡ. ଭର୍ତ୍ତୃହରି ମହତାବଙ୍କ

**ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ**



ସମ୍ପାଦନାରେ 'ଝଙ୍କାର', ଇତିସାମନ୍ତଙ୍କ ସମ୍ପାଦନାରେ 'କାଦମ୍ବିନୀ', ସୁଦତ୍ତା ପଟ୍ଟନାୟକଙ୍କ ସମ୍ପାଦନାରେ 'ପୌରୁଷ' ପ୍ରଭୃତି ପ୍ରକାଶ ପାଇଚାଲିଛି। ଏସବୁ ପତ୍ରିକା ପାଠକମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଛି।

କରୋନା ମହାମାରୀ ପରେ କେବଳ ଭାରତରେ ନୁହେଁ, ସାରା ବିଶ୍ୱରେ ଖବରକାଗଜ ଓ ପତ୍ରପତ୍ରିକାର ପ୍ରକାଶନ ଏବଂ ବିତରଣ କ୍ଷେତ୍ରରେ ସଙ୍କଟ ଦେଖାଯାଇଥିଲା। ମାତ୍ର ଏବେ ସେପରି ଅବସ୍ଥା ନାହିଁ। ବର୍ତ୍ତମାନ ମୁଦ୍ରଣ ଗଣମାଧ୍ୟମ ସହିତ ପ୍ରତିଯୋଗିତାର ସମ୍ମୁଖୀନ ହୋଇଛି ବିଭିନ୍ନ ଘରୋଇ ଟିଭି ଚାନେଲ୍। ଏବେ ସେହି ସବୁ ଘରୋଇ ଓ ସରକାରୀ ଟିଭି ଚାନେଲ୍‌କୁ ବା ତଡ଼ିତ ଗଣମାଧ୍ୟମକୁ ପଛରେ ପକାଇ ପାରିଛି ବିଭିନ୍ନ ସାମାଜିକ ଗଣମାଧ୍ୟମ। ମୋବାଇଲ୍‌ର ପ୍ରଚଳନ ବହୁ ସଂଖ୍ୟାରେ ହେବାରୁ ମୋବାଇଲ୍ ଯୋଗେ ବିଭିନ୍ନ ଆମୋଦପ୍ରମୋଦ ବ୍ୟବସ୍ଥା ସମେତ ଖବର ତଥା ଅନ୍ୟାନ୍ୟ ସୂଚନା ଏବେ ସାମାଜିକ ଗଣମାଧ୍ୟମ ଜରିଆରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ରହିଛି। 'ହ୍ୱାଟ୍‌ସ ଆପ୍' ପରେ ସବୁଠାରୁ ବେଶି ଆଦୃତ ସାମାଜିକ ଗଣମାଧ୍ୟମ ହେଉଛି 'ଫେସ୍ ବୁକ୍' । ସାରା ବିଶ୍ୱରେ ଏମ୍‌ଓଏମ୍ ନିୟୁତ ବ୍ୟକ୍ତି ଚଳିତ ବର୍ଷ (୨୦୨୪ରେ) ଏହି 'ଫେସ୍‌ବୁକ୍' ସହିତ ଯୋଡ଼ି ହୋଇ ରହିଛନ୍ତି। ଏହା ପଛକୁ 'ଇନ୍‌ଷ୍ଟାଗ୍ରାମ୍' ରହିଛି। ଅଳ୍ପ କେତେକ ଗ୍ରାହକ ଟୁଇଟରରେ ଥିଲେ ମଧ୍ୟ ଟୁଇଟର ଏତେଟା ପ୍ରଭାବଶାଳୀ ହୋଇପାରିନାହିଁ।

ଏବେ ମୁଦ୍ରଣ ଗଣମାଧ୍ୟମର ମାଲିକ ଓ ସାମ୍ବାଦିକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ର ବା ରାଜ୍ୟ ସରକାର ତଥା ଖବରକାଗଜ ମାଲିକମାନେ ଏଥିପ୍ରତି ସଚେତନ ହୋଇପାରିଲେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା। ଯେଉଁ ସାମ୍ବାଦିକମାନେ ସାମ୍ବାଦିକ ସଂଘ ଗଠନ କରିଛନ୍ତି, ସେମାନେ ସାମ୍ବାଦିକ ବା ଖବରକାଗଜ କର୍ମଚାରୀଙ୍କ ସ୍ୱାର୍ଥରକ୍ଷା ଲାଗି ଏବେ କୌଣସି ସକ୍ରିୟ ଭୂମିକାରେ ଥିବାପରି ମନେ ହେଉନାହିଁ। ଅବଶ୍ୟ ବିଭିନ୍ନ ସଭା ସମିତି, ଧାରଣା, ଆଲୋଚନାଚକ୍ରରେ ସେମାନେ ବ୍ୟସ୍ତ ରହୁଛନ୍ତି।

ଖବରକାଗଜ ବା ଏହାର ସାମ୍ବାଦିକତା ସ୍ୱାଧୀନତା ମଧ୍ୟ ସଙ୍କୁଚିତ ହୋଇଥିବା ପରି ମନେ ହେଉଛି। ଖବରକାଗଜକୁ ନିୟନ୍ତ୍ରଣ କରିବାକୁ ୧୯୬୬ ମସିହା ନଭେମ୍ବର ୧୬ ତାରିଖରୁ ଭାରତ ସରକାର ପ୍ରେସ୍ କାଉନ୍‌ସିଲ୍ ସଂସ୍ଥା ଆରମ୍ଭ କରିଥିଲେ। ସେହି ଦିବସଟି ଅର୍ଥାତ୍ ନଭେମ୍ବର ୧୬କୁ ଆମେ ପ୍ରେସ୍ ଦିବସ ଭାବେ ପାଳନ କରିଆସୁଛୁ। ସର୍ବଭାରତୀୟ ସ୍ତରରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ଯାହା କି ଦୀପକ ମାଲବ୍ୟଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଛି, ତାହାର ସଭାପତି ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଅଛନ୍ତି। ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଏହି ଅନୁଷ୍ଠାନ କାର୍ଯ୍ୟ କରୁଛି।

ସାଧାରଣ ସମ୍ପାଦକ, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ, ଭୁବନେଶ୍ୱର
ମୋ: ୯୧୭୮୪୧୭୧୭

## ଏଇ ଭାରତରେ

ବୁଲାକୁକୁରଙ୍କ ସେବାରେ ଜଣେ ଉତ୍ସର୍ଗୀକୃତ ମହିଳା ହେଉଛନ୍ତି ଚନ୍ଦ୍ରିକା ୟୋଲମୋ ଲାମା। ସେ ପ୍ରତିଦିନ ସକାଳେ ୮ କିଲୋମିଟର ଚାଲନ୍ତି ଓ ସେହି ସମୟରେ ବୁଲାକୁକୁରଙ୍କୁ ଖାଇବାକୁ ଦେଉଛନ୍ତି। ଏହାସହ କୌଣସି କୁକୁର ଅସୁସ୍ଥ ଥିଲେ ତାହାର ଚିକିତ୍ସା ବ୍ୟବସ୍ଥା ମଧ୍ୟ କରନ୍ତି। ପ୍ରତିଦିନ ଏଭଳି ୭୦ଟି କୁକୁରଙ୍କୁ ସେ ଖାଇବାକୁ ଦେଉଛନ୍ତି। ଚନ୍ଦ୍ରିକାଙ୍କ ସ୍ୱାମୀ ଜଣେ ସେନା ଅଧିକାରୀ ହୋଇଥିବାରୁ ଦେଶର ବିଭିନ୍ନ ସହରରେ ସେ ରହିଥିଲେ। ସବୁଠି ସେ ସେଠାକାର କୁକୁରଙ୍କୁ ଖାଇବାକୁ ଦେବା ସହ ସେମାନଙ୍କ ଚିକିତ୍ସା କରୁଥିଲେ। ଏବେ ସ୍ଥାୟୀ ଭାବେ ପଶ୍ଚିମବଙ୍ଗ ସିଲିଗୁଡ଼ିରେ ରହୁଛନ୍ତି। ଏଠାରେ ରହିବା ପୂର୍ବରୁ ସେ ଉଦ୍ଧାର କରିଥିବା ୧୨ଟି କୁକୁରଙ୍କୁ ଘରେ ରଖୁଥିଲେ ଓ ସ୍ୱାମୀଙ୍କ ସହ ଯେତେବେଳେ ବଦଳି ହୋଇ ଯାଉଥିଲେ ସେମାନଙ୍କୁ ସାଙ୍ଗରେ ନେଇଯାଉଥିଲେ। ସିଲିଗୁଡ଼ିରେ ରହିବା ପରେ ଫ୍ଲାଟରେ ଅଧିକ କୁକୁର ରଖିବା ଯୋଗୁ ପଡ଼ୋଶୀମାନେ ଅସନ୍ତୁଷ୍ଟ ହେବା ଯୋଗୁ ସେ ନିକଟସ୍ଥ ସାଲବାରିରେ ଘରଭଡ଼ା ନେଇ କୁକୁରଙ୍କୁ ରଖିଛନ୍ତି। ସେଠାରେ ଏକ ଆଶ୍ରୟସ୍ଥଳୀ ଖୋଲିଛନ୍ତି। ଏ କ୍ଷେତ୍ରରେ ଘର ମାଲିକ ମଧ୍ୟ ସହଯୋଗ କରୁଛନ୍ତି। ଏବେ ଚନ୍ଦ୍ରିକା ଆଶ୍ରୟ ସ୍ଥଳୀରେ ୨୦୦ କୁକୁରଙ୍କୁ ଉଦ୍ଧାର କରି ରଖିଛନ୍ତି। ଚନ୍ଦ୍ରିକା ସକାଳ ୪ରୁ ଉଠି ବ୍ୟାଗରେ ଖାଦ୍ୟ, ବିସ୍କୁଟ ଓ ମେଡିସିନ୍ ଧରି ଚାଲନ୍ତି ଏବଂ ବାଟରେ ବୁଲୁଥିବା କୁକୁରଙ୍କୁ ଖାଇବାକୁ ଦିଅନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୬ ନଭେମ୍ବର ୧୯୭୫

- ମୟୂରଭଞ୍ଜ ଓ ଢେଙ୍କାନାଳ ଜିଲାର ସୁନେଇ ଓ ଆଉଁଳି ଜଳସେଚନ ପ୍ରକଳ୍ପକୁ ଯୋଜନା କମିଶନଙ୍କ ଅନୁମୋଦନ।
- ଧାତବ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦେଶର ୬ ଜଣ ଧାତବ ବିଜ୍ଞାନୀ ସମ୍ମାନିତ।

## ଚିରନ୍ତନୀ

ନୀରସ ନିପଟ ମରୁ
ବିରସ ପ୍ରକୃତି,
ଶୁଖତ୍ୟାଏ କଣ୍ଠ ମୋର,
ଜଳିଯାଏ ଧୃତି।
-(ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସିଏନ୍‌ଜି ଇନ୍ଧନ ଯୋଗାଣ ସମ୍ପ୍ରସାରଣ କରାଯାଉ

ମହାଶୟ,

ପରିବେଶ ଅନୁକୂଳ କମ୍ପ୍ରେସ୍‌ଡ ନେଚୁରାଲ ଗ୍ୟାସ (ସିଏନ୍‌ଜି) ହେଉଛି ଏକ ବିକଳ୍ପ ସବୁଜ ଇନ୍ଧନ ଯାହା ପେଟ୍ରୋଲ ଏବଂ ଡିଜେଲ ଇନ୍ଧନ ଅପେକ୍ଷା କମ୍ ପରିମାଣରେ ଗ୍ରୀନ୍ ହାଉସ୍ ଗ୍ୟାସ ନିର୍ଗତ କରେ । ଏହା ମଧ୍ୟ ପେଟ୍ରୋଲ ଓ ଡିଜେଲଠାରୁ ଶସ୍ତା। ଯେହେତୁ ଓଡ଼ିଶାର କଟକ ଏବଂ ଭୁବନେଶ୍ୱରର କେତେକ ସ୍ଥାନରେ ସିଏନ୍‌ଜି ଇନ୍ଧନ ଭରିବା ଷ୍ଟେସନ ସୁବିଧା ଅଛି ତେଣୁ ଏହି ଦୁଇଟି ସହରରେ ସିଏନ୍‌ଜି ଯାନବାହାନ ଚଳାଚଳ କରୁଛି । ଏହି ପରିପ୍ରେକ୍ଷୀରେ, ଓଡ଼ିଶାର ପୁରୀ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ଆଦି ସହରଗୁଡ଼ିକରେ ଅଗ୍ରାଧିକାର ଭିତ୍ତିରେ ସିଏନ୍‌ଜି ଭରିବା ଷ୍ଟେସନ ଖୋଲାଯାଇ ପର୍ଯ୍ୟାୟକ୍ରମେ ଅନ୍ୟ ସମସ୍ତ ଜିଲ୍ଲାରେ ଏହି ସୁବିଧା ଉପଲବ୍ଧ କରାଯିବା ଆବଶ୍ୟକ । ଫଳସ୍ୱରୂପ, ଅଧିକରୁ ଅଧିକ ସିଏନ୍‌ଜି ଯାନବାହନ ଚଳଚଳ କରିବ ଏବଂ ବାୟୁ ପ୍ରଦୂଷଣର ମାତ୍ରା ଯଥେଷ୍ଟ ହ୍ରାସ ପାଇବ ।

-ନବନୀତ୍ ପାଣିଗ୍ରାହୀ, ରାୟଗଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଡ଼ିଶାର ସବୁଜ ସ୍ୱର



ରେଶ୍ମାଞ୍ଜଳି ସାହୁ, ଅଭିନେତ୍ରୀ



ଲୁବୁନ୍ ସେନ୍, ଅଭିନେତା



ସମ୍‌ସେର ସିଂ ହୁରା, ବ୍ୟବସାୟୀ



ସୋନାଲି ମିଶ୍ର, ମେକ୍‌ଅପ୍ ଆର୍ଟିଷ୍ଟ

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ମାହେଶ୍ୱରୀ ନର୍ସିଂ କଲେଜ, ବରଗଡ଼



ସାଇ ବିଦ୍ୟାମନ୍ଦିର, ବାରିପଦା



ବିବେକାନନ୍ଦ ସାଇନ୍ସ କଲେଜ, ମାଲକାନଗିରି



ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...


ଭୁବନେଶ୍ୱର, ଶନିବାର, ୧୬ ନଭେମ୍ବର, ୨୦୨୪


## ଅନ୍ୟାନ୍ୟ ଖବର

# ସାବରମତୀ ଢାଞ୍ଚାରେ ହେବ ମହାନଦୀ ରିଭର ଫ୍ରଣ୍ଟ: ମୁଖ୍ୟମନ୍ତ୍ରୀ


ଐତିହାସିକ କଟକ ବାଲିଯାତ୍ରା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବାଲିଯାତ୍ରା ପଡିଆ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଆୟୋଜିତ ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକଙ୍କ ସମେତ ଅନ୍ୟମାନେ।

**କଟକ,୧୫।୧୧ (କାର୍ତ୍ତିକ ସାହୁ)**

କଟକର ବାଲିଯାତ୍ରାକୁ ଅନ୍ତର୍ଜାତୀୟ ମାନ୍ୟତା ମିଳିବ। ୟୁନେସ୍କୋ ଏହି ମାନ୍ୟତା ଦେବା ପାଇଁ ରାଜ୍ୟ ସରକାର ସମସ୍ତ ଉଦ୍ୟମ କରିବେ। ଉଦ୍‌ଘାଟନୀ ସମାରୋହରେ ୧୪ଟି ଦେଶର ରାଷ୍ଟ୍ରଦୂତ ଯୋଗଦେଇଥିବାରୁ ଅନ୍ତର୍ଜାତୀୟ ମାନ୍ୟତା ନିମନ୍ତେ ଏହା ଆରମ୍ଭ ବୋଲି ଐତିହାସିକ କଟକ

## ଐତିହାସିକ କଟକ ବାଲିଯାତ୍ରା ଉଦ୍‌ଘାଟିତ

ବାଲିଯାତ୍ରାକୁ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସାଧବ ପୁଅମାନେ ୭ ଦରିଆ ୧୩ ନଈ ପାର ହୋଇ ଜାଭା, ସୁମାତ୍ରା, ବାଲି, ମାଲେସିଆ ଆଦିକୁ ବେପାର କରିବାକୁ ଯାଉଥିଲେ। ସେମାନେ କେବଳ ବେପାର କରୁ ନ ଥିଲେ, ବରଂ ଓଡ଼ିଶାର ସଂସ୍କୃତିକୁ ସେଠାରେ ପ୍ରସାର କରୁଥିଲେ ଯାହା ଏବେ ବି ଦେଖିବାକୁ ମିଳୁଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ବଡ଼ ଘୋଷଣା କରି କହିଲେ, ସାବରମତୀ ଢାଞ୍ଚାରେ ମହାନଦୀରେ ରିଭର ଫ୍ରଣ୍ଟ ହେବ। ସମ୍ବଲପୁର ଓ କଟକରେ ଏହି ରିଭରଫ୍ରଣ୍ଟ କରିବା ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ ହୋଇସାରିଛି। ଆହୁରି ୧୫୦ କୋଟି ଟଙ୍କା ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ସରକାର ଯୋଗାଇଦେବେ। ଏଥିସହ କଟକ ସହରକୁ ସ୍ମାର୍ଟସିଟିରେ ପରିଣତ କରିବାକୁ ରାଜ୍ୟ ସରକାର ସମସ୍ତ ଉଦ୍ୟମ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କଟକ ଲୋକସଭା ଏମ୍‌ପି ଭର୍ତ୍ତୃହରି ମହତାବ, ଜଗତସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ, କଟକ ମହାନଗର ନିଗମ ମେୟର ସୁବାସ ସିଂ, କମିଶନର ଅନାମ ଚରଣ ପାତ୍ର, ବାରବାଟୀ-କଟକ ବିଧାୟକ ସୋଫିଆ ଫିର୍ଦ୍ଦୋଶ, କଟକ ସଦର ବିଧାୟକ ପ୍ରକାଶ ସେଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ନିଆଳି ବିଧାୟକ ଛବି ମଲ୍ଲିକ୍, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଯୋଗ ଦେଇ ବାଲିଯାତ୍ରାର ଗରିମାମୟ ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀଲଙ୍କା, ବାଂଲାଦେଶ, ଥାଇଲାଣ୍ଡ, ଲାଓ ପିଡିଆର, ଭୁଟାନ, ସିଙ୍ଗାପୁର, ନେପାଳ, ମାଲେସିଆ, ଇଣ୍ଡୋନେସିଆ, ନାଉରୁ, ସୋଲୋମନ ଆଇଲାଣ୍ଡ, ନ୍ୟୁଜିଲାଣ୍ଡ, ଫିଜି, ଟିମୋର ଲେସେ ଏବଂ ବ୍ରୁନେଇ ଆଦି ଦେଶର ରାଷ୍ଟ୍ରଦୂତ ମଞ୍ଚରେ ଉପସ୍ଥିତ ଥିଲେ। ଏଥିପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଓର୍ମାସ୍‌ର ଉଦ୍‌ଘାଟନ କରିବା ସହ ବିଭିନ୍ନ ଷ୍ଟଲ ଦେଖିଥିଲେ। ଏହି ଅବସରରେ ବାଲିଯାତ୍ରା ସ୍ମରଣିକା ଓ ଭାରତୀୟ ରିଜର୍ଭ ବ୍ୟାଙ୍କର ସାନ୍ତାଳୀ ଭାଷାରେ ଲିଖିତ ଆର୍ଥିକ ସାକ୍ଷରତା ପୁସ୍ତକ ଉନ୍ମୋଚନ ହୋଇଥିଲା। ସୂଚନାଯୋଗ୍ୟ, ନଭେମ୍ବର ୧୫ରୁ ଆରମ୍ଭ ହୋଇଥିବା ଏହି ବାଲିଯାତ୍ରା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। କଟକ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର ପୋଡ଼ିଠାରୁ ବିପତ୍ତି ନାହିଁ,**
**ଘୋଡ଼ା ଚଢ଼ାଠାରୁ ସମ୍ପତ୍ତି ନାହିଁ।**

ଘର ପୋଡ଼ିଯିବା ବିପର୍ଯ୍ୟୟର ଲକ୍ଷଣ ହୋଇଥାଏ। ସେହିପରି ଘୋଡ଼ା ଚଢ଼ିବା ଅଗ୍ରଗତିର ପ୍ରତୀକ ବା ଧନୀର ଲକ୍ଷଣ ଅଟେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଘର ସଣ ସଣ ବାହାରେ ଝୋଟି,**
**ସାହୁ ପଡିଆରା ବୋହୂ ଦିଓଟି।**

ଘରର ଅବସ୍ଥା ଦୟନୀୟ, ସେଥିରେ ଦିଓଟି ଭୁଆସୁଣୀ ବୋହୂ। କେତେବେଳେ କେଉଁ କଥା। ଏପରିସ୍ଥଳେ ସାହୁକାର ଭୟରେ ବୋହୂ ଦୁଇଟିଙ୍କୁ ଘରେ ଛାଡ଼ି ବାହାରକୁ ଯାଉ ନ ଥିବା ଗରିବ ଖାତକ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ରୋଷେଇ ପାଇଁ କାଠ ବୋହିଲେ ଛାତ୍ରୀ

## ଜିଲାପାଳଙ୍କଠାରେ ଅଭିଯୋଗ କଲେ ଅଞ୍ଚଳବାସୀ

**ବଇଣ୍ଡା,୧୫।୧୧ (ପରିକ୍ଷିତ ସାହୁ)**


ଛାତ୍ରୀମାନେ କାଠ ନେଇ ଛାତ୍ରୀ ନିବାସକୁ ଯାଉଛନ୍ତି।

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପାଇକସାହି ରାଧାମାଧବ ହାଇସ୍କୁଲ ଏସ୍‌ସିଏସ୍‌ଟି ଛାତ୍ରୀ ନିବାସର ଛାତ୍ରୀଙ୍କ ଦ୍ୱାରା ରୋଷେଇ ପାଇଁ କାଠ ବୁହାଯାଇଥିବା ଅଭିଯୋଗ ହୋଇଛି। ଗତ ଗୁରୁବାର ଶିଶୁ ଦିବସ ଅବସରରେ ପ୍ରଧାନ ଶିକ୍ଷକଙ୍କ ନିର୍ଦ୍ଦେଶରେ ଛାତ୍ରୀମାନେ ନିକଟସ୍ଥ ପଡ଼ିଆରୁ ଛାତ୍ରୀ ନିବାସକୁ କାଠ ଆଣିଥିବା ଅଞ୍ଚଳବାସୀ ଦେଖିବା ପରେ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏଥିସହ ଅଭିଯୋଗର ନକଲ ରାଜ୍ୟ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି।

ଅଭିଯୋଗରେ ଅଞ୍ଚଳବାସୀ ଦର୍ଶାଇଛନ୍ତି, ଉକ୍ତ ଛାତ୍ରୀ ନିବାସରେ ୨୦୦ ଛାତ୍ରୀ ରହି ପାଇକସାହି ରାଧାମାଧବ ହାଇସ୍କୁଲରେ ପଢୁଥିବା ବେଳେ ସେମାନଙ୍କୁ ଅନେକ ସମୟରେ ବିଦ୍ୟାଳୟର ବିଭିନ୍ନ କାମରେ ନିୟୋଜିତ କରାଯାଉଛି। ଗୁରୁବାର ଅପରାହ୍ନ ୪ଟାରେ ପ୍ରଧାନ ଶିକ୍ଷକ କେତେଜଣ ଛାତ୍ରୀଙ୍କୁ ନିକଟସ୍ଥ ପଡ଼ିଆରୁ କାଠ ଆଣିବାକୁ କହିଥିଲେ। ପ୍ରଧାନଶିକ୍ଷକଙ୍କ ନିର୍ଦ୍ଦେଶ ଅନୁଯାୟୀ ଛାତ୍ରୀମାନେ କାଠ ବୋହି ଛାତ୍ରୀ ନିବାସକୁ ନେଇଥିଲେ। ପୂର୍ବରୁ ମଧ ଅନେକବାର ଛାତ୍ରୀଙ୍କ ଦ୍ୱାରା କାଠ ଅଣାଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ଘଟଣାର ତଦନ୍ତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ପ୍ରଧାନଶିକ୍ଷକ ଶୁକଦେବ ସାହୁ କହିଛନ୍ତି, ଛାତ୍ରୀ ନିବାସରେ ରୋଷେଇ ପାଇଁ କିଛି କାଠ କମ୍ ପଡ଼ିଥିଲା। ତେଣୁ କାଠ ଆଣିବାକୁ ଛାତ୍ରୀମାନଙ୍କୁ କହିଥିଲି। ଆଗାମୀ ଦିନରେ ଏପରି ତ୍ରୁଟି ଯେପରି ହେବନାହିଁ ସେଥିପ୍ରତି ଧ୍ୟାନ ଦେବି। ଏ ସମ୍ପର୍କରେ ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଠି କହିଛନ୍ତି, ଘଟଣାର ତଦନ୍ତ କରାଯିବ। ରିପୋର୍ଟ ଆସିବା ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ମହୁମାଛି ଆକ୍ରମଣରେ ୪ ଗୁରୁତର

**ପବିତ୍ରନଗର,୧୫।୧୧ (ନିରୋଜ କୁମାର ପ୍ରଧାନ)**

କଣିହାଁ ବ୍ଲକ ରେଙ୍ଗାଲି ଡ୍ୟାମ୍ ନିକଟରେ ଶୁକ୍ରବାର ମହୁମାଛିଆକ୍ରମଣରେ ୪ଜଣ ଲକ୍ଷ୍ମୀଧର ସାମଲ, କୃଷ୍ଣଚନ୍ଦ୍ର ମହାନ୍ତି, ନାରାୟଣ ଗୌନ୍ତିଆ, ପୃଥ୍ୱୀରାଜ ରାଉତରାୟ ଗୁରୁତର ହୋଇଛନ୍ତି। ରେଙ୍ଗାଳିସ୍ଥିତ ଏକ ଘରୋଇ ଗ୍ୟାସ୍ ବିତରଣ କମ୍ପାନୀରେ କାର୍ଯ୍ୟରତ ଏହି କର୍ମଚାରୀମାନେ ଡ୍ୟାମ୍ ନିକଟ ଦେଇ ସକାଳେ କର୍ଣ୍ଣପାଳ ଯାଉଥିବାବେଳେ ମହୁମାଛିଆକ୍ରମଣ କରିଥିଲା। ଗୁରୁତର ୪ ଜଣଙ୍କୁ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଜଳିଗଲା ଲୁଗାଦୋକାନ, ମାଲିକ ମୃତ

**ଜଟଣୀ,୧୫।୧୧ (ରବୀନ୍ଦ୍ରନାଥ ମହାକୁଡ଼)**

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ରାଜାବଜାରରେ ଥିବା ଗୌରୀ ଗାର୍ମେଣ୍ଟସ (ଲୁଗା ଦୋକାନ)ରେ ଶୁକ୍ରବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ନିଆଁଲାଗି ଲକ୍ଷାଧିକ ଟଙ୍କାର ଶାଢ଼ି, ଆସବାବପତ୍ର ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜଳିଯାଇଛି। ଏଥିସହ ଉକ୍ତ ଦୋକାନ ମାଲିକ ତଥା ରାଜାବଜାର ବିବେକାନନ୍ଦସାହିର ବାସିନ୍ଦା ସୂର୍ଯ୍ୟ ମହାପାତ୍ର ଓରଫ ବୁଲୁ (୩୩)ଙ୍କ ମୃତ୍ୟୁ ଘଟିଛି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି ବୋଲି ଜଟଣୀ ଅଗ୍ନିଶମ ବାହିନୀ ଅଧିକାରୀ ଲକ୍ଷ୍ମଣ ବେହେରା କହିଛନ୍ତି।

ସୂଚନା ମୁତାବକ, ପ୍ରତି ମାସ ୧୫ତାରିଖରେ ରାଜାବଜାର ବନ୍ଦ ରହୁଥିବା ବେଳେ ଶୁକ୍ରବାର ମଧ ବଜାର ବନ୍ଦ ରହିଥିଲା। ତେବେ ଅପରାହ୍ନରେ ଉକ୍ତ ଲୁଗା ଦୋକାନ ମାଲିକ ବୁଲୁ ଶଟରେ ଦେଇ ଦୋକାନର ଉପର ମହଲାରେ କୌଣସି କାମ କରୁଥିଲେ। ହଠାତ୍ ଦୋକାନରେ ନିଆଁ ଲାଗିଯାଇଥିଲା। ଦୋକାନରେ ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ, ବିଦ୍ୟୁତ୍ ବିଭାଗ ଏବଂ ଜଟଣୀ ପୋଲିସକୁ ଜଣାଇଥିଲେ।

# ରାହୁଲଙ୍କ ହେଲିକପ୍ଟର ଅଟକାଯିବାକୁ ନେଇ ଭାଜପାକୁ ଦୋଷଦେଲା କଂଗ୍ରେସ

ରାଞ୍ଚି,୧୫।୧୧

ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ଉଡ଼ାଣ ପାଇଁ ଅନୁମତି ନ ଦେବାରୁ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ହେଲିକପ୍ଟର ଶୁକ୍ରବାର ଝାଡ଼ଖଣ୍ଡର ଗୋଡ୍ଡାଠାରେ ୨ ଘଣ୍ଟା ଅଟକି ରହିଥିଲା। ୨୦ ତାରିଖରେ ଝାଡ଼ଖଣ୍ଡ ବିଧାନସଭାର ଶେଷ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ରାହୁଲଙ୍କ ପ୍ରଚାରରେ ବାଧା ସୃଷ୍ଟି ପାଇଁ ଜାଣିଶୁଣି ଏଭଳି ଉଦ୍ୟମ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି।

ଦେଓଗଡ଼ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଥିବାରୁ ରାହୁଲଙ୍କ ହେଲିକପ୍ଟରକୁ ଉକ୍ତ ଅଞ୍ଚଳ ଅତିକ୍ରମ କରିବାକୁ ଦିଆଯାଇ ନ ଥିଲା ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। କଂଗ୍ରେସ ଦେଶକୁ ୭୦ ବର୍ଷ ଶାସନ କରିଥିବାବେଳେ କୌଣସି ବିରୋଧୀ ନେତାଙ୍କ ସହ ଏଭଳି ଘଟଣା ଘଟି ନ ଥିଲା। ଏହା ଗ୍ରହଣୀୟ ନୁହେଁ ବୋଲି ବିଧାୟକ ତଥା କଂଗ୍ରେସ ପ୍ରାର୍ଥୀ ଦୀପିକା ପାଣ୍ଡେ ସିଂ କହିଛନ୍ତି। ସେହିପରି ନିକଟରେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାକୁ ନେଇ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ହେଲିକପ୍ଟରକୁ ଉଡ଼ାଣ ଅନୁମତି ମିଳି ନ ଥିଲା। ଏନେଇ ହେମନ୍ତ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ହେମନ୍ତଙ୍କ ସ୍ତ୍ରୀ କଳ୍ପନା ସୋରେନ୍‌ଙ୍କୁ ମଧ୍ୟ ଲାତେହାର ପ୍ରଚାର ପାଇଁ ଯିବାକୁ ଦିଆଯାଇ ନ ଥିଲା। ଜେଏମ୍ଏମ୍ ଲୋକଙ୍କ ପାଖରେ ପହଞ୍ଚିବାରେ ଭାଜପା ଓ ବିରୋଧୀ ଦଳଗୁଡ଼ିକ ବାଧା ସୃଷ୍ଟି କରୁଥିବା କଳ୍ପନା ଅଭିଯୋଗ କରିଛନ୍ତି।



ଝାଡ଼ଖଣ୍ଡର ଗୋଡାଠାରେ ଆୟୋଜିତ ନିର୍ବାଚନୀ ସଭାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

# ଜୟନାରାୟଣଙ୍କୁ ସରକାର ସୁରକ୍ଷା ଦେଉଛନ୍ତି: ବିଜେଡି

ଭୁବନେଶ୍ୱର,୧୫।୧୧(ଅନିଲଦାସ)

ଭାଜପାର ବରିଷ୍ଠ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ଆଗୁଆ ଜାମିନ ସର୍ବୋଚ୍ଚ ନ୍ୟାୟାଳୟରେ ଖାରଜ ହେବା ପରେ ଗଣମାଧ୍ୟମରେ ସେ ଦେଇଥିବା ବୟାନ ଉପରେ ବିଜେଡି ବିଧାୟକ ପ୍ରତାପ ଦେବ ତୀବ୍ର ସମାଲୋଚନା କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ପ୍ରକାଶ ପାଇବା ପରେ ଜୟନାରାୟଣ ଏଭଳି ମନ୍ତବ୍ୟ ଦେଇ ପରୋକ୍ଷରେ ସେ ଆଇନରୁ ଊର୍ଦ୍ଧ୍ୱରେ ବୋଲି ଦାବି କରୁଛନ୍ତି । ଆଇନ ସମସ୍ତଙ୍କ ପାଇଁ ସମାନ ଉକ୍ତିକୁ ରାଜ୍ୟ ଭାଜପା ସରକାର ଭୁଲ ବୋଲି ପ୍ରମାଣିତ କରିଛନ୍ତି। ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ଅର୍ଥ ରାଜ୍ୟର ଆଇନ୍ ସାଧାରଣ ନାଗରିକଙ୍କ ପାଇଁ ଅଲଗା ଓ ଭାଜପା ସଦସ୍ୟମାନଙ୍କ ପାଇଁ ଅଲଗା।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହ ବିଭାଗର ଦାୟିତ୍ୱରେ ଅଛନ୍ତି । ଅଭିଯୁକ୍ତ ଗିରଫ ହୋଇ ପାରୁନାହାନ୍ତି। ଏହା କ'ଣ ରାଜ୍ୟର ଆଇନ ଶୃଙ୍ଖଳାସ୍ଥିତି ଉପରେ ପ୍ରଶ୍ନ ଉଠାଉନାହିଁ କି ବୋଲି ସେ କହିଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟର ରାୟ ପ୍ରକାଶ ପାଇବା ପରେ, ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଏହି ମାମଲାରେ କ'ଣ ଅଛି, ତାହା ସ୍ପଷ୍ଟ କରନ୍ତୁ ବୋଲି ପ୍ରତାପ ଦେବ କହିଛନ୍ତି।

## ଆଇନ ଅନୁଯାୟୀ ସରକାର ପଦକ୍ଷେପ ନେବେ: ଭାଜପା

ଭୁବନେଶ୍ୱର, ୧୫।୧୧(ସୁନିତ୍ ମିଶ୍ର)

ଜଣେ ମହିଳା ପୋଲିସ ଅଧିକାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ ମାମଲାରେ ସମ୍ବଲପୁରର ଭାଜପା ବିଧାୟକ ଜୟନାରାୟଣ ମିଶ୍ରଙ୍କ ଆଗୁଆ ଜାମିନ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିବା ଘଟଣାକୁ ନେଇ ପୁଣି ରାଜନୀତି ଜୋର୍ ଧରିଛି। ବିଜେଡି ଏହି ଘଟଣାରେ ରଖିଥିବା ପ୍ରତିକ୍ରିୟା ଉପରେ ଭାଜପା ପକ୍ଷରୁ ପାଲଟା ଜବାବ ରଖାଯାଇଛି। ଜାମିନ ଖାରଜହେବା ପ୍ରସଙ୍ଗକୁ ନେଇ ବିଜେଡି ଗଣମାଧ୍ୟମରେ ବୟାନବାଜିକରି ଚାପ ପକାଇବା ସହ ଜୟନାରାୟଣଙ୍କୁ ଗିରଫ ନିମନ୍ତେ ଦାବି କରିଆସୁଛି। ହେଲେ ଗୁରୁବାର ଏହି ଘଟଣାରେ ନୀରବ ଥିବା ଭାଜପା ଶୁକ୍ରବାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରି ଜୟନାରାୟଣଙ୍କୁ ସମର୍ଥନ କରିଛି। ଆଇନ ତା' ବାଟରେ ଯିବ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଭାଜପା ମୁଖପାତ୍ର ଦିଲୀପ ମଲ୍ଲିକ କହିଛନ୍ତି, ଜୟନାରାୟଣ ମିଶ୍ରଙ୍କ ଉପରେ ସୁପ୍ରିମକୋର୍ଟ କ'ଣ ରାୟ ଦେଇଛନ୍ତି, ଆଗକୁ ଏନେଇ ଆଇନ ଅନୁଯାୟୀ କ'ଣ କରାଯିବ, ସେନେଇ ରାଜ୍ୟ ସରକାର ଠିକ୍ ସମୟରେ ପଦକ୍ଷେପ ନେବେ। ସେ ପର୍ଯ୍ୟନ୍ତ ବିଧାୟକ ପ୍ରତାପ ଦେବ ଧୈର୍ଯ୍ୟ ରଖନ୍ତୁ। ଆଇନ ତା'ବାଟରେ ଯିବ। ଏଥିରେ ହସ୍ତକ୍ଷେପ କରିବାର ଅଧିକାର କାହା ପାଖରେ ନାହିଁ। ମାତ୍ର ବିଜେଡିର ଯେଉଁ ନେତାମାନେ ଏହି ଘଟଣାରେ ବ୍ୟସ୍ତବିବ୍ରତ ହେଉଛନ୍ତି ସେମାନେ ଶାସନରେ ଥିଲା ବେଳେ ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ନେତାଙ୍କ ବିରୋଧରେ କ'ଣ ସବୁ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ମାହାଙ୍ଗା ଟ୍ରିପଲ ମର୍ଡର ଘଟଣାରେ ପ୍ରତାପ ଜେନା ୧୩ ନମ୍ବର ମୁଦାଲା ଥିଲେ। ସେତେବେଳେ ସରକାର ତାଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ତତ୍କାଳୀନ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କୁ କୋର୍ଟ ଦୋଷୀ ବୋଲି କହିଥିଲା। ମାତ୍ର ବିଜେଡି ସରକାର ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ସେହିପରି ଅରୁଣ ସାହୁ, ପ୍ରଣବ ବଳବନ୍ତରାୟ, ତତ୍କାଳୀନ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ବିରୋଧରେ ଆପରାଧିକ ମାମଲା ଥିବା ସତ୍ତ୍ୱେ ବିଜେଡି ସରକାର ରାଜନୈତିକ ସ୍ୱାର୍ଥ ଚରିତାର୍ଥ କରିବା ପାଇଁ ସେତେବେଳେ ସେମାନଙ୍କୁ ନ ବାନ୍ଧି ଚୁପ୍ ବସିଥିଲା। ଦିବ୍ୟଶଙ୍କର ମିଶ୍ରଙ୍କ ନାମରେ ସଙ୍ଗିନ ମାମଲା ଥିଲେ ମଧ୍ୟ ବିଜେଡି ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଏଭଳି ବିଭିନ୍ନ କାରଣ ଯୋଗୁ ଏହି ଭ୍ରଷ୍ଟ ସରକାରକୁ ଲୋକେ ଗାଦିରୁ ହଟାଇଦେବା ପରେ ଏବେ ସେମାନେ ଔଷଧ ବିକଳରେ ତାଳିଆ କାମୁଡୁଛନ୍ତି। ବର୍ତ୍ତମାନ ଭାଜପା ସରକାରଙ୍କୁ କେବଳ ବିରୋଧକରିବା ପାଇଁ ବିରୋଧୀ ଏଭଳି ଭିତ୍ତିହୀନ ରାଜନୀତି କରୁଛନ୍ତି ବୋଲି ଦିଲୀପ କହିଛନ୍ତି।

# ଟଙ୍କାରେ ପ୍ରଲୋଭିତ ହେଲେନି ଚାନ୍ଦବାଲିବାସୀ: ସୁଲତା

ଭଦ୍ରକ,୧୫।୧୧(ସନାତନ ରାଉତ)

ରଙ୍ଗ ବଦଳାଇଲେ ଲୋକଙ୍କ ଭଲପାଇବା ନେଇପାରିବେନି କି ସେମାନଙ୍କ ହୃଦୟ ପରିବର୍ତ୍ତନ କରିପାରିବେ ନାହିଁ। ଭଦ୍ରକ ଜିଲ୍ଲା ଧାମରାରେ ବିଜେଡି ପକ୍ଷରୁ ଆୟୋଜିତ ପାରମ୍ପରିକ ବୋଇତ ବନ୍ଦାଣ ସଭାରେ ରାଜ୍ୟ ସଭା ସଦସ୍ୟା ସୁଲତା ଦେଓ ଭାଜପା ରାଜ୍ୟ ସଭାପତିଙ୍କ ନାଁ ନ ନେଇ ଏଭଳି କହିଛନ୍ତି। ଏହି ଅବସରରେ ସେ ଆହୁରି କହିଛନ୍ତି, ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀରେ ଯିଏ ଲଢୁଥିଲେ, ବହୁ ଟଙ୍କା ଓ ପାୱାର ବ୍ୟବହାର କରିଥିଲେ ମଧ୍ୟ ଲୋକଙ୍କ ଭଲପାଇବା ବାପି ଭାଇଙ୍କ ସାଙ୍ଗରେ ଅଛି। ଚାନ୍ଦବାଲିବାସୀ ଏଥିରେ ପ୍ରଲୋଭିତ ନ ହୋଇ ବାପି ଭାଇଙ୍କୁ ଜିତାଇଛନ୍ତି ବୋଲି ସୁଲତା କହିଥିଲେ। ଏଥିସହ ସେ କହିଛନ୍ତି ବିଜେଡି ପକ୍ଷରୁ ବୋଇତ ବନ୍ଦାଣ କରିବା ସହ ଜୟ ଶ୍ରୀରାମ ନାରାବାଜି କରିଥିଲେ। ଯେବେ ଯେତେ ଜୟ ଶ୍ରୀରାମ କଲେ ବି ଏଠି ବାପି ଭାଇଙ୍କ ଜୟ ହୋଇଛି। ସେମାନଙ୍କ ପାଖରେ ଲୋକ ନାହାନ୍ତି। ବାପି ଭାଇ ଓ ନବୀନ ପଟ୍ଟନାୟକଙ୍କୁ ଭଲ ପାଉଥିବାରୁ ବିଜେଡି ସଭାରେ ବହୁ ଲୋକ ଯୋଗ ଦେଇଛନ୍ତି। ଏଥିସହ ସେ କହିଛନ୍ତି, ବାତ୍ୟା 'ଦାନା' ସମୟରେ ଆଶ୍ରୟସ୍ଥଳରେ ଶୁଖିଲା ଚୁଡ଼ା ଖାଇବାକୁ ଦେଇ ରାଜ୍ୟ ସରକାର କୋଟି କୋଟି ଟଙ୍କା ଲୁଟ୍ କରିଛନ୍ତି। କ୍ଷୟକ୍ଷତିର ଠିକ୍ ଭାବେ ସର୍ଭେ କରାଗଲା ନାହିଁ। କ୍ଷତିଗ୍ରସ୍ତ ଚାଷୀମାନେ ଏହାର ଜବାବ ଦେବେ ବୋଲି ସୁଲତା ସୂଚାଇ ଦେଇଥିଲେ। ତାଙ୍କର ଏହି ଭାଷଣ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଧାମରାଇ ପୀଠରେ ଆୟୋଜିତ ୨୫ତମ ବୋଇତ ବନ୍ଦାଣ ଉତ୍ସବରେ ରାଜ୍ୟ ସଭା ସଦସ୍ୟା ଦେଓଙ୍କ ସହ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ବିଜେଡି ନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଓ ଦଳର ବହୁ ନେତା ଯୋଗ ଦେଇଥିଲେ।

# ଢେଙ୍କାନାଳ ସଦର ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ ଆଜି

ଢେଙ୍କାନାଳ,୧୫।୧୧(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ନାୟକଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ଶନିବାର ଭୋଟ ଗ୍ରହଣ ହେବ। ଏହାକୁ ନେଇ ବିଜେଡି-ଭାଜପା ମଧ୍ୟରେ ଛକାପଞ୍ଝା ଜାରିରହିଛି । ପୂର୍ବରୁ ବିଜେଡି ଦଖଲରେ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ପଦବୀ ରହିଛି । ଗତ ସାଧାରଣ ନିର୍ବାଚନରେ ଭାଜପାର ବିଜୟ ପରେ ଢେଙ୍କାନାଳରେ ନୂତନ ରାଜନୀତିର ଅଙ୍କକଷା ଆରମ୍ଭ ହୋଇଛି । ସଦର ବ୍ଲକର ୩୫ରୁ ଊର୍ଦ୍ଧ୍ୱ ସମିତି ସଭ୍ୟ ଓ ସରପଞ୍ଚ ବର୍ତ୍ତମାନ ସୁଦ୍ଧା ଅଜ୍ଞାତ ବାସରେ ରହିଛନ୍ତି । ସେଥିରୁ ଅଧିକାଂଶ ନିକଟରେ ଭାଜପାରେ ଯୋଗ ଦେଇଛନ୍ତି । ଅନ୍ୟପଟରେ ପଦବୀ ବଜାୟ ରଖିବା ପାଇଁ ବିଜେଡି ପକ୍ଷରୁ ମଧ୍ୟ ପ୍ରୟାସ ଜାରିରହିଛି । ଶନିବାର ପୂର୍ବାହ୍ନ ୧୧ଟାରେ ସଦର ବ୍ଲକ ସମ୍ମିଳନୀ କକ୍ଷରେ ଅନାସ୍ଥା ଭୋଟ ଅନୁଷ୍ଠିତ ହେବ ଉପଜିଲାପାଳ ବିବୁଧ ଗଡ଼ନାୟକ ସୂଚନା ଦେଇଛନ୍ତି ।


## PANCHAYAT SAMITI OFFICE, TARBHA

No.i-291

Tender Call Notice No.01/2024-25 dt. 12.11.2024

INVITATION OF BID

Last date of receipt of Bid - 02.12.2024
Date of opening of bid - 02.12.2024
The Block Development Officer, Tarbha invite percentage rate bid from the contractor/bidder for execution of following works

| Sl. No. | Name of the work | Scheme | Value of Work (Rs.) | Class of contractor |
|---|---|---|---|---|
| 1 | Construction of Additional Class room at Pua PS | SSA | 12,28,043/- | D & C |
| 2 | Construction of CC road from Bhalubahal Harijan Basti to RD Road via Nuapali | All Weather Connectivity | 8,40,045/- | D & C |

For details visit our District website www.subarnapur.nic.in.

Sd./-
Block Development Officer, Tarbha

OIPR-19369/11/0001/2425

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, SUNDARGARH

No.O-640

E.Mail - rw_sundargarh@yahoo.co.in

E-PROCUREMENT NOTICE

BID IDENTIFICATION NO. ONLINE-SESNG-13 of 2024-25

1. Name of the Work : Road Works 2. Total No. of works : 01 nos Road 3. Estimated cost : Rs. 50.42 Lakhs 4. Class of contractor : Only 'B' 5. Period of completion : 02 calendar months 6. Type of Tender : Double Cover 7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online-SESNG-13 of 2024-25 | 18.11.2024 10.00 A.M. | 26.11.2024 06.00 P.M. |

Further details can be seen from the website www.tendersorissa.gov.in.

Sd./-Superintending Engineer
Rural Works Division, Sundargarh

OIPR-25046/11/0018/2425

## TENDER NOTICE

No.gg-17

Government of Odisha
Department of Social Security & Empowerment of Persons with Disabilities Ground Floor, Red Building Lokaseva Bhawan, Bhubaneswar-751001

RFP for selection of Agency to undertake Pre-recruitment training

RFP No.9186 Date:11.11.2024

Department of SSEPD, Govt. of Odisha invites RFP for selection of agency to undertake Pre-Recruitment Training at NCSCDA Campus, Pokhariput, Bhubaneswar. Eligible agencies are requested to submit their offer in the prescribed fromat by 5.00 PM, Dt.30.11.2024 with the terms and conditions, eligibility etc as per the tender document which can be downloaded from https://ssepd.odisha.gov.in/

Sd./- Additional Secretary to Government

## TENDER NOTICE

Government of Odisha
Department of Social Security & Empowerment of Persons with Disabilities Ground Floor, Red Building Lokaseva Bhawan, Bhubaneswar-751001

RFP for selection of Agency to undertake Pre-recruitment training

RFP No.9187 Date:11.11.2024

Department of SSEPD, Govt. of Odisha invites RFP for selection of agency to undertake Skill Development Training at NCSCDA Campus, Pokhariput, Bhubaneswar. Eligible agencies are requested to submit their offer in the prescribed fromat by 5.00 PM, Dt.30.11.2024 with the terms and conditions, eligibility etc as per the tender document which can be downloaded from https://ssepd.odisha.gov.in/

Sd./- Additional Secretary to Government

OIPR-46001/11/0018/2425

## ରାୟଗଡ଼ ପୌରସଂସ୍ଥା କାର୍ଯ୍ୟାଳୟ, ରାୟଗଡ଼

ଜ୍ଞାପକ ସଂଖ୍ୟା: ୪୫୨୨ ତାରିଖ: ୧୨।୧୧।୨୦୨୪

ବିଜ୍ଞାପନ

No. C-948: ଏତଦ୍ୱାରା ରାୟଗଡା ସହରର ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ରାୟଗଡ ପୌରାଞ୍ଚଳରେ ହୋଡ଼ିଙ୍ଗ୍ ବିଜ୍ଞାପନ ଫିଜ୍ ଆଦାୟ ପାଇଁ ୦୧।୧୨।୨୦୨୪ଠାରୁ ୩୦।୧୧।୨୦୨୫ ଏକବର୍ଷ ସକାଶେ ଟେଣ୍ଡର ଦିଆଯିବ। ଇଚ୍ଛୁକ ବ୍ୟକ୍ତି/ସଂସ୍ଥାମାନେ ଆସନ୍ତା ତାରିଖ ୨୭।୧୧।୨୦୨୪ ସମୟ ଦିବା ୧୨.୦୦ ଘଣ୍ଟା ସୁଦ୍ଧା ନିମ୍ନସର୍ତ୍ତ ଏବଂ ଅମାନତ ଦାଖଲ ସହ ଜଉମୁଦ ଟେଣ୍ଡର ଦାଖଲ କରିବେ। ଉକ୍ତ ଟେଣ୍ଡରଗୁଡ଼ିକ ସେହିଦିନ ଅପରାହ୍ନ ଘ.୪.୩୦ମି. ସମୟରେ ଟେଣ୍ଡର ଦେଇଥିବା ବ୍ୟକ୍ତି କିମ୍ବା ତାଙ୍କ ଏଜେଣ୍ଟଙ୍କ ଉପସ୍ଥିତିରେ ଖୋଲାଯିବ।

୧. ଟେଣ୍ଡର ଦାଖଲ ସମୟରେ ଅମାନତ ୩୦,୦୦୦/- ତିରିଶ ହଜାର ଟଙ୍କା ନଗଦ ଜମାକରିବା ଆବଶ୍ୟକ।
୨. ଟେଣ୍ଡର ଦେବା ବ୍ୟକ୍ତିଙ୍କ ପୌରସଂସ୍ଥାକୁ କୌଣସି ପ୍ରକାର ଟିକସ, ଭଡ଼ା, ଲାଇସେନ୍ସ ତଥା ଅନ୍ୟାନ୍ୟ ଦେୟ ବକେୟା ନଥିବ।
୩. ଟେଣ୍ଡର ଦାଖଲ କରିବା ବେଳେ ନିମ୍ନ କାଗଜ ପତ୍ର ରସିଦ୍‌ର ନକଲ ଦାଖଲ କରିବା ଏକାନ୍ତ ଆବଶ୍ୟକ।
 କ) ଟ.୩୦,୦୦୦/- ଙ୍କା ଅମାନତ ଦାଖଲର ରସିଦ।
 ଖ) GST ରେଜିଷ୍ଟ୍ରେସନର ସାର୍ଟିଫିକେଟ।
 ଗ) ଲେବର ଲାଇସେନ୍ସ ପ୍ରମାଣ ପତ୍ର।
 ଘ) PAN Cardରେ ରେଜିଷ୍ଟ୍ରେସନ ପ୍ରମାଣ ପତ୍ର।
 ଙ) ଫଟୋ ପରିଚୟ ପତ୍ରର ନକଲ ଓ ଆଧାର କାର୍ଡ଼ର ନକଲ।
 ଚ) ହୋର୍ଡ଼ିଂ ଫି ଆଦାୟ ସମ୍ବନ୍ଧେ ଅଭିଜ୍ଞତା ଥିବାର ପ୍ରମାଣ ପତ୍ର।
୪. ଟେଣ୍ଡର ସିଦ୍ଧ ହେବା ପରେ ଟେଣ୍ଡର ମୂଲ୍ୟର ୫୦% ପ୍ରତିଶତ ୩ ଦିନ ମଧ୍ୟରେ ଦାଖଲ କରିବେ ଏବଂ ବଳକା ୫୦% ପ୍ରତିଶତ ୩୧।୦୩।୨୦୨୫ ପୂର୍ବରୁ ଦାଖଲ କରିବେ।
୫. ପୌରପରିଷଦ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଦରଠାରୁ ଅଧିକ ପାଇଁ ଟେଣ୍ଡର ଦାଖଲ କରିବେ।
୬. ଟେଣ୍ଡର ସିଦ୍ଧ ହେବାର ୧୫ଦିନ ମଧ୍ୟରେ ନିଜ ଖର୍ଚ୍ଚରେ ଚୁକ୍ତି ପତ୍ର ସମ୍ପାଦନ କରିବାକୁ ପଡ଼ିବ।
୭. ଫି ଆଦାୟ କରିବାର ସମସ୍ତ ଦାୟିତ୍ୱ ନିଜ ଖର୍ଚ୍ଚରେ କରିବେ।
୮. ଫି ଆଦାୟ ବେଳେ କୌଣସି ପ୍ରକାର ଗଣ୍ଡଗୋଳ କିମ୍ବା କ୍ଷୟକ୍ଷତି ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।
୯. ଫି ଆଦାୟ ବେଳେ କୌଣସି ଅସୌଜନ୍ୟତା ବ୍ୟବହାର କଲେ ଟେଣ୍ଡରକୁ ରଦ୍ଦ କରି ଦିଆଯିବ।
୧୦. ଟେଣ୍ଡର ସିଦ୍ଧ ହେବା ପରେ ମଧ୍ୟ ଟେଣ୍ଡର ନେଇଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କୌଣସି ଗୁରୁତର ଅଭିଯୋଗ ଆସେ ତାର ସତ୍ୟତା ପ୍ରମାଣିତ ହେଲେ ଟେଣ୍ଡରକୁ ରଦ୍ଦ କରି ଦିଆଯିବ।
୧୧. ପୌର କର୍ତ୍ତୃପକ୍ଷ ସର୍ବୋଚ୍ଚ ଟେଣ୍ଡର ଗ୍ରହଣ କରିବାକୁ ବାଧ ନୁହନ୍ତି, ବିନା କାରଣରେ ସର୍ବୋଚ୍ଚ କିମ୍ବା ସମସ୍ତ ଟେଣ୍ଡରକୁ ରଦ୍ଦ କରିଦେବାର ଅଧିକାର ପୌର କର୍ତ୍ତୃପକ୍ଷଙ୍କର ରହିଛି।
୧୨. ପୌର କର୍ତ୍ତୃପକ୍ଷଙ୍କ ଯେ କୌଣସି ସମୟରେ ହୋର୍ଡ଼ିଙ୍ଗଗୁଡ଼ିକ ପରିଦର୍ଶନ କରିବାର ଅଧିକାର ରହିଛି।
୧୩. କୌଣସି ବାଳ ଶ୍ରମିକଙ୍କୁ (୧୪ ବର୍ଷରୁ କମ୍ ପୁଅ କିମ୍ବା ଝିଅ) ନିଯୁକ୍ତି କରିପାରିବେ ନାହିଁ।
୧୪. ପରିଷଦ ଦ୍ୱାରା ନିର୍ଦ୍ଧାରିତ ଦର:
 ୧. କ) ପ୍ରତ୍ୟେକ ହୋର୍ଡ଼ିଂ ସକାଶେ ବର୍ଗ ଫୁଟକୁ ବାର୍ଷିକ - ଟ.୨୫/-।
  ଖ) ୨୦୦ ବର୍ଗଫୁଟରୁ ଅଧିକା ପାଇଁ ବର୍ଗଫୁଟ ପିଛା ବାର୍ଷିକ - ଟ.୪୦/-
 ୨. ପ୍ରତ୍ୟେକ ବିଦ୍ୟୁତ ଖୁଣ୍ଟରେ ବିଜ୍ଞାପନ ଲଗାଇବାକୁ ବାର୍ଷିକ ପ୍ରତ୍ୟେକ ପୋଲ ପିଛା ୧୦୦/- ଏବଂ ବିଜ୍ଞାପନ ଫି ସ୍ୱତନ୍ତ୍ର।
 ୩. ରାସ୍ତାରେ ବିଭିନ୍ନ କାର୍ଯ୍ୟ ସକାଶେ ଟେଣ୍ଟ ଲଗାଇବାକୁ ଦିନକୁ - ୨୦୦/-
 ୪. ରାସ୍ତା ଉପରେ ବିଜ୍ଞାପନ ଲଗାଇବାକୁ ମାସକୁ - ୩୦୦/- ହିସାବରେ ଆଦାୟ କରାଯିବ।
୧୫. ହାଇୱେ ରାସ୍ତା ପାର୍ଶ୍ୱରେ ହୋର୍ଡ଼ିଙ୍ଗ ଲଗାଇବେ ନାହିଁ।
୧୬. କୌଣସି ସରକାରୀ ବିଜ୍ଞାପନ ବୋର୍ଡ଼ ପ୍ରତି ଫି ଆଦାୟ ହେବ ନାହିଁ।
୧୭. ପୌର କର୍ତ୍ତୃପକ୍ଷଙ୍କ ଅନୁମତି ନେଇ ହୋର୍ଡ଼ିଙ୍ଗ ଲଗାଇବେ।
୧୮. କୌଣସି ଘର ଉପରେ ହୋର୍ଡ଼ିଙ୍ଗ ଲଗାଇପାରିବେ ନାହିଁ।
୧୯. କ) ଜଉମୁଦ ଟେଣ୍ଡର ଦାଖଲ କରିବା ସ୍ଥାନ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠ।
 ଖ) ଟେଣ୍ଡର ଦାଖଲ ସମୟ ପୂର୍ବାହ୍ନ ୧୨.୦୦ ଘଟିକା ସମୟରେ।
 ଗ) ଟେଣ୍ଡର ଦାଖଲ ତାରିଖ: ୨୭।୧୧।୨୦୨୪ଠାରୁ ଅପରାହ୍ନ ୧୨.୦୦ ଘଟିକା।
 ଘ) ଟେଣ୍ଡର ଖୋଲିବା ସମୟ: ଅପରାହ୍ନ ୪.୩୦ ଘଟିକା ସମୟରେ ତା୨୭।୧୧।୨୦୨୪।
 ଙ) ଟେଣ୍ଡର ସହ ଅମାନତ ଦାଖଲ ରସିଦ ଟ.୩୦,୦୦୦/-।
 ଚ) କ୍ରମିକ ସଂଖ୍ୟା ୩ ଅନୁଯାୟୀ ସମସ୍ତ ପ୍ରମାଣ ପତ୍ର ଟେଣ୍ଡର ସହ ସଂଲଗ୍ନ କରିବେ।
 ଛ) ଟେଣ୍ଡର ଦାଖଲ ପାଇଁ ସର୍ବନିମ୍ନ ଦର (Upset Price) ଟ.୬,୦୦,୦୦୦/- (ଛଅ ଲକ୍ଷ ଟଙ୍କା) ମାତ୍ର କାର୍ଯ୍ୟାଳୟ ଧାର୍ଯ୍ୟ କରିଛନ୍ତି।

ସ୍ୱା./- ନିର୍ବାହୀ ଅଧିକାରୀ
ପୌରପରିଷଦ, ରାୟଗଡ଼

OIPR-13150/11/0032/2425

## OFFICE OF THE TRANSPORT COMMISSIONER-CUM-CHAIRMAN STATE TRANSPORT AUTHORITY, ODISHA, CUTTACK

TENDER CALL NOTICE

Notice No. : 16717 Date : 13.11.2024
LX-116/2024

No.JJ-26 : Sealed tenders are invited for a Request for Proposal (RFP) for the selection of a Transport Management Company (TMC) to provide travel services at the Pravasi Bhartiya Sammilani (PBS) held in Bhubaneswar, Odisha, from 8th Jan 2024 to 10th Jan 2024, by the office of the Transport Commissioner in Odisha. The deadline for online submission is 28/11/2024.

For details, please visit the websites www.odishatransport.gov.in and www.enivida.odisha.gov.in.

By the orders of the Transport Commissioner, Odisha
Sd./- Addl. Commissioner Transport
STA, Odisha Cuttack

OIPR-38003/11/0030/2425

## Odisha Construction Corporation Ltd.

(A GOVERNMENT OF ODISHA UNDERTAKING)
CENTRAL STORE & MACHINERY PROJECT,
BHUBANESWAR - 751012 (ODISHA)

TENDER CALL NOTICE NO : 59/OCC/CST-04/ Works/985/2024 Dated. 13.11.2024

No.CAD-1605 : Tenders in conformity with term & conditions are invited from the enlisted job-workers of "OCCL" in M-IV grade and above for "Supply, Fabrication, Erection, Painting of Gear Box Covers & Central Drive Covers of Saptamatruka Barrage Project (Left Arm) under Baitarani Irrigation Project". For further details can be seen from our website www.odishaconstruction.com.

The last date and time of submission of tender document is 21.11.2024 at 3.00 P.M. and will be opened on same date at 4.00 P.M. (Bidders are requested to visit above website regularly for any changes, since it will not be published in news paper again.

Sd./-
Senior Manager (Mech.)

OIPR-34120/11/0023/2425

## ZILLA SWASTHYA SAMITI, BHADRAK
## DISTRICT PROGRAMME MANAGEMENT UNIT, NHM
## O/O- CDM&PHO, DIST-BHADRAK

NOTICE

No.E-497: Advt.No.15/2024 Date:14/11/2024

**Advertisement has been published in the district website i.e https://bhadrak.odisha.gov.in for**

**A. Open Recruitment Process:** i. Filling up of different posts viz. Pediatrician (DEIC), M.O (MBBS), For visiting 0 & G, Pediatrics, Skin & VD, ENT, Medicine, Eye & Psychiatric Specialist ( Part time) & For visiting Nutritionist & Physiotherapist (Part Time) for Bhadrak District under National Health Mission (NHM) **(See Section-A)**

**B. In-House Candidates :** ii. Filling up of different contractual posts working in the same post under OSH & FWS in other district on 11 month contract service basis under National Health Mission, Bhadrak through inviting applications as mentioned against each on **In-house process ( Fresh candidates / without having any experience under Odisha State Health & Family Welfare Society** do not apply for the above mentioned post). **(See Section - B).**

Interested candidates can log on to **https://bhadrak.odisha.gov.in for details of vacancy, eligibility criteria, age, Selection Procedure etc. from 14/11/2024**. Number of vacancies / remuneration as mentioned under this advertisement may vary at the time of actual engagement. The undersigned reserves the right to cancel any or all the applications without assigning any reason thereof. **The envelope containing the application should be superscribed clearly the name of the post applied for......... ref. advt.no............., failing which the application will be rejected.**

Sd./- Chief District Medical & Public Health Officer-cum-DMD, Bhadrak

OIPR-10123/11/0005/2425

## OFFICE OF THE CHIEF DIST. MEDICAL & PUBLIC HEALTH OFFICE : JAJPUR

No. 8071 Dated - 13.11.2024

TENDER CALL NOTICE

No.E-495 : Sealed teders are hereby invited from intending individuals/Regd. Tour operators/Regd. Transport Agency/Regd. Society/Regd. Firm for engagement of Vehicle for Mobile Vision Centre under UEHP (SSDDY) Progamme to the office of the CDM&PHO, Jajpur on or before 25.11.2024 by 12.00 P.M. by speed post / Registered post with E.M.D deposit of Rs. 10,000/- (Ten Thousand) for Mobile Vision Centre only in shape of D.D., in favour of SUNETRA JAJPUR, payable at Biraja Temple Branch, Jajpur. For terms of reference regarding Tender Call, please log on to the web site : www.jajpur.odisha.gov.in.

Sd./- Chief Dist. Medical & Public Health Officer, Jajpur

OIPR-10042/11/0006/2425

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, DHARMAGARH

Email-rw_dharmagarh@yahoo.com

Notice No.2596// Date:11.11.2024

No.O-657: The 1st Corrigendum to Bid Identification No.DMGH/Online-07 of 2024-25

1. The details of corrigendum as tablelated below.

**As per tender notice**

| Procurement Officer | Bid Identification No. | Availability of Tender online for bidding | | Last date & time tender clarification | Date & time of Opening of tender | |
|---|---|---|---|---|---|---|
| | | From | To | | Technical | Financial |
| 1 | 2 | 3 | 4 | 5 | 6 | 7 |
| S.E.,R.W. Division, Dharmagarh | DMGH/ Online 07/2024-25 | 13.11.2024 At 10.00 AM | 21.11.2024 Upto 5.00 PM | 20.11.2024 Upto 5.00 PM | 22.11.2024 11.00 AM | 28.11.2024 At 11.00 AM |

**As per Corrigendum**

| Procurement Officer | Bid Identification No. | Availability of Tender online for bidding | | Last date & time tender clarification | Date & time of Opening of tender | |
|---|---|---|---|---|---|---|
| | | From | To | | Technical | Financial |
| 1 | 2 | 3 | 4 | 5 | 6 | 7 |
| S.E.,R.W. Division, Dharmagarh | DMGH/ Online 07/2024-25 | 18.11.2024 At 10.00 AM | 27.11.2024 Upto 5.00 PM | 25.11.2024 Upto 5.00 PM | 28.11.2024 11.00 AM | 03.12.2024 At 11.00 AM |

All other terms and conditions are remain inchange.

Sd./- Executive Engineer, Rural Works Division, Dharmagarh

OIPR-25100/11/0012/2425

## ସୋନପୁର ପୌରପରିଷଦ କାର୍ଯ୍ୟାଳୟ, ସୋନପୁର

ନୋଟିସ୍ ନଂ.4027 ତା.13.11.24

No.C-997:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୋନପୁର ପୌରପରିଷଦ ଅଧିନସ୍ଥ ନିମ୍ନଲିଖିତ ଷ୍ଟଲ/ଭେଣ୍ଡିଂ ଜୋନଗୁଡିକ ଲଟେରି ଦ୍ୱାରା ଆବଣ୍ଟନ କରାଯିବ । ଆଗ୍ରହୀ ବ୍ୟକ୍ତିମାନେ ସୋନପୁର ପୌରପରିଷଦ କାର୍ଯ୍ୟାଳୟରୁ ଟ.୨୦୦/- ମୂଲ୍ୟ ଦେଇ ଆବଶ୍ୟକ ଫର୍ମ ଓ ସର୍ତ୍ତାବଳୀ ତା.୨୨.୧୧.୨୦୨୪ ଦିବା ୧.୦୦ ପର୍ଯ୍ୟନ୍ତ ପାଇପାରିବେ । ଏହା ସହିତ ଧାର୍ଯ୍ୟ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ Executive Officer, Sonepur Municipalityଙ୍କ ନାମରେ ଜମାଦେବେ । ତା.୨୨.୧୧.୨୦୨୪ ଅପରାହ୍ନ ୩.୦୦ ଘ. ସୁଦ୍ଧା ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ନିଜର ସମ୍ପୂର୍ଣ୍ଣ ବିବରଣୀ, ଫର୍ମ କ୍ରୟ ରସିଦ ଓ ଅମାନତ ରାଶି ଡ୍ରାଫ୍ଟ ସହିତ କାର୍ଯ୍ୟାଳୟ ଟେଣ୍ଡର ବାକ୍ସରେ ଦାଖଲ କରିବେ । ତା.୨୭.୧୧.୨୦୨୪ ଦିବା ୧୧.୦୦ ଘ. ସମୟରେ ଟେଣ୍ଡର ବାକ୍ସ ଖୋଲାଯିବ ଏବଂ ସମସ୍ତ ଆବେଦନକୁ ଟେଣ୍ଡର କମିଟିକୁ ପରବର୍ତ୍ତୀ ପ୍ରକ୍ରିୟା ନିମନ୍ତେ ହସ୍ତାନ୍ତରଣ କରାଯିବ । ଏହାର ନିର୍ଦ୍ଧାରିତ ମୂଲ୍ୟ, ଅମାନତ ରାଶି ଓ ମାସିକ ଭଡାର ବିବରଣୀ ନିମ୍ନରେ ପ୍ରଦାନ କରାଗଲା । ଯେଉଁ ବ୍ୟକ୍ତିଙ୍କ ନାମରେ ଷ୍ଟଲ ଆବଣ୍ଟନ କରାଯିବ ଉକ୍ତ ବ୍ୟକ୍ତି ଏକବର୍ଷ ପର୍ଯ୍ୟନ୍ତ ତାଙ୍କର ଷ୍ଟଲକୁ ସମର୍ପଣ କରିପାରିବେ ନାହିଁ । ଯେଉଁ ବ୍ୟକ୍ତିମାନେ ଷ୍ଟ୍ରିଟ ଭେଣ୍ଡର ହିସାବରେ ସୋନପୁର ପୌରପରିଷଦରେ ତାଲିକା ଭୁକ୍ତ ଥିବେ କିମ୍ବା ପୌର ପରିଷଦରୁ Letter of recommendation (LOR) ପ୍ରାପ୍ତ ହୋଇଥିବେ ଏବଂ କୌଣସି ସ୍ଥାୟୀ ଦୋକାନ କରିନଥିବେ କେବଳ ସେହି ବ୍ୟକ୍ତିବିଶେଷମାନେ ଭେଣ୍ଡିଂ ଜୋନ ଆବେଦନ କରିପାରିବେ ।

| କ୍ର. ନଂ. | ଦୋକାନ ଗୃହର ଅବସ୍ଥିତି | ଦୋକାନ ଗୃହର ଆକାର | ଧାର୍ଯ୍ୟ ମୂଲ୍ୟ ପ୍ରତ୍ୟେକ ପାଇଁ | ଅମାନତ ରାଶି | ଦୋକାନ ଗୃହର ମାସିକ ଭଡା |
|---|---|---|---|---|---|
| ୧ | ବ୍ଲକ ଛକ, ମାର୍କେଟ କଂପ୍ଲେକ୍ସ (ପି.ଡି. ବାସଗୃହ ପାର୍ଶ୍ୱ), ସୋନପୁର | ୧୪'x୧୦' (ଉପରମହଲା ୮ ଗୋଟି) ଷ୍ଟଲ ନଂ. ୧୬, ୨୦, ୨୧, ୨୫, ୩୦,୩୧,୩୨ ଓ ୩୩ | ୨,୦୦,୦୦୦/- | ୧,୦୦,୦୦୦/- | ୨୦୦୦/- |
| ୨ | ଭଗବତୀ ମନ୍ଦିର ଠାରେ ନିର୍ମିତ ଷ୍ଟଲ | ୧୦'x୮' (୩ ଗୋଟି) | ୧,୦୦,୦୦୦/- | ୫୦,୦୦୦/- | ୨୦୦୦/- |
| ୩ | ପି.ଡବ୍ଲୁ.ଡି. ଭେଣ୍ଡିଂ ଜୋନ | ୮'x୧୦' (୪ ଗୋଟି) ୪ ରୁ ୭ | ୧୦,୦୦୦/- | ୫,୦୦୦/- | ୫୦୦/- |
| ୪ | ପୁରୁଣା ଡାକ୍ତରଖାନା ଭେଣ୍ଡିଂ ଜୋନ ନଂ.୨ | ୮'x୧୦' (୧ ଗୋଟି) | ୧୦,୦୦୦/- | ୫,୦୦୦/- | ୪୦୦/- |
| ୫ | ବ୍ଲକ ଛକ ଭେଣ୍ଡିଂ ଜୋନ ନଂ.୧୧,୧୩,୧୪ | ୮'x୧୦' (୩ ଗୋଟି) | ୧୫,୦୦୦/- | ୭,୫୦୦/- | ୭୦୦/- |
| ୬ | ଜିଲ୍ଲା ସବ ରେଜିଷ୍ଟ୍ରର ଅଫିସ ଭେଣ୍ଡିଂ ଜୋନ | ୮'x୧୦' (୮ ଗୋଟି) ୮ ରୁ ୧୫ | ୧୦,୦୦୦/- | ୫,୦୦୦/- | ୫୦୦/- |

ସ୍ୱା./- ନିର୍ବାହୀ ଅଧିକାରୀ, ସୋନପୁର ପୌରପରିଷଦ

OIPR-13098/11/0017/2425

## ପରକୀୟା ପ୍ରୀତିରୁ ପୁଅ, ଝିଅଙ୍କୁ ଚେଙ୍କ ଘଟଣା

# ଯୁବକଙ୍କ ସହ ଜେଲ ଗଲେ ମା'

ଭୁବନେଶ୍ୱର,୧୫।୧୧
(ସୂର୍ଯ୍ୟକାନ୍ତ ବେହେରା)

ପରକୀୟା ପ୍ରୀତିକୁ ନେଇ ମା' ହେଲା ନିର୍ଦ୍ଦୟା। ଅବୈଧ ସମ୍ପର୍କ ପାଇଁ ସେ ଏଭଳି କ୍ରୁର ହୋଇଯାଇଥିଲେ ଯେ, ପର ପୁରୁଷଙ୍କ ସହ ମିଶି ନିଜ ପୁଅ ଓ ଝିଅଙ୍କୁ ଘରେ ବନ୍ଦ କରି ଚେଙ୍କ ଦେଇଥିଲେ। ଭୁବନେଶ୍ୱର ମୈତ୍ରୀବିହାର ଥାନା ମହାବୀରନଗର ବସ୍ତିରେ ଏଭଳି ଘଟଣା ଘଟିଛି। ନିର୍ଯାତିତ ପିଲାମାନଙ୍କ ବାପା ତଥା ଉକ୍ତ ମହିଳାଙ୍କ ସ୍ୱାମୀ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଉକ୍ତ ମହିଳା ଓ କନ୍ଧମାଳ ଦାରିଙ୍ଗବାଡ଼ିର ରାଜୁ ନାୟକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲଣ କରିଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ପୋଲିସ ଦୁଇ ପିଲାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଚିକିତ୍ସା କରାଇବା ସହ ବୟାନ ରେକର୍ଡ କରିଛି।

ପୋଲିସ ସୂଚନାନୁସାରେ, ଅଭିଯୁକ୍ତ ମହିଳାଙ୍କ ଘର ନୟାଗଡ଼ରେ। ସେ ବିବାହ ପରେ ସ୍ୱାମୀ, ନାବାଳକ ପୁଅ ଓ ଝିଅଙ୍କ ସହ ମହାବୀରନଗରରେ ରୁହନ୍ତି। ସ୍ୱାମୀ ଅନୁଗୋଳରେ କାମ କରୁଥିବାରୁ ତାଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ଘରକୁ ଅଭିଯୁକ୍ତ ଯୁବକ ରାଜୁ ଯିବାଆସିବା କରି ମହିଳାଙ୍କ ସହ ବନ୍ଧୁତା କରିଥିଲେ। ଏହାକୁ ନେଇ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ଗତ ୧୨ ତାରିଖରେ ମହିଳାଙ୍କ ସ୍ୱାମୀ ଅନୁପସ୍ଥିତ ଥିବାବେଳେ ରାଜୁ ତାଙ୍କ ଘରକୁ ଆସିଥିଲେ। ତେବେ ଏହାକୁ ପୁଅ ଓ ଝିଅ ବିରୋଧ କରିଥିଲେ। ଏଥିରେ




ଗିରଫ ଦୁଇ ଅଭିଯୁକ୍ତ ଓ ଚେଙ୍କ ଯୋଗୁ ନାବାଳକଙ୍କ ଗୋଡ଼ରେ ହୋଇଥିବା କ୍ଷତ।

ଉତ୍କ୍ଷିପ୍ତ ହୋଇ ସେମାନଙ୍କ ମା' ଓ ରାଜୁ ସେମାନଙ୍କୁ ଘରେ ବନ୍ଦ କରି ନାନା ନିର୍ଯାତନା ଦେଇଥିଲେ। ଏକ ସଣ୍ଢୁଆଶିକୁ ଗ୍ୟାସ୍‌ରେ ଗରମ କରି ଦୁଇ ପିଲାଙ୍କ ଗୋଡ଼ ଓ ହାତରେ ବାରମ୍ବାର ଚେଙ୍କ ଦେଇଥିଲେ। ଯେତେ ଚିତ୍କାର କଲେ ବି ନିର୍ଦ୍ଦୟା ମା' ସେମାନଙ୍କୁ ଛାଡ଼ି ନ ଥିଲେ। ଏପରିକି କାହାକୁ କିଛି ନ କହିବାକୁ କହି ଡରାଇଥିଲେ। ଏଥିସହ ଅଭିଯୁକ୍ତ ରାଜୁ ନିକଟସ୍ଥ ଏକ ମେଡିସିନ ଷ୍ଟୋର୍‌ରୁ କିଛି ମେଡିସିନ ଆଣି ଉଭୟଙ୍କ ଦେହରେ ହୋଇଥିବା କ୍ଷତ ସ୍ଥାନରେ ଲଗାଇବା ସହିତ ଏକ ଘରେ ପୂରାଇ ବାହାରପଟୁ ତାଲା ପକାଇ ଦେଇଥିଲେ। ମହିଳାଙ୍କ ସ୍ୱାମୀ କାର୍ତ୍ତିକ ପୂର୍ଣ୍ଣିମା ଲାଗି ଗୁରୁବାର ଘରକୁ ଆସି ଦୁଇ ପିଲାଙ୍କ ଶରୀରରେ କ୍ଷତ ଚିହ୍ନ ଦେଖି କାରଣ ପଚାରିଥିଲେ। ଏନେଇ ଦୁଇ ପିଲା ପ୍ରଥମେ ଭୟଭୀତ ହେବା ସହ ପରେ ବାପାକୁ ଘଟଣା ସଂକ୍ରାନ୍ତରେ ସବୁକଥା କହିଥିଲେ। ଏହାପରେ ସେ ସ୍ତ୍ରୀ ଓ ରାଜୁଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ।

# ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

## ଯୁବକ ଗିରଫ

ପାଇକମାଳ ୧୫।୧୧
(ବଡ଼ ଶତପଥୀ)

ବରଗଡ଼ ଜିଲା ପାଇକମାଳ ଥାନା ଅଞ୍ଚଳରେ ଶୁକ୍ରବାର ଏକ ଅମାନୁଷିକ ଘଟଣା ଘଟିଯାଇଛି। ଏହି ଥାନା ଅଧୀନ ସୋଢ଼ା ଗ୍ରାମର ଜଣେ ଯୁବକ ସେହି ଗ୍ରାମର ୪ ବର୍ଷର ନାବାଳିକାଙ୍କୁ ମାଛ ମାରିବା ବାହାନାରେ ଘରୁ ଡାକିନେଇ ନିକଟସ୍ଥ ଜଙ୍ଗଲରେ ବଳାତ୍କାର କରିବା ପରେ ମାରି ଫିଙ୍ଗି ଦେଇଥିବା ଜଣାପଡିଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ପାଇକମାଳ ଥାନା ଅନ୍ତର୍ଗତ ସୋଢା ଗ୍ରାମର ପ୍ରଶାନ୍ତ ବରିହା (୨୧)ଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଡାକ୍ତରଖାନାକୁ ପଠାଇଛି।

ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ଅପରାହ୍ଣ ପ୍ରାୟ ୨ଟାରେ ସୋଢା ଗ୍ରାମର ପ୍ରଶାନ୍ତ ସେହି ଗ୍ରାମର ଉକ୍ତ ନାବାଳିକାଙ୍କୁ ମାଛ ମାରିଯିବା ବୋଲି କହି ତାଙ୍କୁ ସାଙ୍ଗରେ ନେଇଯାଇଥିଲେ। ସେ ନିକଟରେ ଥିବା ଡୁଙ୍ଗୁରି ଜଙ୍ଗଲକୁ ଉକ୍ତ ନାବାଳିକାଙ୍କୁ ନେଇ ବଳାତ୍କାର କରିଥିଲେ। ଘଟଣା ପ୍ରଘଟ ହେବା ଭୟରେ ସେ ତାଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିବା ପରେ ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ଅନ୍ୟପକ୍ଷେ ଘରେ ଝିଅ ନ ଥିବା ଦେଖି ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ପରେ ପ୍ରଶାନ୍ତ ତାଙ୍କ ଝିଅଙ୍କୁ ମାଛ ମାରିଯିବା କହି ନେଇଯାଇଥିବା ଜଣାପଡିବାରୁ ଗ୍ରାମର ଯୁବକମାନେ ପ୍ରଶାନ୍ତଙ୍କୁ ଧରି ପଚରାଉଚରା କରିଥିଲେ। ଏହାପରେ ପ୍ରଶାନ୍ତ ଉକ୍ତ ନାବାଳିକାଙ୍କୁ ବଳାତ୍କାର କରି ଜଙ୍ଗଲରେ ଫିଙ୍ଗି ଦେଇଥିବା ସ୍ୱୀକାର କରିଥିଲେ ବୋଲି ପୋଲିସ କହିଛି। ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ତଦନ୍ତ ଚାଲିଛି ବୋଲି ପାଇକମାଳ ଥାନାଧିକାରୀ ସୁଶାନ୍ତ କୁମାର ପ୍ରଧାନ ଜଣାଇଛନ୍ତି।

# ମୋବାଇଲ ଚୋରି ର୍‍ୟାକେଟର ପର୍ଦ୍ଦାଫାଶ, ୬ ଗିରଫ

## ୨୭ ମୋବାଇଲ ଫୋନ, ଗୋଟିଏ ଟାବଲେଟ୍ ଜବତ

ବାଲେଶ୍ୱର, ୧୫।୧୧ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ପୋଲିସ ମୋବାଇଲ ଚୋରି ର୍‍ୟାକେଟ୍‌ର ପର୍ଦ୍ଦାଫାଶ କରି ୬ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨୭ଟି ମୋବାଇଲ ଫୋନ ସହ ଗୋଟିଏ ଟାବଲେଟ୍ ଜବତ ହୋଇଥିବା ଶୁକ୍ରବାର ଜିଲା ପୋଲିସ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜ ପ୍ରସାଦ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପାର୍ବଣ ଋତୁରେ ସହରର ବିଭିନ୍ନ ସ୍ଥାନରୁ ବହୁ ମୋବାଇଲ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ସଦର ଥାନାରେ ମାମଲା (ନଂ. ୪୪୬/୨୪ ଓ ୪୫୮/୨୪) ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେଉରା ଓ ସଦର ଥାନା




ଆଇଆଇସି ଦୟାନିଧି ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ଚୋରି ର୍‍ୟାକେଟ୍‌ରେ ସମ୍ପୃକ୍ତ ସହରର ବିଭିନ୍ନ ଅଞ୍ଚଳରୁ ୬ଜଣ ଯୁବକଙ୍କୁ ଗିରଫ କରାଯାଇଥିଲା। ସେଥିରୁ ୩ଜଣ ଚୋରି ମୋବାଇଲକୁ କିଣିଥିଲେ। ଦୁଇଟି ଡକାୟତି ମାମଲାରେ ଏହି ଗ୍ୟାଙ୍ଗର ସମ୍ପୃକ୍ତି ରହିଛି। ଘରେ କେହି ନ ଥିବା ବେଳେ କିମ୍ବା ବୃଦ୍ଧାବୃଦ୍ଧ ଥିବା ଦେଖି ରାତି ସମୟରେ ଝରକା ଓ କବାଟ ଖୋଲି ମୋବାଇଲ ଫୋନ ଚୋରି କରିବା ଏହି ଗ୍ୟାଙ୍ଗର ଟାର୍ଗେଟ୍ ଥିଲା ବୋଲି ଏସ୍‌ପି କହିଛନ୍ତି। ଏସ୍‌ପିଙ୍କ ଉପସ୍ଥିତିରେ କାଗଜପତ୍ର ଦେଖାଇ ଫକୀରମୋହନ ନଗରର କେତେଜଣ ଲୋକ ନିଜର ଚୋରି ହୋଇଥିବା ମୋବାଇଲ ଫେରି ପାଇଛନ୍ତି। ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଡ. ବେଉରା, ସଦର ଥାନା ସବ୍‌ଇନ୍ସପେକ୍ଟର ବିକାଶ କୁମାର ଭୋଇ ଓ ସଙ୍ଗୀତା ବେଶ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# ୫ ଜଣିଆ ଡକାୟତି ଗ୍ୟାଙ୍ଗ ଧରାପଡ଼ିଲା

## ୨ କାର, ୫ ଛୁରି ଜବତ

ଭୁବନେଶ୍ୱର,୧୫।୧୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ବଡ଼ଧରଣର ଡକାୟତି ଯୋଜନା ବେଳେ ଏକ ୫ ଜଣିଆ ଡକାୟତି ଗ୍ୟାଙ୍ଗ ଧରାପଡ଼ିଛି। ତମାଣ୍ଡୋ ଥାନା ପୋଲିସ ସମସ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଜଟଣୀ ଅଞ୍ଚଳର ଇସାକ୍ ମହମ୍ମଦ (୨୭), ରଘୁନାଥ ସେଠୀ(୨୩), ଏସ୍‌କେ କରିମୁଲ୍ଲା (୨୮), ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଞ୍ଚଳର ଉଜିର ଖାନ୍ (୫୭) ଓ ଖଣ୍ଡଗିରି ଅଞ୍ଚଳର ମିର ଆସିକ୍ (୩୧)। ସେମାନଙ୍କ ନିକଟରୁ ୨ କାର୍, ୫ ଛୁରି, ଲଙ୍କା ଗୁଣ୍ଡ ପ୍ୟାକେଟ, ସର୍ଜିକାଲ ମାସ୍କ, ମାଦକ ଓ ନିଶା ଦ୍ରବ୍ୟ ଆଦି ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ଶୁକ୍ରବାର ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୧ଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଗୁରୁବାର ବିଳମ୍ବିତ ରାତିରେ ତମାଣ୍ଡୋ ଥାନା ଅନ୍ତର୍ଗତ ସୁବୁଦ୍ଧିପୁର କ୍ରିକେଟ ଗ୍ରାଉଣ୍ଡର ଏକ ପରିତ୍ୟକ୍ତ ସ୍ଥାନରେ ଅଭିଯୁକ୍ତମାନେ ଏକାଠି ହୋଇ କଳିଙ୍ଗ ବିହାର ଅଞ୍ଚଳରୁ ଡକାୟତି ପାଇଁ ପ୍ରସ୍ତୁତି ଚଳାଇଥିଲେ। ଏନେଇ ଖବର ମିଳିବା ପରେ ତମାଣ୍ଡୋ ଥାନାର ଏକ ସ୍ପେଶାଲ ଟିମ୍ ସେଠାରେ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ଜବତ ୨ କାର ମଧ୍ୟରୁ ଗୋଟିଏକୁ ପୁରୀରୁ ଚୋରିକରି ଆଣିଥିବା ବେଳେ ଏନେଇ କୁମ୍ଭାରପଡା ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଶ୍ମଶାନରୁ ଭିନ୍ନକ୍ଷମ ମହିଳାଙ୍କ ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ସମ୍ପର୍କୀୟ

ଛେଣ୍ଡିପଦା,୧୫।୧୧ (ଅଜିତ ଧଳ)

ଅନୁଗୋଳ ଜିଲା ଜରପଡ଼ା ଥାନା କୁଶକିଳା ଗ୍ରାମ ଶ୍ମଶାନରୁ ଶୁକ୍ରବାର ପୋଲିସ ଭିନ୍ନକ୍ଷମ ମହିଳା ସୁମିତ୍ରା ରାଉତ (୫୫)ଙ୍କ ମୃତଦେହ ଜବତ କରିଛି। ସୁମିତ୍ରା ତାଙ୍କ ଭଉଣୀ, ଭିଣୋଇ ଓ ପୁତରାଙ୍କ ସହ ରହୁଥିବା ବେଳେ ତାଙ୍କ ମୃତ୍ୟୁ ସମ୍ପର୍କରେ ଅନ୍ୟ ସମ୍ପର୍କୀୟଙ୍କୁ ଜଣା ନ ଯାଇ ଶ୍ମଶାନରେ ପୋଡ଼ି ଦେବାକୁ ଉଦ୍ୟମ କରାଯାଇଥିଲା। ଏହାକୁ ନେଇ ସମ୍ପର୍କୀୟମାନେ ସନ୍ଦେହ କରି ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ଶ୍ମଶାନରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ସମ୍ପର୍କୀୟମାନଙ୍କୁ ହସ୍ତାନ୍ତର କରିଥିଲା। ସୂଚନା ଅନୁଯାୟୀ, ସୁମିତ୍ରା ତାଙ୍କ ନିଜ ଘରେ ଭଉଣୀ, ଭିଣୋଇ ଓ ପୁତୁରାଙ୍କ ସହିତ ରହୁଥିବା ବେଳେ ଶୁକ୍ରବାର ତାଙ୍କ ମୃତଦେହ ଲାଟିନ ଘରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ହେଲେ ଅନ୍ୟ ସମ୍ପର୍କୀୟମାନଙ୍କୁ ଖବର ନ ଦେଇ ଭଉଣୀ, ଭିଣୋଇ ଓ ପୁତୁରା ମୃତଦେହକୁ ଗାଁ ଶ୍ମଶାନକୁ ପୋଡ଼ିଦେବାକୁ ନେଇଥିଲେ। ଏ ନେଇ ଅନ୍ୟ ପୁତୁରା ଓ ସମ୍ପର୍କୀୟ ଖବରପାଇ ମଶାଣିରେ ପହଞ୍ଚି ସୁମିତ୍ରାଙ୍କ ମୃତ୍ୟୁକୁ ନେଇ ସନ୍ଦେହ କରିଥିଲେ। ପୂର୍ବରୁ ଅନେକ ଥର ସୁମିତ୍ରାଙ୍କୁ ନିର୍ଯାତନା ସହିତ ମାରପିଟ କରାଯାଇଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ନେଇ ସମ୍ପର୍କୀୟମାନେ ଜରପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଶ୍ମଶାନରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରରେ ବେପାର, ୪ ଗିରଫ




ଭୁବନେଶ୍ୱର,୧୫।୧୧
(ସୂର୍ଯ୍ୟକାନ୍ତ ବେହେରା)

କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରରେ ଅଟୋରେ ବୁଲି ବିକ୍ରି କରୁଥିବା ୪ଜଣଙ୍କୁ ଭରତପୁର ପୋଲିସ ଗିରଫ କରିଛି। ସେମାନେ ହେଲେ ଜଟଣୀ ଅଞ୍ଚଳର ଏମ୍‌ଡି ସମ୍‌ସର,ଖଣ୍ଡଗିରି ଡୁମୁଡୁମାର ରାକେଶ ବେହେରା, ବାଲେଶ୍ୱରର ସୁରଜିତ ମଣ୍ଡଳ ଓରଫ ବାବା ଓ କଟକର ପୂର୍ଣ୍ଣ ଚନ୍ଦ୍ର ସାହୁ ଓରଫ କାହ୍ନା। ସେମାନଙ୍କଠାରୁ ୨୨ କେଜିରୁ ଅଧିକ ଗଞ୍ଜେଇ ଓ ଅପରାଧରେ ବ୍ୟବହୃତ ଅଟୋକୁ ପୋଲିସ ଜବତ କରିଛି। ଅଭିଯୁକ୍ତମାନେ ଗତ ୨ବର୍ଷ ହେବ ଏହି ବେଆଇନ ଗଞ୍ଜେଇ ବେପାର କରୁଥିଲେ। ତେବେ ସେମାନେ ଶୁକ୍ରବାର ଜୟଦେବ ବାଟିକା ରାସ୍ତାରେ ଥିବା ଜେବି ଗାର୍ଡେନ ନିକଟରେ ଗ୍ରାହକଙ୍କୁ ଗଞ୍ଜେଇ ବିକ୍ରି କରିଥିବା ଖବର ପାଇ ପୋଲିସ ଟିମ୍ ସେଠାରେ ଅତର୍କିତ ଚଢ଼ାଉ କରି ସେମାନଙ୍କୁ ଧରିଥିଲା। ତେବେ ର୍‍ୟାକେଟର ମୁଖ୍ୟଙ୍କ ସହ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଥିବା କହିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ପ୍ରତିଷ୍ଠିତ SHRIRAM ଗ୍ରୁପ ର ମୋଟର ବୀମା ମାର୍କେଟିଂ ଗ୍ରୁପ ପାଇଁ ଅଟୋମୋବାଇଲ୍ କିମ୍ବା ସାଧାରଣ ବୀମା କ୍ଷେତ୍ରରେ ଅଭିଜ୍ଞତା ଥିବା Business Development Managers ଆବଶ୍ୟକ। Salary 2-2.5 Lakhs.PA. ସ୍ଥାନ: ସମ୍ବଲପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର, ବରଗଡ଼, ଭୁବନେଶ୍ୱର, କେନ୍ଦୁଝର, ରାଉରକେଲା, ଅନୁଗୁଳ, ଭବାନୀପାଟଣା, ଜୟପୁର
Send your CV at resume@skiretail.in and jpmisra@skiretail.in, Call : 9437064772.

**WANTED**
JOB FOR MEN
ON SALARY BASIS,
EDUCATION BELOW 12TH
SALARY AFTER INTERVIEW
BETWEEN 11 A.M. TO 5 P.M.
MOB : 9438128790

**ଡ୍ରାଇଭର ଆବଶ୍ୟକ**
ଆମେ ଅଟୋମୋଟିକ୍ ମର୍ସିଡିଜ୍ କାର୍ ଚଳାଇବା ପାଇଁ ବ୍ୟକ୍ତିଗତ ଡ୍ରାଇଭର ଖୋଜୁଛୁ।
ଦରମା ୧୫୦୦୦/- + ଦୁଇଥର ଘର ଖାଇବା ଏବଂ ଡ୍ରାଇଭର ନିବାସ ଯୋଗେଇ ଦିଆଯିବ।
9132933333 ରେ ଆମ ସହିତ ଯୋଗାଯୋଗ କରନ୍ତୁ

**WANTED**
Experienced **Female Nurse** Required for care of an elderly lady from a reputed family in Patna. Attractive boarding and lodging facilities provided. Family accommodation is not available. Salary ranges from **₹ 25,000/- to ₹ 50,000/- per month**, based on experience and efficiency. To apply, please give a missed call at **9693296611** and we will get back to you.

ଭୁବନେଶ୍ୱରରେ ଏକ ବ୍ରାହ୍ମଣ ପରିବାରରେ ରହି (ଦୁଇଜଣ)ଙ୍କ ପାଇଁ ରୋଷେଇ ଓ ଘରକାମ କରିବା ପାଇଁ ମହିଳା ଆବଶ୍ୟକ। ଖାଇବା ରହିବା ସହ ଉପଯୁକ୍ତ ଦରମା ଦିଆଯିବ। ଯୋଗାଯୋଗ - 9437029144

See Career Appointment on every Wednesday & Saturday

## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

### ମଧ୍ୟମା ସଂସ୍କୃତ ପରୀକ୍ଷା, ୨୦୨୫ (ରେଗୁଲାର ଓ ଏକ୍ସ-ରେଗୁଲାର) ଦଶମ ଶ୍ରେଣୀର କାର୍ଯ୍ୟସୂଚୀ

ବିଜ୍ଞପ୍ତି ନଂ. 1556/(Trg. Conf.) ତା14.11.2024ରିଖ

No. n-155: ଏତଦ୍ୱାରା ରାଜ୍ୟର ସମସ୍ତ ସଂସ୍କୃତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ପରୀକ୍ଷାର୍ଥୀ, ଅଭିଭାବକ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୨୦୨୫ ମସିହା ମଧ୍ୟମା ସଂସ୍କୃତ (ରେଗୁଲାର ଏବଂ ଏକ୍ସ-ରେଗୁଲାର) ପରୀକ୍ଷା ତା୨୧।୦୨।୨୦୨୫ରିଖଠାରୁ ଆରମ୍ଭ ହୋଇ ତା୦୬।୦୩।୨୦୨୫ରିଖ ପର୍ଯ୍ୟନ୍ତ ନିମ୍ନୋକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ।

| | |
|---|---|
| 21.02.2025 (Friday)<br>(09 A.M. to 11.30 A.M.)<br>PAPER - IV (MOR/MHN)<br>ମାତୃଭାଷା (ଓଡ଼ିଆ/ହିନ୍ଦୀ) MATRUBHASA (ODIA / HINDI) | 24.02.2025 (Monday)<br>(09 A.M. to 11 A.M.)<br>PAPER - VIII (ENG)<br>ଇଂରାଜୀ (ENGLISH) |
| 25.02.2025 (Tuesday)<br>(09 A.M. to 11.30 A.M.)<br>PAPER - I (VOD)<br>ସଂସ୍କୃତ ବ୍ୟାକରଣ ଓ ଦର୍ଶନ (SANSKRUTA VYAKARANA 'O' DARSHAN) | 27.02.2025 (Thursday)<br>(09 A.M. to 11.15 A.M.)<br>PAPER - V (MTH)<br>ଗଣିତ (MATHEMATICS) |
| 28.02.2025 (Friday)<br>(09 A.M. to 11.30 A.M.)<br>PAPER - III (KKJ/AVJ)<br>ପ୍ରୟୋଗାତ୍ମକ ସଂସ୍କୃତ (PRAYOGATMAKA SANSKRUTA)<br>(କର୍ମକାଣ୍ଡ ଓ ଜ୍ୟୋତିଷ କିମ୍ବା ଆୟୁର୍ବେଦ ଓ ଯୋଗ) | 01.03.2025 (Saturday)<br>(09 A.M. to 11 A.M.)<br>PAPER - VI (GSC)<br>ବିଜ୍ଞାନ (SCIENCE) |
| 03.03.2025 (Monday)<br>(09 A.M. to 11 A.M.)<br>PAPER - VII (SSC)<br>ସାମାଜିକ ବିଜ୍ଞାନ (SOCIAL SCIENCE) | 06.03.2025 (Thursday)<br>(09 A.M. to 11.30 A.M.)<br>PAPER - II (SHA)<br>ସଂସ୍କୃତ ସାହିତ୍ୟମ୍ (SANSKRUTA SAHITYAM) |

- VOD, SHA, KKJ/AVJ ଏବଂ MOR ବିଷୟଗୁଡ଼ିକରେ ୫୦ ମାର୍କର Subjective ପ୍ରଶ୍ନ ଏବଂ ୫୦ ମାର୍କର Objective (MCQ) ପ୍ରଶ୍ନ ଆସିବ।
- MTH, GSC, SSC ଏବଂ ENG ବିଷୟ ଗୁଡ଼ିକରେ ୩୫ ମାର୍କର Subjective ପ୍ରଶ୍ନ ଏବଂ ୪୦ ମାର୍କର Objective (MCQ) ପ୍ରଶ୍ନ ଆସିବ।
- Objective (MCQ) ପ୍ରଶ୍ନର ଉତ୍ତର OMR Answer Sheetରେ ଏବଂ Subjective ପ୍ରଶ୍ନର ଉତ୍ତର ପ୍ରଶ୍ନ ସଂଲଗ୍ନ ଉତ୍ତର ଖାତାରେ ଦେବାକୁ ହେବ।

OIPR-27004/11/0044/2425 ସ୍ୱା./- ସମ୍ପାଦକ

## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

### ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ୨୦୨୫ (ରେଗୁଲାର ଓ ଏକ୍ସ-ରେଗୁଲାର କାର୍ଯ୍ୟସୂଚୀ)

ବିଜ୍ଞପ୍ତି ନଂ. 1570/(Exam. Conf.) ତା14.11.2024ରିଖ

No. n-157: ଏତଦ୍ୱାରା ରାଜ୍ୟର ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ପରୀକ୍ଷାର୍ଥୀ, ପତ୍ର ମାଧ୍ୟମ ଶିକ୍ଷା ପରୀକ୍ଷାର୍ଥୀ, ଅଭିଭାବକ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆସନ୍ତା ୨୦୨୫ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ (Regular ଏବଂ Ex-Regular) ପରୀକ୍ଷା ତା୨୧।୦୨।୨୦୨୫ରିଖଠାରୁ ଆରମ୍ଭ ହୋଇ ତା୦୬।୦୩।୨୦୨୫ରିଖ ପର୍ଯ୍ୟନ୍ତ ନିମ୍ନୋକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ। ଉଭୟ Regular ଏବଂ Ex-Regular ପରୀକ୍ଷା ଗୋଟିଏ Sitting ଏବଂ ଗୋଟିଏ ପ୍ରଶ୍ନପତ୍ରରେ ହେବ। ପରୀକ୍ଷା ପ୍ରତ୍ୟେକ ଦିନ 09.00 A.M.ରୁ ଆରମ୍ଭ ହୋଇ 11.30 A.M.ରେ ଶେଷ ହେବ। କେବଳ MTH ପରୀକ୍ଷା 11.45 A.M.ରେ ଶେଷ ହେବ।

| | |
|---|---|
| 21.02.2025 (Friday) (09 A.M. to 11.30 A.M.)<br>ପ୍ରଥମ ଭାଷା (First Language)<br>FLO ଓଡ଼ିଆ, FLB ବଙ୍ଗଳା, FLH ହିନ୍ଦୀ, FLU ଉର୍ଦ୍ଦୁ, FLT ତେଲୁଗୁ<br>FLE ଅଲ୍‌ଟରନେଟିଭ୍ ଇଂରାଜୀ (Alt. English) | 24.02.2025 (Monday) (09 A.M. to 11.30 A.M.)<br>ଦ୍ୱିତୀୟ ଭାଷା (Second Language)<br>SLE ଇଂରାଜୀ English SLH ହିନ୍ଦୀ Hindi<br>SEP ପରିବେଶ ଓ ଜନସଂଖ୍ୟା ଶିକ୍ଷା<br>(କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ) I Env. & Population Edn. (Only for Hearing Impaired Candidates) |
| 25.02.2025 (Tuesday)<br>TLV Practical - 09 A.M. to 11.00 A.M. | 27.02.2025 (Thursday) (09 A.M. to 11.45 A.M.)<br>(MTH) ଗଣିତ (MATHEMATICS) |
| 01.03.2025 (Saturday) (09 A.M. to 11.30 A.M.)<br>GSC ବିଜ୍ଞାନ (SCIENCE) | 03.03.2025 (Monday) (09 A.M. to 11.30 A.M.)<br>SSC ସାମାଜିକ ବିଜ୍ଞାନ (SOCIAL SCIENCE) |
| 06.03.2025 (Thursday) ତୃତୀୟ ଭାଷା (Third Language) | |
| (09 A.M. to 11.30 A.M.)<br>TLH (ହିନ୍ଦୀ) TLS (ସଂସ୍କୃତ)<br>TLO (ଓଡ଼ିଆ) TLP (ପାର୍ଶି) | (09 A.M. to 10.30 A.M.)<br>TLV (THEORY), VT (Theory) - IT, RT, TH, AG, PL, BW, AH, AM, EH, CN, FP, TC<br>TLV (Theory) କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ ଏବଂ<br>VT (Theory) - କେବଳ Vocational ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ |

- TLV ଏବଂ Vocational Trade ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ୫୦ ମାର୍କର Subjective ପ୍ରଶ୍ନ ଏବଂ ୫୦ ମାର୍କର Objective (MCQ) ପ୍ରଶ୍ନ ଆସିବ।
- Objective (MCQ) ପ୍ରଶ୍ନର ଉତ୍ତର OMR Answer Sheetରେ ଏବଂ Subjective ପ୍ରଶ୍ନର ଉତ୍ତର ପ୍ରଶ୍ନ ସଂଲଗ୍ନ ଉତ୍ତର ଖାତାରେ ଦେବାକୁ ହେବ।
- Vocational Trade (Theory) ବିଷୟ ଗୁଡ଼ିକରେ ୫୦ ମାର୍କ ଏବଂ TLV (Theory)ରେ ୨୦ ମାର୍କର Subjective ପ୍ରଶ୍ନ ଆସିବ।
- Vocational Trade ଗୁଡ଼ିକର ପ୍ରାକ୍ଟିକାଲ ପରୀକ୍ଷା (୫୦ ମାର୍କରୁ) ନିଜ ନିଜ ବିଦ୍ୟାଳୟରେ ତା27.01.2025ରିଖଠାରୁ ତା10.02.2025ରିଖ ମଧ୍ୟରେ OSEPA ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ଏବଂ TLV Practical ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରରେ ୮୦ ମାର୍କରୁ ଅନୁଷ୍ଠିତ ହେବ।

OIPR-27004/11/0041/2425 ସ୍ୱା./- ସମ୍ପାଦକ

## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

ବିଜ୍ଞପ୍ତି ନଂ. 1563/(SIOS) ତା14.11.2024ରିଖ

### PROGRAMME FOR STATE OPEN SCHOOL CERTIFICATE EXAMINATION, 2025 (1ST)

No. n-156: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, State Open School Certificate Examination, 2025 (1st), ପରୀକ୍ଷା ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେବ।

| | |
|---|---|
| 21.02.2025 (Friday)<br>(09 A.M. to 11.30 A.M.)<br>ODIA (OD), TELGU (TL), URDU (UD) | 22.02.2025 (Saturday)<br>(09 A.M. to 11 A.M.)<br>PAINTING (PT) PRACTICAL |
| 24.02.2025 (Monday)<br>(09 A.M. to 11.30 A.M.)<br>ENGLISH (EN) | 25.02.2025 (Tuesday)<br>(09 A.M. to 10 A.M.)<br>PAINTING (PT) THEORY |
| 27.02.2025 (Thursday)<br>(09 A.M. to 11.45 A.M.)<br>MATHEMATICS (MT) | 28.02.2025 (Friday)<br>(09 A.M. to 11.30 A.M.)<br>INDIAN CULTURE & HERITAGE (CH) |
| 01.03.2025 (Saturday)<br>(09 A.M. to 11.30 A.M.)<br>SCIENCE (SC) | 02.03.2025 (Sunday)<br>(09 A.M. to 10 A.M.)<br>HOME SCIENCE (HS) PRACTICAL |
| 03.03.2025 (Monday)<br>(09 A.M. to 11.30 A.M.)<br>SOCIAL SCIENCE (SS) | 04.03.2025 (Tuesday)<br>(09 A.M. to 11.30 A.M.)<br>HOME SCIENCE (HS) THEORY |
| 06.03.2025 (Thursday) (09 A.M. to 11.30 A.M.)<br>HINDI (HN) / SANSKRIT (SN) | |

- Home Science ଏବଂ Painting ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ୫୦ ମାର୍କର Subjective ପ୍ରଶ୍ନ ଏବଂ ୫୦ ମାର୍କର Objective (MCQ) ପ୍ରଶ୍ନ ଆସିବ।
- Objective (MCQ) ପ୍ରଶ୍ନର ଉତ୍ତର OMR Answer Sheetରେ ଏବଂ Subjective ପ୍ରଶ୍ନର ଉତ୍ତର ପ୍ରଶ୍ନ ସଂଲଗ୍ନ ଉତ୍ତର ଖାତାରେ ଦେବାକୁ ହେବ।
- Home Science (Theory) ବିଷୟରେ ୮୫ ମାର୍କ ଏବଂ Painting (Theory) ବିଷୟରେ ୩୦ ମାର୍କର Subjective ପ୍ରଶ୍ନ ଆସିବ।
- Home Science (Practical) ପରୀକ୍ଷାରେ ୧୫ ମାର୍କ ଏବଂ Painting (Practical) ପରୀକ୍ଷାରେ ୭୦ ମାର୍କର ପ୍ରଶ୍ନ ଆସିବ।

OIPR-27004/11/0043/2425 ସ୍ୱା./- ସମ୍ପାଦକ

# ରାହାସ ଉତ୍ସବ ପାଇଁ ଯାଜପୁର, ରସୁଲପୁର ବ୍ଲକ୍ ଅଞ୍ଚଳ ଉତ୍ସବମୁଖର

ଯାଜପୁର ସଦର, ୧୫।୧୧ (ସମର ବିଜୟ ଶରଣ)





ରାହାସ ପୂର୍ଣ୍ଣିମା ପାଇଁ ଯାଜପୁର ବ୍ଲକର ମହେଶ୍ୱରପୁର, ବରୁଆଁ, ଶ୍ୟାମଦାସପୁର ଓ ରସୁଲପୁର ବ୍ଲକ୍‌ର ନରସିଂହପୁର ପଞ୍ଚାୟତ ଉତ୍ସବ ମୁଖର ହୋଇଉଠିଛି।

ରାହାସ କୁଞ୍ଜ କହିଲେ, ନରସିଂହପୁର ପଞ୍ଚାୟତ ହରିପୁର ଗ୍ରାମର ସ୍ୱର୍ଗତ ବଳରାମ ସାହୁଙ୍କ ମାନସସନ୍ତାନ ଭାବେ ପରିଚିତ। ୧୯୪୧ ମସିହାର କଥା। ବଳରାମଙ୍କ କ୍ରମାଗତଭାବେ ୪ କନ୍ୟା ସନ୍ତାନ ହେଲାପରେ ବଂଶ ରକ୍ଷା ନିମନ୍ତେ ସେ ନିଜର ଇଷ୍ଟଦେବ ରାଧାରାହାସ ବିହାରୀଙ୍କ ନିକଟରେ ଏକ ପୁତ୍ର ସନ୍ତାନ ପାଇଁ ମାନସିକ କରିଥିଲେ। ପୁତ୍ର ସନ୍ତାନ ହେଲେ ଇଷ୍ଟଦେବଙ୍କୁ ରାହାସକୁଞ୍ଜରେ ବିରାଜମାନ କରାଇବାକୁ ସଂକଳ୍ପ କରିଥିଲେ। କିଛିଦିନ ପରେ ବଳରାମଙ୍କ ପୁତ୍ରସନ୍ତାନ ହୋଇଥିଲା। ସେହି ବର୍ଷ ରାହାସ ପୂର୍ଣ୍ଣିମାର ଏକ ମାସ ପୂର୍ବରୁ ପୁରୀ ଓ ଆଖପାଖ ଅଞ୍ଚଳର କାରିଗରଙ୍କୁ ନେଇ ସେ ରଙ୍ଗିନ ଚିକ ମିକ ଜମ୍ଭୁରା କାଗଜ, ସୋଲ ଆଦି ବ୍ୟବହାର କରି ବିଭିନ୍ନ ପ୍ରଜାତିର ଫୁଲ, ପଶୁପକ୍ଷୀ, ମୂର୍ତ୍ତି ଆଦି ପ୍ରସ୍ତୁତ କରି ଥାକକୁ ଥାକ ସୁନ୍ଦର୍ ଭାବେ ସଜାଇ ଏକ କୁଞ୍ଜ ପ୍ରସ୍ତୁତ କରିଥିଲେ। ସେହି କୁଞ୍ଜରେ ଏକ ସିଂହାସନ ନିର୍ମିତ କରାଯାଇ ଠାକୁର ରାଧା ରାହାସ ବିହାରୀଙ୍କୁ ବିଜେ କରାଯାଇଥିଲା। କାର୍ତ୍ତିକ ମାସ ପଞ୍ଚକ ଆରମ୍ଭରେ ଏହି ପୂଜା ଆରମ୍ଭ କରାଯାଇ କାର୍ତ୍ତିକ ପୂର୍ଣ୍ଣିମା ରାତ୍ରରେ ଠାକୁର ମନ୍ଦିରରେ ଥିବା ସିଂହାସନରେ ବିରାଜମାନ କରିଥାନ୍ତି। ସେହି ରାହସ କୁଞ୍ଜ ନିକଟରେ ଠାକୁର ବିଭିନ୍ନ ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ଏହି କୁଞ୍ଜ ବଳରାମ ସାହୁ ରାହାସ କୁଞ୍ଜ ନାମରେ ନାମିତ ହୋଇ ଚଳିତ ବର୍ଷ ୮୩ ବର୍ଷରେ ପଦାର୍ପଣ କରିଛି। କ୍ରମଶଃ ଏହି ରାହସ କୁଞ୍ଜ ଆଖାପାଖ ଅଞ୍ଚଳରେ ଥିବା ମଠ ମନ୍ଦିରରେ ଶ୍ରୀଜୀଉମାନଙ୍କୁ ସୁସଜ୍ଜିତ ମଣ୍ଡପରେ ଦେଖିବାକୁ ମିଳିଛି। ଏହି ପର୍ବକୁ ଅତିଆକର୍ଷଣୀୟ କରିବା ସହ ନରସିଂହପୁର ପଞ୍ଚାୟତର ହରିପୁର ରାଧା ବୃନ୍ଦାବନଚନ୍ଦ୍ର ଜୀଉ, ଉମାଦେବୀ ପାଟଣାର ଜଗନ୍ନାଥ ମଠ, ନରସିଂହପୁର ଗୋପୀନାଥ ଜୀଉ, ପ୍ରେମାନନ୍ଦ ଦାସ ମହାରାଜ(ଗାଙ୍ଗୁଲା ମଠ), ମହେଶ୍ୱରପୁର ପଞ୍ଚାୟତର ଗୋପୀନାଥପୁର ରାଧା ଗୋପୀନାଥ ଜୀଉ, ପୁରୁଷୋତ୍ତମପୁରର ଗୋପାଳ ଜୀଉ, ବାଲ୍ୟଲୀଳା ମଠ ବ୍ରାହ୍ମଣବାଛପୁର, କବିରପୁରର ଦଧିବାମନଜୀଉ, ବରୁଆଁର ଧବଳେଶ୍ୱର ପୀଠ, ଗୋପୀନାଥ ଜୀଉ ମଠ, ଶ୍ୟାମଦାସପୁରର ଗୋବିନ୍ଦ ମଠରେ ବହୁ ଆଡ଼ମ୍ବର ସହକାରେ କୁଞ୍ଜ ପାଳନ କରାଯାଉଛି। ପ୍ରତ୍ୟେକଦିନ ହଜାର ହଜାର ଶ୍ରଦ୍ଧାଳୁ ଠାକୁରଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରୁଛନ୍ତି। ପ୍ରତ୍ୟେକ ମଠ ମନ୍ଦିରରେ ମୀନାବଜାର, ଦୋଳି ସାଙ୍ଗକୁ ରଙ୍ଗ ବେରଙ୍ଗର ଆଲୋକମାଳା ଓ ସୁଉଚ୍ଚ ତୋରଣ ମାନ କରାଯାଇଛି। ଅଞ୍ଚଳର ରାସ୍ତାର ଉଭୟ ପାର୍ଶ୍ୱ ବିଭିନ୍ନ ଯାତ୍ରା ପାର୍ଟିର ବ୍ୟାନରରେ ଆଚ୍ଛାଦିତ କରାଯାଇଛି। ଚଳିତ ବର୍ଷ ଏକକାଳୀନ ୮ ଯାତ୍ରା ପାର୍ଟି ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ନାଟକ ପରିବେଷଣ କରିବେବୋଲି ଜଣାପଡିଛି। ଯାତ୍ରା ପ୍ରଚାର ପ୍ରସାର ପାଇଁ ପୋଷ୍ଟର, ବ୍ୟାନର ବ୍ୟତୀତ ୧୫ରୁ ଊର୍ଦ୍ଧ୍ୱ ଗାଡ଼ିରେ ଡାକବାଜି ଯନ୍ତ୍ରର ବ୍ୟବହାର କରାଯାଉଛି। ଡାକବାଜି ଯନ୍ତ୍ରରେ ଅଧିକ ଶବ୍ଦ ସହ ପ୍ରତିଧ୍ୱନି ବ୍ୟବହାର କରି ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ସାଧାରଣ ଲୋକେ ଅତିଷ୍ଠ ହେଲେଣି। ପ୍ରତ୍ୟେକ ଦିନ ଜିଲା ଓ ଜିଲା ବାହାରୁ ହଜାର ହଜାର ସଂଖ୍ୟାରେ ଦର୍ଶକ ଆସିବା ଦ୍ୱାରା ମୁଖ୍ୟତଃ ଟ୍ରାଫିକ ସମସ୍ୟା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହେବାର ଆଶଙ୍କା ରହିଛି। ଜିଲା ପ୍ରଶାସନ ଏଥିପ୍ରତି ସଜାଗ ରହିବା ପାଇଁ ସାଧାରଣରେ ଦାବି ହୋଇଛି।

# ଧର୍ମଶାଳାର ବିଭିନ୍ନ ସ୍ଥାନରେ ବୋଇତବନ୍ଦାଣ ଉତ୍ସବ



ବନ୍ଦେ ଉତ୍କଳ ଜନନୀ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବରେ ମଞ୍ଚାସୀନ ଅତିଥି।

ଧର୍ମଶାଳା/କାଏମା, ୧୫।୧୧
(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ସବୁଠି ଡଙ୍ଗା ଭସା ଦେଖିବାକୁ ମିଳିଛି। ମିର୍ଜାପୁର ପଞ୍ଚାୟତର ଅରଙ୍ଗାବାଦଠାରେ ବନ୍ଦେ ଉତ୍କଳ ଜନନୀ ପକ୍ଷରୁ ୪୦ତମ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଛି। ଅନୁଷ୍ଠାନ ପକ୍ଷରୁ ଅରଙ୍ଗାବାଦସ୍ଥିତ ଶ୍ୟାମସୁନ୍ଦରଜୀଉଙ୍କ ପୁଷ୍କରିଣୀରେ ବୋଇତ ବନ୍ଦାଣ ଉତ୍ସବ ସହିତ ସାଂସ୍କୃତିକ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗତ ବର୍ଷ ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ବିୟୋଗ ଯୋଗୁ ବୋଇତ ବନ୍ଦାଣ ଉତ୍ସବକୁ ବନ୍ଦ କରି ଦିଆଯାଇଥିଲା। ଉତ୍ସବରେ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ସମାଜ ଡିଜିଟାଲ ଏଡିଟର ଗୋପାଳକୃଷ୍ଣ ମହାପାତ୍ର ଓ ସିନେ ତାରକା ସୁଶ୍ରୀ ସୁପ୍ରିୟା ନାୟକ ଯୋଗଦେଇ ଶ୍ୟାମସୁନ୍ଦରଜୀଉଙ୍କ ପୁଷ୍କରିଣୀରେ ଡଙ୍ଗା ଭାସାଇବା ସହ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଯୋଗଦେଇ ଓଡ଼ିଆ ଅସ୍ମିତା ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଲାବଣ୍ୟଙ୍କ ପୁତ୍ର ବଳଭଦ୍ର ଦାଶ ଓ ଶ୍ୟାମପ୍ରସାଦ ଦାଶଙ୍କ ଉଦ୍ୟମକ୍ରମେ ପୁଣି ଏହି ପରମ୍ପରା ଆୟୋଜିତ ହୋଇପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ରମ୍ଭେଇଠାରେ କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ସ୍ୱପ୍ନେଶ୍ୱର ପୀଠସ୍ଥିତ ପୋଖରୀରେ ବାଇତବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଭଳି ଏକ ଓଡ଼ିଆ ପରମ୍ପରାର ମହାନପର୍ବରେ ସାମିଲ ହୋଇ ନିଜକୁ ଧନ୍ୟମନେ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ।

# ପୁରପଲ୍ଲୀରେ କାର୍ତ୍ତିକ ପୂର୍ଣ୍ଣିମା, ଡଙ୍ଗା ଭସା

ପାଣିକୋଇଲି, ୧୫।୧୧ (ବିକାଶ ମଲ୍ଲିକ)

ପୁରପଲ୍ଲିରେ କାର୍ତ୍ତିକ ପୂର୍ଣ୍ଣିମା, ଡଙ୍ଗା ଭସା ପାଳନ କରାଯାଇଛି। ପାଣିକୋଇଲି ମା' ତାରିଣୀ ମନ୍ଦିରରେ ରାମ ଚରିତ ମାନସ ପରେ ଅଷ୍ଟପ୍ରହର ନାମଯଜ୍ଞ କରାଯାଇଛି। ପ୍ରତ୍ୟୁଷରୁ ସମସ୍ତ ପୋଖରୀ ଓ ଶୈବ ପୀଠରେ ଭିଡ଼ ପରିଲିକ୍ଷିତ ହୋଇଛି। ପୂର୍ଣ୍ଣତୋୟା ବୈତରଣୀ ନଦୀର ଲିଙ୍ଗେଶ୍ୱର ଘାଟରେ ଭକ୍ତ ଡଙ୍ଗା ଭସାଇଛନ୍ତି। ପରେ ବାବା ଲିଙ୍ଗେଶ୍ୱରଙ୍କ ଦର୍ଶନ କରି ଘରକୁ ଫେରିଛନ୍ତି। ଭିଡ଼ ଦେଖି ପାଣିକୋଇଲି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। କମିଟି ପକ୍ଷରୁ ତିନିଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଓ ବୈତରଣୀ ବାଲିଯାତ୍ରା ଏବଂ ମୀନାବଜାର ଆୟୋଜିତ କରାଯାଇଛି। ବୈତରଣୀ ନଦୀ ପଠାରେ ବାଲିଯାତ୍ରା ଅନୁଷ୍ଠିତ ହେବ। ସେହିପରି ଅମୃତିଆ ଗ୍ରାମର ନଖୁଆ ପୋଖରୀଠାରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଛି। ୩ ଦିନ ବ୍ୟାପୀ ଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁରହିଛି। ମୁଖ୍ୟଅତିଥିଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇଥିଲେ। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ବୋଇତ ବନ୍ଦାଣ ଉତ୍ସବରେ ସାମିଲ ହୋଇଥିଲେ। ପୋଖରୀ ମଧ୍ୟରେ ସେଲଫି ପଏଣ୍ଟରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଶଶିକାନ୍ତ



@ ପବିତ୍ର



@ ଜ୍ଞାନରଞ୍ଜନ



@ ସତ୍ୟଜିତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କବାଟବନ୍ଧ ଅଞ୍ଚଳରେ କାର୍ତ୍ତିକେଶ୍ୱର ପୂଜା



ଜେନାପୁର, ୧୫।୧୧ (ଅଶୋକ ଦାସ)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବାରକଣା ବ୍ରାହ୍ମଣୀ ବ୍ରିଜ ବଜାରରେ ୫୭ତମ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ ହୋଇଛି। ଚଳିତ ବର୍ଷ ଏହି ପୂଜା ତିନିଦିନ ଧରି ଅନୁଷ୍ଠିତ ହେବ। ଏଠାରେ ପ୍ରଭୁ କାର୍ତ୍ତିକେଶ୍ୱର ଓ ଦେବୀ ନିଳାଦ୍ରିଙ୍କ ବିଗ୍ରହଙ୍କ ପୂଜା ପାଉଛନ୍ତି। ପଣ୍ଡିତ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ କର୍ତ୍ତା ରାଜକିଶୋର ସାହୁ ପୂଜା କାର୍ଯ୍ୟ କରୁଥିବାବେଳେ ବଜାର କମିଟିର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ସାହୁ, ସମ୍ପାଦକ ରମାକାନ୍ତ ଜେନା, ଧବଳେଶ୍ୱର ସାହୁ, ବିଜୟ କୁମାର ସାହୁ, ବିଶ୍ୱନାଥ ପରିଡ଼ା, କାଶୀନାଥ ବାରିକ, ଗଙ୍ଗାଧର ମଲ୍ଲିକ, ପ୍ରଫୁଲ୍ଲ ବାରିକଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ନାମ ସଙ୍କୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସେହିପରି ଜେନାପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ କାର୍ତ୍ତିକେଶ୍ୱରଙ୍କ ପୂଜା ପାଳିତ ହେଉଛି।

# କାର୍ତ୍ତିକ ପୂର୍ଣ୍ଣିମାରେ ମଠ, ମନ୍ଦିର ଉତ୍ସବମୁଖର



ବିଞ୍ଝାରପୁରରେ ମା' ଦଧିବାମନ ଜୀଉ।



ବରୁଣେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

ବିଞ୍ଝାରପୁର, ୧୫।୧୧ (ରାମକୃଷ୍ଣ ଦାସ)

କାର୍ତ୍ତିକ ପୂର୍ଣ୍ଣିମା ପାଳନ ଅବସରରେ ଶୁକ୍ରବାର ବିଞ୍ଝାରପୁର ଅଞ୍ଚଳରେ ଥିବା ମଠ ମନ୍ଦିରଗୁଡିକ ଉତ୍ସବମୁଖର ହୋଇଥିବା ପରିଲକ୍ଷିତ ହୋଇଛି। କାର୍ତ୍ତିକ ହେଉଛି ଧର୍ମ ଓ ପୁଣ୍ୟ ମାସ। ପୁରାଣରେ ବର୍ଣ୍ଣିତ ଅଛି ଯେ କାର୍ତ୍ତିକ ପୂର୍ଣ୍ଣିମାରେ ବ୍ରାହ୍ମ ମୁହୂର୍ତ୍ତରେ ସ୍ନାନ କରି ପ୍ରଭୁଙ୍କୁ ଦର୍ଶନ ସହ ଧ୍ୟାନ କଲେ କୋଟି ଜନ୍ମର ପୁଣ୍ୟ ମିଳିଥାଏ। ସେଥିପାଇଁ ବ୍ରାହ୍ମ ମୁହୂର୍ତ୍ତରୁ ଶ୍ରଦ୍ଧାଳୁମାନେ ସ୍ନାନ କରି ପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ମଠ, ମନ୍ଦିରରେ ଭିଡ଼ ଜମାଇଥିଲେ। ମଠ ମନ୍ଦିରରେ ବ୍ରାହ୍ମ ମୁହୂର୍ତ୍ତରେ ମଙ୍ଗଳ ଆଳତି, ମହାସ୍ନାନ, ଷୋଡଷଉପଚାର ପୂଜା, ହୋମଯଜ୍ଞ, ଭଜନ, ସଂକୀର୍ତ୍ତନ ସହ ବିଳମ୍ବିତ ରାତିରେ ପୂର୍ଣ୍ଣାହୁତି ହୋଇଥିଲା। ଅରେଇସ୍ଥିତ ବାବା ବରୁଣେଶ୍ୱର ପୀଠ, ଗୌଡ଼ସାହିସ୍ଥିତ କଲ୍ୟାଣେଶ୍ୱର ପୀଠ, କଲ୍ୟାଣପୁରସ୍ଥିତ ବରୁଣେଶ୍ୱର ପୀଠ, ସମଲେଶ୍ୱର ପୀଠ, ସିଂହପୁରସ୍ଥିତ ମା' ଦରିଆ ନାହାକାଣୀ ପୀଠ, ଫତେପୁରସ୍ଥିତ ଜଗନ୍ନାଥ ମନ୍ଦିର, ମାଁସଡାସ୍ଥିତ ଦଧିବାମନ ଜୀଉ ମନ୍ଦିର, ରଣପୁରସ୍ଥିତ ବଟେଶ୍ୱର ମନ୍ଦିର, କେଶରାକେଶରୀ ଜୀଉ ମଠ, ନନ୍ଦଲାଲ ଜୀଉ ମଠ, ବ୍ରଜମୋହନଜୀଉ ମଠ, ଶ୍ୟାମସୁନ୍ଦର ଜୀଉ ମଠ ଆଦିରେ ପ୍ରାତଃ ସମୟରୁ ରାତ୍ର ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ସେହିପରି ଓଡ଼ିଶାର ନୌବାଣିଜ୍ୟ ପରମ୍ପରାକୁ ବଞ୍ଚାଇ ରଖିବାପାଇଁ ପ୍ରୟାସ କରି ସାରସ୍ୱତ ସଂଗଠନ ଅଖିଳ ଚକ୍ର ପକ୍ଷରୁ ବରୁଣେଶ୍ୱର ପୀଠସ୍ଥିତ କୁଶଭଦ୍ରା ନଦୀପଠାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା।

# ଗୀତାଜାଗରଣ ପରିଷଦ ପକ୍ଷରୁ ବୋଇତ ବନ୍ଦାଣ

ଯାଜପୁର ଟାଉନ, ୧୫।୧୧ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ବୈତରଣୀ ନଦୀକୂଳସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଜିଲାସ୍ତରୀୟ ଗୀତା ଜାଗରଣ ପରିଷଦ ପକ୍ଷରୁ ବୋଇତ ବନ୍ଦାଣ ଓ ସମ୍ବର୍ଦ୍ଧନା ଉତ୍ସବ ସଭାପତି ଆଇନଜୀବୀ ପ୍ରତିମା କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଯାଜପୁର ବିଧାୟିକା ସୁଜାତା ସାହୁ ଉଦ୍‌ଘାଟନ କରିଥିଲେ। ଉପ ସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ସାଧାରଣ ସମ୍ପାଦକ ଭାସ୍କର ମହାନ୍ତି କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯାଜପୁର ପୌରାଧ୍ୟକ୍ଷା ରଂଜୁଲତା ହୋତା, ମୁଖ୍ୟବକ୍ତା ଭାବେ ଭୂପତି ଭୂଷଣ ମିଶ୍ର ଯୋଗ ଦେଇଥିଲେ। ବୃନ୍ଦାବନ ମିଶ୍ରଙ୍କ ନେତୃତ୍ୱରେ ସାଧବ ପୁଅମାନେ ବୈତରଣୀ ନଦୀରେ ଜାଭା ସୁମାତ୍ରା ବାଲି ଦୀପକୁ ବୋଇତ ନେଇ ବାଣିଜ୍ୟ କରିବାକୁ ଯାଇଥିଲେ। କଣ୍ଠଶିଳ୍ପୀ ପୃଥିରାଜ ପଣ୍ଡା ଏବଂ ସାଥୀଙ୍କ ନେତୃତ୍ୱରେ ଭଜନ ପରିବେଷଣ କରାଯାଇଥିଲା। ନାଟ୍ୟକାର ରାଜକିଶୋର ପଣ୍ଡା, ପ୍ରାକ୍ତନ ପ୍ରଧାନଶିକ୍ଷକ ବୈକୁଣ୍ଠନାଥ ପତି ଯୋଗଦେଇ କାର୍ତ୍ତିକ ମାସର ହବିଷ ବ୍ରତ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସଂଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକଙ୍କ ନିର୍ଦ୍ଦେଶିତ ଓ ଯାଜପୁରଟାଉନ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କ ଦ୍ୱାରା ରଚିତ ଭଜନ ସିଡି 'ଲଗେଇ ଦେ ଲୋ ଡୋରୀ'କୁ ଅତିଥି ଉନ୍ମୋଚନ କରିଥିଲେ।

# ମହେଶ୍ୱରପୁର ରାହାସ ଉତ୍ସବ ଉଦ୍‌ଘାଟିତ



ଯାଜପୁର ସଦର, ୧୫।୧୧ (ସମର ବିଜୟ ଶରଣ)

ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ଠାରେ କାର୍ତ୍ତିକେଶ୍ୱର ବଣିକ ସଂଘ ଆନୁକୂଲ୍ୟରେ ୨ୟ ରାହାସ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସାମାଜିକ କର୍ମୀ ବ୍ରଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଧାୟିକା ଆୟୋଜକମାନଙ୍କୁ ଭୂୟସୀ ପ୍ରଶଂସା କରିବା ସହିତ ଆସନ୍ତା ବର୍ଷ ଏହାକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ସାହାଯ୍ୟ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ସହ କଳା କ୍ଷେତ୍ରରେ ରାଜ୍ୟର ଟେକ ରଖିବାକୁ ଏହା ଏକ ମାଧ୍ୟମ ବୋଲି ମଧ୍ୟ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ସ୍ଥାନୀୟ ସରପଞ୍ଚ ସୁଜିତ ରାୟ, ଜିଲା ପରିଷଦ ସଭ୍ୟା ସୁନିତା ରାଉତ, ପୂର୍ବତନ ସରପଞ୍ଚ ଦୀନବନ୍ଧୁ ମଲ୍ଲିକ, ଜମଧର ସରପଞ୍ଚ ବାଦଲ ଖୁଣ୍ଟିଆ, କାର୍ତ୍ତିକେଶ୍ୱର ବଣିକ ସଂଘ ସଭାପତି ଗୋପାଳ ଚନ୍ଦ୍ର ସାହୁ, ସମ୍ପାଦକ ସୁଶାନ୍ତ ବେହେରା, ସଦର ମହୋତ୍ସବ କମିଟି ସଭାପତି ବିଜୟ ପାଢ଼ୀ, ରବୀନ୍ଦ୍ର ବେଉରା, ମାଧବ ମାଝୀ, ସରସ୍ୱତୀ ବଳ, ଯୁବନେତା ଗୌରାଙ୍ଗ ସାମଲ, କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ବିଜୟ ଦଳେଇ ଓ ବିବେକ ଜେନା ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବର ମୁଖ୍ୟ ଉଦ୍ୟୋକ୍ତା ଅମିତ ରାଉତଙ୍କୁ ଅତିଥି ପ୍ରସଂଶା କରିବା ସହ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉଦଘାଟନୀ ଉତ୍ସବରେ ସାଇ ସନ୍ତୋଷୀନି ନୃତ୍ୟ ପରିବେଷଣ କରିଥିଲେ। ପରେ ଅନ୍ୱେଷଣ ଥିଏଟର ଗ୍ରୁପ ଦାରା ବିଭିନ୍ନ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ମହୋତ୍ସବ ୪ ଦିନ ଧରି ଚାଲିବ। ପ୍ରତ୍ୟେକ ସନ୍ଧ୍ୟାରେ ଅତିଥିମାନେ ଯୋଗଦାନ କରିବା ସହିତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଆସନ୍ତା ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଯାତ୍ରା ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଖଡ଼ଗପୁରରେ ବୋଇତ ବନ୍ଦାଣ ଉତ୍ସବ

ଚଣ୍ଡିଖୋଲ, ୧୫।୧୧ (ପ୍ରଦୀପ୍ତ କୁମାର ପୃଷ୍ଟି)



ବିରୂପା ନଦୀଘାଟରେ ମହିଳାମାନେ ସାଧବାଣୀ ବେଶରେ ବୋଇତ ବନ୍ଦାଣ କରୁଛନ୍ତି।

ବଡ଼ଚଣା ବ୍ଲକ ଅନ୍ତର୍ଗତ ଖଡ଼ଗପୁର ନଦୀ ଘାଟରେ କଳାକାର ଓଡ଼ିଶା ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ କବି ସତ୍ୟବ୍ରତ ପୁହାଣଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସାଧବାଣୀମାନଙ୍କୁ ପ୍ରଥମେ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସାଧବପୁଅମାନଙ୍କୁ ମୁକୁଟ ପ୍ରଦାନ କରାଯିବା ସହ ଶୋଭାଯାତ୍ରା ମାଧ୍ୟମରେ ତ୍ରିବେଣୀ ସଙ୍ଗମସ୍ଥଳ ନଦୀକୂଳ ପଠାରେ ହରିବୋଲ ହୁଳହୁଳି ମାଧ୍ୟମରେ ସାଧବପୁଅସାଧବାଣୀମାନଙ୍କୁ ପାଛୋଟି ଅଣାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ ଡ. ଯୁଧିଷ୍ଠିର ଖଟୁଆ ଯୋଗଦେଇ ଅତୀତର ସେହି ଗୌରବ ଗାଥାକୁ ସ୍ମୃତିମନ୍ଥନ କରିବା ସହିତ କଳିଙ୍ଗର ସାମ୍ରାଜ୍ୟ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲାବୋଲି ଦମ୍ଭୋକ୍ତି ପ୍ରକାଶ କରିଥିଲେ। ବରେଣ୍ୟ ଅତିଥିଭାବେ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସମରଜିତ ନାୟକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡା. ସର୍ବେଶ୍ୱର ସେଣ ଯୋଗଦେଇ ଖୀର୍ଷ୍ଟପୂର୍ବ ୩୫୦ ବେଳକୁ କଳିଙ୍ଗର ନୌବାଣିଜ୍ୟ ପ୍ରାୟ ଆରମ୍ଭ ହୋଇଥିଲା। ୪୦୦ ଖ୍ରୀଷ୍ଟାବ୍ଦ ବେଳକୁ ପ୍ରସିଦ୍ଧଲାଭ କରିଥିଲା ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସାହିତ୍ୟିକ ଡା. ରଶ୍ମି କର, ସାଧୀ ଭାରତୀ ମାତା, କଳାକାର ଓଡ଼ିଶାର ମହାସଚିବ ଆଇନଜୀବୀ ଦେବରାଜ ବେହେରା, ସମ୍ପାଦକ କବି ହିମାଂଶୁ ଭୂଷଣ ଜେନା, ଅନ୍ୟତମ ସମ୍ପାଦକ ନୀଳମାଧବ ସାମଲ, ପ୍ରଧାନଶିକ୍ଷକ ବଟକୃଷ୍ଣ ସ୍ୱାଇଁ, ବ୍ୟଙ୍ଗକବି ଲକ୍ଷ୍ମୀଛଡ଼ା , ମଧୁସୂଦନ ମହାପାତ୍ର, ପଣ୍ଡିତ ଭୁପେଶ କୁମାର ସେନାପତି, କବୟିତ୍ରୀ ଲବଙ୍ଗଲତା ରାଉତ, ନିରୁପମା ସାହୁ, ମାନସ ଚମ୍ପତିରାୟ, ଖବରଦାତା ପ୍ରଦୀପ୍ତ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇ ସାଧବପୁଅ ନୌବାଣିଜ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ବହୁ କବୟିତ୍ରୀକବି ସ୍ୱରଚିତ କବିତା ପାଠକରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଞ୍ଜୟ ଖୁଣ୍ଟିଆ, ମଞ୍ଚ ଅଭିନେତା ଦେବବ୍ରତ ପୁହାଣ, ଅଖୟ ବେହେରା, ନାରାୟଣ ପ୍ରଧାନ, କ୍ରାନ୍ତି କେଶରୀ ପୁହାଣ, ତ୍ରୈଲୋକ୍ୟ ପାତ୍ର, ବାନାମ୍ବର ସାହୁ, ଅଜୟ ପ୍ରଧାନ, ବ୍ରଜ ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ, ଦିଗମ୍ବର ପୃଷ୍ଟି, ଶ୍ରୀଧର ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ।

# ଖାଲି ପଡ଼ିଲା ଷ୍ଟଲ୍, ପଡ଼ିଆ ଫାଙ୍କା

**କଳିଙ୍ଗ ବାଲିଯାତ୍ରାର ଦ୍ୱିତୀୟ ସନ୍ଧ୍ୟା**

ପାରାଦୀପ,୧୫।୧୧(ଶରତ ରାଉତ)

ପାରାଦୀପର ବେଳାଭୂମିରେ ଚାଲିଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଚଳିତବର୍ଷ ପରିଚାଳନା ଗତ ବିଭ୍ରାଟ ଯୋଗୁ ବାଲିଯାତ୍ରା ପଡ଼ିଆ ଫାଙ୍କା ପଡ଼ିଥିବା ଦେଖିବାକୁ ମିଳିଛି। ବାଲିଯାତ୍ରା କମିଟି ପକ୍ଷରୁ କରାଯାଇଥିବା ୨୬୦ ଷ୍ଟଲ ମଧ୍ୟରୁ ଦ୍ୱିତୀୟ ଦିନ ସୁଦ୍ଧା ୧୪୨ଟି ବ୍ୟବସାୟୀ ନେଇଛନ୍ତି। ଅବଶିଷ୍ଟ ଷ୍ଟଲ ଖାଲିପଡ଼ିଛି। ବାଲି ପଡିଆ ଓ ରାସ୍ତା କଡ଼ରେ ବସୁଥିବା କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ବାରଣ କରାଯାଇଥିବାରୁ ଯାତାୟାତ ଭିଡ ହୋଇନାହିଁ। କେବଳ ପଲ୍ଲିଶ୍ରୀ ମେଳା ମଧ୍ୟରେ ଥିବା ୧୪୦ ଷ୍ଟଲରେ ଲୋକଙ୍କ ଗହଳି ରହିଛି। ଦ୍ୱିତୀୟ ସନ୍ଧ୍ୟା ସାଂସ୍କୃତିକ ସଭାରେ କିଛି ସମୟ ପାଇଁ ତୈଳ ବିଶୋଧନାଗାର ନିର୍ବାହୀ ନିର୍ଦ୍ଦେଶକ କୌଶିକ ବାସୁ, ଜେଏସ୍‌ଡବ୍ଲ୍ୟୁ ଉପସଭାପତି ଧନଞ୍ଜୟ କୁମାର ସିହ୍ନା, ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଯୋଗ ଦେଇଥିଲେ। ଅପରାହ୍ନ ୪ଟା ପରଠାରୁ ସ୍ଥାନୀୟ କଳାକାର ଗ୍ରୁପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ବିଳମ୍ବିତ ରାତିରେ ସ୍ୱନାମଧନ୍ୟ ଗାୟିକା ଦୀପ୍ତିରେଖା ପାଢ଼ୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ହୋଇଥିଲା।


ଲୋକମାନେ ବାଲିଯାତ୍ରା ଷ୍ଟଲ ବୁଲି ଦେଖୁଛନ୍ତି।


ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।


ପଡ଼ିଆରେ ଲୋକଙ୍କ ଗହଳି ନାହିଁ।


ବାଲିଯାତ୍ରାରେ ଖାଲି ପଡ଼ିଥିବା ଷ୍ଟଲ।

## ସାଇକେଲ ଷ୍ଟାଣ୍ଡ ବିବାଦ

ବାଲିଯାତ୍ରା ପଡ଼ିଆକୁ ଆସୁଥିବା ଦର୍ଶକଙ୍କ ପାଇଁ ପ୍ରଶାସନ ୪ଟି ଜାଗାରେ ସାଇକେଲ ଷ୍ଟାଣ୍ଡ କରିଛନ୍ତି। ସେହି ଷ୍ଟାଣ୍ଡ ଟେଣ୍ଡର ବିବାଦ ଘଟଣା ଦୁଇଟି ପାଇଁ ହୋଇଥିଲା। ଶୁକ୍ରବାର ସାଇକେଲ ଷ୍ଟାଣ୍ଡରେ ଅର୍ଥ ଆଦାୟ, କଲୋନୀ ଦଖଲ ଘଟଣାକୁ ନେଇ ବିବାଦ ସୃଷ୍ଟି ହୋଇଛି। ପ୍ରଶାସନ ଟେଣ୍ଡରରେ ଦର୍ଶାଇଛନ୍ତି ସାଇକେଲ ପାଇଁ ୫ ଟଙ୍କା, ବାଇକ୍ ୨୦ ଟଙ୍କା, ୩ ଚକିଆ ଯାନ ପାଇଁ ୩୦ ଟଙ୍କା ଓ ୪ ଚକିଆ ଯାନ ପାଇଁ ୫୦ ଟଙ୍କା ଦର୍ଶାଯାଇଛି। କିନ୍ତୁ ଶୁକ୍ରବାର ନୂଆବଜାର ହନୁମାନ ମନ୍ଦିର ପାଖ ସାଇକେଲ ଷ୍ଟାଣ୍ଡରେ ବାଇକ୍ ପିଛା ୫୦ ଟଙ୍କା ଲେଖାଏଁ ଷ୍ଟାଣ୍ଡ ନେଇଥିବା ପିଲାମାନେ ଆଦାୟ କରୁଛନ୍ତି ବୋଲି ପର୍ଶୁରାମ ମନ୍ତ୍ରୀ ନାମକ ଯୁବକ କହିଛନ୍ତି।

## ଫେରିଗଲେ ଖୁଚୁରା ବେପାରୀ

ବାଲିଯାତ୍ରାର ପଡ଼ିଆ, ବେଳାଭୂମି ବାଲି, ବତୀଘର ରାସ୍ତା କଡ ପାଖରେ ପ୍ରତିବର୍ଷ ଶତାଧିକ ଖୁଚୁରା ବେପାରୀ ବସିଥାନ୍ତି। ସେମାନେ ଝାଡୁ, କୁଲା, ଶିଳ ଓ ଶିଳପୁଆ ଆଦି ଘରକରଣା ସାମଗ୍ରୀ ବିକ୍ରି କରିଥାନ୍ତି। ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପ୍ରୋଟୋକଲ ଯୋଗୁ ସେମାନଙ୍କୁ ବସିବା ପାଇଁ ବାରଣ କରାଯାଇଥିଲା। ଶୁକ୍ରବାର ପୁଣି ସେମାନେ ବସିବା ପାଇଁ ଗଲାବେଳକୁ ପୋଲିସ ବାରଣ କରିଥିଲା। ଏଥିପାଇଁ ତିର୍ତ୍ତୋଲ ଚେଳିତୋଳ ଯାତ୍ରା ଯାଉଛୁ ବୋଲି ଜିତେନ୍ଦ୍ର ସୂତାର ନାମକ ବ୍ୟବସାୟୀ କହିଛନ୍ତି।

# ବିର୍ସା ମୁଣ୍ଡା ଆମ ପାଇଁ ଯୋଗଜନ୍ମା ସ୍ୱାଧୀନତା ସଂଗ୍ରାମୀ

- ଲୁଣି ମାଠିଆ ଆଦିବାସୀ ପଡ଼ିଆଠାରେ ଜୟନ୍ତୀ
- ନୃତ୍ୟ ସଙ୍ଗୀତରେ ଝୁମିଲେ ଆଦିବାସୀ

ମହାକାଳପଡ଼ା,୧୫।୧୧(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ରାଜ୍ୟ ସରକାର ପକ୍ଷରୁ ବିଭିନ୍ନ ଜିଲାସ୍ତରୀୟ ଶହୀଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ମହାକାଳପଡ଼ା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶୁକ୍ରବାର ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଗାଁ ମୁରବୀ, ବୁଦ୍ଧିଜୀବୀ, ମହିଳାଯୁବକମାନେ ମିଳିତ ହୋଇ ଶହୀଦ ବିର୍ସାଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିର୍ସାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଆମ ଆଦିବାସୀ ସାନ୍ତାଳୀମାନଙ୍କ ସମାଜ ପାଇଁ ବିର୍ସା ଯୋଗଜନ୍ମା ସ୍ୱାଧୀନତା ସଂଗ୍ରାମୀ ଥିଲେ। ବ୍ରିଟିଶ୍ ଶାସକଙ୍କ ଅନ୍ୟାୟ ଅତ୍ୟାଚାର ଓ ଅରାଜକତା ବିରୋଧରେ ସେ ସଂଗ୍ରାମ ଜାରି ରଖି ଆଗାମୀ ପିଢ଼ି ପାଇଁ ଉଦାହରଣ ସୃଷ୍ଟି କରିଯାଇଛନ୍ତି ବୋଲି ଉପସ୍ଥିତି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲୁଣି ମାଠିଆ ଓ ବାର ନମ୍ବର ବହୁସଂଖ୍ୟାରେ ମହିଳାପୁରୁଷ ସାନ୍ତାଳୀ ଆଦିବାସୀ ମିଳିତ ହୋଇ ନୃତ୍ୟ ସଙ୍ଗୀତ ଗାନରେ ଝୁମିଥିଲେ।

କାର୍ଯ୍ୟକ୍ରମରେ ବରିଷ୍ଠ ମୁରବୀ ଛୋଟରାୟ ମାଝିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପ୍ରସନ୍ନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ମୁଣ୍ଡା ଭଳି ସମାଜ ପାଇଁ ଲଢ଼େଇ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ଼ ସଭ୍ୟ ମଧୁ ବାସ୍କେ, ନାଗମଣି ମାଝି, ଉଦୟ ମାଝି, ରାମ ମାଝି, ଭାନୁ ମାଝି, ଦାସ ମାଝି, ଦୀନବନ୍ଧୁ ମୁର୍ମୁ ପ୍ରମୁଖ ଆଦିବାସୀ ସାନ୍ତାଳୀ ସମ୍ପ୍ରଦାୟର ଲୋକ ସାମିଲ ହୋଇଥିଲେ।


ବିର୍ସା ମୁଣ୍ଡାଙ୍କ ଜୟନ୍ତୀରେ ଉପସ୍ଥିତ ଅତିଥି।

# ପଦ୍ମବେଶରେ ଶ୍ରୀବଳଦେବଜୀଉ



କେନ୍ଦ୍ରାପଡ଼ା, ୧୫।୧୧ (ଜଗନ୍ନାଥ ଧଳ)

ଶୁକ୍ରବାର ରାହାସ ପୂର୍ଣ୍ଣିମା। ଏଥିପାଇଁ କେନ୍ଦ୍ରାପଡ଼ା ସହରର ଇଚ୍ଛାପୁରସ୍ଥ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କର ସ୍ୱତନ୍ତ୍ର ପଦ୍ମବେଶ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରରେ ରାହାସ ଉତ୍ସବ ଉପଲକ୍ଷେ ଗୁରୁବାର ରାତ୍ରରୁ ଶ୍ରୀଜୀଉଙ୍କ ପହୁଡ଼ ଫିଟାଯାଇ ପୂର୍ବରାତ୍ରର ବଡ଼ସିଂହାର ବେଶରେ ମଙ୍ଗଳ ଆଳତି ସମ୍ପନ୍ନ ହୋଇଥିଲା। ସୂର୍ଯ୍ୟୋଦୟ ପୂର୍ବରୁ ଶ୍ରୀଜୀଉଙ୍କ ଅନ୍ୟ ପାରମ୍ପରିକ ରୀତି ପରେ ପଦ୍ମ ବେଶ ଆରମ୍ଭ ହୋଇଥିଲା। ଏହି ବେଶରେ ୩ ଦିଅଁ ସମ୍ପୂର୍ଣ୍ଣ ଲାଲ ବସ୍ତ୍ରରେ ସଜ୍ଜିତ ହୋଇ ଶ୍ରୀଭୁଜରେ ପଦ୍ମ ଧାରଣ କରିଥିଲେ। ଶ୍ରୀଜୀଉଙ୍କ ଅଙ୍ଗରେ ଡାକି ମଣ୍ଡଳ ଓ ସୋଲ ନିର୍ମିତ ହଂସ ଶୋଭା ବର୍ଦ୍ଧନ କରୁଥିଲେ। ସନ୍ଧ୍ୟା ଆଳତି ପରେ ମଣି ଆସନରୁ ଲକ୍ଷ୍ମୀନାରାୟଣଙ୍କୁ ମୁକ୍ତିମଣ୍ଡପକୁ ବିଜେ କରାଯାଇ ବେଢ଼ା ନୀତି ସମ୍ପନ୍ନ ହୋଇଥିଲା। ସେହିପରି ବାସୁଦେବ ମନ୍ଦିରରେ ବିରାଜିତ ରାଧାକୃଷ୍ଣଙ୍କ ସହ ଶ୍ରୀଜୀଉଙ୍କ ବିଜେ ପ୍ରତିମା ଶ୍ରୀଗୋବିନ୍ଦଜୀଉ ରଥଦାଣ୍ଡରେ ନିର୍ମିତ ଫୁଲରଥକୁ ବିଜେ କରିଥିଲେ। ଲୋକକଥା ଅନୁଯାୟୀ, ରାହାସ ପୂର୍ଣ୍ଣିମାରେ ତୁଳସୀକ୍ଷେତ୍ର ପ୍ରତିଷ୍ଠା ହୋଇଥିଲା। ଶ୍ରୀବଳଦେବଜୀଉ କନ୍ଦରାସୁରକୁ ବଧ କରି ଫୁଲ ରଥରେ ତୁଳସୀକ୍ଷେତ୍ରକୁ ଆସିଥିଲେ। ଏହି ବେଶ ଦର୍ଶନ ପାଇଁ ପ୍ରତ୍ୟୁଷରୁ ବିଳମ୍ବିତ ରାତ୍ର ଯାଏ ଶ୍ରଦ୍ଧାଳୁମାନେ ଭିଡ଼ ଲଗାଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଶଶିକାନ୍ତ


@ ପବିତ୍ର


@ ଜ୍ଞାନରଞ୍ଜନ


@ ସତ୍ୟଜିତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ତାଳଦଣ୍ଡା କେନାଲରୁ ଅଜଣା ମୃତଦେହ ଜବତ

କୁଜଙ୍ଗ,୧୫। ୧୧ (ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ବଡ଼ପାଳ ନିକଟସ୍ଥ ତାଳଦଣ୍ଡା କେନାଲରୁ ଏକ ମୃତଦେହ ମିଳିଛି। ଖବରପାଇ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଆଣି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଂରକ୍ଷିତ ରଖିଛି। ମୃତଦେହଟି ପଚିଶଢି ଯାଇଥିବାରୁ ପରିଚୟ ମିଳିପାରିନାହିଁ। ଏନେଇ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି। କିଛିଦିନ ପୂର୍ବେ ସେହି ବଡ଼ପାଳ ନିକଟସ୍ଥ ତାଳଦଣ୍ଡା କେନାଲରୁ ୨ଟି ଗଳିତ ଅଜଣା ମୃତଦେହ ଜବତ ହୋଇଥିଲା।

# ସାଂସ୍କୃତିକ ମହୋତ୍ସବ ଭାଇଚାରା ସୃଷ୍ଟି କରିଥାଏ

ତିର୍ତ୍ତୋଲ, ୧୫।୧୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ସାଂସ୍କୃତିକ ମହୋତ୍ସବ ଭାଇଚାରା ସୃଷ୍ଟି କରିଥାଏ, ଏହି ପରମ୍ପରା ଓଡ଼ିଶାର ଗ୍ରାମାଞ୍ଚଳରେ ଅଧିକ ଅନୁଭୂତ ହୋଇଥାଏ ବୋଲି ବକ୍ତାମାନେ କହିଛନ୍ତି। ତିର୍ତ୍ତୋଲ ଥାନା ମୁଥାପଦା ଗ୍ରାମରେ ମା ମଙ୍ଗଳାଙ୍କ ପୀଠରେ ଚାଲିଥିବା ରାହାସ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳା ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମହୋତ୍ସବ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଶେଷ କରି ପ୍ରତ୍ୟହ ରାଧା କୃଷ୍ଣଙ୍କ ଆଧାରିତ ନୃତ୍ୟ ଓ ଆଧାତ୍ମିକ କାର୍ଯ୍ୟକ୍ରମ ଚିତ୍ତାକର୍ଷକ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସାଇଲୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶିଶିର କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସାରଦା ପ୍ରସାଦ ଦାସ, ରଶ୍ମି ରଞ୍ଜନ ଦାସ, ସୂର୍ଯ୍ୟକାନ୍ତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ବୋଇତ ବନ୍ଦାଣ


ବୋଇତ ବନ୍ଦାଣ ଉତ୍ସବରେ ଅତିଥିଙ୍କ ଗହଣରେ ସାଧବ ଓ ସାଧବାଣୀ।

ପଟ୍ଟାମୁଣ୍ଡାଇ,୧୫।୧୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଶୁକ୍ରବାର କଷଣଅଣ୍ଟା ବ୍ରାହ୍ମଣୀ ନଦୀପଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ପଟ୍ଟାମୁଣ୍ଡାଇର ଗୌରବମୟ କଳା ସଂସ୍କୃତି, ସାହିତ୍ୟ ଓ ପ୍ରାଚୀନ ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରିବାକୁ ବିକାଶ ପରିଷଦର ବୋଇତ ବନ୍ଦାଣ ଉତ୍ସବ ଗରୀୟାନ କରିଛି ବୋଲି କହିଥିଲେ। ବରିଷ୍ଠ ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଲୁପ୍ତପ୍ରାୟ କଳା ସଂସ୍କୃତି ଓ ସାହିତ୍ୟକୁ ବୃଦ୍ଧିମନ୍ତ କରିବା ସହ ନୌବାଣିଜ୍ୟ ପରମ୍ପରାର ରୋମନ୍ଥନ କରିବା ବୋଇତ ବନ୍ଦାଣ ଉତ୍ସବ ଆୟୋଜନ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି କହିଥିଲେ। ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ବେଦମନ୍ତ୍ର ପାଠ କରିଥିଲେ। ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିବା ସହ ସ୍ୱାଗତଭାଷଣ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଚିତ୍ର ବେହୁରା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତିତ୍ୱ ପ୍ରଦର୍ଶନ କରିଥିବା ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ଓ ଅନ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ସଭ୍ୟ ଚିତ୍ତରଞ୍ଜନ ମଲ୍ଲିକଙ୍କ ମାନପତ୍ର ପାଠ କରିଥିଲେ। ଉତ୍ସବ ପରେ ବିଧାୟକ ସାହୁ, ଖବରଦାତା ଶତପଥୀ ଓ ପୌର ଅଧ୍ୟକ୍ଷ ସାହୁ ସାଧବପୁଅ ଓ ବୋହୂଙ୍କ ଗହଣରେ ପତ୍ରପୁର ବ୍ରାହ୍ମଣୀ ନଦୀରେ ବୋଇତ ବନ୍ଦାଣ କରିଥିଲେ। କସ୍ତୁରୀ କଳା ନିକେତନ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଉତ୍ସବ ପୂର୍ବରୁ ପଟ୍ଟାମୁଣ୍ଡାଇ ବାଇପାସଠାରୁ ବିଭିନ୍ନ ସାଂସ୍କୃତିକ ଦଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ କଷଣଅଣ୍ଟା-ପତ୍ରପୁର ମଧ୍ୟସ୍ଥଳ ବ୍ରାହ୍ମଣୀ ନଦୀ ଉପକଣ୍ଠରେ ବୋଇତ ବନ୍ଦାଣ ଉତ୍ସବ ସ୍ଥଳରେ ପହଞ୍ଚିଥିଲେ। ଏହି କାର୍ଯ୍ୟକ୍ରମରେ ବିକାଶ ପରିଷଦର ବରିଷ୍ଠ ସଭ୍ୟ ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ଜେନା, ଶିକ୍ଷାବିତ୍ ଶ୍ରୀଧର ରାଉତ, ରାଜ କୁମାର ବିଶ୍ୱାଳ, ନବକିଶୋର ପଣ୍ଡା, ବିପିନ ବିହାରୀ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ନୌବାଣିଜ୍ୟ ସହ ସାଂସ୍କୃତିକ ମିଳନ ହେଉଥିଲା

- ବୋଇତ ବନ୍ଦାଣ ଉତ୍ସବ
- ପ୍ରଦୂଷିତ ଜଳଉତ୍ସର ସଂରକ୍ଷଣ ଆବଶ୍ୟକ

କେନ୍ଦ୍ରାପଡ଼ା, ୧୫।୧୧ (ଜଗନ୍ନାଥ ଧଳ)


ବୋଇତ ବନ୍ଦାଣ ଉତ୍ସବରେ ବିଧାୟକ ଗଣେଶ୍ୱର ବେହେରା ଓ ଅତିଥିମାପେନ।

କେନ୍ଦ୍ରାପଡ଼ା ଜିଲାର ନୌବାଣିଜ୍ୟ ପରମ୍ପରା ପ୍ରାଚୀନ। ସାଧବପୁଅ କନିକା ଉପସାଗରରୁ ବାଲି, ସିଂହଳ, ଜାଭା ଆଦି ଦ୍ୱୀପକୁ ଯାଇ ବ୍ୟବସାୟ କରୁଥିଲେ। ଏହା ବ୍ୟବସାୟ ମଧ୍ୟରେ ସୀମିତ ନ ରହି ସାଂସ୍କୃତିକ ମିଳନ ହେଉଥିଲା। ଏହାର ପ୍ରତ୍ୟକ୍ଷ ନିଦର୍ଶନ କେନ୍ଦ୍ରାପଡ଼ା ଜିଲା ସାରା ଦେଖାଯାଉଛି ବୋଲି ବାଲିଯାତ୍ରା ଉଦ୍‌ଘାଟନ ଅବସରରେ ଅତିଥିମାନେ ଶୁକ୍ରବାର ମତ ପ୍ରକାଶ କରିଛନ୍ତି।

କେନ୍ଦ୍ରାପଡ଼ା ସହର ନିକଟ ଗୁଲନଗରର ଗୋବରୀ ନଦୀ ପଠାରେ ବାଲିଯାତ୍ରା ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ମହୋତ୍ସବ କମିଟି ସଭାପତି ପ୍ରଦୀପ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଗଣେଶ୍ୱର ବେହେରା, ଏଡିଏମ୍ ନିଲୁ ମହାପାତ୍ର, ଜିଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ପୌରାଧ୍ୟକ୍ଷା ସରିତା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପ୍ରକାଶ କହିଥିଲେ, ଖୁଦୁରୁକୁଣୀ ଓଷାର ମୁଖ୍ୟନାୟିକା ସାଧବ ଝିଅ ତଅପୋଇର ଘର ରାଜନଗର ବ୍ଲକ ସାତଭାୟା ଅଞ୍ଚଳରେ ବୋଲି ବିଭିନ୍ନ ତଥ୍ୟକୁ ବିଶ୍ଳେଷଣ କଲେ ସୂଚନା ମିଳୁଛି। ଏଥିସହ ରାଜନଗର, ରାଜକନିକା, ଆଳି, ପଟ୍ଟାମୁଣ୍ଡାଇ, ମହାକାଳପଡ଼ା ବ୍ଲକ ଅଞ୍ଚଳରେ ନୌବାଣିଜ୍ୟ ପରମ୍ପରାର ସ୍ମାରକୀ ଭାବେ ମନ୍ଦିର ନିର୍ମାଣ ସହ ଅନ୍ୟାନ୍ୟ ନିଦର୍ଶନ ଦେଖିବାକୁ ମିଳୁଛି। ପଟ୍ଟାମୁଣ୍ଡାଇରେ ନଦୀଭିତ୍ତିକ ବନ୍ଦର, ପେଣ୍ଠ ସମୁଦ୍ର ପଥଠାରୁ ଆରମ୍ଭ କରି ଦରିଆ ନାହାକାଣୀ, ଅଲେକ ନାହାକାଣୀ, ଦରିଆ ରାମଚଣ୍ଡୀ, ପଞ୍ଚୁବରାହୀ ଆଦି ନୌବାଣିଜ୍ୟର ସ୍ମାରକୀ ଅଛି। ଜଳ ଘଡି, ଫଲ୍‌ସ ପଏଣ୍ଟ ହାର୍‌ବର ଆଦି ଜନଜୀବନ ସହିତ ସଂଶ୍ଳିଷ୍ଟ ହୋଇଛି। ତୃତୀୟ ଶତାବ୍ଦୀରୁ ନୌବାଣିଜ୍ୟ ପରମ୍ପରା ଏଠାରୁ ଆରମ୍ଭ ହୋଇଛି। ଷୋଡ଼ଶ ଶତାବ୍ଦୀରେ ଜଳଯାତ୍ରାରେ ଆଧିପତ୍ୟ ବିସ୍ତାର କରିଥିବା ସାଧବ ପୁଅ ଯୁଦ୍ଧ କ୍ଷେତ୍ରରେ ମଧ୍ୟ ପାରଙ୍ଗମ ଥିଲେ। ୧୬୮୦ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀର ଗୋଟିଏ ଜାହାଜରୁ ବିଭିନ୍ନ ସାମଗ୍ରୀ କନିକା ଉପସାଗରରେ ଜୋରଜବରଦସ୍ତ ଓହ୍ଲାଇ ଦେଇଥିବା ଇତିହାସ ଅଛି। ସେହିପରି ୧୮୬୫ମସିହାରେ ମରହଟ୍ଟା ସୈନିକ କନିକା ନୌଶକ୍ତି ଆଗରେ ହାର ମାନିଥିଲେ। ତେବେ ନୌବାଣିଜ୍ୟ ପରମ୍ପରା ଏବେ ହଜିଛି। ନଦୀ, ସମୁଦ୍ରଠାରୁ ନିଜ ପାଇଁ ଉଦ୍ଦିଷ୍ଟ ପୋଖରୀ ଗାଡ଼ିଆ ଜଳ ଏବେ ପ୍ରଦୂଷଣ ବଳୟରେ ଥିବା ଅତିଥିମାନେ ପ୍ରକାଶ କରିଛନ୍ତି। ଏହି ଅବସରରେ ଅତିଥିମାନେ ବାଲିଯାତ୍ରାର ମୁଖପତ୍ର ଉନ୍ମୋଚିତ କରିଥିଲେ। କମିଟି କର୍ମକର୍ତ୍ତା ସଞ୍ଜୟ ଜେନା, ଅଭିମନ୍ୟୁ ଗୋଚ୍ଛାୟତ, ଧୀରେନ୍ଦ୍ର ଦାସ, ଶୁଭ୍ରାଂଶୁ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୮ ଜଣଙ୍କ ନାଁରେ କୋର୍ଟ ରୁଜୁକଲେ ଆପରାଧିକ ମାମଲା

**ମହଙ୍ଗା ପଡ଼ିଲା ପ୍ରମାଣ ନଷ୍ଟ ପାଇଁ ମୃତଦେହକୁ ପୋଡ଼ିଦେବା ଘଟଣା**

- ଡିସେମ୍ବର ୪ରେ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ହେବାକୁ ସମନ
- ଚାର୍ଜଶିଟରୁ ଅଭିଯୁକ୍ତଙ୍କ ନାଁ କାଟି ଦେଇଥିଲା ଇଟାମାଟି ଥାନା ପୋଲିସ
- ଫିନା ହତ୍ୟା ଘଟଣା କୋର୍ଟଙ୍କ ନିର୍ଦ୍ଦେଶ ପରେ ତଦନ୍ତକାରୀ ଅଧିକାରୀ ଚର୍ଚ୍ଚାରେ

ନୟାଗଡ଼,୧୫।୧୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ପ୍ରମାଣ ନଷ୍ଟ କରିବାକୁ ଇଟାମାଟି ଥାନା ଅନ୍ତର୍ଗତ ବେହେରା ସାହିର ଫିନାଙ୍କ ମୃତଦେହକୁ ବ୍ୟବଚ୍ଛେଦ ନ କରି ଲୁଚାଇ ପୋଡ଼ିଦେବା ଓ ଚାର୍ଜସିଟ୍‌ରୁ ପୋଲିସ ଅଭିଯୁକ୍ତଙ୍କ ନାଁ କାଟିବା ଘଟଣା ମହଙ୍ଗା ପଡ଼ିଛି। ଫିନା ହତ୍ୟା ଘଟଣାରେ ଅଭିଯୋଗକାରୀ ଓ ସାକ୍ଷ୍ୟମାନଙ୍କର ବୟାନକୁ ଭିତ୍ତିକରି ନୟାଗଡ଼ ଏସ୍‌ଡିଜେଏମ୍ ସୋନାଲି ସରିତା ୮ଜଣ ଅଭିଯୁକ୍ତଙ୍କ ବିରୋଧରେ ଦଫା ୨୦୧, ୩୪ରେ ଆପରାଧିକ ମାମଲା ରୁଜୁ କରିଛନ୍ତି। ଫିନା ହତ୍ୟାକାଣ୍ଡର ଅଭିଯୁକ୍ତ ପ୍ରଶାନ୍ତ କୁମାର ପ୍ରଧାନ(୫୨), କିଶୋର ଚନ୍ଦ୍ର ନାୟକ(୫୪), ଦିଲୀପ ପଟ୍ଟନାୟକ(୪୨), କେଶବ ପ୍ରଧାନ(୬୨), ସୁଧୀର କୁମାର ପୃଷ୍ଟି(୩୫), ଲିଙ୍ଗରାଜ ପ୍ରଧାନ(୪୦), ଭାଗୀରଥି ବାଇ(୪୫) ଓ ଭରତ ପ୍ରଧାନ(୫୪)ଙ୍କୁ ଡିସେମ୍ବର ୪ରେ କୋର୍ଟରେ ହାଜର ହେବାକୁ ଏସ୍‌ଡିଜେଏମ୍ ସମନ କରିଛନ୍ତି। ଏହି ଘଟଣାରେ ତଦନ୍ତକାରୀ ଅଧିକାରୀଙ୍କ ଭୂମିକା ସନ୍ଦେହଘେରକୁ ଆସି ଚର୍ଚ୍ଚାକୁ ଆସିଛନ୍ତି।

ଇଟାମାଟି ବେହେରା ସାହିର ପଞ୍ଚୁ ପ୍ରଧାନଙ୍କ କୋର୍ଟରେ ଅଭିଯୋଗ ଅନୁସାରେ ଝିଅ ଫିନାଙ୍କୁ ସ୍ୱାମୀ ରାକେଶ ପ୍ରଧାନ, ଶ୍ୱଶୁର ଧୋବା ପ୍ରଧାନ, ଶାଶୁ ଯଶୋଦା ପ୍ରଧାନ, ଦାଦା ଶ୍ୱଶୁର ଗୋପାଳ ପ୍ରଧାନ ପ୍ରମୁଖ ମିଳିମିଶି ମାର୍‌ପିଟ କରି ହତ୍ୟା କରିଥିଲେ। ହତ୍ୟା ପରେ ବାପ ଘରକୁ ଅଥବା ପୋଲିସକୁ ନ ଜଣାଇ ସାକ୍ଷ୍ୟ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ କେତେଜଣ ଆତ୍ମୀୟ ଲୋକଙ୍କ ସହଯୋଗରେ ମୃତଦେହକୁ ନେଇ ରାତିରେ ପୋଡ଼ି ଦେଇଥିଲେ। ମୃତଦେହ ପୋଡ଼ି ଦେବା ଦ୍ୱାରା ବ୍ୟବଚ୍ଛେଦ କରାଯାଇପାରିଲା ନାହିଁ। ପଞ୍ଚୁଙ୍କ ଅଭିଯୋଗକୁ ଭିତ୍ତିକରି ଇଟାମାଟି ପୋଲିସ ଦଫା ୪୯୮(କ), ୩୦୨, ୨୦୧, ୩୪, ୪ ଡିପି ଆକ୍ଟରେ ନଂ.୧୪୬/୨୦।୬।୨୦୨୩ରେ ଫୌଜଦାରୀ ମାମଲା ରୁଜୁ କରଥିଲେ। ତଦନ୍ତ ସମୟରେ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୁବାସ ଚନ୍ଦ୍ର ବେହେରାଙ୍କ ସାମ୍ନାରେ ସାକ୍ଷୀମାନେ ଜମାନବନ୍ଦୀରେ ପ୍ରଶାନ୍ତ କୁମାର ପ୍ରଧାନ, କିଶୋର ଚନ୍ଦ୍ର ନାୟକ, ଦିଲ୍ଲୀପ ପଟ୍ଟନାୟକ, କେଶବ ପ୍ରଧାନ, ସୁଧୀର କୁମାର ପୃଷ୍ଟି, ଲିଙ୍ଗରାଜ ପ୍ରଧାନ, ଭାଗୀରଥି ବାଇ ଓ ଭରତ ପ୍ରଧାନ ପ୍ରମୁଖ ଓ ମୃତକ ଝିଅର ସ୍ୱାମୀ, ଶ୍ୱଶୁର, ଶାଶୁ, ଦଦା ଶ୍ୱଶୁରଙ୍କ ସହ ମିଶି ହତ୍ୟା କରି ପ୍ରମାଣ ନଷ୍ଟ କରିଥିବା ଅଭିଯୋଗ କରିଥିଲେ। ତଦନ୍ତକାରୀ ଅଧିକାରୀ ବୟାନକୁ ଡାଏରୀରେ ଲିପିବଦ୍ଧ କଲେ ଅଥଚ ବୟାନକୁ ୧୬୧ ଧାରା ଜମାନବନ୍ଦୀରେ ଉଲ୍ଲେଖ କରି ନ ଥିଲେ। ଅଭିଯୁକ୍ତମାନେ ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ପୋଲିସକୁ ହାତ କରି ଖସି ଯାଇଥିଲେ। ଅନ୍ୟପକ୍ଷେ ଶ୍ମଶାନରୁ ଝିଅ ଫିନାଙ୍କ ଅର୍ଦ୍ଧ ଦଗ୍ଧ ମାଂସ ଓ ହାଡକୁ ମଧ୍ୟ ତଦନ୍ତକାରୀ ଅଧିକାରୀ ଜବତ କରି ନ ଥିଲେ। କୋର୍ଟରେ ଚାର୍ଜସିଟ୍ ଦାଖଲ ପରେ ପୋଲିସ ଅଭିଯୁକ୍ତଙ୍କ ପ୍ରତି ଅନୁକମ୍ପା ଜଣାପଡ଼ିଥିଲା। ଝିଅ ହତ୍ୟା ଘଟଣା ଓ ଷଡ଼ଯନ୍ତ୍ର କରି ମୃତଦେହକୁ ପ୍ରମାଣ ନଷ୍ଟ ପାଇଁ ପୋଡ଼ି ଦେବା ଘଟଣାରେ ଅଭିଯୋଗ ପରେ କୋର୍ଟରେ ୱାନ ସିସି କେସ୍ କରାଯାଇଥିଲା।

ଏ ନେଇ ବରିଷ୍ଠ ଆଇନଜୀବୀ ରଣଜିତ ଦାଶ କହିଛନ୍ତି, ଫିନା ହତ୍ୟା ଘଟଣାରେ ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯାଇଥିଲେ ମୃତ୍ୟୁର ରହସ୍ୟ ଜଣାପଡ଼ଥାନ୍ତା। ହେଲେ ମୃତ୍ୟୁର ରହସ୍ୟ ଲୁକ୍କାୟିତ ପାଇଁ ବ୍ୟବସ୍ଥା କରାଯାଇଛି। ମୃତଦେହକୁ ପୋଡ଼ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଆଇନ ବିରୋଧୀ କାର୍ଯ୍ୟ କରାଯାଇଛି। ମୃତଦେହ ପୋଡ଼ି ଦେବା ଅଭିଯୋଗ ପାଇ ପୋଲିସ ଯାଇଥିଲା। ହେଲେ ସବୁ ଜାଣିଶୁଣି ମଧ୍ୟ ଅର୍ଦ୍ଧ ଦଗ୍ଧ ମୃତଦେହକୁ ଜବତ ନ କରିବାରୁ ପୋଲିସର ବିଫଳତା ଘଟଣା ରୋଚକ ମୋଡ଼କୁ ଆସିଛି। ଅଭିଯୋଗକାରୀ ପଞ୍ଚୁ ପ୍ରଧାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ପ୍ରୟାସ ଜାରି ରହିଛି। ୮ଜଣଙ୍କ ନାଁରେ ମାମଲା ହେଲା ପରେ ତତ୍କାଳୀନ ତଦନ୍ତକାରୀ ଅଧିକାରୀ ସୁବାସ ବେହେରାଙ୍କ ଅଡୁଆ ବଢ଼ିବାର ସମ୍ଭାବନା ରହିଛି। ତଦନ୍ତକାରୀ ଅଧିକାରୀଙ୍କର ତଦନ୍ତକୁ ପ୍ରଶ୍ନ କରି ତାଙ୍କ ବିରୋଧରେ ପୋଲିସ କମ୍ପ୍ଳେ ଅଥରିଟିଙ୍କ ନିକଟରେ ଲିଖିତ ଅଭିଯୋଗ କରାଯିବ ବୋଲି ସେ କହିଛନ୍ତି।


ଫିନା ପ୍ରଧାନ।

# ଶିଶୁ ଦିବସରେ ପିଲାଙ୍କ ଟୋପିକୁ ନେଇ ବିବାଦ


ଶିଶୁ ଦିବସରେ ପିଲାଙ୍କୁ ପିନ୍ଧା ଯାଇଥିବା ଟୋପି।

ନୟାଗଡ଼/ରଣପୁର,୧୫।୧୧ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ସମନ୍ୱିତ ଶିଶୁ ବିକାଶ କେନ୍ଦ୍ର ଅଧୀନରେ ଥିବା ଖଡିଆର ଏକ ଅଙ୍ଗନୱାଡି କେନ୍ଦ୍ରରେ ଗୁରୁବାର ଶିଶୁ ଦିବସ ପାଳନ ସମୟରେ ଶିଶୁମାନଙ୍କୁ ପିନ୍ଧା ଯାଇଥିବା ଟୋପିକୁ ନେଇ ବିବାଦ ଦେଖାଦେଇଛି। ଏହି ଗାଁରେ ସମସ୍ତ ଲୋକ ହିନ୍ଦୁ ଧର୍ମାବଲମ୍ବୀ ହୋଇଥିବା ବେଳେ ଉକ୍ତ ଟୋପି ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବୋଲି କୁହାଯାଇ ଏହାକୁ ବିରୋଧ କରାଯାଇଛି।

କାର୍ଯ୍ୟକ୍ରମ ପାଳନ ବେଳେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ପିଲାମାନଙ୍କୁ ଏକ ଧଳା ଟୋପି ପିନ୍ଧାଇ ଥିଲେ। ଏହାକୁ ନେଇ ସ୍ଥାନୀୟ ଲୋକମାନେ ଅସନ୍ତୋଷ ପ୍ରକାଶ କରିବା ସହ ଏଥିପାଇ କିଏ ନିର୍ଦ୍ଦେଶ ଦେଇଥିଲା ତା'ର ତଦନ୍ତ ହେବା ଦରକାର ବୋଲି ସେମାନେ ଦାବି କରିଛନ୍ତି। ଏ ନେଇ ରଣପୁର ସିଡିପିଓ ଗୀତାଞ୍ଜଳି ଦଲାଲ କହିଛନ୍ତି, ଟୋପି ପିନ୍ଧା ଘଟଣା ଜାଣିବା ପରେ ମୁଁ ମର୍ମାହତ। କ'ଣ ପାଇଁ ଏକ ନିର୍ଦ୍ଦିଷ୍ଟ ଧର୍ମର ଟୋପି ପିନ୍ଧିବାକୁ ଦିଆଯାଇଛି ତା'ର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ। ଏ ନେଇ ସମ୍ପୃକ୍ତ କେନ୍ଦ୍ରର ଅଙ୍ଗନୱାଡି କର୍ମୀଙ୍କୁ ତାଗିଦ୍ ସହ ଆଗକୁ ଏଭଳି ଘଟଣା ନ ଘଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ବୋଇତ ବନ୍ଦାଣ ଉତ୍ସବ ଶେଷ

ନୟାଗଡ଼, (ଲୋକନାଥ ମିଶ୍ର)

ନୟାଗଡ଼ ଦକ୍ଷିଣ କାଳି ପଡ଼ିଆରେ ୫ ଦିନ ଧରି ଚାଲିଥିବା ବୋଇତ ବନ୍ଦାଣ ଉତ୍ସବ ଶୁକ୍ରବାର ଶେଷ ହୋଇଛି। ଶୀତୁଆ ସକାଳରେ ହଜାର ହଜାର ଦର୍ଶକ ସାଗର ପୋଖରୀ କୂଳରେ ପହଞ୍ଚି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥିଲେ। ସାଗର ପୋଖରୀ କୂଳରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ନୟାଗଡ଼ ଏସ୍‌ପି ଏସ.ସୁଶ୍ରୀ, ଉପଜିଲାପାଳ କର୍ଣ୍ଣଦେବ ସମାଦାର, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଏଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ବୋଇତ ବନ୍ଦାଣ କମିଟିର ସଭାପତି କିଷାନ କୁମାର ଦାସ ଓ ଅଭିନେତ୍ରୀ ଦିବ୍ୟା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଦର୍ଶକମାନଙ୍କୁ ଅଭିନେତ୍ରୀ ଦିବ୍ୟାଙ୍କ ନୃତ୍ୟ ବାନ୍ଧି ରଖିଥିଲା। ସ୍ଥାନୀୟ କଳାକାରଙ୍କ ଦ୍ୱାରା ତଅପୋଇ ନାଟକ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ କାଉନସିଲର ଓ ଜନପ୍ରତିନିଧିମାନେ ଯୋଗ ଦେଇଥିଲେ।


ନୟାଗଡ଼ ବୋଇତରେ ଥିବା ଅତିଥିମାନେ।


ଉତ୍ସବରେ ବିଧାୟକ ଅରୁଣ କୁମାର ସାହୁ ଓ ଅନ୍ୟ ଅତିଥିମାନେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଶଶିକାନ୍ତ


@ ପବିତ୍ର


@ ଜ୍ଞାନରଞ୍ଜନ


@ ସତ୍ୟଜିତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମା'ନାରାୟଣୀ ପୀଠରେ ଭାଗବତ ସପ୍ତାଙ୍ଗ କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୧୫।୧୧ (ଅଜୟ କୁମାର ମହାରଣା)

ଭାପୁର ବ୍ଲକ ଅନ୍ତର୍ଗତ ପଥରଚକଡ଼ାସ୍ଥିତ ମା' ନାରାୟଣୀଙ୍କ ପୀଠରେ ବାର୍ଷିକ ଭାଗବତ ସପ୍ତାଙ୍ଗ ତଥା ଯଜ୍ଞ ଉତ୍ସବ ବେଶ୍ ଆଧ୍ୟାତ୍ମିକତା ଢଙ୍ଗରେ ଅଁଳାନବମୀଠାରୁ ଆରମ୍ଭ ହୋଇ ପୂର୍ଣ୍ଣମୀ ତିଥିରେ ଉଦ୍‌ଯାପିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ଏହି ପବିତ୍ର ସପ୍ତାଙ୍ଗ ଯଜ୍ଞ ଦର୍ଶନ ପାଇଁ ମା' ନାରାୟଣୀଙ୍କ ପୀଠରେ ପ୍ରାତଃ କାଳରୁ ସମାଗମ ହେଉଥିବା ପରିଲକ୍ଷିତ ହେଉଛି। ଜୀବ ଜଗତର କଲ୍ୟାଣ ନିମନ୍ତେ ଏହି ଆଧ୍ୟାତ୍ମିକ ସପ୍ତାଙ୍ଗ କାର୍ଯ୍ୟକ୍ରମ ପାଳିତ ହୋଇଥିବା କାର୍ଯ୍ୟକ୍ରମର ମୁଖ୍ୟ କର୍ତ୍ତା କୃଷ୍ଣଚନ୍ଦ୍ର ଶତପଥୀ ସୂଚନା ଦେଇଛନ୍ତି। ଏହି ଅବସରରେ ହୋମଯଜ୍ଞ, ବେଦପାଠ, ଭାଗବତ କଥାମୃତ, ସୂର୍ଯ୍ୟପୂଜା ଆଦି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି ଉତ୍ସବରେ ଗଣ୍ୟମାନ୍ୟ ବ୍ୟକ୍ତି, ବ୍ରାହ୍ମଣ ସମାଜର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସେହିପରି ଖଣ୍ଡପଡ଼ା ବ୍ଲକ୍ ଅଧୀନ କିଆଝରପାଟଣା ଗାଁରେ ୭ ଦିନ ଧରି ଚାଲିଥିବା ସପ୍ତାଙ୍ଗ କାର୍ଯ୍ୟକ୍ରମ ପୂର୍ଣ୍ଣାହୁତି ଉତ୍ସବ ସହ ଉଦ୍‌ଯାପିତ ହୋଇଯାଇଛ। ପୂର୍ଣ୍ଣାହୁତି ଉତ୍ସବରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଭୀମରା ପାହାଡ଼ଠାରେ ଶ୍ରଦ୍ଧାଳୁଙ୍କ ସମାଗମ

ଦଶପଲ୍ଲା ୧୫।୧୧ (ପ୍ରକାଶ କୁମାର ପାଣି)

କାର୍ତ୍ତିକ ପୂର୍ଣ୍ଣିମାରେ ବିଭିନ୍ନ ଦେବାଳୟରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଭୋରୁ ବିଭିନ୍ନ ପୋଖରୀ ଏବଂ ନଦୀରେ ବହୁଲୋକ ସମାଗମ ହୋଇ ବୋଇତ ବନ୍ଦାଣ କରିଥିଲେ। ପର୍ଯ୍ୟଟନସ୍ଥଳ ଖମାରସାହି ପଞ୍ଚାୟତରେ ଥିବା ଭୀମରା ପାହାଡ଼ଠାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ସ୍ୱପ୍ନେଶ୍ୱର ମହାବୀର ପୀଠରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଡିହ ଗାଁ ସମେତ ବିଭିନ୍ନସ୍ଥାନରେ ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦୁର୍ଗା ବଜାର କଲୋନୀ ପରିସରରେ ଥିବା ସାଇ ମନ୍ଦିରରେ ହୋମଯଜ୍ଞ ସହ ଦିନତମାମ ବିଭିନ୍ନ ଉତ୍ସବମାନ ଅନୁଷ୍ଠିତ ହୋଇଥିଲା। ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

# ତୈଳିକ ବୈଶ୍ୟ ସମାଜର ବୋଇତ ବନ୍ଦାଣ ଉତ୍ସବ


ଉତ୍ସବରେ ଡଙ୍ଗାରେ ଯାଉଥିବା ଲୋକମାନେ।

ଖଣ୍ଡପଡ଼ା,୧୫।୧୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ବନମାଳୀପୁର ଗାଁରେ ତୈଳିକ ବୈଶ୍ୟ ସମାଜ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଅନୁଷ୍ଠିତ ହୋଇଯାଇଛି। ତୈଳିକ ବୈଶ୍ୟ ସମାଜର ପ୍ରାଚୀନ ଐତିହ୍ୟ ଓ ପରମ୍ପରାକୁ ଉଦ୍‌ଜୀବିତ କରି ରଖିବାର ମହତ୍ ଲକ୍ଷ୍ୟ ନେଇ ବୋଇତ ବନ୍ଦାଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରାତଃ ସମୟରେ ସମାଜର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ପାରମ୍ପରିକ ପ୍ରଥାନୁଯାୟୀ ଅନୁଷ୍ଠିତ ହୋଇଥିଲା। ପରେ ତୈଳିକ ବୈଶ୍ୟ ସମାଜର ପତାକା ଉତ୍ତୋଳନ ଅବସରରେ କୌଳିକ ସଙ୍ଗୀତ ଗାନ କରାଯାଇଥିଲା। ସମାଜର କର୍ମକର୍ତ୍ତା ୧୮ ଥାନର ଥାନପତି, ସ୍ଥାୟୀ ସଭାପତି ଶରତ କୁମାର ସାହୁ, ଉପସଭାପତି ମୁରଲୀଧର ସାହୁ, ସମ୍ପାଦକ ଭିକାରୀ ଚରଣ ସାହୁ, ସହ ସମ୍ପାଦକ ଉମାକାନ୍ତ ସାହୁ, ଶିକ୍ଷା ସମ୍ପାଦକ ସନ୍ତୋଷ କୁମାର ସାହୁ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ପୂର୍ବତନ ସରପଂଚ ଶରତ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାଜର ପୂର୍ବତନ ମହାସଭାର ଅଧ୍ୟକ୍ଷ ପଦ୍ମନାଭ ସାହୁ, ଉପାଧ୍ୟକ୍ଷ ବିମ୍ବାଧର ସାହୁ, ସଂସାରୀ ସାହୁ ପ୍ରମୁଖ ଉତ୍ସବ ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପରବର୍ତ୍ତୀ ସମୟରେ ସମସ୍ତଙ୍କ ଉପସ୍ଥିତିରେ ସମାଜର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇ ନୀତି ନିର୍ଦ୍ଧାରଣ କରାଯାଇଥିଲା।

# ଗୋଡ଼ିପଡ଼ାରେ ଶିଶୁ ଉତ୍ସବ ସୃଜନୀ

ଶରଣକୁଳ, ୧୫।୧୧(ଦୀପକ କର)

ଶିଶୁମାନଙ୍କର ଅନ୍ତର୍ନିହିତ ଗୁଣର ପରିପ୍ରକାଶ ପାଇଁ ଗୋଡ଼ିପଡ଼ା ଉତ୍କଳ ପବ୍ଲିକ ସ୍କୁଲରେ ଶିଶୁ ଉତ୍ସବ ସୃଜନୀ ଅନୁଷ୍ଠିତ ହୋଇଯାଇଛି। ପିଲାଙ୍କ ମଧ୍ୟରେ ଚିତ୍ରକଳା, ଲୋକନୃତ୍ୟ, ଲୋକ ସଙ୍ଗୀତ, ଭାଷାଜ୍ଞାନ, ବକ୍ତୃତା, ରଙ୍ଗୋଲି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୨ଶହରୁ ଊର୍ଦ୍ଧ୍ୱ ପିଲା ଅଂଶଗ୍ରହଣ କରିଥିଲେ। ସ୍କୁଲ ସଭାପତି ଶରତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ଅଙ୍ଗିସିଙ୍ଗି କ୍ଲଷ୍ଟର ସିଆର୍‌ସିସି ରାଜେଶ କୁମାର ଷଡ଼ଙ୍ଗୀ, ଗୋଡ଼ିପଡ଼ା ସିଆର୍‌ସିସି ଭାସ୍କର ପୃଷ୍ଟି, ବିଦ୍ୟାଳୟ ସମ୍ପାଦିକା ରଞ୍ଜିତା ଷଡ଼ଙ୍ଗୀ ଓ ଚିତ୍ରଶିଳ୍ପୀ ଶ୍ରବଣ କୁମାର ସାହୁ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୪୩ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉତ୍ସବ ଶେଷରେ ଶହ ଶହ ଛାତ୍ରୀଛାତ୍ର ଖୁସିରେ ବେଲୁନ ଫୁଟେଇ ମିଳିତ ନୃତ୍ୟ କରିଥିଲେ।

# ନୀଳମାଧବ ଜୀଉଙ୍କ ପଶାଖେଳ, ଗଜ ଉଦ୍ଧାରଣ ବେଶ

**ରାସ ପଞ୍ଚକ ଉଦ୍‌ଯାପିତ, ସବୁଠି ଆଧ୍ୟାତ୍ମିକ ପରିବେଶ**

ଖଣ୍ଡପଡ଼ା,୧୫।୧୧ (ଅଜୟ କୁମାର ମହାରଣା)

ନୀଳମାଧବ ଜୀଉଙ୍କ ସକାଳେ ଜୁଗଳମୂର୍ତ୍ତି ଓ ସନ୍ଧ୍ୟାରେ ଗଜ ଉଦ୍ଧାରଣ, ପଶାଖେଳ ତଥା ରାଜରାଜେଶ୍ୱରୀ ବେଶ ଦର୍ଶନ ପାଇଁ ପ୍ରବଳ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। କାର୍ତ୍ତିକ ମାସର ଶେଷ ପର୍ବ କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଆ କା ମା ବୈ, ପାନ ଗୁଆ ଥୋଇ... ଉଚ୍ଚାରଣ କରି ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଶୁକ୍ରବାର ଭୋରୁ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ନଦୀ, ପୋଖରୀ ଆଦି ସ୍ଥାନରେ ପଟକା(ଡ଼ଙ୍ଗା) ଭସାଇ ଥିଲେ। ବିଶେଷକରି କଣ୍ଟିଲୋ ନୀଳମାଧବ ଜୀଉଙ୍କ ପାଦ ଦେଶରେ ପ୍ରବାହିତ ମହାନଦୀ ଘାଟରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଇବା ସହ କଦଳୀ ପଟୁକା ଓ ସୋଲରେ ନିର୍ମିତ ବୋଇତ ଭସାଇଥିଲେ। ଶୁକ୍ରବାର ସକାଳ ୫ଟା ପୂର୍ବରୁ ବୋଇତ ଭସାଣ କାର୍ଯ୍ୟ ସମାପ୍ତ କରି ସମସ୍ତେ ନୀଳମାଧବ ଜୀଉ, ରାଧାମୋହନ ଜୀଉ, ରଘୁନାଥ ଜୀଉ ଆଦି ଠାକୁରଙ୍କୁ ଦର୍ଶନ କରିଥିଲେ। ନିକଟସ୍ଥ ମା'ନାରାୟଣୀ ଠାକୁରାଣୀଙ୍କ ମେଳା ଅନୁଷ୍ଠିତ ହୋଇଥିବାରୁ ପଥରଚକଡ଼ା ସମେତ କଣ୍ଟିଲୋ, ବାଣପୁର, ଧାନଚେଙ୍ଗଡ଼ା, ପଦ୍ମାବତୀ ଆଦି ଅଞ୍ଚଳରୁ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମା'ନାରାୟଣୀଙ୍କ ଦର୍ଶନ ପାଇଁ ରାତ୍ର ପର୍ଯ୍ୟନ୍ତ ଭିଡ଼ ଲାଗି ରହିଥିଲା। ଏହି ମେଳା ଉପଲକ୍ଷେ ରଣପୁର ଅଞ୍ଚଳର ହରିଶ୍ଚନ୍ଦ୍ର ନାଟକ ଦେଖିବାକୁ ପୂର୍ବାହ୍ନରୁ ଅପରାହ୍ନ ପର୍ଯ୍ୟନ୍ତ ଦର୍ଶକ ସମାଗମ ହୋଇଥିବାବେଳେ ପଥରଚକଡ଼ା ଯୁବ କଳାକାରମାନଙ୍କ ପକ୍ଷରୁ ପରିବେଷିତ 'କାନ୍ଦେନା ଲୋ ଲୁହ ସରିଯିବ' ସାମାଜିକ ନାଟକ ଉପଭୋଗ କରିବାକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକମାନେ ଭିଡ଼ ଜମାଇଥିଲେ। ଅପରପକ୍ଷରେ ନୀଳମାଧବ ଜୀଉ ଓ ଏହାର ପାର୍ଶ୍ୱ ଠାକୁର ରାଧାମୋହନ ଜୀଉଙ୍କୁ ପଶାଖେଳ ସହ ଗଜ ଉଦ୍ଧାରଣ ବେଶରେ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ଆଜିର ଦିନରେ ହବିଷ୍ୟାଳୀମାନେ ଏକତ୍ରିତ ହୋଇ କାର୍ତ୍ତିକ ମହାତ୍ମ୍ୟ ଶ୍ରବଣ କରିଥିଲେ। କାର୍ତ୍ତିକ ମାସର ଶେଷ ଦିନରେ କଣ୍ଟିଲୋ ନୀଳମାଧବ ଜୀଉଙ୍କ ପୀଠରେ ହଜାର ହଜାର ଶ୍ରଦ୍ଧାଳୁ ସ୍ଥାନୀୟ ତଥା ବିଭିନ୍ନ ଅଞ୍ଚଳରୁ ସମାଗମ ହୋଇଥିଲେ। ଏହି ପୀଠରେ ପାର୍କିଂ ବ୍ୟବସ୍ଥା ନ ଥିଲେ ମଧ୍ୟ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶଙ୍କ ନେତୃତ୍ୱରେ କର୍ମଚାରୀମାନେ ଶୃଙ୍ଖଳିତ ଭାବେ ଟ୍ରାଫିକ୍ ସୁପରିଚାଳନା ଯୋଗୁ ଦୁଇ ଚକିଆ, ହାଲକା ଯାନ ଓ ଭାରିଯାନ ଶ୍ରୀନୀଳମାଧବ ଜୀଉ ପୀଠକୁ ଆସିଥିବାବେଳେ କୌଣସି ବିଶୃଙ୍ଖଳା ସୃଷ୍ଟି ହୋଇ ନ ଥିଲା। ସେହିପରି ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠରେ ୪ ଦିନ ହେଲା ହଜାର ହଜାର ପର୍ଯ୍ୟଟକ ଓ ଭକ୍ତଙ୍କ ସମାଗମ ହୋଇଥିବାବେଳେ ପୋଲିସ ପ୍ରଶାସନ ଓ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ଏଠାରେ ଚାଲିଥିବା ମେଳା ଶୃଙ୍ଖଳିତ ଭାବେ ସମାପନ ହୋଇଯାଇଛି।



ନୀଳମାଧବଙ୍କ ଯୁଗଳ ଓ ପଶାଖେଳ ବେଶ।

# ‘ଉତ୍ସର୍ଗୀକୃତ ଜୀବନ ପାଇଁ ଭଗବାନ ପାଲଟିଛନ୍ତି ବିର୍ସା ମୁଣ୍ଡା’

## ସୁକିନ୍ଦାରେ ଜନଜାତୀୟ ଗୌରବ ଦିବସ

ଯାଜପୁର/କାଳିଆପାଣି, ୧୫।୧୧ (ହର୍ଷବର୍ଦ୍ଧନ ବେହେରା/ଅସିତ ମହାନ୍ତ)


କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ, ଜିଲାପାଳ ଏବଂ ଅନ୍ୟମାନେ।

ଯାଜପୁର ଜିଲା ସୁକିନ୍ଦା ସଦର ମହକୁମା ସୁକିନ୍ଦା ଭବନ ପଡ଼ିଆଠାରେ ଶୁକ୍ରବାର ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ବିପ୍ଳବୀ ତଥା ଆଦିବାସୀ ପ୍ରବାଦ ପୁରୁଷ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀକୁ ଜନଜାତି ଗୌରବ ଦିବସ ଭାବେ ପାଳନ କରାଯାଇଛି। କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରାଳୟ ପକ୍ଷରୁ ଦେଶର ସମସ୍ତ ଅନୁସୂଚିତ ଜନଜାତି ବହୁଳ ଗ୍ରାମ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମ ସଭାରେ ପେସା, ଜଙ୍ଗଲ ଅଧିକାର ଆଇନ, ପଞ୍ଚାୟତ ବିକାଶ ସୂଚୀ ଆଦି ବିଷୟରେ ଜନସାଧାରଣଙ୍କୁ ପ୍ରଶିକ୍ଷଣ ମାଧ୍ୟମରେ ସଚେତନ କରାଯାଉଛି। ଏହି ଅବସରରେ ରାଜ୍ୟ ସମବାୟ, ବୟନଶିଳ୍ପ, ହସ୍ତଶିଳ୍ପ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଅନାଲୋଚିତ ଜୀବନ ଉପରେ ବକ୍ତବ୍ୟ ରଖି ଦେଶ ସ୍ୱାଧୀନତାରେ ଆଦିବାସୀଙ୍କ ଯୋଗଦାନକୁ ଆଲୋକପାତ କରିଥିଲେ। ଅସାଧାରଣ ବ୍ୟକ୍ତିତ୍ୱ ଓ ଉତ୍ସର୍ଗୀକୃତ ଜୀବନ ପାଇଁ ତାଙ୍କୁ ଲୋକେ ଭଗବାନ ଭାବେ ପୂଜା କରୁଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ବିପ୍ଳବୀ ବିର୍ସା ମୁଣ୍ଡାଙ୍କ ସଂଗ୍ରାମର ବୀରତ୍ୱ କାହାଣୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ସାମନ୍ତ ୧୩ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ଓ ପିଏମ୍ ଜନମନ ଯୋଜନାରେ ୧୦ ଜଣଙ୍କୁ ଆଧାର କାର୍ଡ ବଣ୍ଟନ କରିଥିଲେ। ଜନଜାତୀୟ ଗ୍ରାମ ଉତ୍କର୍ଷ ଯୋଜନାରେ ଓଡ଼ିଶାରେ ୨୭ ଜିଲାର ୭୬୬୭ ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି। କାର୍ଯ୍ୟକ୍ରମରେ ବନ୍ଧଗାଁ ଆଶ୍ରମ ସ୍କୁଲର ଛାତ୍ରୀଛାତ୍ର, ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ସ୍ୱାସ୍ଥ୍ୟ ଶିବିର, ଆଧାର କ୍ୟାମ୍ପ, କୃଷି, ପ୍ରାଣୀ ସମ୍ପଦ, ପେନ୍‌ସନ, ରାଶନ କାର୍ଡ, ମିଶନ ଆଶ୍ରା ବାଉଁଶ କାରୁକାର୍ଯ୍ୟ, ଆଦିବାସୀ ମହିଳା ସ୍ୱୟଂ ସହାୟକ ଦଳଙ୍କ ଦ୍ୱାରା ପ୍ରସ୍ତୁତ ବଡ଼ି, ଆଚାର ପ୍ରଭୃତି ସାମଗ୍ରୀ ଭଳି ୧୧ଟି ପ୍ରଦର୍ଶନୀ ଷ୍ଟଲ ଖୋଲାଯାଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ଓ ଜିଲା କଲ୍ୟାଣ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁକିନ୍ଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିଷେକ ସ୍ୱାଇଁ ଓ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବରୁଣ୍ଡେଇରେ ହରିହରଙ୍କ ମିଳନପର୍ବ


ଭକ୍ତ ପୋଖରୀ ମଝିରେ ଥିବା ହରିଙ୍କ ଦର୍ଶନ ନିମନ୍ତେ ବାଉଁଶ ପୋଲରେ ଯାଉଛନ୍ତି।

ପାଣିକୋଇଲି,୧୫।୧୧(ବିକାଶ ମଲ୍ଲିକ)

କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡେଇ ଗ୍ରାମର ବଡ଼ପୋଖରୀ ମଝିରେ ଥିବା ହରି(ନାରାୟଣ) ଓ ପୋଖରୀ କୂଳରେ ଥିବା ହର(ହିରଣ୍ୟେଶ୍ୱର)ଙ୍କ ମହାମିଳନପର୍ବ ରାସର ପୂର୍ଣ୍ଣିମାରେ ଉଦ୍‌ଯାପିତ ହୋଇଛି। ଏହି ମହାମିଳନକୁ ଦର୍ଶନ କରିବା ପାଇଁ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ପୀଠରେ ଏକତ୍ରିତ ହୋଇଥିଲେ। ଭକ୍ତମାନେ ପୋଖରୀ ମଝିରେ ଥିବା ହରିଙ୍କ ଦର୍ଶନ ନିମନ୍ତେ ଏକ ଅସ୍ଥାୟୀ ବାଉଁଶ ତିଆରି ପୋଲରେ ଯାଇଥିଲେ। ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସନାୟକ, ସମ୍ମାନିତ ଅତିଥି ଭାବେ ଯାଜପୁର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଭାଜପା ଯୁବନେତା ପ୍ରକାଶ ଧଳ, ଜିଲାପରିଷଦ ସଭ୍ୟ ଉମାକାନ୍ତ ମାଝୀ ଯୋଗ ଦେଇ ଦିଅଁ ଦର୍ଶନ କରିଥିଲେ।

# ଆଇନଜୀବୀ ଉପେନ୍ଦ୍ର ନାଥ ଦାଶଙ୍କ ସ୍ମୃତିସଭା


ସ୍ମୃତିସଭାରେ ଯୋଗଦେଇଥିବା ଅତିଥିମାନେ।

ଯାଜପୁର,୧୫।୧୧(ହର୍ଷବର୍ଦ୍ଧନ ବେହେରା)

ବ୍ୟାସନଗର ନାଗରିକ କମିଟି ପକ୍ଷରୁ ବରିଷ୍ଠ ଆଇନଜୀବୀ ଉପେନ୍ଦ୍ର ନାଥ ଦାଶଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ପୋଲିସ ଏଡିଜି ସଞ୍ଜୀବ ପଣ୍ଡା, ପୂର୍ବତନ ପୌରାଧ୍ୟକ୍ଷ ରସାନନ୍ଦ ମହାନ୍ତି, ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ ଓ ବନ୍ଦିତା ପରିଡ଼ା, ଶ୍ରମିକନେତା ବିଦ୍ୟାଧର ମହାନ୍ତି, ଆଇନଜୀବୀ ବିବେକାନନ୍ଦ ମହାନ୍ତି, ରାଜୀବ ମହାନ୍ତି, ଚନ୍ଦ୍ରଶେଖର ପଣ୍ଡା, ଜଗନ୍ନାଥ ପ୍ରସାଦ ପତି, ନୋଟାରି ସସ୍ମିତା ସ୍ୱାଇଁ, ସାମ୍ବାଦିକ ଉଦୟ ଖଣ୍ଡାଇ, ଉମାକାନ୍ତ ରାଉତ, ନିତ୍ୟାନନ୍ଦ ମାହାଳିକ, ସଞ୍ଜୟ ସରକାର୍, ବିଷ୍ଣୁପ୍ରସାଦ ଦାଶ, କିଷାନ ବରାଳ, ପ୍ରଦୀପ ସାମଲ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ଦାଶଙ୍କ ସହଧର୍ମଣୀ ଶାନ୍ତିଲତା ଦାଶ, ପୁଅ ଅଂଶୁମାନ ଦାଶ, ଝିଅ ଅଂଶୁମାଳୀ ତ୍ରିପାଠୀ, ଜେମ୍ସ ସ୍କୁଲର ସଭାପତି ଅସ୍ମିତା ପତି, ସିନେ ଅଭିନେତ୍ରୀ ନୈନା ଦାଶ, ସ୍ୱାଇଁ ସୁଶାନ୍ତ ତ୍ରିପାଠୀ, ଅଭୟ ପତି, ସିଦ୍ଧାର୍ଥ ତିୱାରୀ, ନାତିନାତୁଣୀ ଏବଂ ବନ୍ଧୁବର୍ଗ ସଭାରେ ଉପସ୍ଥିତ ଥିଲେ। ଡ. ଦୁଷ୍ମନ୍ତ ନାୟକ ପରିଚାଳନାରେ ଆୟୋଜିତ ସଭାରେ ନାଗରିକ କମିଟି ପକ୍ଷରୁ ଉପସଭାପତି ନରେନ୍ଦ୍ର ଜେନା ଏବଂ ହୃଦାନନ୍ଦ ସାମଲ, ସମ୍ପାଦକ ଦୁର୍ଯ୍ୟୋଧନ ରାଉତ, ହୃଷୀକେଶ ସାହୁ, ଚନ୍ଦ୍ରମଣି ସାମଲ, ବଟକୃଷ୍ଣ ମହାରଣା, ଅକ୍ଷୟ କୁମାର ପଣ୍ଡା, ଡ. ପ୍ରମୋଦ ଶତପଥୀ, ଅରୁଣ ପରିଡ଼ା, ଦାମୋଦର ପଣ୍ଡା, କାର୍ତ୍ତିକ ଚନ୍ଦ୍ର ସାହୁ, ସଦାଶିବ ଦାଶ ପ୍ରମୁଖ ଆଇନ ସେବା ଏବଂ ସମାଜସେବା କ୍ଷେତ୍ରରେ ଦାଶଙ୍କ କାର୍ଯ୍ୟର ଗୁଣଗାନ କରିଥିଲେ। ସ୍ୱର୍ଗତ ଦାଶଙ୍କର ମଝିଆ ସ୍ୱାଇଁ ତଥା ବରିଷ୍ଠ ସାମ୍ବାଦିକ ଅଭୟ ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ବିରଜା କ୍ଷେତ୍ର ବୋଇତ ବନ୍ଦାଣ ଉତ୍ସବ

ଯାଜପୁର ଟାଉନ,୧୫।୧୧
(ପ୍ରଜ୍ଞା ପ୍ରିୟଦର୍ଶନୀ ମହାନ୍ତି)



ଯାଜପୁର ସହରର ପୂର୍ଣ୍ଣତୋୟା ବୈତରଣୀର ଶାଖା ବୁଢ଼ାନଦୀ ଚମ୍ପାଘାଟ ଠାରେ ଜିଲାସ୍ତରୀୟ ବିରଜାକ୍ଷେତ୍ର ବୋଇତ ବନ୍ଦାଣ ଉତ୍ସବ ‘ଆହ୍ୱାନ’ ସ୍ୱେଚ୍ଛାସେବୀ ଓ ସାଂସ୍କୃତିକ ସଂଗଠନ ପକ୍ଷରୁ ତପନମହରଣ୍ୟ ଶର୍ମାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ବିଧାୟିକା ସୁଜାତା ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଯାଜପୁର ପୌରପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା ଯୋଗଦେଇ ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତାରୂପେ ଡ. ଦାମୋଦର ବେହେରା ଯୋଗଦେଇ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ତଥା ସାଧବ ପୁଅମାନେ କିପରି ବିଦେଶକୁ ଯାଇ ବ୍ୟବସାୟ ବାଣିଜ୍ୟ କରି ଧନରତ୍ନ ଏହି ଉତ୍କଳ ମାଟିକୁ ଆଣିପାରୁଥିଲେ ବୋଲି ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିରୂପେ ଅନନ୍ୟା ସାହିତ୍ୟ ସଂସଦର ସଭାପତି ଯୁବନେତା ସନ୍ତୋଷ ନନ୍ଦ, ବରେଣ୍ୟ ଅତିଥିରୂପେ ସରପଂଚ ଦେବାଶିଷ ପଣ୍ଡା ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ବିଶ୍ୱଜିତ ସାହୁ ବିବରଣୀପାଠ କରିବା ସହ ଅତିଥିପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ସାଇ ଡ୍ୟାନ୍ସ ଗ୍ରୁପ ଓ ବାସୁଦେବ କଳା ପରିଷଦ ଯାଜପୁର ପକ୍ଷରୁ ଭଜନ ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ପକ୍ଷରୁ ଇଚ୍ଛାମୟୀ ଧଳ, ଅକ୍ଷୟ ଚରଣ ପୃଷ୍ଟି, ଉଷାରାଣୀ ସେନ, ଜଗନ୍ନାଥ ମିଶ୍ର, ଅଙ୍କିତ ସାହୁ, ରାଜପରମବୀର ଦାସ, ଅନୁସୟା ମହାପାତ୍ର, ରାଜନନ୍ଦିନ ଦାସ, ବନାନୀ ସାହୁ, ବନିତା ବାରିକ, ସ୍ମରଣିକା ବିଶ୍ୱାଳ, ପିତାମ୍ବର ନାୟକ ପ୍ରମୁଖ ପରିଚାଳନା କରିଥିଲା ବେଳେ ନଟବର ଜେନା ଧନ୍ୟବାଦ ଦେଇଥିଲେ।

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-43-24

**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ୍ ସ୍ଥିତ ଜିଲ୍ଲା ପ୍ରଶିକ୍ଷଣ ଏବଂ କ୍ୟାମ୍ପିଙ୍ଗ୍ କମ୍ପ୍ଲେକ୍ସ, ପୂର୍ବ ତଟ ରେଳପଥ, ଭାରତ ସ୍କାଉଟ୍ସ ଏବଂ ଗାଇଡ୍‌ସରେ ସମ୍ମିଳନୀ ହଲ ଏବଂ ସେବା ଭବନ ଗୁଡ଼ିକର ନିର୍ମାଣ ସମ୍ବନ୍ଧୀୟ ବିଦ୍ୟୁତୀକରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 30,33,383.99, EMD (ଟଙ୍କାରେ): 60,700/-, ଶେଷ ହେବା ଅବଧି: 03 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.04.12.2024 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(G)/ ଖୋର୍ଦ୍ଧା ରୋଡ୍
PR-727/P/24-25

# କଂଗ୍ରେସ ପକ୍ଷରୁ ନେହେରୁ ଜୟନ୍ତୀ ପାଳିତ

ଯାଜପୁର ଟାଉନ,୧୫।୧୧
(ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲା କଂଗ୍ରେସ ପକ୍ଷରୁ ପଣ୍ଡିତ ଜବାହରଲାଲ ନେହରୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଜିଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନେହେରୁ ଦେଶର ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ଏକ ସ୍ୱର୍ଣ୍ଣିମ ଯୁଗର ଆରମ୍ଭ କରିଥିଲେ ବୋଲି ଉପସ୍ଥିତ ବକ୍ତାମାନେ ପ୍ରକାଶ କରିଥିଲେ। ଜୟନ୍ତୀ ସଭାରେ କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, ଦିଗମ୍ବର କର, ସନ୍ତୋଷ ନନ୍ଦ, ପୂର୍ଣ୍ଣଚନ୍ଦ୍ର ଜେନା, ଦୁର୍ଯ୍ୟୋଧନ ବେହେରା, ମହମ୍ମଦ ଅବଦୁଲ ରଉଫ, ଆଲୋକ ବେହେରା, ମାନସ ରଞ୍ଜନ ପଣ୍ଡା, ସଂଗ୍ରାମ ସାହାଣୀ, ଦେବାଶିଷ ସାମନ୍ତ, ବିଭୂତି ମହାପାତ୍ର, ଗଦାଧର ଦାସ, ଆଦିତ୍ୟ ମହାନ୍ତି, ଦିଲୀପ ଦାଶ, ନକୁଳଦେବ ସାହୁ, ସନ୍ତୋଷ କୁମାର ରାଉତ, ନାରଣ ସାମନ୍ତ ଓ ବିଜୟ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ଖରସ୍ରୋତାରୁ ନିଖୋଜ ଯୁବକଙ୍କ ମୃତଦେହ ଜବତ

ବିଞ୍ଝାରପୁର,୧୫।୧୧(ରାମକୃଷ୍ଣ ଦାସ)

ଖରସ୍ରୋତା ନଦୀକୁ ଶୌଚହେବାକୁ ଯାଇ ନିଖୋଜ ଥିବା ଯୁବକଙ୍କ ଶୁକ୍ରବାର ମୃତଦେହ ମିଳିଛି। ମୃତକ ହେଲେ ବିଞ୍ଝାରପୁର ଥାନା ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ଦେୱାନସାହିର ବିଜ୍ଞାନ ସାହୁଙ୍କ ପୁଅ ଜଗନ ସାହୁ(୩୫)। ଜଗନ ଗତ ମଙ୍ଗଳବାର ସନ୍ଧ୍ୟାରେ ଘର ନିକଟସ୍ଥ ଖରସ୍ରୋତା ନଦୀକୁ ଶୌଚ ହେବାକୁ ଯାଇ ନିଖୋଜ ହୋଇଯାଇଥିଲେ। ଏନେଇ ତାଙ୍କ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଜଗନଙ୍କ ମୃତଶରୀର କେନ୍ଦ୍ରାପଡ଼ା ଜିଲା ଗୋବିନ୍ଦପୁରସ୍ଥିତ ଖରସ୍ରୋତା ପୋଲ୍ ନିକଟରେ ଭାସୁଥିଲା।

ପୋଲିସ ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଜଗନଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଏହି ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ କଲ୍ୟାଣପୁର ପୂର୍ବତନ ସରପଞ୍ଚ କାଳୀପ୍ରସନ୍ନ ଦାସ, ମୁକ୍ତିକାନ୍ତ ସାମଲ, ସାମାଜିକ କର୍ମୀ ଅଶୋକ ଦାସ, ନିରଞ୍ଜନ ଦାସ, ଶଙ୍କର୍ଷଣ ବାରିକ ଓ ଉମେଶ ବାରିକ ପ୍ରମୁଖ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ODISHA HYDRO POWER CORPORATION LTD.

(A GOVT. OF ODISHA UNDERTAKING)
CIN : U40101OR1995SGC003963
REGD. OFFICE : OHPC Corporate Office, Bhoi Nagar, Janpath, Bhubaneswar-751022
Phone : 91-0674-2542983, 2542802, 2545526, 2542826
E-mail : ohpc.co@gmail.com, Website : www.ohpcltd.com
No. OHPC : TECH : C&P : 23/2024-25/9774 Date : 12.11.2024

**NOTICE INVITING TENDER - 24/2024-25**

**No. CAD-1604** : Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed firms/Printers having minimum 03 (three) years experience of printing and supply of Calendars for PSUs/Govt. Departments/ autonomous bodies for the work as mentioned below.

| Description of Services | Cost of tender papers (Non-refundable) in Rs. | EMD in shape of DD only (Refundable) in Rs. |
|---|---|---|
| Printing & Supply of OHPC Wall Calandar - 2025 | 2360.00 (Rs. 2000.00 + GST @ 18%) | 4,000.00 |

**For details of the tender documents, terms & conditions please visit our website www.ohpcltd.com from 19.11.2024**

OIPR-04012/11/0019/2425 C&P Head

# ଗଡ଼ମଧୁପୁରରେ କାର୍ତ୍ତିକେଶ୍ୱର ପୂଜା



ଚଢ଼େଇଧରା,୧୫।୧୧(ଦିଲୀପ ପରିଡ଼ା)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଡ଼ମଧୁପୁର ବାରିକ ସାହିରେ ଶନିବାର କାର୍ତ୍ତିକେଶ୍ୱର ପୂଜା ଆରମ୍ଭ ହୋଇଛି। ଏହି ପୂଜା ୩ ଦିନ ଧରି ପାଳିତ ହେବ। ପ୍ରଥମେ ଗ୍ରାମ ପୋଖରୀରୁ କଳସରେ ଜଳ ଅଣାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଘଟ ସ୍ଥାପନ କରାଯାଇ ପୂଜା ଆରମ୍ଭ ହୋଇଥିଲା। ପ୍ରତିଦିନ ସନ୍ଧ୍ୟାରେ ଭଜନ,କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ରସୁଲପୁର,୧୫।୧୧(ରଞ୍ଜିତ ରାଉତ)


ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର।

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ହିଙ୍ଗୁଳା ବିଦ୍ୟାପୀଠ ପରିସରରେ ମାତା ସଖିଦେବୀ ଫାଉଣ୍ଡେଶନ ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ୮ରୁ୧୦ମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ମଧ୍ୟରେ ସୃଜନାତ୍ମକ ଶକ୍ତିର ବିକାଶ ସକାଶେ ସାଧାରଣଜ୍ଞାନ, ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ସଂଗୀତ ଆଦି ବିଷୟରେ ପ୍ରତିଯୋଗିତା କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଖୁଣ୍ଟିଆଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବରେ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ସରପଞ୍ଚ ସ୍ମୃତିରେଖା ରାଉତ ଯୋଗଦେଇ ପ୍ରତିଯୋଗୀ ଶୁଭ୍ରାଂଶୁ ଶେଖର ଦାସ, ଅମିତ ଦାସ, ପୂର୍ଣ୍ଣିମା ଦାସ, ଜୟଶ୍ରୀ ଦାସ, ମନୋଜ ଦାସ, ଶୁଭଙ୍କର ଦାସ, ଅଶ୍ୱାସନା ଶତପଥୀ, ନନ୍ଦିତା ଖୁଣ୍ଟିଆ, ଦେବଦତ୍ତ ଦାସ, ପୂର୍ଣ୍ଣିମା ସାହୁ, ସୁଚିତ୍ରା ସାହୁ, ଦିବ୍ୟଦର୍ଶନ ମଲିକ, ସ୍ମୃତିରେଖା ପତି, ନନ୍ଦିନୀ ସାହୁ, ଶୁଭସ୍ମିତା ସାହୁ, ଭାଗ୍ୟବତୀ ସାହୁ, ସୁବାସିନୀ ସାହୁଙ୍କୁ ଫାଉଣ୍ଡେଶନର ପ୍ରତିଷ୍ଠାତା ପୀତାମ୍ବର ବଳ ଓ ପରିଚାଳନା ସମ୍ପାଦକ ସୁସ୍ମିତା ବଳଙ୍କ ଦ୍ୱାରା ପ୍ରଦତ୍ତ ଶିକ୍ଷଣୀୟ ଉପକରଣ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ରଞ୍ଜନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଫାଉଣ୍ଡେଶନର ସଭାପତି ପ୍ରଦୀପ କୁମାର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଫାଉଣ୍ଡେଶନ ପକ୍ଷରୁ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ମାନସ ବୋଇତାଇ ଓ ବିଦ୍ୟାଳୟର ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ତୁଷାରକାନ୍ତି ଦତ୍ତ ଧନ୍ୟବାଦ ଦେଇଥିଲେ।

## OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR

No.B-604

E-mail ID : cebuildings_orissa@yahoo.co.in, cebuildings@rediffmail.com, Tel. - (0674)-2391523

**INVITATIONS FOR BIDS (IFB)**

File No. B-I-Home-07/2024 Lr. No. 43566 Dt. 12 Nov. 2024

**Invitations for Bids**

**Bid Identification No. C.E.-CUM-ADDL. SECY. (B)-18/2024-25**

| | | | |
|---|---|---|---|
| 1 | The Chief Engineer-cum-Addl. Secretary, Works Dept., Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the work **“Construction of 40 Nos. of E-Type Staff Quarters (2 Blocks of S+5) at Baripada” amounting to Rs. 12,10,00,000/- (Approximate)** as detailed below. | | |
| 2 | Nature of work | : | Building Work |
| 3 | No. of work | : | 01 No. |
| 4 | Bid Cost | : | Rs. 10,000/- (Each) |
| 5 | Class of Contractor | : | **‘A’ / Special Class** |
| 6 | Availability of Bid Documents in the website | : | **From dt. 18.11.2024 to 17.00 Hours of dt. 02.12.2024** |
| 7 | Date of Opening of Bids | : | **Dt. 03.12.2024 at 11:30 A.M.** |
| 8 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd./- Chief Engineer-cum-Addl. Secretary, Works Dept., Odisha
OIPR-34117/11/0039/2425

# ଗୋକର୍ଣ୍ଣେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

କାଏମା,୧୫।୧୧(ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ପ୍ରସିଦ୍ଧ ଶୈବ ପୀଠ ବାବା ଗୋକର୍ଣ୍ଣେଶ୍ୱର ପୀଠରେ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଡ଼ଙ୍ଗା ଭସାଇବା ପାଇଁ ଶ୍ରଦ୍ଧାଳୁଙ୍କ ବହୁ ସମାଗମ ହୋଇଛି। ଶ୍ରଦ୍ଧାଳୁ ଡଙ୍ଗା ଭସାଇବା ସହ ଗୋକର୍ଣ୍ଣେଶ୍ୱରଙ୍କ ଦର୍ଶନ କରିଛନ୍ତି। ଶ୍ରଦ୍ଧାଳୁ କଦଳୀ ପାଟୁଆ ଓ ସୋଲରେ ନିର୍ମିତ ବିଭିନ୍ନ ରଙ୍ଗ ବେରଙ୍ଗର ଡଙ୍ଗାରେ ପାନ, ଗୁଆ, ଦୀପ, ଫୁଲ ଧରି ଧାଡ଼ିରେ ଛିଡା ହୋଇ ଗୋକର୍ଣ୍ଣେଶ୍ୱରଙ୍କ ଦର୍ଶନ କରିଛନ୍ତି। ମନ୍ଦିର ପ୍ରଶାସନ ଓ ଧର୍ମଶାଳା ପୋଲିସ ପକ୍ଷରୁ ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ଜମିପଟ୍ଟା ସଂଶୋଧନ ପାଇଁ ପଲ୍ଲିସଭା

ଜେନାପୁର,୧୫।୧୧(ଅଶୋକ ଦାସ)



ପଲ୍ଲିସଭାରେ ଯୋଗଦେଇଥିବା ଅଧିକାରୀ ଏବଂ ଅନ୍ୟମାନେ।

ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ଗ୍ରାମରେ ଜମିପଟ୍ଟା ସଂଶୋଧନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ପଲ୍ଲିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଶାଳା ତହସିଲଦାର ଶୁଭଙ୍କର ମହାନ୍ତି, ଅତିରିକ୍ତ ତହସିଲଦାର ଭବେଶ ମାଝୀ, ରାଜସ୍ୱ ନିରୀକ୍ଷକ ସନ୍ଦୀପ କୁମାର ମହାନ୍ତି, ଅମିନ ହିତେଶ କୁମାର ସାମଲ, ସ୍ଥାନୀୟ ସରପଞ୍ଚ ରବି ସେନାପତି ଉପସ୍ଥିତ ରହି ପଲ୍ଲିସଭା ମାଧ୍ୟମରେ ଲୋକମାନଙ୍କୁ ହାଇଟେକ ସର୍ଭେ ବିଷୟରେ ସଚେତନ କରିଛନ୍ତି। ଏଥିସହ ସର୍ଭେରେ ସହଯୋଗ କରିବା ପାଇଁ କହିଛନ୍ତି। ଏହି ଖବର ଶୁଣିବା ପରେ ଗ୍ରାମରେ ଖୁସିର ଲହରି ଖେଳିଯାଇଛି। କବାଟବନ୍ଧ ମୌଜା ପୂର୍ବରୁ ଢେଙ୍କାନାଳ ଶାସନ ଅଧୀନରେ ଥିଲା। ୧୯୭୦ ବେଳକୁ ଏହା କଟକ ଜିଲାରେ ମିଶିଥିଲା। ଏବେ ଏହା ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନରେ ଏକ ରାଜସ୍ୱ ଗ୍ରାମ ହୋଇରହିଛି। ସେ ସମୟରେ ଖାତାଖତିଆନ ଅଦଳବଦଳ ଯୋଗୁ ଗ୍ରାମର ଦାଖଲ ଖାରଜ ବନ୍ଦ ରହିଛି। ଫଳରେ ଦୀର୍ଘ ବର୍ଷ ଧରି ଗ୍ରାମର ୫ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଜମିପଟ୍ଟା ପାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ୯୦ ବର୍ଷରୁ ଊର୍ଦ୍ଧ୍ୱ ହେବ ସେମାନେ କୌଣସି ସହାୟତା ପାଇପାରୁନାହାନ୍ତି। ଏବେ ସର୍ଭେ ହେଲେ ଏସବୁ ସମସ୍ୟାର ସମାଧାନ କରାଯିବ ବୋଲି ଆଶାକରାଯାଉଛି।

## OFFICE OF THE SUPERINTENDING ENGINEER, PORTS & INLAND WATER TRANSPORT, CIVIL DIVISION, NEAR STPI, AMBAPUA, BERHAMPUR-11

No.JJ-27

Phone - 0680-2404455/E-mail - ees.piwt@yahoo.in

**“e” PROCUREMENT NOTICE**

| Sl. No. | Name of work | Approximate value of work (In Rs.) |
|---|---|---|
| 01 | Construction of Protection wall to the left side of IWT Jetty at Chandbali in Bhadrak District vide Bid Identification No-02/2024-25 | 67,46,320.00 |
| 02 | Construction of Retaining wall for launch lifting Basin (by mechanical crane) near IWT Jetty at Chandbali in Bhadrak District, vide Bid ID No-03/2024-25 | 39,54,662.00 |

| | | | |
|---|---|---|---|
| 03 | No. of Covers | : | **Double cover** |
| 04 | Bid Cost | : | **Rs. 10,000.00 & Rs. 6,000.00** |
| 05 | Period of Completion | : | **03 (Three) Calendar Months** |
| 06 | Date & Time of availability of bid document in the portal | : | **From 18.11.2024 to 02.12.2024 upto 5.00 P.M.** |
| 07 | Last date & time for receipt of bids in the portal | : | **02.12.2024 Up to 5.00 P.M.** |
| 08 | Date of opening of bid document (Cover-I) | : | **03.12.2024 from 12 Noon onwards** |
| 09 | Date of transparent lottery process (If situation arises) | : | **Intimation will be given through online** |
| 10 | Class of Contractor | : | **“B”** Class Contractor for Sl. No. 01 & **“C”** & **“B”** Class Contractor for Sl. No. 02 |
| 11 | Name and address of officer inviting Tender (OIT) | : | **Superintending Engineer, Ports & Inland Water Transport, Civil Division, Berhampur, Pin - 760010, Phone - 0680-2404455, e-Mail - ees.piwt@yahoo.in** |

Further details can be seen from the e-Procurement market place, https//tendersodisha.gov.in. The Addendum / Corrigendum if any will be hosted in the website only.

Sd./- Superintending Engineer Ports & IWT, Civil Division, Berhampur
OIPR-38041/11/0002/2425

# ବୋଇତ ବନ୍ଦାଣରେ କମେଣ୍ଟମାରାକୁ ନେଇ ଗୋଷ୍ଠୀ ସଂଘର୍ଷ



ଲକ୍ଥାନା ଘେରାଉ କରିଥିବା ମହିଳା ଓ ପୁରୁଷମାନେ।

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଲକ୍ ଥାନା ଘେରାଉ

ପାରାଦୀପ,୧୫।୧୧(ଶରତ ରାଉତ)

ପାରାଦୀପ ଲକ୍ଥାନା ଅନ୍ତର୍ଗତ ବୁନବେଲାରୀ ଗାଁରେ ଶୁକ୍ରବାର ବୋଇତ ବନ୍ଦାଣ ସମୟରେ କମେଣ୍ଟ ମାରିବା ଘଟଣାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଛି। ଗଣ୍ଡଗୋଳ ଘଟାଇଥିବା ଯୁବକମାନେ ଭାଜପାର ବୋଲି ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ସଞ୍ଜୟ କୁମାର ବେହେରା କହିଛନ୍ତି। ଏହି ଘଟଣାକୁ ନେଇ ବୁନବେଲାରୀ ଗ୍ରାମର ବହୁ ମହିଳା ଓ ପୁରୁଷ ଶୁକ୍ରବାର ରାତି ୯ଟାରେ ଲକ୍ଥାନା ଆଗରେ ଧାରଣା ଦେଇଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧା ଅଭିଯୁକ୍ତମାନଙ୍କୁ ଗିରଫ କରିବା ଦାବିରେ ବସିଛନ୍ତି। ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ଭୋରୁ ଗାଁର ଯୁବତୀ ଓ ମହିଳାମାନେ ବୋଇତ ବନ୍ଦାଣ ଓ ଡଙ୍ଗା ଭସାଇବା ପାଇଁ ବାଦ୍ୟଯନ୍ତ୍ର ଜରିଆରେ ତାଳଦଣ୍ଡା କେନାଲ ଅଭିମୁଖେ ଯାଉଥିଲେ। ଏହି ସମୟରେ ବୁନବେଲାରୀ ପାଖ ଗାଁ ଗାଡ଼ିନୀ ଓ କାଠଗଡାର ୪ରୁ ୫ ଜଣ ଯୁବତୀ ଯୁବକ ବାଇକ ଯୋଗେ ସେହି ଭିଡ ଭିତରେ ପଶି କେତେଜଣ ଯୁବତୀଙ୍କୁ କମେଣ୍ଟ ମାରିଥିଲେ। ଏନେଇ ସେଠାରେ ପରିସ୍ଥିତି ଉତ୍ତେଜନା ହୋଇଥିଲା। ଖବରପାଇ ବୁନବେଲାରୀ ଗ୍ରାମର ଯୁବକମାନେ କମେଣ୍ଟ ମାରିଥିବା ଯୁବକଙ୍କୁ ଧରି ମାରିଥିଲେ। ମାଡ଼ ଖାଇ ସେମାନେ ଯାଇ ଗାଁର ଅନ୍ୟ ଯୁବକଙ୍କୁ ସାଙ୍ଗରେ ନେଇ ବୁନବେଲାରୀ ଯୁବକଙ୍କୁ ବାଡେଇଥିଲେ। ଏହିପି ଘଟଣାକୁ ନେଇ ବୁନବେଲାରୀ ଗାଁର ଲୋକମାନେ ମାଡ଼ ମାରିଥିବା ଯୁବକଙ୍କୁ ଗିରଫ କରିବା ପାଇଁ ଥାନା ଆଗରେ ଧାରଣା ଦେଇଛନ୍ତି। ଏ ସମ୍ପର୍କରେ ଲକ୍ଥାନା ଅଧିକାରୀ କୁଳମଣି ସେଠୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ।

# ବୋଇତ ବନ୍ଦାଣ, ଚେଲିତୋଳ ବାଲିଯାତ୍ରା ଉଦ୍ଘାଟିତ



ତିର୍ତ୍ତୋଲ,୧୫।୧୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ଚେଲିତୋଳ ବୋଇତ ବନ୍ଦାଣ କମିଟି ପକ୍ଷରୁ ଶୁକ୍ରବାର ମହାନଦୀର ତାରତୋଲ ପୋଲ ନିକଟରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ରମାକାନ୍ତ ଭୋଇ ସାଧବପୁଅ ଭାବେ ଯୋଗଦେଇ ବୋଇତ ବନ୍ଦାଣ କରିଥିଲେ। ଏହା ପରେ ମହାନଦୀ ପଠାର ଗୋପିଆଖୁଦ ଠାରେ ଚେଲିତୋଳ ବାଲିଯାତ୍ରାର ସ୍ଥଳକୁ ବିଧାୟକ ଭୋଇ ଉଦ୍ଘାଟନ କରିଥିଲେ। ଏଥିରେ ଚେଲିତୋଳ ବାଲିଯାତ୍ରା କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଚେଲିତୋଳ ବାଲିଯାତ୍ରାର ସାଂସ୍କୃତିକ ସଭା ସହ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି।

# ଦେଉଳସାହି ଗାଁରେ କାର୍ତ୍ତିକେଶ୍ୱର ପୂଜା

ରାଜକନିକା, ୧୫।୧୧ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଓକାଉର ପଞ୍ଚାୟତର ଦେଉଳସାହି ଗାଁରେ ପ୍ରତି ବର୍ଷ ପରି ଚଳିତବର୍ଷ ଶ୍ରୀକାର୍ତ୍ତିକେଶ୍ୱରଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକେଶ୍ୱର ପୂଜା କମିଟି ଆନୁକୂଲ୍ୟରେ ପ୍ରଚଳିତ ପ୍ରଥା ଅନୁଯାୟୀ ବିଭିନ୍ନ ପାରମ୍ପରିକ କାର୍ଯ୍ୟଧାରାକୁ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଶ୍ରୀକାର୍ତ୍ତିକେଶ୍ୱରଙ୍କ ପୂଜାର୍ଚ୍ଚନା ମାଧ୍ୟମରେ ପ୍ରଦର୍ଶନ କରାଯାଇଛି। କମିଟିର ସଦସ୍ୟମାନଙ୍କ ଦ୍ୱାରା ଶୁକ୍ରବାର କଳସ ଶୋଭାଯାତ୍ରାରେ ଗାଁର ବଉଳ ପୋଖରୀ କୂଳରେ ଜଳ ଉଠାଇ ଘଟ ସ୍ଥାପନ କରି ଭଗବାନ କାର୍ତ୍ତିକେଶ୍ୱରଙ୍କ ଆବାହନ ପୂର୍ବକ ନୀତିକାନ୍ତି ଅନୁସାରେ ପୂଜାର୍ଚ୍ଚନା କରାଯାଇଛି। ଭଗବାନ କାର୍ତ୍ତିକେଶ୍ୱରଙ୍କ ଆଶିଷ ଲାଭ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଭିଡ଼ ନିୟନ୍ତ୍ରଣ କରିବାକୁ ଅନୁଷ୍ଠାନ ପକ୍ଷରୁ ସ୍ୱେଚ୍ଛାସେବୀ ନିୟୋଜିତ ଥିବା ପୂଜା କମିଟି ପକ୍ଷରୁ କୁହାଯାଉଛି। ପୂଜା କମିଟିର ଏପରି ଆଧ୍ୟାତ୍ମିକ କାର୍ଯ୍ୟରେ ଦେଉଳସାହି ଗ୍ରାମବାସୀଙ୍କ ସମେତ ଯୁବକ ସଂଘ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଥିବା ଜଣାଯାଇଛି।

# ନୌବାଣିଜ୍ୟ ପରମ୍ପରାର ମୂକସାକ୍ଷୀ ରାଜନଗର

## ମା' ମାଟିଆ ମଙ୍ଗଳା ପୀଠରେ ବୋଇତ ବନ୍ଦାଣ

ରାଜନଗର, ୧୫।୧୧ (ଭାସ୍କର ରାଉତରାୟ)



ଅବଲୁପ୍ତ ଐଶ୍ୱର୍ଯ୍ୟର ଅନନ୍ୟ ପରମ୍ପରା ହେଉଛି ଆମ ନୌବାଣିଜ୍ୟ। ନୌବାଣିଜ୍ୟ ପରମ୍ପରାର ପ୍ରମୁଖ ମୂକସାକ୍ଷୀ ହେଉଛି ରାଜନଗର। ବଙ୍ଗୋପସାଗର ତଟବର୍ତ୍ତୀ କିମ୍ବଦନ୍ତୀର ସ୍ୱର୍ଣ୍ଣିମ ସ୍ୱାକ୍ଷର ବହନ କରିଛି ତଅପୋଇର ବଂଶଧର ସାତଭାୟା। କେଉଁ କାଳରୁ ସାଗରତଟରୁ ଆମ ସୌଦାଗରମାନେ ବଙ୍ଗୋପସାଗରରେ ବୋଇତ ନେଇ ଦରିଆପାରି ଦେଶରେ ବଣିଜ କରିବା ପାଇଁ ଯାଇଥାନ୍ତି। ତେଣୁ ନୌବାଣିଜ୍ୟ କ୍ଷେତ୍ରରେ ରାଜନଗର ପରମ୍ପରାର ଗୌରବ ବହନ କରିଥାଏ ବୋଲି ମା' ମାଟିଆ ମଙ୍ଗଳାଙ୍କ ପୀଠରେ ମାଟିଆ ମଙ୍ଗଳା ଯୁବ ପରିଷଦ ପକ୍ଷରୁ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ କହିଛନ୍ତି। ମାଟିଆ ମଙ୍ଗଳା ଯୁବ ପରିଷଦର ସଭାପତି ଅପୂର୍ବ ରଞ୍ଜନ ରାଉଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାନସଭା ସଚିବ ଦାଶରଥି ଶତପଥୀ, ଯୁଗ୍ମ ସଚିବ ଅଭୟ କୁମାର ମହାନ୍ତି, ପଣ୍ଡିତ ହୃଷୀକେଶ ରଥ, ସରପଞ୍ଚ ଚିତ୍ତ ରଞ୍ଜନ ପଣ୍ଡା, ସମିତିସଭ୍ୟା ସସ୍ମିତା ସ୍ୱାଇଁ, ନଳିନୀକାନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ରହ୍ମାନନ୍ଦ ତ୍ରିପାଠୀ, ଅଧ୍ୟାପିକା ଭଗବତୀ ରାଉତ ପ୍ରମୁଖ ଯୋଗଦେଇଥିଲେ। ମା' ମାଟିଆମଙ୍ଗଳାଙ୍କ ପୀଠରେ ପୂଜାର୍ଚ୍ଚନା ପରେ ହଂସୁଆ ନଦୀ କୂଳରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସାଧବ ପୁଅମାନଙ୍କୁ ବନ୍ଦାପନା କରାଯିବା ପରେ ସେମାନେ ସୁସଜ୍ଜିତ ନୌକାରେ ଯାତ୍ରା କରିଥିଲେ।

# ଭାଇଚାରା ଅକ୍ଷୁଣ୍ଣ ରଖିବାକୁ ଆହ୍ୱାନ

## ଶିଖରଘାଟଠାରେ ବୋଇତ ବନ୍ଦାଣ ଉତ୍ସବ

ନାଉଗାଁ,୧୫।୧୧(ସୁଧା ବେହୁରା)

କାର୍ତ୍ତିକ ପୂର୍ଣ୍ଣିମା ହେଉଛି ଓଡିଆ ସଂସ୍କୃତିର ଏକ ମହାନ ପର୍ବ। ଉତ୍କଳର ନୌବାଣିଜ୍ୟ ଓ ଅତୀତ ଗୌରବକୁ ମନେପକାଇବା ସହିତ ଭାଇଚାରାକୁ ଅକ୍ଷୁଣ୍ଣ ରଖିବା ହେଉଛି ଏହି ପର୍ବର ମୂଳ ଲକ୍ଷ୍ୟ। ଏହି ପର୍ବରେ ପ୍ରତ୍ୟେକ ଯୁବପିଢି ସାମିଲ ହେବା ସହ ଗର୍ବ କରିବା ଉଚିତ ବୋଲି ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖରଘାଟଠାରେ ଶୁକ୍ରବାର ନାଉଗାଁ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ଦଶମ ବାର୍ଷିକ ବୋଇତ ବନ୍ଦାଣ ଉତ୍ସବ ଓ ନାଉଗାଁ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡାକ୍ତର ହର ପ୍ରସାଦ ଦାସ ମତବ୍ୟକ୍ତ କରିଥିଲେ। ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ କବି ପ୍ରସନ୍ନ ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମୁଖ୍ୟବକ୍ତାଭାବେ ପାରାଦୀପ ପୋର୍ଟର ପୂର୍ବତନ ଟ୍ରଷ୍ଟି ପ୍ରତାପ କୁମାର ମିଶ୍ର, ଆଡ୍ଭୋକେଟ ବିଷ୍ଣୁପ୍ରସାଦ ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ପରିଷଦର ସମ୍ପାଦକ ସରୋଜ କୁମାର ନାୟକ ଯୋଗଦେଇ ଉକ୍ତ ମହୋତ୍ସବ ଉପରେ ଆଲୋକପାତ କରିଥିଲେ। ପ୍ରାତଃ ସମୟରେ ସାରେଇକୁଳ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରୁ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଧବ ପୁଅ, ବୋହୂ ବେଶରେ ସୁସଜ୍ଜିତ ହୋଇଥିଲେ। ସଂକୀର୍ତ୍ତନ ଓ କାଠି ଲଉଡ଼ି ଶୋଭାଯାତ୍ରାରେ ଦେବୀ ନଦୀପଠା ପର୍ଯ୍ୟନ୍ତ ଯିବା ପରେ ଆନୁଷ୍ଠାନିକ ଭାବେ ପରିଷଦର ସଦସ୍ୟ ଓ ମୁଖ୍ୟ ଅତିଥିଙ୍କ ଦ୍ୱାରା ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପରିଷଦର ଉପସଭାପତି ନିରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟନାଟିକା ପରିବେଷଣ କରାଯାଇଥିଲା।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-43-24

**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ୍ ସ୍ଥିତ ଜିଲ୍ଲା ପ୍ରଶିକ୍ଷଣ ଏବଂ କ୍ୟାମ୍ପିଙ୍ଗ୍ କମ୍ପ୍ଲେକ୍ସ, ପୂର୍ବ ତଟ ରେଳପଥ, ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସରେ ସମ୍ମିଳନୀ ହଲ ଏବଂ ସେବା ଭବନ ଗୁଡ଼ିକର ନିର୍ମାଣ ସମ୍ବନ୍ଧୀୟ ବିଦ୍ୟୁତୀକରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 30,33,383.99, EMD (ଟଙ୍କାରେ): 60,700/-, ଶେଷ ହେବା ଅବଧି: 03 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.04.12.2024 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

PR-727/P/24-25 ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(G)/ ଖୋର୍ଦ୍ଧା ରୋଡ୍


# ଭିଜିଲାନ୍ସ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ,୧୫।୧୧(ଶରତ ରାଉତ)

ପାରାଦୀପ ଇଫ୍କୋ ସାର କାରଖାନା ପକ୍ଷରୁ ଚାଲିଥିବା ଭିଜିଲାନ୍ସ ସଚେତନତା କାର୍ଯ୍ୟକ୍ରମ ଶେଷ ହୋଇଯାଇଛି। ଏହାକୁ ଇଫ୍କୋର ସର୍ବଭାରତୀୟ ମୁଖ୍ୟ ଉଦୟଶଙ୍କର ଅଗସ୍ତି ଉଦ୍ଘାଟନ କରିଥିଲେ। ଚଳିତ ବର୍ଷ ସରକାରୀ ଭାବେ ଯେଉଁ ବାର୍ତ୍ତା ଦିଆଯାଇଥିଲା (ସତ୍ୟନିଷ୍ଠା କି ସଂସ୍କୃତି ରାଷ୍ଟ୍ରର ସମୃଦ୍ଧି)ସେସମ୍ପର୍କରେ ଅଗସ୍ତି କମ୍ପାନୀର ହଜାରରୁ ଅଧିକ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଜଣାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ଅନୁଯାୟୀ, ଅନେକ ପ୍ରକାର ବକ୍ତୃତା, ଚିତ୍ରାଙ୍କନ, ସଚେତନତା ରଥ ପରିକ୍ରମା ଆଦି କରାଯାଇଥିଲା। କମ୍ପାନୀ ଭିଜିଲାନ୍ସ ଅଧିକାରୀ ପୂଜା କୋହଲି, ଅଧ୍ୟକ୍ଷ ଦିଲୀପ ଷଡ଼ଙ୍ଗୀ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଶେଷ ଦିନ ପାରାଦୀପ ୟୁନିଟରେ ଅତିଥି ଭାବେ ଜଗତସିଂହପୁର ଏସ୍ପି ଭବାନୀଶଙ୍କର ଉଦ୍ଗାତା, ୟୁନିଟ୍ ମୁଖ୍ୟ ପି.କେ.ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା କମ୍ପାନୀର ଅଧିକାରୀମାନେ।

# ଉତ୍କଳର ପୂର୍ବ ଗୌରବ ମନେପକାଇଲା ବୋଇତ ବନ୍ଦାଣ ଉତ୍ସବ



ବୋଇତ ବନ୍ଦାଣ ଉତ୍ସବରେ ବିଧାୟକ ଅମରେନ୍ଦ୍ର ଦାସ ଓ ଅନ୍ୟମାନେ।

## କାର୍ତ୍ତିକ ପୂର୍ଣ୍ଣିମାରେ ଜଗତ୍ସିଂହପୁର ଜିଲା ଉତ୍ସବମୁଖର

ଜଗତ୍ସିଂହପୁର, ୧୫।୧୧ (ପ୍ରମୋଦ କୁମାର ନାୟକ)

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଜଗତ୍ସିଂହପୁର ଜିଲା ଉତ୍ସବମୁଖର ହୋଇପଡ଼ିଛି। ଲୋକେ ଭୋର ୪ଟାରୁ ସକାଳ ପର୍ଯ୍ୟନ୍ତ ବିଭିନ୍ନ ନଦ, ନଦୀ, ପୋଖରୀ, ହ୍ରଦ ଓ କେନାଲ ଆଦିରେ କଦଳୀ, କାଗଜ, ଶୋଲ ଆଦି ଡ ଙ୍ଗା ଭସାଇ ଓଡ଼ିଶାର ପୂର୍ବ ଗୌରବ କଥା ମନେପକାଇଥିଲେ। ଅତୀତରେ ଜଳପଥରେ ପ୍ରାୟତଃ ଗମନାଗମନ ଓ ବାଣିଜ୍ୟ କାରବାର ଚାଲିଥିଲା। ସେତେବେଳେ ଉତ୍କଳର ସାଧବ ପୁଅମାନେ ଜାଭା, ସୁମାତ୍ରା ଆଦି ବଣିଜ କରିବା ପାଇଁ ନୌପଥ ଅର୍ଥାତ୍ ବୋଇତ ମାଧ୍ୟମରେ ଯାତ୍ରା କରୁଥିଲେ। ଏହି ସ୍ମୃତି ଉଦ୍ଦେଶ୍ୟରେ ଜଗତ୍ସିଂହପୁର ଜିଲା ଦେଇ ଯାଇଥିବା ମୃତ ଅଳକା, ଦେବୀ, ମହାନଦୀ ଆଦି ନଦୀ ସମେତ ତାଳଦଣ୍ଡା, ମାଛଗାଁ ଆଦି କେନାଲ ଓ ଗୋପାଳସାଗର ଆଦି ପୁଷ୍କରିଣୀରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୋପାଳସାଗରସ୍ଥିତ ମାର୍କଣ୍ଡେଶ୍ୱର ମହାଦେବଙ୍କ ମନ୍ଦିର ନିକଟ ଘାଟ ଓ ଗୋପାଳସାଗର ପୁଷ୍କରିଣୀରେ ଅନୁଷ୍ଠିତ ଉତ୍ସବରେ ଜଗତ୍ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ବୋଇତ ବନ୍ଦାଣ କରିଥିଲେ। ଏହି ସମୟରେ ପୂର୍ବତନ ପାରିଷଦ ହେମନ୍ତ କୁମାର ଲେଙ୍କା, ସୁଶାନ୍ତ ସ୍ୱାଇଁ, ପାରିଷଦ ଦେବାଶିଷ ସ୍ୱାଇଁ, ପ୍ରଶାନ୍ତ କୁମାର ସିଂହ, ଅରକ୍ଷିତ ମହାପାତ୍ର, ପଞ୍ଚାନନ ବେହେରା, ରମେଶ ବେହେରା, ବିଦ୍ୟୁଭୂଷଣ ଦାସ, ବଳରାମ ସେଠୀ, ଅର୍ଜ୍ଜୁନ ସାହୁ, ବାସୁଦେବ ସ୍ୱାଇଁ, ମନୋଜ କୁମାର ସେଠୀ, ସୁବ୍ରତ ଲେଙ୍କା, ପ୍ରଣବ ବେହେରା, ରବୀନ୍ଦ୍ରନାଥ ସାହୁ, ନନ୍ଦକିଶୋର ସାହୁ, ପ୍ରତାପ ଦାସ ଓ ଅମିୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।


**ODISHA HYDRO POWER CORPORATION LTD.**
(A GOVT. OF ODISHA UNDERTAKING)
CIN : U40101OR1995SGC003963
REGD. OFFICE : OHPC Corporate Office, Bhoi Nagar, Janpath, Bhubaneswar-751022
Phone : 91-0674-2542983, 2542802, 2545526, 2542826
E-mail : ohpc.co@gmail.com, Website : www.ohpcltd.com
No. OHPC : TECH : C&P : 23/2024-25/9774 Date : 12.11.2024

**NOTICE INVITING TENDER - 24/2024-25**

**No. CAD-1604** : Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed firms/Printers having minimum 03 (three) years experience of printing and supply of Calendars for PSUs/Govt. Departments/ autonomous bodies for the work as mentioned below.

| Description of Services | Cost of tender papers (Non-refundable) in Rs. | EMD in shape of DD only (Refundable) in Rs. |
|---|---|---|
| Printing & Supply of OHPC Wall Calandar - 2025 | 2360.00 (Rs. 2000.00 + GST @ 18%) | 4,000.00 |

For details of the tender documents, terms & conditions please visit our website www.ohpcltd.com from 19.11.2024

OIPR-04012/11/0019/2425 C&P Head



**OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR**
E-mail ID : cebuildings_orissa@yahoo.co.in, cebuildings@rediffmail.com, Tel. - (0674)-2391523
No.B-604

**INVITATIONS FOR BIDS (IFB)**

File No. B-I-Home-07/2024 Lr. No. 43566 Dt. 12 Nov. 2024

Invitations for Bids

Bid Identification No. C.E.-CUM-ADDL. SECY. (B)-18/2024-25

| | | | |
|---|---|---|---|
| 1 | The Chief Engineer-cum-Addl. Secretary, Works Dept., Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the work **"Construction of 40 Nos. of E-Type Staff Quarters (2 Blocks of S+5) at Baripada" amounting to Rs. 12,10,00,000/- (Approximate)** as detailed below. | | |
| 2 | Nature of work | : | Building Work |
| 3 | No. of work | : | 01 No. |
| 4 | Bid Cost | : | Rs. 10,000/- (Each) |
| 5 | Class of Contractor | : | **'A' / Special Class** |
| 6 | Availability of Bid Documents in the website | : | **From dt. 18.11.2024 to 17.00 Hours of dt. 02.12.2024** |
| 7 | Date of Opening of Bids | : | **Dt. 03.12.2024 at 11:30 A.M.** |
| 8 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd./- Chief Engineer-cum-Addl. Secretary, Works Dept., Odisha
OIPR-34117/11/0039/2425


# ଜିଲାପାଳ ପ୍ରତିନିଧିଙ୍କ ସହ ଆଲୋଚନା ବିଫଳ

## ପଟ୍ଟାମୁଣ୍ଡାଇ ବିଡିଓ ଦୁର୍ବ୍ୟବହାର, ଗଣ୍ଡଗୋଳ ଘଟଣା

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସରପଞ୍ଚ, ସମିତିସଭ୍ୟ ସଂଘ ପକ୍ଷରୁ ଅନଶନ ଜାରି

ପଟ୍ଟାମୁଣ୍ଡାଇ,୧୫।୧୧(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବିଡିଓଙ୍କୁ ଦୁର୍ବ୍ୟବହାର ଓ ଗଣ୍ଡଗୋଳ ଘଟଣାରେ ଅଭିଯୁକ୍ତ ଜ୍ୟୋତି ପ୍ରକାଶ ପ୍ରଧାନଙ୍କୁ ଗିରଫ ଦାବିରେ ବ୍ଲକ୍ର ସରପଞ୍ଚ ଓ ସମିତିସଭ୍ୟ ସଂଘ ଅନିର୍ଦ୍ଦିଷ୍ଟକାଳ ପାଇଁ ଅନଶନ ଜାରି ରଖିଛନ୍ତି। ଶୁକ୍ରବାର ଆନ୍ଦୋଳନର ୩ୟ ସନ୍ଧ୍ୟାରେ ବିଡିଓଙ୍କୁ ଦୁର୍ବ୍ୟବହାର ଘଟଣାରେ ସମ୍ପୃକ୍ତ ଜ୍ୟୋତି ପ୍ରକାଶ ପ୍ରଧାନ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ପହଞ୍ଚି ଥିଲେ। ପୋଲିସ ତାଙ୍କୁ ରାତି ୧୦.୩୦ଟାରେ ନୋଟିସ୍ କରି ପୋଲିସ ଛାଡ଼ି ଦେଇଥିବା ଜଣାପଡ଼ିଛି। କେନ୍ଦ୍ରାପଡ଼ା ଅତିରିକ୍ତ ଏସ୍ପି ଦେବାଶିଷ ଧଳ, ପଟ୍ଟାମୁଣ୍ଡାଇ ଏସ୍ଡିପିଓ କ୍ଷମାସାଗର ପଣ୍ଡା ଥାନାରେ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଛନ୍ତି। ତେବେ ଏହି ମାମଲା ଆଗକୁ କେଉଁ ରୂପ ନେଉଛି, ତାହା ଦେଖିବାକୁ ଜନସାଧାରଣ ଅପେକ୍ଷା କରିଛନ୍ତି।

ପଟ୍ଟାମୁଣ୍ଡାଇ ବିଡିଓ ଶୁଭ୍ରାଂଶୁ ସାହୁଙ୍କୁ ଦୁର୍ବ୍ୟବହାର ଓ ଗଣ୍ଡଗୋଳ ଘଟଣାରେ ଅଭିଯୁକ୍ତ ଜ୍ୟୋତିଙ୍କୁ ଗିରଫ ଦାବିରେ ବ୍ଲକ ମୁଖ୍ୟ ଫାଟକରେ ତାଲା ପକାଇ ସରପଞ୍ଚ ଓ ସମିତି ସଭ୍ୟ ସଂଘ ପକ୍ଷରୁ ଆମରଣ ଅନଶନ ଆନ୍ଦୋଳନ ଯୋଗୁ ବ୍ଲକର କାର୍ଯ୍ୟ ଅଚଳ ହୋଇପଡ଼ିଛି। ବିଭିନ୍ନ ସରକାରୀ କାର୍ଯ୍ୟରେ ଆସୁଥିବା ଜନସାଧାରଣ ହଇରାଣ ହେଉଛନ୍ତି। ଏହି ଅଚଳାବସ୍ଥା ଦୂର କରିବା ଦିଗରେ ପ୍ରଶାସନ ବିଫଳ ହୋଇଛି। ପରିସ୍ଥିତି ଦିନକୁ ଦିନ ଅଣାୟତ୍ତ ହେଉଥିବାରୁ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ପଟ୍ଟାମୁଣ୍ଡାଇ ବ୍ଲକରେ ସୃଷ୍ଟି ଅଚଳାବସ୍ଥା ଦୂର କରିବା ସହ ଆମରଣ ଅନଶନ ସମାପ୍ତ କରିବାକୁ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ତାଙ୍କର ପ୍ରତିନିଧି ଭାବେ କେନ୍ଦ୍ରାପଡ଼ା ତହସିଲଦାର ତାପସ ଦେଉରୀ, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ଓ ଏସ୍ଡିପିଓ ପଣ୍ଡାଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ଏହି ଅଧିକାରୀମାନେ ଅନଶନସ୍ଥଳରେ ପହଞ୍ଚି ସରପଞ୍ଚ ଓ ସମିତିସଭ୍ୟମାନଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ। ହେଲେ ଅଭିଯୁକ୍ତଙ୍କୁ ଗିରଫ ନ କରାଯିବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଅନଶନକାରୀମାନେ ଅଡ଼ି ବସିବାରୁ ଆଲୋଚନା ବିଫଳ ହୋଇଥିଲା। ଶେଷରେ କୌଣସି ଉପାୟ ନ ପାଇ ଜିଲାପାଳଙ୍କ ଦ୍ୱାରା ପ୍ରେରିତ ପ୍ରଶାସନିକ ଅଧିକାରୀମାନେ ଫେରି ଯାଇଥିଲେ।

# କୈବର୍ତ୍ତମାନଙ୍କ ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କୁଜଙ୍ଗ,୧୫।୧୧(ମନୋଜ ପ୍ରଧାନ)



ପାରାଦୀପ ବନ୍ଦର ଓ ଏହାକୁ ଭିତ୍ତି କରି ଗଢ଼ିଉଠିଥିବା ଶିଳ୍ପ ସଂସ୍ଥାରୁ ନିର୍ଗତ ବର୍ଜ୍ୟ ବସ୍ତୁ ନଦୀ ଯୋରରେ ମିଶି ନଦୀ ଜଳକୁ ପ୍ରଦୂଷିତ ହେଉଛି। ଏହାଛଡ଼ା ଶିଳ୍ପ ସଂସ୍ଥା ଦ୍ୱାରା ନଦୀ ଖନନ ଏବଂ ବନ୍ଧ ନିର୍ମାଣ ହେବା ଯୋଗୁ ମାଛବଂଶ ଲୋପ ପାଇବାରେ ଲାଗିଛି । ଫଳରେ ଜଗତ୍ସିଂହପୁର ଜିଲାର କୁଜଙ୍ଗ, ଏରସମା ଓ କେନ୍ଦ୍ରାପଡ଼ା ଜିଲାର ମହାକାଳପଡା ଓ ମାର୍ଶାଘାଇ ତହସିଲ ଅନ୍ତର୍ଗତ ୯୯ ଗ୍ରାମରେ ବସବାସ କରୁଥିବା କୈବର୍ତ୍ତ ନିଜର କୌଳିକ ବୃତ୍ତି ମାଛ ଧରା ହରାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଶୁକ୍ରବାର ପାରାଦୀପଠାରେ କଳିଙ୍ଗ କର୍ଣ୍ଣଧାର କୈବର୍ତ୍ତ ଷୋଳଭାଇ ସଭା ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, କୈବର୍ତ୍ତମାନଙ୍କୁ ୧୮୬୧ରେ ତତ୍କାଳୀନ କୁଜଙ୍ଗର ଷଣ୍ଢ ରାଜା ଉକ୍ତ ଅଞ୍ଚଳରେ ପ୍ରବାହିତ ୫୭ କିତା ନଦୀ ଯୋରର ସମଷ୍ଟିଗତ ନାମ ସାହେରପେଣ୍ଟ ମସଦିଆ ଦେଇଥିଲେ। ଏନେଇ ବାର୍ଷିକ ମାତ୍ର ୫ଶହ ଟଙ୍କା ଖଜଣାରେ ସନନ୍ଦ ପଟ୍ଟା ପ୍ରଦାନ କରିଥିଲେ। ଉକ୍ତ ସନନ୍ଦ ବଳରେ କୁଜଙ୍ଗ ରାଜ୍ୟକୁ ନିଲାମ ନେଇ ଶାସନ କରିଥିବା ବର୍ଦ୍ଧମାନ ଜମିଦାର ୧୯୫୨ ଓ ରାଜ୍ୟ ସରକାର ୧୯୭୨ ପର୍ଯ୍ୟନ୍ତ ପୂର୍ବପରି କୈବର୍ତ୍ତମାନଠାରୁ ୫ ଶହ ଟଙ୍କା ଲେଖାଏ ଖଜଣା ବାବଦରେ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ଉଚ୍ଚନ୍ୟାୟାଳୟର ନିର୍ଦ୍ଦେଶମତେ ରାଜ୍ୟ ସରକାରଙ୍କ ଦ୍ୱାରା ବାର୍ଷିକ ୯ ହଜାର ଟଙ୍କା ଖଜଣା ଆଦାୟ କରାଯାଉଥିଲା। ଚଳିତ ବର୍ଷ ୧୩ ଲକ୍ଷ ୪୫ ହଜାର ୫୧୨ ଟଙ୍କା ଖଜଣା ଦାଖଲ କରାଯାଇଛି । ହେଲେ ପାରାଦୀପ ବନ୍ଦର ଓ ବନ୍ଦରକୁ ଭିତ୍ତି କରି ଗଢି ଉଠିଥିବା ଶିଳ୍ପ ସଂସ୍ଥାରୁ ନିର୍ଗତ ରାସାୟନିକ ପଦାର୍ଥ ନଦୀ ଜଳରେ ମିଶୁଥିବାରୁ ମାଛ ବଂଶଲୋପ ପାଉଛି। ଅନ୍ୟପଟେ ଜଟାଧାର ନଦୀକୁ ଡ୍ରେଜିଂ କରାଯିବା ସହ ନଦୀର ଉଭୟ ପଟରେ ବନ୍ଧ ନିର୍ମାଣ କରାଯାଇ ମାଛଧରା ଆଶ୍ରୟସ୍ଥଳୀକୁ ଭାଙ୍ଗି ଦିଆଯାଉଛି । ଫଳରେ କୈବର୍ତ୍ତମାନେ କୌଳିକବୃତ୍ତି ହରାଇ ଦୁଃଖ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ଏହାର ସମାଧାନ ନିମନ୍ତେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ କଳିଙ୍ଗ କର୍ଣ୍ଣଧାର କୈବର୍ତ୍ତ ଷୋଳଭାଇ ସଭା ପକ୍ଷରୁ ପ୍ରକାଶ ଚନ୍ଦ୍ର ପରିଡା, ଡ. ସୁଧାଂଶୁ ଶେଖର ମହାପାତ୍ର , ଶରତ ବେହେରା, ବସନ୍ତ ସାମଲ, ରବୀନ୍ଦ୍ର ମାଝୀ , ନରେନ୍ଦ୍ର ପରିଡ଼ା, ରବୀନ୍ଦ୍ର ମହାପାତ୍ର, ସୁରେନ୍ଦ୍ର ତରାଇ, ଅର୍ଜ୍ଜୁନ ବେହେରା, ଜୟଦେବ ମହାପାତ୍ର ଓ ଛବୀନ୍ଦ୍ର ଦଳାଇ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।


**OFFICE OF THE SUPERINTENDING ENGINEER, PORTS & INLAND WATER TRANSPORT, CIVIL DIVISION, NEAR STPI, AMBAPUA, BERHAMPUR-11**
Phone - 0680-2404455/E-mail - ees.piwt@yahoo.in
No.JJ-27

**"e" PROCUREMENT NOTICE**

| Sl. No. | Name of work | Approximate value of work (In Rs.) |
|---|---|---|
| 01 | Construction of Protection wall to the left side of IWT Jetty at Chandbali in Bhadrak District vide Bid Identification No-02/2024-25 | 67,46,320.00 |
| 02 | Construction of Retaining wall for launch lifting Basin (by mechanical crane) near IWT Jetty at Chandbali in Bhadrak District, vide Bid ID No-03/2024-25 | 39,54,662.00 |

| | | | |
|---|---|---|---|
| 03 | No. of Covers | : | **Double cover** |
| 04 | Bid Cost | : | **Rs. 10,000.00 & Rs. 6,000.00** |
| 05 | Period of Completion | : | **03 (Three) Calendar Months** |
| 06 | Date & Time of availability of bid document in the portal | : | **From 18.11.2024 to 02.12.2024 upto 5.00 P.M.** |
| 07 | Last date & time for receipt of bids in the portal | : | **02.12.2024 Up to 5.00 P.M.** |
| 08 | Date of opening of bid document (Cover-I) | : | **03.12.2024 from 12 Noon onwards** |
| 09 | Date of transparent lottery process (If situation arises) | : | **Intimation will be given through online** |
| 10 | Class of Contractor | : | **"B"** Class Contractor for Sl. No. 01 & **"C"** & **"B"** Class Contractor for Sl. No. 02 |
| 11 | Name and address of officer inviting Tender (OIT) | : | **Superintending Engineer, Ports & Inland Water Transport, Civil Division, Berhampur, Pin - 760010, Phone - 0680-2404455, e-Mail - ees.piwt@yahoo.in** |

Further details can be seen from the e-Procurement market place, https//tendersodisha.gov.in. The Addendum / Corrigendum if any will be hosted in the website only.

Sd./- Superintending Engineer Ports & IWT, Civil Division, Berhampur
OIPR-38041/11/0002/2425

# କପିଳେଶ୍ୱରଙ୍କ ପୀଠରେ ପଞ୍ଚକ ଯାତ୍ରା, ବିଶ୍ୱଶାନ୍ତି ମହାଯଜ୍ଞ



ବିଶ୍ୱଶାନ୍ତି ମହାଯଜ୍ଞ ଲାଗି ବାହାରିଥିବା କଳସ ଯାତ୍ରା।

ନୟାଗଡ଼,୧୫।୧୧(ଲୋକନାଥ ମିଶ୍ର)

ଶରଣକୁଳ ନିକଟସ୍ଥ ଶ୍ରୀକପିଳେଶ୍ୱର ମହାଦେବ, ଅସୁରଢ଼ିପା ମୁଗୁପାଟଣାର ଶ୍ରୀ ଶ୍ରୀ ବାବା ବୈଦ୍ୟନାଥ ମହାଦେବ, କରଗାଝରି ଜଗନ୍ନାଥପୁରସ୍ଥ ଶ୍ରୀ ଚନ୍ଦ୍ରକେଶ୍ୱର ମହାଦେବଙ୍କ ପୀଠରେ ପଞ୍ଚକ ଯାତ୍ରା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଯଜ୍ଞପୀଠରେ ଅଙ୍କୁରାରୋପଣ କରାଯାଇ ଭକ୍ତମାନେ କୁମ୍ଭମୀନଦୀରୁ ୧୦୮ ଜଣ କଳସ ଶୋଭାଯାତ୍ରାରେ ଧରି ଗ୍ରାମ ପରିକ୍ରମା ପରେ ଯଜ୍ଞ ପୀଠରେ ପହଞ୍ଚ ଥିଲେ। ସେଠାରେ ଘଟ ସ୍ଥାପନା କରାଯାଇଥିଲା। ଗୁରୁବାର ସକାଳେ ନିମନ୍ତ୍ରିତ ବ୍ରାହ୍ମଣମାନଙ୍କ ଦ୍ୱାରା ସୂର୍ଯ୍ୟପୂଜା କରାଯିବା ପରେ ରୀତିନୀତିରେ ଦେବତାମାନଙ୍କୁ ଆବାହନ ପୂର୍ବକ ପୂଜାର୍ଚ୍ଚନା କରାଯାଇ ଘୃତାହୁତି ପ୍ରଦାନ ଦିଆଯାଇଥିଲା। ଠାକୁରଙ୍କ ଦର୍ଶନ ପାଇଁ ଦିନତମାମ ଯଜ୍ଞ ପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଅପରାହ୍ନରୁ ପ୍ରସାଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗିରହିଥିଲା। ଶୁକ୍ରବାର ମନ୍ଦିରରେ ଠାକୁରଙ୍କ ଏବଂ ଯଜ୍ଞପୀଠରେ ସକାଳର ସମସ୍ତ ନୀତି, ପୂଜାର୍ଚ୍ଚନା ସମାପନ କରାଯାଇ ଅପରାହ୍ନରେ ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ସେବାୟତଙ୍କ ସହ ଗ୍ରାମବାସୀ ସାହାଯ୍ୟ ଓ ସହଯୋଗ କରିଥିଲେ। ସେହିପରି ଗୋଡିସାହି ଗ୍ରାମ ନିକଟରେ ପୂଜା ପାଉଥିବା ବାବା ମୁକ୍ତେଶ୍ୱରଙ୍କ ପୀଠରେ ବଡ଼ଓଷା ପର୍ବ ଓ କାର୍ତ୍ତିକ ପଞ୍ଚକ ଯାତ୍ରା ପାଳିତ ହୋଇଯାଇଛି।

# ଆଇ ଲଭ୍ ସାତକୋଶିଆ ସ୍ୟାଣ୍ଡ ରିସର୍ଟ, ଶଗଡ଼ଗାଡ଼ି ଆକର୍ଷଣ

## ସାତକୋଶିଆ ବାଲୁକା ଟେଣ୍ଟ ଉଦ୍‌ଘାଟିତ

ଗଣିଆ, ୧୫।୧୧ (ସନ୍ତୋଷ କୁମାର ପ୍ରଧାନ)





ସାତକୋଶିଆରେ ହୋଇଥିବା ଟେଣ୍ଟକୁ ଉଦ୍‌ଘାଟନ କରାଯାଉଛି।

ସାତକୋଶିଆ ଗଣ୍ଡ ଅଭୟାରଣ୍ୟ ଅନ୍ତର୍ଗତ ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳର ବଡ଼ମୂଳ ମଙ୍ଗଳାସାଠାରେ ରହିଛି ପରିବେଶ ପର୍ଯ୍ୟଟନ କେନ୍ଦ୍ର ମଙ୍ଗଳାସାଠୀ ସାତକୋଶିଆ ସ୍ୟାଣ୍ଡ ରିସର୍ଟ। ବର୍ଷସାରା ଏହି ପର୍ଯ୍ୟଟନ କେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ୩ଟି କଟେଜ ଓ ୪ଟି ତମ୍ବୁ କଟେଜ ପର୍ଯ୍ୟଟକଙ୍କ ପାଇଁ ଖୋଲା ରହିଥାଏ। ଏତଦ୍‌ବ୍ୟତୀତ ପ୍ରତିବର୍ଷ ପରି ଚଳିତବର୍ଷ ମହାନଦୀର ବାଲୁକା ଶଯ୍ୟା ଉପରେ ଶୁକ୍ରବାର ୧୬ଟି ଅଣ ଶୀତତାପ ନିୟନ୍ତ୍ରିତ ବାଲୁକା ଟେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ତେବେ ଚଳିତବର୍ଷ ମଧ୍ୟ କାଠରେ ନିର୍ମିତ ଶଗଡ଼ ଗାଡ଼ି, ଲାଇଟ ଗେଟ୍ ଓ ଆଇ ଲଭ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ଏହି ପର୍ଯ୍ୟଟନ କେନ୍ଦ୍ରର ମୁଖ୍ୟ ଆକର୍ଷଣ ପାଲଟିଛି। ବିଶେଷକରି ବିଗତ ବର୍ଷଗୁଡ଼ିକ ଅପେକ୍ଷା ଚଳିତବର୍ଷ ନୂତନ ଢଙ୍ଗରେ ସ୍ୟାଣ୍ଡ ରିସର୍ଟକୁ ସାଜସଜ୍ଜା କରାଯାଇଥିବା ଦେଖିବାକୁ ମିଳିଛି। ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଫାଲଗୁନୀ ସାରଥି ମଲ୍ଲିକ ଓ ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ବାଲୁକା ଟେଣ୍ଟକୁ ଉଦ୍‌ଘାଟିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସିଏଫ୍ ସୁଦିପ୍ତୀ ମହାପାତ୍ର, ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡା, ସ୍ୟାଣ୍ଡ ରିସୋର୍ଟ ମ୍ୟାନେଜର ହରିହର ପ୍ରଧାନ ଉପସ୍ଥିତ ଥିଲେ। ଚଳିତ ବର୍ଷ ଏହି ବାଲୁକା ଶଯ୍ୟା ଉପରେ ୧୬ଟି ଟେଣ୍ଟ ନିର୍ମାଣ କରାଯାଇଥିବା ବେଳେ ବହୁତ ପର୍ଯ୍ୟଟକଙ୍କ ଚାହିଦାକୁ ଆଖିଆଗରେ ରଖି ଆଉ ୪ଟି ଅଧିକ ଶୀତତାପ ନିୟନ୍ତ୍ରିତ ଟେଣ୍ଟ ଖୋଲାଯିବା ପାଇଁ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ପୂର୍ବାହ୍ନରେ ଏହି ପର୍ଯ୍ୟଟନ କେନ୍ଦ୍ର ପରିସରରେ ପୂଜାର୍ଚ୍ଚନା ପରେ ଆସିଥିବା ଅତିଥି ଓ ପର୍ଯ୍ୟବେକ୍ଷଣଙ୍କୁ ଆସିଥିବା ପର୍ଯ୍ୟଟକମାନଙ୍କୁ ଚନ୍ଦନ ଟିପା ଲଗାଇବା ସହ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଇଥିଲା। ତେବେ ସକାଳୁ ଏହି ପର୍ଯ୍ୟଟନ କେନ୍ଦ୍ରକୁ ପରିଚାଳନା କରୁଥିବା ମା' ସାତଭଉଣୀ ପରିବେଶ ବିକାଶ ସମିତିର ସଭ୍ୟାସଭ୍ୟଙ୍କ ଦ୍ୱାରା ଝୋଟିଚିତା, ରଙ୍ଗବେରଙ୍ଗ ଫୁଲ ଓ ବେଲୁନରେ ଆକର୍ଷଣୀୟ ଭାବେ ସାଜସଜ୍ଜା କରାଯାଇଥିଲା। ଏହି ପର୍ଯ୍ୟଟନ କେନ୍ଦ୍ରକୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ପୂର୍ବପରି ଖାଦ୍ୟ, ଜଙ୍ଗଲ ଟ୍ରେକିଂ, ସାଇକେଲିଂ, କ୍ୟାନୋପି ୱାକ୍, ସ୍ଥାନୀୟ ଲୋକନୃତ୍ୟ, ଖେଳ ସୁବିଧା, ଚିଲଡ୍ରେନ୍ସ ପାର୍କ, ବାଲୁକା ଶଯ୍ୟା ଉପରେ ପର୍ଯ୍ୟଟକମାନଙ୍କ ଆମୋଦ ପ୍ରମୋଦ ପାଇଁ ସିମେଣ୍ଟ ଚୌକି, ଛତା, ମହାନଦୀରେ ସୁରକ୍ଷିତ ସନ୍ତରଣ, ସାତକୋଶିଆ ଗଣ୍ଡରେ ବୋଟିଂ ସମୟରେ ବିଭିନ୍ନ ପକ୍ଷୀ ଓ କୁମ୍ଭୀର ଦେଖିବା ସହ ଜେଟିରେ ବସି ସେଲଫି ନେବାର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି।

# ଶ୍ରୀରଘୁନାଥଙ୍କ କାଞ୍ଚି ଅଭିଯାନ ବେଶ

ଓଡ଼ଗାଁ,୧୫।୧୧ (ଆଦର୍ଶ କୁମାର ପଟ୍ଟନାୟକ)



ଓଡ଼ଗାଁ ବିଜେ ପ୍ରଭୁ ଶ୍ରୀରଘୁନାଥ ଜିଉଙ୍କ ଶୁକ୍ରବା ସକାଳେ କାଞ୍ଚି ଅଭିଯାନ ବେଶ ଦର୍ଶନ ପାଇଁ ଭିଡ଼ ଜମିଥିଲା। କାର୍ତ୍ତିକ ମାସର ଅନ୍ତିମ ଦିବସରେ ନିଜଠରୁ ପ୍ରଭୁଙ୍କ ଦିବ୍ୟ ବେଶ ଦର୍ଶନ କରିବାକୁ ଶ୍ରଦ୍ଧାଳୁମାନେ ଭୋର ୪ଟା ବେଳୁ ପହଞ୍ଚ ଥିଲେ। ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ରଘୁନାଥଙ୍କ ପୀଠରେ ପହଞ୍ଚିଥିବାରୁ ସାରାଦିନ ଓଡ଼ଗାଁରେ ଗହଳି ଲାଗିରହିଥିଲା। ପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଶ୍ରୀରଘୁନାଥଙ୍କ ନୀତିରେ ସାମଞ୍ଜସ୍ୟ ରହୁଥିବାରୁ ରଘୁନାଥଙ୍କ ଭିତରେ ଜଗନ୍ନାଥଙ୍କୁ ଦର୍ଶନ ପାଇବାକୁ ହବିଷ୍ୟାଳିମାନ ଦର୍ଶନ କରିଥିଲେ। ଗଜପତି ମହାରାଜା ପୁରୁଷୋତ୍ତମ ଦେବଙ୍କୁ ସହାୟତା କରିବା ପାଇଁ ଜଗନ୍ନାଥଙ୍କ ସ୍ୱରୂପ ପ୍ରଭୁ ଶ୍ରୀରାମଚନ୍ଦ୍ର ଧଳା ଘୋଡ଼ାରେ ଏବଂ ବଳଭଦ୍ର ସମ ଲକ୍ଷ୍ମଣ ଠାକୁର କଳା ଘୋଡ଼ାରେ ବସି ଯୁଦ୍ଧ ଅଭିଯାନରେ ବାହାରିଥିବା ବେଳେ ମାଣିକ ଗୌଡୁଣୀଙ୍କଠାରୁ ଦହିଖିଆ ଘଟଣାର ଦୃଶ୍ୟ ଦେଖି ଭକ୍ତ ବିଭୋର ହୋଇଥିଲେ। ବାହିନପତି ବଂଶ ସେବାସୀ ପ୍ରଭୁଙ୍କୁ ସୁନ୍ଦର ବେଶ କରିଥିବା ପୂଜକ ପରିଷଦ କର୍ମକର୍ତ୍ତା, ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ନୀତି ଶୃଙ୍ଖଳା ସହକାରେ ସମ୍ପନ୍ନ ହୋଇଥିଲା। ବାବା ଦୁତୀକେଶ୍ୱରଙ୍କ ପୀଠରେ ବାରେଡି ଯାତ୍ରାର ପ୍ରଥମଦିନରେ ପ୍ରାୟ ୧୫ ହଜାର ଭକ୍ତଙ୍କ ସମାଗମ ହୋଇଥିଲା।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-43-24

**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ଼ ସ୍ଥିତ ଜିଲ୍ଲା ପ୍ରଶିକ୍ଷଣ ଏବଂ କ୍ୟାମ୍ପିଙ୍ଗ୍ କମ୍ପ୍ଲେକ୍ସ, ପୂର୍ବ ତଟ ରେଳପଥ, ଭାରତ ସ୍କାଉଟ୍ସ ଏବଂ ଗାଇଡ୍‌ସରେ ସମ୍ମିଳନୀ ହଲ ଏବଂ ସେବା ଭବନ ଗୁଡ଼ିକର ନିର୍ମାଣ ସମ୍ବନ୍ଧୀୟ ବିଦ୍ୟୁତୀକରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 30,33,383.99, EMD (ଟଙ୍କାରେ): 60,700/-, ଶେଷ ହେବା ଅବଧି: 03 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.04.12.2024 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(G)/ ଖୋର୍ଦ୍ଧା ରୋଡ଼

PR-727/P/24-25


# ମନ୍ଦିରରେ ଭକ୍ତଙ୍କ ଲମ୍ବାଧାଡ଼ି

ରଣପୁର, ୧୫।୧୧ (ସୁକାନ୍ତ କିଶୋର ଡାକୁଆ)

## ଶାମୁକାସାହି, ହଟସାହିରେ କାର୍ତ୍ତିକଙ୍କ ଆକର୍ଷଣୀୟ ମେଢ଼



ଶୁକ୍ରବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଚଳ ଚଞ୍ଚଳ ହୋଇଉଠିଥିଲା ସମଗ୍ର ରଣପୁର ଅଞ୍ଚଳ। ଏ ନେଇ ଶାମୁକା ସାହି ଓ ହାଟସାହିରେ କାର୍ତ୍ତିକଙ୍କ ଆକର୍ଷଣୀୟ ମେଢ଼ ଦେଖିବାକୁ ମିଳିଥିଲା। ଏକ ମାସ ଧରି ଭକ୍ତମାନେ କାର୍ତ୍ତିକବ୍ରତ ପାଳନ କରୁଥିଲା ବେଳେ ବୟସ୍କ ଓ ବିଧବା ମହିଳାମାନେ ହବିଷ କରିଆସୁଥିଲେ। ଶୁକ୍ରବାର ଭୋରୁ ଶହ ଶହ ଶ୍ରଦ୍ଧାଳୁ କଦଳୀ ପଟୁକା, ସୋଲ ଓ କାଗଜରେ ଡଙ୍ଗା ତିଆରି କରି ପୋଖରୀ, ନଦୀପୀଠରେ ଭସାଉଥିବା ଦେଖିବାକୁ ମିଳିଥିଲା। ରଣପୁରର ଜଗନ୍ନାଥ ମନ୍ଦିର, ତଳ ମଣିନାଗ, ବିଭିନ୍ନ ମଠ, ଉପର ମଣିନାଗରେ ଭକ୍ତମାନଙ୍କର ପ୍ରବଳ ଭିଡ଼ ଲାଗିଥିଲା। ସେହିପରି ରଣପୁର ଅଞ୍ଚଳ ଏକ ଶୈବ କ୍ଷେତ୍ର ହୋଇଥିବାରୁ ରଣପୁରର ପଞ୍ଚ ମହାଦେବ ତଥା ସ୍ୱପ୍ନେଶ୍ୱର ଦେବ, ଚଣ୍ଡେଶ୍ୱର ଦେବ, ପୁରୁଣା ବସନ୍ତ ବାଲୁଙ୍କେଶ୍ୱର, ହରିହରଶ୍ୱର ଓ ଦଣ୍ଡାବାଲୁଙ୍କେଶ୍ୱର ପୀଠରେ ଭିଡ଼ ରହିଥିଲା। ଭକ୍ତମାନେ ରାତିତମାମ୍ ବିଭିନ୍ନ ମଠ ଓ ମନ୍ଦିରରେ ଭିଡ଼ ଜମାଇ ଥିଲେ। ୪୨ବର୍ଷ ଧରି ରଣପୁରର ସାମୁକାସାହିରେ ହୋଇ ଆସୁଥିବା କାର୍ତ୍ତିକ ପୂଜାରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଏକ ଆକର୍ଷଣୀୟ ମେଢ଼ ଦେଖିବାକୁ ମିଳିଛି। ହାଟସାହିରେ ସ୍ଥାନୀୟ ଯୁବକଙ୍କ ସହଯୋଗରେ କାର୍ତ୍ତିକ ପୂଜା ଓ ମେଢ଼ ହୋଇଥିଲା। ସାନ୍ଧ୍ୟାରେ ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହା ଦେଖିବାକୁ ସେଠାରେ ଜନସାମାଗାମ ହୋଇଥିଲା। ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ରଣପୁର ଜଗନ୍ନାଥ ମନ୍ଦିରରେ ଦିନତମାମ ହଜାର ହଜାର ଭକ୍ତଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ବିଭିନ୍ନ ଶୈବ ପୀଠରେ ଦିନତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟ ପରିବେଷଣ କରାଯାଉଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦେଖିବାକୁ ଦର୍ଶକଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା।

# ଦୁର୍ଘଟଣାରେ ବାଇକ୍‌ରୁ ଖସି ମହିଳାଙ୍କ ମୃତ୍ୟୁ

ଓଡ଼ଗାଁ,୧୫।୧୧ (ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଥାନା ଜାମୁପାଟଣାଠାରେ ବିରାଜିତ ଦୂତୀକେଶ୍ୱରଙ୍କୁ ଦର୍ଶନ କରିବାକୁ ଶୁକ୍ରବାର ଆସୁଥିବା ଜଣେ ଭକ୍ତ ମନ୍ଦିରରେ ପହଞ୍ଚିବାର ପ୍ରାୟ ୪ଶହ ମିଟର ପୂର୍ବରୁ ବାଇକ୍‌ରୁ ଖସି ପଡ଼ିଥିଲେ। ଦୁର୍ଘଟଣାରେ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା କାରଣରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ମହିଳା ଜଣକ ହେଲେ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା କାଦୁଆ ମଙ୍ଗରାଜପୁର ଶାସନର ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସ୍ତ୍ରୀ କବିତା କୁମାରୀ ତ୍ରିପାଠୀ। ଦୂତୀକେଶ୍ୱର ମହାଦେବଙ୍କ ଦର୍ଶନ ପାଇଁ ସ୍ତ୍ରୀସ୍ୱାମୀ ଉଭୟ ବାଇକ୍‌ରେ ଆସୁଥିବାବେଳେ ଢୋଲମସ୍କା ପେଟ୍ରୋଲ ପମ୍ପ ନିକଟରେ ପୂର୍ବାହ୍ନରେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାସ୍ଥଳରୁ ଅଟୋ ଯୋଗେ ଗୁରୁତର କବିତାଙ୍କୁ ଓଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସ୍ୱାମୀ ପ୍ରକାଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଅନ୍ୟ ଏକ ଘଟଣାକ୍ରମରେ ସେହି ପେଟ୍ରୋଲ ପମ୍ପ ନିକଟ ରାସ୍ତାରେ ଥିବା ଖାଲରେ ଦୁର୍ଘଟଣା ଘଟି ବାହାଡ଼ାଝୋଲା ଫାଣ୍ଡି ବନ୍ଧା ଭୁଇଁ ଗାଁର ଗୋଲକ ସାହୁ ଆହତ ହୋଇପଡ଼ିବାରୁ ତାଙ୍କୁ ଓଡ଼ଗାଁ ଡାକ୍ତରଖାନାକୁ ନିଆଯାଇଥିଲା। ସେହିପରି ଅପରାହ୍ନରେ ଦର୍ଶନ ସାରି ଫେରୁଥିବାବେଳେ ଚାଳକ ଅନିୟନ୍ତ୍ରିତ ହୋଇପଡ଼ିବାରୁ ଦୁର୍ଘଟଣାରେ ବାଇକ୍‌ଟି ଗୁଣ୍ଡ ହୋଇଯାଇଥିଲା। ଚାଳକ ଏବଂ ସହଯାତ୍ରୀ ୨ ଯୁବକ ଖଣ୍ଡିଆ ଖାବରା ହୋଇ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଫେରିଥିଲେ। କାର୍ତ୍ତିକ ପୂର୍ଣ୍ଣମୀ ତିଥିରେ ଦୂତିକେଶ୍ୱର ମହାଦେବଙ୍କ ପୀଠରେ ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ମନ୍ଦିରଠାରୁ ଓଡ଼ଗାଁ ଓ ବାହାଡାଝୋଲା ଆଡ଼କୁ ପ୍ରାୟ ୩ କି.ମି. ଓସାରିଆ ରାସ୍ତାରେ ମଧ୍ୟ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ଏହି କାରଣରୁ ଏକାଧିକ ଦୁର୍ଘଟଣା ଘଟିଥିଲା।


**ODISHA HYDRO POWER CORPORATION LTD.**

(A GOVT. OF ODISHA UNDERTAKING)
CIN : U40101OR1995SGC003963
REGD. OFFICE : OHPC Corporate Office, Bhoi Nagar, Janpath, Bhubaneswar-751022
Phone : 91-0674-2542983, 2542802, 2545526, 2542826
E-mail : ohpc.co@gmail.com, Website : www.ohpcltd.com

No. OHPC : TECH : C&P : 23/2024-25/9774 Date : 12.11.2024

**NOTICE INVITING TENDER - 24/2024-25**

**No. CAD-1604** : Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed firms/Printers having minimum 03 (three) years experience of printing and supply of Calendars for PSUs/Govt. Departments/ autonomous bodies for the work as mentioned below.

| Description of Services | Cost of tender papers (Non-refundable) in Rs. | EMD in shape of DD only (Refundable) in Rs. |
|---|---|---|
| Printing & Supply of OHPC Wall Calandar - 2025 | 2360.00 (Rs. 2000.00 + GST @ 18%) | 4,000.00 |

**For details of the tender documents, terms & conditions please visit our website www.ohpcltd.com from 19.11.2024**

OIPR-04012/11/0019/2425 C&P Head


# ବିଭିନ୍ନ ଦେବଦେବୀ ପୀଠରେ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା

ଖଣ୍ଡପଡ଼ା,୧୫।୧୧ (ଅଜୟ କୁମାର ମହାରଣା)



ଶ୍ରୀ ନୀଳମାଧବଙ୍କୁ ଦର୍ଶନ ଲାଗି ଲୋକଙ୍କ ଲମ୍ବା ଧାଡ଼ି।

ପବିତ୍ର କାର୍ତ୍ତିକପୂର୍ଣ୍ଣମୀ ଉପଲକ୍ଷେ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ଦେବାଦେବୀ ମନ୍ଦିର, ମଠ ପରିସର ଚଳଚଞ୍ଚଳ ହୋଇଉଠିଛି। ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ଶାଇ ମନ୍ଦିର, ମା' ବାଉରୀ ଠାକୁରାଣୀ ଓ ବାହାଡ଼ାଶୁଣୀଙ୍କ ପୀଠ, ମର୍ଦ୍ଦରାଜପୁର ସ୍ଥିତ ମୁଣ୍ଡିଆ ହନୁମାନଙ୍କ ପୀଠ ସମେତ୍ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ବାଲୁଙ୍କେଶ୍ୱର ଦେବ, ସୁବର୍ଣ୍ଣେଶ୍ୱର ଦେବ, ଜଗନ୍ନାଥ ମନ୍ଦିର, ରଘୁନାଥ ମନ୍ଦିର, ଖୁଣ୍ଟୁପଡ଼ା ସ୍ଥିତ ପ୍ରସିଦ୍ଧ ଶୈବ ପୀଠ ରାମେଶ୍ୱର ଦେବଙ୍କ ମନ୍ଦିରରେ ଶୁକ୍ରବାର ଭୋର ସମୟରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ଏହି ପୂର୍ଣ୍ଣମୀ ତିଥିରେ ବିଭିନ୍ନ ଯାଗାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ୭ଟା ପରେ ଠାକୁରଙ୍କ ପଦ୍ମବେଶ ଦର୍ଶନ ନିମେଁ ଭକ୍ତଙ୍କ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା। ଖଣ୍ଡପଡ଼ା ବ୍ଲକ୍‌ର ପୁଆଣିଆ, ବୋଦସା, କାଦୁଆ, କିଆଝର, ବୋରଗାଁ ପ୍ରଭୃତି ଗ୍ରାମଗୁଡ଼ିକରେ ଅବସ୍ଥିତ ବିଭିନ୍ନ ଦେବାଦେବୀ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣମୀ ଯାତ୍ରା ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠରେ ଚାଲିଥିବା କାର୍ତ୍ତିକ ମହୋତ୍ସବର ଅଁମ ଦିବସରେ ଆୟୋଜିତ ନବରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ହଜାର ହଜାର ସଂଖ୍ୟକ ଦର୍ଶକ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟ ସମାଗମ ହୋଇଥିଲେ। ଏହି ଅବସରରେ ଆଜି ଗୌରୀ ଗଣନାଟ୍ୟ ପକ୍ଷରୁ ପରିବେଷଣ ହେବାକୁ ଥିବା ଯାତ୍ରା ଦେଖିବା ପାଇଁ ହଜା ହଜାର ସଂଖ୍ୟକ ଦର୍ଶକମାନଙ୍କ ଭିଡ ପରିଲକ୍ଷିତ ହୋଇଛି।

# ଦୁର୍ଘଟଣାରେ ଜଣେ ମୃତ

ରଣପୁର, ୧୫।୧୧ (ସୁକାନ୍ତ କିଶୋର ଡ଼ାକୁଆ)

ରଣପୁର ଥାନା ଦର୍ପନାରାୟଣପୁର ଦୁର୍ଗାମଣ୍ଡପ ନିକଟରେ ଶୁକ୍ରବାର ସକାଳ ୬ଟାରେ ଏକ ସ୍କୁଟି ଦ୍ରୁତଗତିରେ ଆସି ହାଇୱା ପଛକୁ ଧକ୍କା ଦେବାରୁ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରଣପୁର ଥାନା କରଡ଼ାପଲ୍ଲୀ ଗାଁର ନିରଞ୍ଜନ ସାହୁଙ୍କ ପୁଅ ସୂର୍ଯ୍ୟକାନ୍ତ ରାଣୀ ସାହୁ (୨୯)। ସ୍କୁଟି ପଛରେ ବସିଥିବା ଆଉ ଜଣେ ଯାତ୍ରା କଳାକାର ଆହତ ହୋଇ ଦର୍ପନାରାୟଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଦର୍ପନାରାୟଣପୁର ଫାଣ୍ଡି ଅଧିକାରୀ ସନ୍ତୋଷ ଦାସ ପହଞ୍ଚି ସ୍କୁଟିକୁ ଜବତ କରି ଫାଣ୍ଡିକୁ ଆଣିଥିଲେ। ଦୁର୍ଘଟଣାସ୍ଥଳରେ ହାଇୱାଟି ରହିଛି। ଥାନାରେ ନଂ. ୩୬୯/୨୪ରେ ମାମଲା ରୁଜୁ ସହ ମୃତଦେହକୁ ବ୍ୟବଚ୍ଛେଦ ରଣପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।


**OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR**

E-mail ID : cebuildings_orissa@yahoo.co.in, cebuildings@rediffmail.com, Tel. - (0674)-2391523

No.B-604

**INVITATIONS FOR BIDS (IFB)**

File No. B-I-Home-07/2024 Lr. No. 43566 Dt. 12 Nov. 2024

**Invitations for Bids**

**Bid Identification No. C.E.-CUM-ADDL. SECY. (B)-18/2024-25**

| | | | |
|---|---|---|---|
| 1 | The Chief Engineer-cum-Addl. Secretary, Works Dept., Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the work **"Construction of 40 Nos. of E-Type Staff Quarters (2 Blocks of S+5) at Baripada" amounting to Rs. 12,10,00,000/- (Approximate)** as detailed below. | | |
| 2 | Nature of work | : | Building Work |
| 3 | No. of work | : | 01 No. |
| 4 | Bid Cost | : | Rs. 10,000/- (Each) |
| 5 | Class of Contractor | : | **'A' / Special Class** |
| 6 | Availability of Bid Documents in the website | : | **From dt. 18.11.2024 to 17.00 Hours of dt. 02.12.2024** |
| 7 | Date of Opening of Bids | : | **Dt. 03.12.2024 at 11:30 A.M.** |
| 8 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd./- Chief Engineer-cum-Addl. Secretary, Works Dept., Odisha

OIPR-34117/11/0039/2425




ନୟାଗଡ଼ ପୁରୁଣା ସହର ଶ୍ରୀଜଗନ୍ନାଥଙ୍କ ରାଜରାଜେଶ୍ୱରୀ ବେଶ।

# ଶ୍ରୀଜଗନ୍ନାଥ ଜୀଉଙ୍କ ପଦ୍ମବେଶ

ଖଣ୍ଡପଡ଼ା,୧୫।୧୧ (ଅଜୟ କୁମାର ମହାରଣା)



ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିରରେ ଶ୍ରୀଜଗନ୍ନାଥ ଜୀଉ ପଦ୍ମବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଛନ୍ତି। ମହାପ୍ରଭୁଙ୍କର ବେଶ ଓ ସନ୍ଧ୍ୟା ଆଳତି ଦର୍ଶନ ନିମନ୍ତେ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ପୋଲିସ୍ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ବେଳେ ମନ୍ଦିର ବେଢ଼ାରେ ଶୃଙ୍ଖଳିତ ଭାବେ ବିଗ୍ରହଙ୍କ ଦର୍ଶନ ନିମନ୍ତେ ମନ୍ଦିର କର୍ତ୍ତୃପକ୍ଷଙ୍କ ପକ୍ଷରୁ ମଧ୍ୟ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।

# ଲଡୁବାବାଙ୍କ କୈଳାସ ପର୍ବତ ଉତ୍ପାଟନ ବେଶ

ଶରଣକୁଳ, ୧୫।୧୧ (ଦୀପକ କର)





ଶ୍ରୀଜଗନ୍ନାଥଙ୍କ କାଞ୍ଚି ଅଭିଯାନ, ଲଡୁବାବାଙ୍କ କୈଳାସ ପର୍ବତ ଉତ୍ପାଟନ ବେଶ।

ନୟାଗଡ଼ା ଜିଲା ପ୍ରସିଦ୍ଧ ଶୈବପୀଠ ଶରଣକୁଳର ପ୍ରଭୁ ଲଡୁବାବା ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀରେ ଦୁର୍ଲଭ କୈଳାସ ପର୍ବତ ଉତ୍ପାଟନ ବା ରାବଣ ବେଶରେ ଶ୍ରଦ୍ଧାଳୁ ଓ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ବର୍ଷକୁ ଥରେ କେବଳ କାର୍ତ୍ତିକ ପୂର୍ଣ୍ଣମୀରେ ହେଉଥିବା ଏହି ବେଶରେ ପ୍ରଭୁ ଲଡୁବାବା ଦର୍ଶନ ପାଇ ଭକ୍ତଙ୍କ ଚିତ୍ତ, ମାନସକୁ ଆନନ୍ଦ ପ୍ରଦାନ କରିଥାନ୍ତି। କିମ୍ବଦନ୍ତୀ ଅନୁସାରେ, ମହାନ ଶୈବଭକ୍ତ ଲଙ୍କପତି ରାବଣ ଦେବ ଦେବ ମହାଦେବଙ୍କୁ ସର୍ବଦା ପାଖରେ ରଖି ପୂଜାର୍ଚ୍ଚନା କରିବା ନିମନ୍ତେ ଏକ କାମନା ଲିଙ୍ଗକୁ ଲଙ୍କାକୁ ନେବାକୁ ପ୍ରାର୍ଥନା କରିଥିଲା। କୈଳାସ ପର୍ବତ ସହ ଲିଙ୍ଗକୁ ଉତ୍ପାଟନ ପାଇଁ ଚେଷ୍ଟା କଲା। କିନ୍ତୁ ରାବଣର ଅତ୍ୟଧିକ ଅହଂକାର ଓ ଔଦ୍ଧତ୍ୟ ଯୋଗୁ ବାବା ନିଜ ପାଦର ବୃଦ୍ଧାଙ୍ଗୁଳିରେ କୈଳାସ ପର୍ବତକୁ ସ୍ପର୍ଶ କରିବାରୁ ରାବଣର ଇଚ୍ଛାପୂର୍ତ୍ତି ହୋଇ ପାରି ନ ଥିଲା। ଯାହାଫଳରେ ରାବଣ ପ୍ରଭୁଙ୍କୁ ସାଙ୍ଗରେ ଲଙ୍କାକୁ ନେବା ଚେଷ୍ଟାରେ ସଫଳ ହୋଇ ପାରି ନ ଥିଲା। ସେହି ଘଟଣାର ସାକ୍ଷୀ ସ୍ୱରୂପ ପ୍ରଭୁ ଲଡୁବାବା ପ୍ରତିବର୍ଷ ଏହି ବେଶରେ ଦର୍ଶନ ଦେଇଥାନ୍ତି। ଶିବ ପୁରାଣ ଅନୁସାରେ, ଶୈବଭକ୍ତମାନେ ଏହି ବେଶକୁ କୈଳାସ ଉତ୍ପାଟନ ବେଶ ବୋଲି କହିଥାନ୍ତି। ସେହିପରି ପବିତ୍ର ପଞ୍ଚକର ଶେଷ ଦିନ ତଥା ରାସପୂର୍ଣ୍ଣମୀରେ ମନ୍ଦିର ବେଢ଼ାରେ ଥିବା ଜଗନ୍ନାଥ ମନ୍ଦିରରେ ଅଧିଷ୍ଠିତ ପ୍ରଭୁ ଜଗନ୍ନାଥ, ବଡ଼ଠାକୁର ବଳଭଦ୍ର ଏବଂ ଭଉଣୀ ସୁଭଦ୍ରା କାଞ୍ଚି ଅଭିଯାନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପ୍ରବଳ ଭିଡ଼ ଯୋଗୁ ବହୁସଂଖ୍ୟାରେ ଭକ୍ତ ଦୀର୍ଘ ସମୟ ଧରି ଧାଡ଼ିରେ ରହି ବାବାଙ୍କ ଦର୍ଶନ ଲାଭ କରିଥିଲେ। ସମସ୍ତ ମନ୍ଦିରଗୁଡ଼ିକ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ସେହିପରି ସନ୍ଧ୍ୟାରେ ମଧ୍ୟ ଦୂରଦୂରାନ୍ତରୁ ଆସିଥିବା ବହୁ ଭକ୍ତ ବାବାଙ୍କ ଦର୍ଶନ କରିଥିଲେ। ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼ଙ୍କ ତତ୍ତ୍ୱାବଧାନରେ ସମସ୍ତ ସେବାସୀମାନେ ନୀତିକାନ୍ତି ସମୟ ନିର୍ଘଣ୍ଟ ଅନୁସାରେ ସମ୍ପନ୍ନ କରିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁ, ଭକ୍ତମାନଙ୍କ ଦର୍ଶନର ସୁବନ୍ଦୋବସ୍ତ କରାଯାଇଥିଲା। ଶରଣକୁଳ ପୋଲିସ ପକ୍ଷରୁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ଶାନ୍ତିଶୃଙ୍ଖଳାର ସହ କରାଯାଇଥିଲା।


**OFFICE OF THE SUPERINTENDING ENGINEER, PORTS & INLAND WATER TRANSPORT, CIVIL DIVISION, NEAR STPI, AMBAPUA, BERHAMPUR-11**

Phone - 0680-2404455/E-mail - ees.piwt@yahoo.in

No.JJ-27

**"e" PROCUREMENT NOTICE**

| Sl. No. | Name of work | Approximate value of work (In Rs.) |
|---|---|---|
| 01 | Construction of Protection wall to the left side of IWT Jetty at Chandbali in Bhadrak District vide Bid Identification No-02/2024-25 | 67,46,320.00 |
| 02 | Construction of Retaining wall for launch lifting Basin (by mechanical crane) near IWT Jetty at Chandbali in Bhadrak District, vide Bid ID No-03/2024-25 | 39,54,662.00 |

| | | | |
|---|---|---|---|
| 03 | No. of Covers | : | **Double cover** |
| 04 | Bid Cost | : | **Rs. 10,000.00 & Rs. 6,000.00** |
| 05 | Period of Completion | : | **03 (Three) Calendar Months** |
| 06 | Date & Time of availability of bid document in the portal | : | **From 18.11.2024 to 02.12.2024 upto 5.00 P.M.** |
| 07 | Last date & time for receipt of bids in the portal | : | **02.12.2024 Up to 5.00 P.M.** |
| 08 | Date of opening of bid document (Cover-I) | : | **03.12.2024 from 12 Noon onwards** |
| 09 | Date of transparent lottery process (If situation arises) | : | **Intimation will be given through online** |
| 10 | Class of Contractor | : | "B" Class Contractor for Sl. No. 01 & "C" & "B" Class Contractor for Sl. No. 02 |
| 11 | Name and address of officer inviting Tender (OIT) | : | **Superintending Engineer, Ports & Inland Water Transport, Civil Division, Berhampur, Pin - 760010, Phone - 0680-2404455, e-Mail - ees.piwt@yahoo.in** |

Further details can be seen from the e-Procurement market place, https// tendersodisha.gov.in. The Addendum / Corrigendum if any will be hosted in the website only.

Sd./- Superintending Engineer Ports & IWT, Civil Division, Berhampur

OIPR-38041/11/0002/2425

**ପ୍ରଧାନମନ୍ତ୍ରୀଙ୍କ ବିମାନରେ ବୈଷୟିକ ତ୍ରୁଟି**
ଝାଡ଼ଖଣ୍ଡର ଦେଓଘରଠାରେ ଶୁକ୍ରବାର ଅପରାହ୍ଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିମାନରେ ବୈଷୟିକ ତ୍ରୁଟି ଦେଖାଦେଇଥିଲା। ନୂଆଦିଲ୍ଲୀରୁ ଦେଓଘରକୁ ଭାରତୀୟ ବାୟୁସେନାର ଆଉ ଏକ ବିମାନ ପଠାଯାଇଥିଲା। ଫଳରେ ପ୍ରଧାନମନ୍ତ୍ରୀଙ୍କ ଦିଲ୍ଲୀ ଫେରିବା ବିଳମ୍ବିତ ହୋଇଛି।



## ସଂକ୍ଷେପରେ

### ମନ୍ଦିର ଆକ୍ରମଣରେ ସମ୍ପୃକ୍ତ କାନାଡା ପୋଲିସକୁ କ୍ଲିନ୍‌ଚିଟ୍

ନୂଆଦିଲ୍ଲୀ,୧୫ା୧୧

କାନାଡାର ବ୍ରାମ୍ପଟନ୍‌ସ୍ଥିତ ହିନ୍ଦୁ ମନ୍ଦିର ଆକ୍ରମଣରେ ଖଲିସ୍ତାନୀ ସମର୍ଥକମାନଙ୍କ ସହ ସାମିଲ ଥିବା ସେଠାର ଜଣେ ପୋଲିସ ଅଫିସରଙ୍କୁ କ୍ଲିନ୍‌ଚିଟ୍ ମିଳିଛି। ଡ୍ୟୁଟିରେ ନ ଥିବା ଅଫିସର ହରିନ୍ଦର ସୋହି ସାଦା ପୋଷାକରେ ଖଲିସ୍ତାନୀ ପତାକା ଧରି ଲୋକଙ୍କୁ ଆକ୍ରମଣ କରିଥିଲେ। ଏହାର ଭିଡିଓ ପ୍ରକାଶ ପାଇବା ପରେ ତାଙ୍କୁ ନିଲମ୍ବନ କରାଯାଇଥିଲା। ତେବେ ସେ ବିକ୍ଷୋଭକାରୀଙ୍କୁ ଅଟକାଇବା ସହ ସ୍ଥିତି ସୁଧାରିବା ପାଇଁ ଉଦ୍ୟମ କରୁଥିଲେ କହି କାନାଡାର ପିଲ୍ ରିଜିଅନାଲ୍ ପୋଲିସ୍ ତାଙ୍କୁ ଦୋଷମୁକ୍ତ କରିଦେଇଛି।

### ଶ୍ରୀଲଙ୍କା ନିର୍ବାଚନରେ ଏନ୍‌ପିପିର ବଡ଼ ବିଜୟ



ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ

କଲମ୍ବୋ,୧୫ା୧୧(ପି.ଟି.)

ଶ୍ରୀଲଙ୍କା ପାର୍ଲାମେଣ୍ଟ ନିର୍ବାଚନରେ ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେଙ୍କ ନ୍ୟାଶନାଲ ପିପୁଲ୍ସ ପାୱାର (ଏନ୍‌ପିପି) ପାର୍ଟି ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିଛି। ଦେଶର ତାମିଲ ସଂଖ୍ୟାଲଘୁମାନଙ୍କ ମୁଖ୍ୟ ଅଞ୍ଚଳ ଜାଫନା ଇଲେକ୍ଟୋରାଲ ଡିଷ୍ଟ୍ରିକ୍ଟରେ ମଧ୍ୟ ଏହି ଦଳ ବଡ଼ ସଫଳତା ହାସଲ କରିଛି। ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ପ୍ରକାଶିତ ସଦ୍ୟତମ ଫଳାଫଳ ଅନୁଯାୟୀ, ୨୨୫ ଆସନବିଶିଷ୍ଟ ପାର୍ଲାମେଣ୍ଟରେ ଏନ୍‌ପିପି ମେଣ୍ଟକୁ ୧୫୯ ଆସନ ମିଳିଛି। ଏହି ମେଣ୍ଟକୁ ୬.୮ ନିୟୁତରୁ ଅଧିକ ଭୋଟ ଅଥବା ୬୧% ଭୋଟ ମିଳିଛି। ସାଜିଥ୍ ପ୍ରେମଦାସାଙ୍କ ସାମଗି ଜନ ବାଲୱେଗୟା ୪୦ ଆସନ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଇଲାଙ୍କାଇ ତାମିଲ ଆରସୁ କାଡଚିକୁ ୮, ନ୍ୟୁ ଡେମୋକ୍ରାଟିକ୍ ଫ୍ରଣ୍ଟକୁ ୫ ଏବଂ ଶ୍ରୀଲଙ୍କା ପୋଡୁଜନ ପେରାମୁନା ଓ ଶ୍ରୀଲଙ୍କା ମୁସ୍‌ଲିମ୍ କଂଗ୍ରେସକୁ ୩ଟି ଲେଖାଏ ଆସନ ମିଳିଛି।

# ସମୁଦ୍ର ମନ୍ଥନରୁ 'ବିଷ'



**ହିନ୍ଦୁଧର୍ମର ପୌରାଣିକ ମତାନୁସାରେ ଦେବତା ଏବଂ ଅସୁରଗଣ ସମୁଦ୍ର ମନ୍ଥନ କରି ଉଭୟ ଅମୃତ ଓ ବିଷ ବାହାର କରିଥିଲେ। ଏହାର ଅନେକ ହଜାର ବର୍ଷ ପରେ ଏବେ ସମୁଦ୍ରରୁ କେବଳ ହଳାହଳ ରୂପକ ନିଷିଦ୍ଧ ନିଶାଦ୍ରବ୍ୟ ବାହାରୁଛି। ବିଶେଷକରି ଗୁଜରାଟ ଉପକୂଳ ଡ୍ରଗ୍ସ ଚାଲାଣକାରୀଙ୍କ ପାଇଁ ସୁଗମ ଜଳପଥ ପାଲଟିଛି। ଶ୍ରୀକୃଷ୍ଣଙ୍କ ବାଲ୍ୟବନ୍ଧୁ ସୁଦାମା ଓ ସ୍ୱାଧୀନତା ସଂଗ୍ରାମର ଅଗ୍ରଦୂତ ମହାତ୍ମା ଗାନ୍ଧୀଙ୍କ ଜନ୍ମସ୍ଥାନ ପୋରବନ୍ଦରକୁ ବିଦେଶରୁ ବିପୁଳ ପରିମାଣର ଡ୍ରଗ୍ସ ଚାଲାଣ ହେଉଛି। ଏହା ଗୁଜରାଟ ପୋଲିସ, ତଟରକ୍ଷୀ ବାହିନୀ ଓ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ବିଫଳତାକୁ ପଦାରେ ପକାଇଛି। ନିର୍ଦ୍ଦିଷ୍ଟ ଭାବେ ଗୁଜରାଟ ଉପକୂଳରେ ନିଶାଦ୍ରବ୍ୟ ଚାଲାଣ ବଢ଼ିବାରେ ଲାଗିଥିବାରୁ ଏହାକୁ ଲକ୍ଷ୍ୟକରି ସମାଲୋଚକ ପ୍ରଶ୍ନ କରୁଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଜ ରାଜ୍ୟକୁ ଏତେ ଡ୍ରଗ୍ସ କେଉଁଠୁ ଆସୁଛି, ଆଣୁଛି କିଏ?**

## ଗୁଜରାଟ ଜଳପଥରେ ଚାଲାଣ ହେଉଛି ବିପୁଳ ଡ୍ରଗ୍ସ



ଅପରେଶନ 'ସାଗର ମନ୍ଥନ'ବେଳେ ବୋଟ୍‌ରୁ ଧରାପଡ଼ିଥିବା ଇରାନ ନାଗରିକ।

ନୂଆଦିଲ୍ଲୀ/ଅହମଦାବାଦ,୧୫ା୧୧

ଦେଶର ସୁନାମଧନ୍ୟ ନିଶାଦ୍ରବ୍ୟ ନିରୋଧୀ ଏଜେନ୍ସି ଏନ୍‌ସିବି ଶୁକ୍ରବାର ୭୦୦ କେ.ଜି. ମେଥାମ୍ଫେଟାମାଇନ୍ ଜବତ କରିଛି। ମେଥ୍ ବା ମେଥାମ୍ଫେଟାମାଇନ୍ ହେଉଛି ମାନସିକ ସ୍ଥିତି, ଚିନ୍ତାଶକ୍ତି ଓ ଧାରଣାକୁ ପ୍ରଭାବିତ କରୁଥିବା ଏକ ନିଷିଦ୍ଧ ଔଷଧ, ଯାହାକି ଡାକ୍ତରଙ୍କ ବିନା ପ୍ରେସ୍କ୍ରିପ୍‌ଶନ୍‌ରେ ବିକ୍ରି କରାଯାଇ ନ ଥାଏ। ଧଳାରଙ୍ଗର ଏହି ରାସାୟନିକ ପାଉଡର ପାଣି ବା ଆଲ୍‌କୋହଲରେ ସହଜରେ ମିଳେଇଯାଇଥାଏ। ଭାରତୀୟ ଜଳପଥରେ ଏକ ଅଣପଞ୍ଜୀକୃତ ଇରାନୀୟ ବୋଟ୍‌ରୁ ଜବତ କରିଥିବା ଏହି ଡ୍ରଗ୍ସର ଆନୁମାନିକ ମୂଲ୍ୟ ୧,୭୦୦ କୋଟି ଟଙ୍କା ହେବ ବୋଲି ଏନ୍‌ସିବି ଆକଳନ କରିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ବିଶେଷଜ୍ଞଙ୍କ ମତରେ ଅନ୍ତର୍ଜାତୀୟ ବଜାରରେ ଜବତ ଡ୍ରଗ୍ସର ମୂଲ୍ୟ ୧,୪୦୦-୩,୫୦୦ କୋଟି ଟଙ୍କା ହେବ।

ଅପରେଶନ୍ ବେଳେ ୮ ଇରାନୀୟଙ୍କୁ ଗିରଫ କରାଯାଇଛି। ଏନ୍‌ସିବି ଉପମହାନିର୍ଦ୍ଦେଶକ ଜ୍ଞାନେଶ୍ୱର ସିଂ କହିଛନ୍ତି, ଗୋଇନ୍ଦା ସୂଚନା ଆଧାରରେ ଏଜେନ୍ସି ପକ୍ଷରୁ 'ସାଗର ମନ୍ଥନ-୪' ନାମରେ ଏକ ମିଳିତ ଅପରେଶନ୍ କରାଯାଇଥିଲା। ଏଥିରେ ଗୁଜରାଟ ପୋଲିସର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଏବଂ ଭାରତୀୟ ନୌସେନା ସାମିଲ ହୋଇଥିଲା। ଗିରଫ ହୋଇଥିବା ୮ ଅଭିଯୁକ୍ତ ବିନା କୌଣସି ଦସ୍ତାବିଜରେ ଡ୍ରଗ୍ସ ନେଇ ଭାରତୀୟ ଜଳପଥର ଇଣ୍ଟରନ୍ୟାସନାଲ ମାରିଟାଇମ୍ ବାଉଣ୍ଡରି ଲାଇନ୍ (ଆଇଏମ୍‌ବିଏଲ୍)ରେ ଅନୁପ୍ରବେଶ କରୁଥିଲେ। ବୋଟ୍‌କୁ ପୋରବନ୍ଦରକୁ ଅଣାଯାଇ ଅଭିଯୁକ୍ତମାନଙ୍କୁ ପଚରାଉଚରା ଚାଲିଛି। ଜେରାବେଳେ ସେମାନେ ଇରାନ୍ ନାଗରିକ ବୋଲି ସ୍ୱୀକାର କରିଛନ୍ତି। ଏହି ଡ୍ରଗ୍ସ କେଉଁଠୁ ଆସିଥିଲା ଏବଂ ନିର୍ଦ୍ଦିଷ୍ଟ ଭାବେ କେଉଁ ସ୍ଥାନକୁ ଯାଉଥିଲା; ପାକିସ୍ତାନ ସହ ଏହାର ସମ୍ପୃକ୍ତି ରହିଛି କି ଏବଂ ଏଥିରୁ ମିଳିବାକୁ ଥିବା ଅର୍ଥକୁ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣରେ ବ୍ୟବହାର କରାଯାଇଥାଆନ୍ତା କି? ଅଧିକାରୀମାନେ ବର୍ତ୍ତମାନ ଏହାର ଉତ୍ତର ଖୋଜିବା ପାଇଁ ତନାଘନା ଚଳାଇଛନ୍ତି।

### ଡ୍ରଗ୍ସମୁକ୍ତ ଭାରତ ପାଇଁ ପ୍ରତିଶ୍ରୁତିବଦ୍ଧ

ବେଆଇନ ଡ୍ରଗ୍ସ ଚାଲାଣ ବିରୋଧରେ ଲଗାତର ଗୋଟିଏ ପରେ ଗୋଟିଏ ସଫଳତା। ଗୋଟିଏ ଦିନରେ ନୂଆଦିଲ୍ଲୀରେ ୮୨.୫୩ କେ.ଜି.ର ହାଇଗ୍ରେଡ୍ କୋକେନ୍ ଜବତ ହୋଇଛି, ଯାହାର ଆନୁମାନିକ ମୂଲ୍ୟ ୮୦୦ କୋଟି ଟଙ୍କା ହେବ। ଏହା ଡ୍ରଗ୍ସମୁକ୍ତ ଭାରତ ନିର୍ମାଣରେ ମୋଦି ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ସୂଚାଉଛି। ଡ୍ରଗ୍ସ ରାକେଟ ବିରୋଧରେ ଆମ କାର୍ଯ୍ୟାନୁଷ୍ଠାନ ଜାରି ରହିବ। ଏହି ସଫଳତା ପାଇଁ ଏନ୍‌ସିବିକୁ ଅଭିନନ୍ଦନ।

**-ଅମିତ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

➡୨୦୨୪ରେ ଆରମ୍ଭ ହୋଇଥିବା 'ସାଗର ମନ୍ଥନ' ଅପରେଶନ୍‌ରେ ଅଦ୍ୟାବଧି ୩,୪୦୦ କେ.ଜି.ର ବିଭିନ୍ନ ପ୍ରକାର ନାର୍କୋଟିକ୍ ଡ୍ରଗ୍ସ ଓ ସାଇକୋଟ୍ରୋପିକ୍ ପଦାର୍ଥ ଜବତ କରାଗଲାଣି। ଚଳିତବର୍ଷ ୩ଟି ମାମଲାରେ ୧୧ ଇରାନୀ ଓ ୧୪ ପାକିସ୍ତାନୀ ଗିରଫ ହୋଇ ଜେଲ ଯାଇଛନ୍ତି।

➡ଅକ୍ଟୋବର ୧୩ରେ ଗୁଜରାଟ ଉପକୂଳ ଭାରୁଚ୍ ଜିଲା ଅଙ୍କଲେଶ୍ୱରସ୍ଥିତ ଅବସର ଏଣ୍ଟରପ୍ରାଇଜେସ୍‌ରୁ ୮୧୫ କେଜିର କୋକେନ ଜବତ ହୋଇଥିଲା, ଯାହାର ଆନୁମାନିକ ମୂଲ୍ୟ ୨୫୦ କୋଟି ଟଙ୍କା ହେବ। ରାଜ୍ୟର ଭାଜପା ସରକାର ଏହି ଡ୍ରଗ୍ସ କାରବାର ପାଇଁ ଅନୁମତି ଦେଇଥିବା ସେତେବେଳେ ଗୁଜରାଟ କଂଗ୍ରେସ ନେତ୍ରୀ ମୁମ୍‌ତାଜ ପଟେଲ ଅଭିଯୋଗ ଆଣିଥିଲେ। ଗୁଜରାଟ ଏବେ ଭାରତକୁ ଡ୍ରଗ୍ସର ପ୍ରବେଶପଥ ପାଲଟିଯାଇଥିବା ସେ ସମାଲୋଚନା କରିଥିଲେ।

➡ଅକ୍ଟୋବର ୨୦ରେ ଏକ ଅନୁରୂପ ଅପରେଶନ୍ ବେଳେ ଅଙ୍କଲେଶ୍ୱରରେ ଥିବା ଆଭକର ଡ୍ରଗ୍ସ ଲିମିଟେଡ୍‌ରୁ ୪୨୭ କେ.ଜି. (୫,୦୦୦ କୋଟି ଟଙ୍କାର) ଡ୍ରଗ୍ସ ଜବତ ହୋଇଥିଲା।

➡ଏପ୍ରିଲ ୨୯ରେ ଭାରତୀୟ ତଟରକ୍ଷୀ ବାହିନୀ ଏବଂ ଗୁଜରାଟ ଏଟିଏସ୍‌ର ଏକ ମିଳିତ ଟିମ୍ ଗୁଜରାଟ ଉପକୂଳରେ ଚଢ଼ାଉ କରି ଏକ ବୋଟ୍‌ରୁ ୧୭୩ କେ.ଜି. ଡ୍ରଗ୍ସ ଜବତ କରିଥିଲା। ଏହାକୁ ନେଇ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଥିଲେ, ଗୁଜରାଟରେ ପ୍ରଧାନମନ୍ତ୍ରୀଙ୍କ ରାଲି ପୂର୍ବରୁ ଏତେ ପରିମାଣର ଡ୍ରଗ୍ସ ଜବତ ହେବା ଆଶ୍ଚର୍ଯ୍ୟଜନକ। ତାଙ୍କ ରାଜ୍ୟକୁ କିଏ କେଉଁଠୁ ଡ୍ରଗ୍ସ ଚାଲାଣ କରୁଛି ବୋଲି ଜୟରାମ ପ୍ରଶ୍ନ କରିଥିଲେ।

➡୨୦୨୧ ସେପ୍ଟେମ୍ବର ୧୩ରେ ଗୁଜରାଟ ଉପକୂଳ ମୁନ୍ଦ୍ରା ପୋର୍ଟରୁ ୩,୦୦୦ କେ.ଜି (୨୦,୦୦୦ କୋଟି ଟଙ୍କା)ର ହେରୋଇନ୍ ଜବତ ହୋଇଥିଲା। ସେତେବେଳେ ମୁନ୍ଦ୍ରା ବନ୍ଦର ପରିଚାଳନାକାରୀ ଆଦାନୀ ପୋର୍ଟ୍ସ ଆଣ୍ଡ ସ୍ପେଶାଲ ଇକୋନୋମିକ୍ ଜୋନ୍ (ଏପିଏସ୍‌ଇଜେଡ୍) ଇରାନ, ପାକିସ୍ତାନ ଓ ଆଫଗାନିସ୍ତାନରୁ ଆସୁଥିବା କାର୍ଗୋଗୁଡ଼ିକୁ ସେହି ବର୍ଷ ନଭେମ୍ବର ୧୫ରୁ ଆଉ ହ୍ୟାଣ୍ଡଲ କରିବ ନାହିଁ ବୋଲି କହିଥିଲା।

➡ଭାରତରୁ ଡ୍ରଗ୍ସ ହଟାଇବା ପାଇଁ କେନ୍ଦ୍ର ସରକାର ଏନ୍‌ସିବିରେ ଗତ ୨ ବର୍ଷରେ ୪୨୫ ପଦବୀ ସୃଷ୍ଟି କରିଥିବାବେଳେ ନିକଟରେ ସୃଷ୍ଟ ଅତିରିକ୍ତ ୧୧୧ ଅଧିକାରୀ ପୋଷ୍ଟ ପାଇଁ ନିଯୁକ୍ତି ଜାରି ରହିଛି।

### ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବନ୍ଦ ଲାଗି ଟ୍ରମ୍ପଙ୍କ ପ୍ରତିଶ୍ରୁତି

ୱାଶିଂଟନ,୧୫ା୧୧

ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ଲୋକମାନଙ୍କ ମୃତ୍ୟୁକୁ ନେଇ ଦୁଃଖପ୍ରକାଶ କରିଛନ୍ତି। ଏହି ଯୁଦ୍ଧ ବନ୍ଦ କରିବା ଦିଗରେ ତାଙ୍କ ପ୍ରଶାସନ ସର୍ବାଧିକ ଗୁରୁତ୍ୱ ଦେବ ବୋଲି ଟ୍ରମ୍ପ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ପଶ୍ଚିମ ଏସିଆରେ ଶାନ୍ତି ଫେରାଇଆଣିବା ଲାଗି ତାଙ୍କ ପ୍ରଶାସନ କାର୍ଯ୍ୟ କରିବ। ଏଥିପାଇଁ ରୁଷିଆ, ୟୁକ୍ରେନ୍ ଏବଂ ମଧ୍ୟପ୍ରାଚ୍ୟରେ ଆମେ କାର୍ଯ୍ୟ କରିବାକୁ ଯାଉଛୁ ବୋଲି ଗୁରୁବାର ମାର୍-ଏ-ଲାଗୋ ଇଷ୍ଟେଟ୍‌ରେ ଅନୁଷ୍ଠିତ ଆମେରିକା ଫାଷ୍ଟ ପଲିସି ଇନ୍‌ଷ୍ଟିଚ୍ୟୁଟ୍ ଉତ୍ସବରେ ଟ୍ରମ୍ପ କହିଛନ୍ତି।

ଟ୍ରମ୍ପଙ୍କ ପୂର୍ବ ପାଳି ସରକାରରେ ଡେପୁଟି ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରିଥିବା ଲିସା କୁର୍ଟିସ୍ କହିଛନ୍ତି, ୟୁକ୍ରେନ୍ ଯୁଦ୍ଧ ଏଭଳି ଭାବେ ବନ୍ଦ ହେବା ଆବଶ୍ୟକ, ଯେପରି ଅନ୍ୟ କୌଣସି ଦେଶ ବେଆଇନ ଭାବେ ପଡୋଶୀ ରାଷ୍ଟ୍ର ଉପରେ ଆକ୍ରମଣ କରିବାକୁ ପ୍ରୋତ୍ସାହିତ ହେବେ ନାହିଁ।

### ଜୁନିୟର କେନେଡି ହେବେ ଆମେରିକା ସ୍ୱାସ୍ଥ୍ୟ ସଚିବ



ରବର୍ଟ ଏଫ୍. କେନେଡି ଜୁନିୟର

ୱାଶିଂଟନ୍,୧୫ା୧୧

ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ଭାକ୍ସିନ ବିରୋଧୀ ଆକ୍ଟିଭିଷ୍ଟ ରବର୍ଟ ଏଫ୍. କେନେଡି ଜୁନିୟରଙ୍କୁ ଦେଶର ସ୍ୱାସ୍ଥ୍ୟ ସଚିବ ରୂପେ ମନୋନୀତ କରିଛନ୍ତି। କେନେଡିଙ୍କ ଜନସ୍ୱାସ୍ଥ୍ୟ ସମ୍ପର୍କିତ ମତାମତକୁ ବିପଜ୍ଜନକ ମନେକରାଯାଉଥିବାବେଳେ ତାଙ୍କୁ ଡ୍ରଗ୍, ଭାକ୍ସିନ, ଖାଦ୍ୟ ସୁରକ୍ଷା, ଡାକ୍ତରୀ ଗବେଷଣା ଓ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମର ଦାୟିତ୍ୱ ଦିଆଯାଇଛି। ଜାନୁଆରୀ ୨୦ରେ ଆରମ୍ଭ ହେବାକୁ ଥିବା ଟ୍ରମ୍ପଙ୍କ ଦ୍ୱିତୀୟ ପାଳି ପ୍ରାଶାସନରେ ସ୍ୱାସ୍ଥ୍ୟ ଓ ମାନବୀୟ ସେବା ବିଭାଗର ମୁଖ୍ୟ ଭାବେ ସେ କାର୍ଯ୍ୟ କରିବେ। ନିଜ ସୋସିଆଲ ମିଡିଆ ସାଇଟ୍ ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ ଏହି ସୂଚନା ଦେଇଛନ୍ତି।

## ସ୍ୱାଧୀନତା ସଂଗ୍ରାମରେ ଆଦିବାସୀଙ୍କ ଅବଦାନକୁ ଉପଯୁକ୍ତ ସ୍ୱୀକୃତି ମିଳିନାହିଁ: ମୋଦି

ଜାମୁଇ,୧୫ା୧୧



ଭାରତର ସ୍ୱାଧୀନତା ଆନ୍ଦୋଳନରେ ଆଦିବାସୀମାନଙ୍କ ଅବଦାନକୁ ସ୍ୱୀକୃତି ଦେବାର ପୂର୍ବର କଂଗ୍ରେସ ନେତୃତ୍ୱାଧୀନ ସରକାର ବିଫଳ ହୋଇଥିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ସମାଲୋଚନା କରିଛନ୍ତି। ସମସ୍ତ ଶ୍ରେୟ ଗୋଟିଏ ଦଳ ଏବଂ ଗୋଟିଏ ପରିବାରକୁ ଦେବା ପାଇଁ ଉଦ୍ୟମ ହୋଇଥିଲା ବୋଲି ମୋଦି କହିଛନ୍ତି। ଯଦି ଗୋଟିଏ ପରିବାର ଯୋଗୁ ଦେଶକୁ ସ୍ୱାଧୀନତା ମିଳିଥିଲା ତେବେ ବିର୍ସା ମୁଣ୍ଡା 'ଉଲ୍‌ଗୁଲାନ' ଆନ୍ଦୋଳନ ଆରମ୍ଭ କରିଥିଲେ କ'ଣ ପାଇଁ। ସ୍ୱାଧୀନତା ଲଢ଼େଇରେ ବହୁ ଆଦିବାସୀ ନେତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲେ ମଧ୍ୟ ସେମାନଙ୍କୁ ପୂର୍ବରୁ ଉପଯୁକ୍ତ ନ୍ୟାୟ ମିଳିନାହିଁ। ଆଦିବାସୀ ନେତା ଭଗବାନ୍ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଆରମ୍ଭ ସ୍ୱରୂପ ଜନଜାତିୟାଁ ଗୌରବ ଦିବସ କାର୍ଯ୍ୟକ୍ରମରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ଆଦିବାସୀଙ୍କ ଜୀବନ ଧାରଣ ମାନରେ ଉନ୍ନତି ପାଇଁ ତାଙ୍କ ସରକାର ନେଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୋଦି କହିଥିଲେ। ସେମାନଙ୍କ କଲ୍ୟାଣ ପାଇଁ ସ୍ୱତନ୍ତ୍ର ମନ୍ତ୍ରଣାଳୟ ପ୍ରତିଷ୍ଠା ହେବା ସହ ବଜେଟକୁ ୧.୨୫ ଲକ୍ଷ କୋଟି ଟଙ୍କା କରାଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## ପାର୍ଟିରୁ ଫେରୁଥିବା ୬ ସାଙ୍ଗଙ୍କ ବୀଭତ୍ସ ମୃତ୍ୟୁ

### ଭିଡିଓରେ ଡେରାଡୁନ୍ ଦୁର୍ଘଟଣାର ଭୟଙ୍କର ଦୃଶ୍ୟ

ଡେରାଡୁନ୍,୧୫ା୧୧



ଉତ୍ତରାଖଣ୍ଡର ଡେରାଡୁନ୍‌ରେ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୬ ଜଣ ସାଙ୍ଗଙ୍କ ବୀଭତ୍ସ ମୃତ୍ୟୁ ଘଟିଛି। ଏହି କଲେଜ ଛାତ୍ରୀଛାତ୍ର ଏକ ପାର୍ଟିରୁ ଫେରୁଥିବାବେଳେ ନିଶାରେ ଥିଲେ। ସେମାନଙ୍କ ଇନୋଭା ଏକ ବିଏମ୍‌ଡବ୍ଲ୍ୟୁକୁ ଓଭରଟେକ୍ କରିବା ପାଇଁ ଦ୍ରୁତ ବେଗରେ ଯାଉଥିବାବେଳେ ଟ୍ରକ୍‌କୁ ଧକ୍କା ଦେଇଥିଲା। କାର୍ ସମ୍ପୂର୍ଣ୍ଣ ଚୂର୍‌ମାର ହୋଇଯାଇଥିବାବେଳେ ୬ ଜଣଙ୍କର ମୃତ୍ୟୁ ଘଟିଛି ଓ ଜଣେ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ଏତେ ଜୋର୍‌ଦାର ଥିଲା ଯେ, ମୃତକଙ୍କ ମଧ୍ୟରୁ ୨ ଜଣଙ୍କ ମୁଣ୍ଡ ଶରୀରରୁ ଅଲଗା ହୋଇଯାଇଛି। ଦୁର୍ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମୃତକମାନେ ହେଲେ କୁନାଲ କୁକ୍ରେଜା(୨୩), ଅତୁଲ ଅଗ୍ରୱାଲ(୨୪), ରିଶଭ ଜୈନ(୨୪), ନଭ୍ୟା ଗୋଏଲ (୨୩), କାମାକ୍ଷୀ(୨୦) ଏବଂ ଗୁନୀତ୍ (୧୯)। ଡେରାଡୁନ୍‌ରେ ପାର୍ଟିର ଆୟୋଜନ କରିଥିବା ସିଦ୍ଧାର୍ଥ ଅଗ୍ରୱାଲ(୨୫)ଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ପୋଲିସ କହିଛି।

## ୯୦% ମହୁରେ ଚିନିଶିରା ଭଳି ସିରପ୍

### ବ୍ରିଟେନ୍ କର୍ତ୍ତୃପକ୍ଷଙ୍କ ଯାଞ୍ଚରୁ ଜଣାପଡ଼ିଲା

ଲଣ୍ଡନ,୧୫ା୧୧



ସୁପରମାର୍କେଟଗୁଡ଼ିକରେ ବିକ୍ରି ହେଉଥିବା ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ମହୁ ଭେଜାଲ। ସେଥିରେ ଚିନିଶିରା ଭଳି ଶସ୍ତା ସିରପ୍ ମିଶାଯାଉଛି, ଯାହା ପ୍ରକୃତିର ଅମୃତକୁ ନକଲି କରିଦେଇଛି। ଠକମାନେ ଏଥିରୁ ଲାଭ ଉଠାଉଥିବାବେଳେ ମହୁମାଛି ଚାଷୀ ଏବଂ ଜୈବବିବିଧତାକୁ ମୂଲ୍ୟ ଦେବାକୁ ପଡୁଛି। ଗତ ମାସରେ ହନି ଅଥେଣ୍ଟିସିଟି ନେଟ୍‌ୱର୍କ ଦ୍ୱାରା ମହୁର ଡିଏନ୍‌ଏ ପରୀକ୍ଷା କରାଯାଇଥିଲା। ବ୍ରିଟେନ୍‌ର ବୃହତ୍ ରିଟେଲରମାନେ ବିକ୍ରି କରୁଥିବା ମହୁ ବୋତଲରୁ ୯୦%ରୁ ଅଧିକ ଚିନିଶିରା ଭଳି ସାମଗ୍ରୀରେ ପୂରଣ ହୋଇଥିବା ଜଣାପଡ଼ିଥିଲା। ସ୍ଥାନୀୟ ବ୍ରିଟିଶ ମହୁମାଛି ଚାଷୀଙ୍କଠାରୁ ସଂଗୃହୀତ ସମସ୍ତ ୫ଟି ନମୁନା ସହ ବଜାର ମହୁ ମେଳ ଖାଇ ନଥିଲା।

ବ୍ରିଟେନ୍‌ରେ ବିକ୍ରି ହେଉଥିବା ମହୁ ଅସୁରକ୍ଷିତ ବୋଲି କୌଣସି ପ୍ରମାଣ ନ ଥିବାରୁ ଏଥିରେ ଜାଲିଆତି ସୁବିଧାଜନକ ବୋଲି ଖାଦ୍ୟ ଗୁଣବତ୍ତା ସଂସ୍ଥା (ଏଫ୍‌ଏସ୍‌ଏ) କହିଛି। ମୁଖ୍ୟତଃ ପ୍ରିମିୟମ ଲେବୁଲ କିମ୍ବା ଜଟିଳ ଯୋଗାଣ ଶୃଙ୍ଖଳା ଥିବା ଉତ୍ପାଦଗୁଡ଼ିକ ଠକମାନଙ୍କୁ ଆକର୍ଷିତ କରିଥାଏ। ସେମାନେ ଚାଉଳ, ବିଟ୍ କିମ୍ବା ଅନ୍ୟାନ୍ୟ ଶସ୍ୟରୁ ଶସ୍ତା ସିରପ୍ ପ୍ରସ୍ତୁତ କରି ଏହାକୁ ମହୁରେ ମିଶାଇଥାନ୍ତି। ଏହା ମହୁ ଭଳି ଦେଖାଯାଉଥିଲେ ମଧ୍ୟ ଏଥିରେ ସ୍ୱାଦ, ପୋଷକ ତତ୍ତ୍ୱ ଏବଂ ଅନନ୍ୟ ଏଞ୍ଜାଇମ୍ ନ ଥାଏ। ଅପମିଶ୍ରଣ ଜଣା ନ ପଡ଼ିବା ପାଇଁ ଅତ୍ୟାଧୁନିକ ପଦ୍ଧତି ଆପଣାଯାଇଥାଏ ବୋଲି ବ୍ରିଟିଶ୍ ବି'କିପର୍ସ ଆସୋସିଏଶନ କହିଛି। ପ୍ରକୃତ ମହୁ ଟନ୍ ପ୍ରତି ମୂଲ୍ୟ ୩,୦୦୦ ଡଲାର ହୋଇଥିବାବେଳେ ସିରପ୍ ଦାମ୍ ୫୦୦ ଡଲାର। ସେଥିପାଇଁ ମହୁରେ ଅଧିକ ଅପମିଶ୍ରଣ କରାଯାଉଛି।

### ଫୁର୍‌ସତ୍

## ଦାଦାଙ୍କ ସହ ମନାନ୍ତର ତୁଟିଥିବା ଚର୍ଚ୍ଚା



ଅଲ୍ଲୁ ଅର୍ଜୁନ

**ହାଇଦ୍ରାବାଦ:** ଚଳଚ୍ଚିତ୍ର 'ପୁଷ୍ପା ୨: ଦ ରୁଲ୍'କୁ ନେଇ ଚର୍ଚ୍ଚାରେ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ। ଡିସେମ୍ବର ୫ରେ ଏହା ରିଲିଜ ହେବ। ପ୍ରଶଂସକ ଏନେଇ ଦିନ ଗଣୁଥିବା ବେଳେ ଏବେ ଭିନ୍ନ ଏକ ଘଟଣାକୁ ନେଇ ଅଭିନେତା ଖବରରେ ଅଛନ୍ତି। ତାଙ୍କର ଗୋଟିଏ ବୟାନ ଭାଇରାଲ ହେଉଛି, ଯେଉଁଥିରୁ ଦାଦା ପବନ କଲ୍ୟାଣଙ୍କ ସହ ମନାନ୍ତରରେ ପୂର୍ଣ୍ଣଚ୍ଛେଦ ପଡ଼ିବାର ସଙ୍କେତ ମିଳିଛି। ଦୀର୍ଘଦିନରୁ ଅଲ୍ଲୁ ଅର୍ଜୁନଙ୍କର ଦାଦା ପବନ କଲ୍ୟାଣଙ୍କ ସହ ମନାନ୍ତର ରହି ଆସିଛି। ଲୋକ ସଭା ନିର୍ବାଚନ ସମୟରୁ ବିବାଦ ଆରମ୍ଭ ହୋଇଥିଲା। କାରଣ ଏଥିରେ ଅଭିନେତା ନିଜ ଦାଦାଙ୍କ ବ୍ୟତିରେକ ଅନ୍ୟଜଣେ ପ୍ରାର୍ଥୀଙ୍କୁ ସମର୍ଥନ କରୁଥିଲେ। ହେଲେ ଏବେ ଅଲ୍ଲୁ ତାଙ୍କୁ ନେଇ ଏମିତି କିଛି କହିଦେଇଛନ୍ତି, ଯାହାକି ଚର୍ଚ୍ଚାକୁ ଆସିଛି। ଅନ୍‌ଷ୍ଟପେବୁଲ୍ ଉଇଥ୍ ଏନ୍‌ବିକେ ସିଜନ ୪ ଏପିସୋଡ୍‌ର ହୋଷ୍ଟ ଅଭିନେତାଙ୍କୁ ପବନ କଲ୍ୟାଣଙ୍କ ଫଟୋ ଦେଖାଇ କିଛି କହିବାକୁ କହିଥିଲେ। ଏହାର ଜବାବରେ ଅଲ୍ଲୁ କହିଥିଲେ 'ସେ ହେଉଛନ୍ତି ସମ୍ମାନନୀୟ କଲ୍ୟାଣ ଗୌଡ଼ା। ମୋତେ ତାଙ୍କ ଶକ୍ତି/ସାମର୍ଥ୍ୟ ପସନ୍ଦ। ଯେବେ ତାଙ୍କୁ ବ୍ୟକ୍ତିଗତ ଭାବେ ଦେଖେ ସେତେବେଳେ ତାଙ୍କ ଶୌର୍ଯ୍ୟ ପସନ୍ଦ ଆସିଥାଏ। ସେ ସବୁଠାରୁ ସାହାସୀ ବ୍ୟକ୍ତି ବୋଲି ଅଲ୍ଲୁ କହିଛନ୍ତି। କହିରଖୁଛୁ, ଅଲ୍ଲୁ ଅର୍ଜୁନଙ୍କ ଫିଲ୍ମ 'ପୁଷ୍ପା ୨'ର ଟ୍ରେଲର ନଭେମ୍ବର ୧୭ରେ ରିଲିଜ ହେବ। ଏହାକୁ ପ୍ରଶଂସକ ଅପେକ୍ଷା କରିଛନ୍ତି। ଟ୍ରେଲର ଲଞ୍ଚ କାର୍ଯ୍ୟକ୍ରମ ଲାଗି ପାଟଣାରେ ଭବ୍ୟ ଆୟୋଜନ କରାଯାଇଛି।

## ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ସହନଶୀଳତା ଅପରିହାର୍ଯ୍ୟ

### ଅନ୍ତର୍ଜାତୀୟ ସହନଶୀଳତା ଦିବସ

**ସ**ମାଜରେ ସହନଶୀଳତାର ମୂଲ୍ୟ ବିଷୟରେ ସଚେତନତା ପାଇଁ ପ୍ରତିବର୍ଷ ନଭେମ୍ବର ୧୬ରେ ଅନ୍ତର୍ଜାତୀୟ ସହନଶୀଳତା ଦିବସ ପାଳନ କରାଯାଉଛି। ଏହାର ଉଦ୍ଦେଶ୍ୟ ଏକ ଅସହିଷ୍ଣୁ ସଂସ୍କୃତିର ନକାରାତ୍ମକ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏହି ବାର୍ତ୍ତାର ପ୍ରସାର କରିବା। ପୃଥିବୀରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ସହନଶୀଳତା ଅପରିହାର୍ଯ୍ୟ। ସହନଶୀଳତା ଦ୍ୱାରା ସମନ୍ୱୟ ସୃଷ୍ଟି ହୁଏ। ଅସହିଷ୍ଣୁତା ପୃଥିବୀ ପାଇଁ ବିପଦ ସୃଷ୍ଟି କରେ। ତେଣୁ ପୃଥିବୀରେ ଶାନ୍ତିର ମାର୍ଗକୁ ପ୍ରଶସ୍ତ କରିବା ଲାଗି ସହନଶୀଳତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅନ୍ତର୍ଜାତୀୟ ସହନଶୀଳତା ଦିବସ ପାଳନ କରାଯାଉଛି।

ଅସହିଷ୍ଣୁତାର ନକରାତ୍ମକ ଦିଗ ବିଷୟରେ ସଚେତନତା ସୃଷ୍ଟି ଲାଗି ୟୁନେସ୍କୋ ପକ୍ଷରୁ ୧୯୯୫ରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏଥିସହିତ ନଭେମ୍ବର ୧୬ରେ ଅନ୍ତର୍ଜାତୀୟ ସହନଶୀଳତା ଦିବସ ପାଳନ ଲାଗି ନିଷ୍ପତ୍ତି ହୋଇଥିଲା। ୟୁନେସ୍କୋ ଅନୁଯାୟୀ, ସହନଶୀଳତା ଆମ ବିଶ୍ୱର ବିବିଧ ସଂସ୍କୃତିର ସମୃଦ୍ଧିର ଏକ ରୂପ। ଆମର ଅଭିବ୍ୟକ୍ତିର ସ୍ୱରୂପ ଏବଂ ଆମେ ମାନବ ପରସ୍ପରକୁ ସମ୍ମାନ ଦେବା, ବିବିଧତାକୁ ଗ୍ରହଣ କରିବା ସହ ପ୍ରଶଂସା କରିବା।

ଏହି ଦିବସ ଅବସରରେ ଶାନ୍ତି, ସହନଶୀଳତା, ମିଥ୍ୟା ଖବର, ଅନ୍‌ଲାଇନ ସୁରକ୍ଷା ଏବଂ ଘୃଣା ଭଳି ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରାଯାଇ ଏହାର ନିରାକରଣ କ୍ଷେତ୍ରରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଥାଏ। ସହନଶୀଳତାକୁ ଏକ ଉତ୍ତମ ଗୁଣ ଭାବେ ବିବେଚନା କରାଯାଏ। ସହନଶୀଳତା ଦ୍ୱାରା ବିବାଦୀୟ ପ୍ରସଙ୍ଗର ସହଜ ସମାଧାନର ପଥ ସୃଷ୍ଟି ହୋଇଥାଏ। ତେଣୁ ଏହି ଦିବସରେ ସଭିଏଁ ସଚେତନ ହେଲେ ମନରୁ ଅସହିଷ୍ଣୁତା ଦୂର ହୋଇ ସହନଶୀଳ ମନୋଭାବର ପରିପ୍ରକାଶ ସହଜ ହୁଏ ।

# ଚନ୍ଦ୍ରଗିରି ବନାଞ୍ଚଳରେ ବାଘ ପାଦଚିହ୍ନ



ମୋହନା,୧୫।୧୧(ମନ୍ମଥ ମିଶ୍ର)

ଗଜପତି ଜିଲା ଚନ୍ଦ୍ରଗିରି ବନାଞ୍ଚଳର ଆକିଲି ଅଞ୍ଚଳରେ ବାଘ ଆତଙ୍କ ଦେଖାଦେଇଛି। କିଛିଦିନ ହେଲା ଗଞ୍ଜାମ ଜିଲାର ଦିଗପହଣ୍ଡି ଓ ଚିକିଟି ଅଞ୍ଚଳରେ ମହାବଳ ଆତଙ୍କ ଖେଳାଇବା ସହ ଗୃହପାଳିତ ପଶୁ ମାରି ଖାଇଥିଲା। ଶୁକ୍ରବାର ସକାଳେ ଚନ୍ଦ୍ରଗିରି ବନାଞ୍ଚଳ ଆକିଲି ଫାର୍ମ ନିକଟରୁ ବନ ବିଭାଗ ବାଘ ପାଦଚିହ୍ନ ଠାବ କରିଛି।

ସକାଳ ପ୍ରାୟ ସାଢ଼େ ୫.୩୦ରେ ଆକିଲି ଗାଁର ଜଣେ ଚାଷୀ ନିଜ କୋବି କିଆରିକୁ ଯାଇଥିଲେ। ସେଠାରେ ବାଘ ପାଦଚିହ୍ନ ଦେଖି ଭୟରେ ଗାଁକୁ ଦୌଡ଼ି ପଳାଇ ଆସିଥିଲେ। ଗାଁ ଲୋକେ ଏହା ଜାଣିବା ପରେ ଚନ୍ଦ୍ରଗିରି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗର ର୍‍ୟାପିଡ୍ ରେସ୍‌ପନ୍ସ ଟିମ୍ ପହଞ୍ଚି ବାଘର ପାଦ ଚିହ୍ନ ଠାବ କରି ପ୍ଲାଷ୍ଟର ପ୍ୟାରିସରେ ନମୁନା ସଂଗ୍ରହ କରିଛନ୍ତି। ବାଘ ଭୟରେ ଚାଷୀମାନେ ନିଜ ଚାଷ ଜମିକୁ ଯାଇ ପାରୁନାହାନ୍ତି। ପାଣି ନ ପାଇ କୋବି ଗଛ ନଷ୍ଟ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ସଚେତନ କରାଯିବା ସହ ବାଘ ଗତିବିଧି ଉପରେ ନଜର ରଖିଥିବା ସୂଚନା ମିଳିଛି।

# ମତ୍ସ୍ୟ, ପ୍ରାଣୀସମ୍ପଦର ବିକାଶ ମାଧ୍ୟମରେ ଚାଷୀଙ୍କ ଆୟବୃଦ୍ଧି ହେବ

## ଅନୁମୋଦିତ ଯୋଜନାକୁ ସ୍ୱାଗତ କଲେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ

ଭୁବନେଶ୍ୱର,୧୫।୧୧(ବନ୍ଦନା ସେଠୀ)

ରାଜ୍ୟରେ ମତ୍ସ୍ୟ ଓ ପ୍ରାଣୀସମ୍ପଦର ବିକାଶ ମାଧ୍ୟମରେ ଗ୍ରାମାଞ୍ଚଳ କୃଷକ ତଥା ମତ୍ସ୍ୟଜୀବୀଙ୍କ ଆୟବୃଦ୍ଧି ସହ ଜୀବିକା ନିର୍ବାହରେ ଉନ୍ନତି ହେବ ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦିତ ଯୋଜନାଗୁଡ଼ିକୁ ସ୍ୱାଗତ ଜଣାଇ ମନ୍ତ୍ରୀ କହିଛନ୍ତି, ପ୍ରାଣୀସମ୍ପଦ ବିକାଶ ଯୋଜନାରେ ଆସନ୍ତା ୫ବର୍ଷ ମଧ୍ୟରେ ୧ହଜାର ୩୧କୋଟି ଟଙ୍କା ବ୍ୟୟ କରାଯିବ। ଏହାଦ୍ୱାରା ରାଜ୍ୟର ପ୍ରାୟ ୩ଲକ୍ଷ ୭୩ହଜାର ୯୨୮ଜଣ ଚାଷୀ ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉପକୃତ ହେବେ। ସେହିପରି ବ୍ରଏଲର, ଲେୟର କୁକୁଡ଼ା ପାଳନ, ବତକ ପାଳନ, ଘର ଅଗଣାରେ କୁକୁଡ଼ା, ବତକ ପାଳନ, କୁକୁଡ଼ା ଦାନା ପ୍ରସ୍ତୁତି କାରଖାନା ଓ କୁକୁଡ଼ା ଚିଆଁ ପାଳନ ୟୁନିଟ୍ ପାଇଁ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏହାବ୍ୟତୀତ 'ଗୋମାତା' ଯୋଜନାରେ ଆସନ୍ତା ୩ବର୍ଷ ମଧ୍ୟରେ ପ୍ରାୟ ୩୪୩କୋଟି ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାରେ ୫ବର୍ଷରେ ୨୨୩୯କୋଟି ଟଙ୍କା ବ୍ୟୟ କରାଯିବ। ସେହିପରି ପ୍ରାଣୀସମ୍ପଦ କ୍ଷେତ୍ରରେ ଭିତ୍ତିଭୂମି ବିକାଶ ପାଇଁ ୩ବର୍ଷରେ ୪୪୯ କୋଟି ଟଙ୍କା ଏବଂ ମତ୍ସ୍ୟଚାଷ ଭିତ୍ତିଭୂମି ପାଇଁ ୬୯୬ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଫଳରେ ରାଜ୍ୟର ମତ୍ସ୍ୟଚାଷୀ, ପ୍ରାଣୀପାଳକ ଓ ସ୍ୱୟଂସହାୟକ ଗୋଷ୍ଠୀ ଯଥେଷ୍ଟ ଉପକୃତ ହେବେ। ରାଜ୍ୟରେ ଅତିରିକ୍ତ ଭାବେ ବାର୍ଷିକ ପ୍ରାୟ ୯୫.୫୮ ହଜାର ମେଟ୍ରିକ୍ ଟନ୍ କୁକୁଡ଼ା ମାଂସ ଉତ୍ପାଦିତ ହେବା ସହିତ ଦୈନିକ ପ୍ରାୟ ୫.୫ ଲକ୍ଷ ଅଧିକ ଅଣ୍ଡା ଉତ୍ପାଦନ ହେବ। 'ଗୋମାତା' ଯୋଜନାରେ ବାର୍ଷିକ ପ୍ରାୟ ୧.୩୦ କୋଟି ପ୍ରାଣୀଙ୍କ ଚିକିତ୍ସା କରାଯାଇପାରିବ। ରାଜ୍ୟର ପ୍ରାଣୀପାଳକମାନେ ଏହି ଯୋଜନାରେ ପ୍ରାଣୀଚିକିତ୍ସା, ଟିକାକରଣ ଓ ପ୍ରାଣୀରୋଗ ନିୟନ୍ତ୍ରଣର ସୁବିଧା ପାଇପାରିବେ। ୧୭ଟି ଉପଯୋଜନା ଥାଇ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାର ସୁଫଳ ପ୍ରାୟ ୧୪ ଲକ୍ଷ ମତ୍ସ୍ୟଜୀବୀଙ୍କୁ ମିଳିବ। ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସହିତ ସେମାନଙ୍କ ଆୟ ବୃଦ୍ଧି ହୋଇପାରିବ। ମତ୍ସ୍ୟଚାଷ ଭିତ୍ତିଭୂମି ବିକାଶ ଯୋଜନାରେ ମାଛ ବଜାର, ମାଛ ଅବତରଣ କେନ୍ଦ୍ର, ଜେଟି ଓ ମାଛ ଫାର୍ମର ଭିତ୍ତିଭୂମିଗୁଡ଼ିକର ବିକାଶ ତଥା ନବୀକରଣ ହେବା ଫଳରେ ପ୍ରାୟ ୧୬ଲକ୍ଷ ମତ୍ସ୍ୟଚାଷୀ ଉପକୃତ ହେବେ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ସେହିପରି ପ୍ରାଣୀସମ୍ପଦ କ୍ଷେତ୍ରରେ ଭିତ୍ତିଭୂମି ବିକାଶ ଫଳରେ ରାଜ୍ୟରେ ଅଧିକ ପ୍ରାଣୀ ଚିକିତ୍ସାଳୟ, ପ୍ରାଣୀଧନ ସହାୟକ କେନ୍ଦ୍ର ଏବଂ ପ୍ରାଣୀସେବା ଅନୁଷ୍ଠାନଗୁଡ଼ିକର ନୂତନ ନିର୍ମାଣ, ମରାମତି ଓ ନବୀକରଣ କରାଯାଇପାରିବ ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ସୂଚନା ଦେଇଛନ୍ତି।

# ତେଲକୋଇ ବନାଞ୍ଚଳରେ ଛୁଆ ହାତୀ ମୃତ



ମୃତ ଛୁଆ ହାତୀ

କେନ୍ଦୁଝର,୧୫।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳରେ ଏକ ଛୁଆର ମୃତ୍ୟୁ ହୋଇଛି। ବିମଳା ସେକ୍ସନ ରାଣୀବଡ଼ା ସଂରକ୍ଷିତ ଜଙ୍ଗଲ ଟାଙ୍ଗିରୀ ଗ୍ରାମ ଦୁବନାଳି ସାହି ପତ୍ରଫଡ଼ି ନିକଟରୁ ତା'ର ମୃତଦେହ ଠାବ ହୋଇଛି। ବନ ବିଭାଗ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଛୁଆ ହାତୀଟି ୨ରୁ ୩ ମାସର ହୋଇଥିବା ବନ ବିଭାଗ କହିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଏକ ପ୍ରାଣୀ ବିଶେଷଜ୍ଞ ଦଳ ଶନିବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବେ ବୋଲି ବନ ବିଭାଗ ସୂଚନା ଦେଇଛି। ତେଲକୋଇ ବନାଞ୍ଚଳରେ ଏବେ ଦୁଇଟି ଦଳରେ ୫୮ଟି ହାତୀ ରହିଛନ୍ତି। ଉଭୟ ହାତୀ ପଲ ବିମଳା ସେକ୍ସନ ବନ୍ଧନଝରି ସଂରକ୍ଷିତ ଜଙ୍ଗଲରେ ଡେରା ପକାଇଛନ୍ତି। ତେବେ ମୃତ ହାତୀ ଛୁଆର ରକ୍ତ ନମୁନା ସଂଗ୍ରହ କରାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡିଏଫ୍‌ଓ ଧନରାଜ ଏଚ୍‌ଡି କହିଛନ୍ତି।

# ସୁଲଭ ମୂଲ୍ୟରେ ଉନ୍ନତମାନର ଚକ୍ଷୁ ଚିକିତ୍ସା ସେବା

## ଭୂମିକା ଆଇ ହସ୍ପିଟାଲ ଉଦ୍‌ଘାଟିତ

ଭୁବନେଶ୍ୱର,୧୫।୧୧(ଅଭୟ ଦାଶ)



ରାଜ୍ୟର ପ୍ରମୁଖ ଚକ୍ଷୁ ଚିକିତ୍ସା ସେବା ପ୍ରଦାନକାରୀ ପ୍ରତିଷ୍ଠାନ ତଥା ଭୂମିକା ଆଇ ହସ୍ପିଟାଲ (ଭୂମିକା ଚକ୍ଷୁ ପ୍ରତିଷ୍ଠାନ)ର ନୂତନ ଚିକିତ୍ସାଳୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଦୀର୍ଘ ୧୫ ବର୍ଷ ଧରି ସମଗ୍ର ଓଡ଼ିଶାରେ ଅଗ୍ରଣୀ ଚକ୍ଷୁ ଚିକିତ୍ସା ସେବା ପ୍ରଦାନକାରୀ ଅନୁଷ୍ଠାନଭାବେ ପ୍ରତିଷ୍ଠିତ ଭୂମିକା ଚକ୍ଷୁ ହସ୍ପିଟାଲ ସମୂହର କୋରଡକଣ୍ଟା, ଭୁବନେଶ୍ୱରର କୋରଡକଣ୍ଟାଠାରେ ନବନିର୍ମିତ ଭୂମିକା ଆଇ ହସ୍ପିଟାଲର ଲୋକାର୍ପଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ ସହ ଜନସାଧାରଣଙ୍କ ନିମନ୍ତେ ଏହାକୁ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ଭୂମିକା ଆଇ ହସ୍ପିଟାଲ ସମୂହର ଅଧ୍ୟକ୍ଷ ଡା.ଭୀଷ୍ମ ପ୍ରସାଦ ରଥ, ନିର୍ଦ୍ଦେଶିକା ଡା. ଭୂମିକା ରଥ, ଡା. ବିଶ୍ୱଜିତ ମହାନ୍ତି,ଡା. ପ୍ରସନ୍ନ ମହାନ୍ତି, ଡା. ଧନେଶ୍ୱର ପ୍ରଧାନ, ଡା. ରାଜକୁମାର ପାତ୍ରଙ୍କ ସମେତ ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତି ଥିଲେ। ଅପରପକ୍ଷରେ ଭୂମିକା ଆଇ ହସ୍ପିଟାଲ ସମୂହର ଅଧ୍ୟକ୍ଷ ଡା.ଭୀଷ୍ମ ପ୍ରସାଦ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ୱତନ୍ତ୍ର ସଭା ଓ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ ଯୋଗଦେଇ ଉଭୟ ହସ୍ପିଟାଲ ଓ ରୋଗୀ ସେବା ସମ୍ପର୍କରେ ଅବଗତ ହୋଇଥିଲେ। ଏପରିକି ହସ୍ପିଟାଲର ନିର୍ଦ୍ଦେଶିକା ଡା. ଭୂମିକା ରଥ ମୁଖ୍ୟମନ୍ତ୍ରୀଙ୍କୁ ଉପଲବ୍ଧ ସେବା ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ଏଥିସହ ଉନ୍ନତମାନର ସ୍ୱାସ୍ଥ୍ୟସେବା କିଭଳି ସାଧାରଣ ଲୋକମାନଙ୍କ ପାଖରେ ସୁଲଭ ମୂଲ୍ୟରେ ଉପଲବ୍ଧ ହୋଇପାରିବ ସେ ଦିଗରେ ମଧ୍ୟ ପ୍ରତିଷ୍ଠାନର ପ୍ରଚେଷ୍ଟା ଏବଂ ଉପଲବ୍ଧି ଉପରେ ରଥ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଉଲ୍ଲେଖଯୋଗ୍ୟ, ସାରା ରାଜ୍ୟରେ ଭୂମିକା ଆଇ ହସ୍ପିଟାଲର ୧୮ଟି ଚିକିତ୍ସାଳୟ ଥିଲାବେଳେ ଶାଖା ହସ୍ପିଟାଲ ମାଧ୍ୟମରେ ଉନ୍ନତ ମାନର ଚକ୍ଷୁ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଏପରିକି କିପରି ସାଧାରଣ ଲୋକମାନଙ୍କ ପାଖରେ ସହଜ ଏବଂ ସୁଲଭ ମୂଲ୍ୟରେ ଉନ୍ନତ ମାନର ଚକ୍ଷୁ ଚିକିତ୍ସା ସେବା ଉପଲବ୍ଧ ହେବ ସେଥିପ୍ରତି ପ୍ରତିଷ୍ଠାନ ସଦା ଚେଷ୍ଟିତ ରହିଛି ବୋଲି ପ୍ରତିଷ୍ଠାନ ଅଧ୍ୟକ୍ଷ ଡା.ଭୀଷ୍ମ ପ୍ରସାଦ ରଥ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ସିରିଜରେ ଜେଡ୍ ବ୍ଲାକ ଗୋଲ୍ଡ ପାର୍ଟନର

ନୂଆଦିଲ୍ଲୀ,୧୫।୧୧




ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ମହୀଶୂର ଦୀପ ପରଫ୍ୟୁମେରି ହାଉସ(ଏମ୍‌ଡିପିଏଚ୍)ର ପ୍ରମୁଖ ବ୍ରାଣ୍ଡ ଜେଡ୍ ବ୍ଲାକ୍‌ର ନୂତନ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ନିକଟରେ ଆରମ୍ଭ ହୋଇଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ସିରିଜରେ ଜେଡ୍ ବ୍ଲାକ୍ ଗୋଲ୍ଡ ପାର୍ଟନର ଭାବେ ସାମିଲ ହୋଇଛି। ଅପରପକ୍ଷରେ ଦେଶର ୩ୟ ସର୍ବବୃହତ୍ ଧୂପକାଠି ନିର୍ମାତା ତଥା ରପ୍ତାନିକାରୀ ଏବଂ ଖୁଚୁରା ବିକ୍ରେତା ଭାବେ ବେଶ୍ ପରିଚିତ ଜେଡ୍ ବ୍ଲାକ୍ ବହୁ କୋଟି କ୍ରୀଡ଼ାପ୍ରେମୀ ଓ ଦର୍ଶକଙ୍କ ନିକଟତର ହେବା ସହ ବିଶ୍ୱ ବଜାରରେ ମଧ୍ୟ ବ୍ରାଣ୍ଡର ପ୍ରଚାରପ୍ରସାର ସାଙ୍ଗକୁ ଜେଡ୍‌ବ୍ଲାକ୍ ଗୁଣବତ୍ତା ଓ ଆଭିମୁଖ୍ୟ ସମ୍ପର୍କରେ ସାରା ବିଶ୍ୱବାସୀଙ୍କୁ ଅବଗତ କରାଇପାରିବ। ସେହିଭଳି ଜେଡ୍‌ବ୍ଲାକ୍‌ର ବ୍ରାଣ୍ଡ ଆମ୍ବାସାଡର ତଥା ଲୋକପ୍ରିୟ ଭାରତୀୟ କ୍ରୀଡ଼ାବିତ ମହେନ୍ଦ୍ର ସିଂ ଧୋନୀ ଦୀର୍ଘ ବର୍ଷ ହେବ ଜେଡ୍ ବ୍ଲାକ୍ ସହ ସାମିଲ ରହିଛନ୍ତି। ଏପରିକି ବ୍ରାଣ୍ଡ କ୍ରୀଡ଼ା କ୍ଷେତ୍ରର ପ୍ରଚାର ପ୍ରସାର ପାଇଁ ପୂର୍ବରୁ ଉଭୟ ଘରୋଇ ଓ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍‌ରେ ମଧ୍ୟ ସାମିଲ ହୋଇଛି। ଏ ସମ୍ପର୍କରେ ଜେଡ୍ ବ୍ଲାକ୍‌ର ଏମ୍‌ଡି ଅଙ୍କିତ ଅଗ୍ରୱାଲ କହିଥିଲେ, ଆମେ ଆମର ନୂତନ ଅଭିଯାନ ଓ ଚଳିତ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ସିରିଜରେ ଗୋଲ୍ଡ ପାର୍ଟନର ଭାବେ ଘୋଷଣାକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଉଭୟ ଦେଶର କ୍ରୀଡ଼ାପ୍ରେମୀ ଓ ବହୁ କୋଟି ଦର୍ଶକଙ୍କ ନିକଟତର ହେବା ସହ ବ୍ରାଣ୍ଡର ଆଭିମୁଖ୍ୟ ଓ ଉତ୍ପାଦର ଗୁଣବତ୍ତା ଏବଂ ବିଶେଷତ୍ୱକୁ ବିଶ୍ୱସ୍ତରରେ ପରିଚୟ କରାଇବାକୁ ପ୍ରୟାସ ଆରମ୍ଭ କରିଛୁ।

# ଭୁବନେଶ୍ୱର ବିମାନବନ୍ଦରରୁ ୫, ଝାରସୁଗୁଡ଼ାରୁ ୪ ସହରକୁ ସିଧାସଳଖ ଉଡ଼ିବ ବିମାନ

ଭୁବନେଶ୍ୱର,୧୫।୧୧(ଅନିଲ ଦାସ)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଇନ୍ଦୋର, ଡେରାଡୁନ୍, କୋଚି, ଜୟପୁର ଏବଂ ଲକ୍ଷ୍ନୌକୁ ସିଧାସଳଖ ବିମାନ ସେବା ଆରମ୍ଭ ହେବ। ସେହିପରି ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ହାଇଦ୍ରାବାଦ୍, ରାୟପୁର, ଲକ୍ଷ୍ନୌ, ମୁମ୍ବାଇକୁ ସିଧାସଳଖ ବିମାନ ସେବା ଆରମ୍ଭ ହେବ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ଏହା ରାଜ୍ୟର ଅର୍ଥନୈତିକ ବିକାଶକୁ ନୂଆ ଦିଗ ଦେବ। ରାଜ୍ୟରେ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ ହେବା ସହିତ ପ୍ରଗତିପଥ ଆହୁରି ପ୍ରଶସ୍ତ ହେବ ବୋଲି କୁହାଯାଇଛି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ୨୦୫୦ ସୁଦ୍ଧା ୨ ଗୁଣା...

ଆମେରିକାର କାଲିଫର୍ନିଆ ୟୁନିଭର୍ସିଟିର ଗବେଷକ କହିଛନ୍ତି। ପ୍ରଦୂଷଣ ସୃଷ୍ଟି କରୁଥିବା ପ୍ଲାଷ୍ଟିକ୍ ବର୍ଜ୍ୟ କୁପରିଚାଳନା ହ୍ରାସ କରିବା ପାଇଁ ୪ଟି ନୀତି ଯଥେଷ୍ଟ। ତାହା ହେଲା ୪୦ ପ୍ରତିଶତ ବ୍ୟବହାର ପରବର୍ତ୍ତୀ ରିସାଇକ୍ଲଡ୍ ପ୍ଲାଷ୍ଟିକ୍‌ରେ ନୂଆ ପ୍ଲାଷ୍ଟିକ୍ ସାମଗ୍ରୀ ତିଆରି ହେଉ, ନୂଆ ପ୍ଲାଷ୍ଟିକ୍ ଉତ୍ପାଦନକୁ ୨୦୨୦ ସ୍ତରରେ ସୀମିତ କରାଯାଉ, ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନାରେ ପର୍ଯ୍ୟାପ୍ତ ନିବେଶ ହେଉ ଏବଂ ପ୍ଲାଷ୍ଟିକ୍ ପ୍ୟାକେଜିଂ ଉପରେ ଦେୟ ଧାର୍ଯ୍ୟ ହେଉ। ପ୍ଲାଷ୍ଟିକ୍ ବର୍ଜ୍ୟର ବର୍ତ୍ତମାନର ଧାରା ଜାରି ରହିଲେ ଏହା ସହ ଜଡ଼ିତ ସବୁଜଗୃହ ବାଷ୍ପ ନିର୍ଗମନ ୨୦୨୦ ସ୍ତର ତୁଳନାରେ ୩୭ ପ୍ରତିଶତ ବୃଦ୍ଧି ପାଇ ୨୦୫୦ର ୩.୩୫ ଗିଗାଟନ୍ ଅଙ୍ଗାରକାମ୍ଳ ସମତୁଲ୍ୟ ହେବ ବୋଲି ଗବେଷକମାନେ କହିଛନ୍ତି। ମେଶିନ୍ ଲର୍ନିଂ ଦ୍ୱାରା କରାଯାଇଥିବା ପୂର୍ବାନୁମାନ ଅନୁଯାୟୀ ୨୦୫୦ ବେଳକୁ ବାର୍ଷିକ କୁପରିଚାଳିତ ପ୍ଲାଷ୍ଟିକ୍ ୱେଷ୍ଟ ପରିମାଣ ପାଖାପାଖି ୨ ଗୁଣା ହୋଇ ୧୨୧ ଟନ୍‌ରେ ପହଞ୍ଚିବ। ପ୍ଲାଷ୍ଟିକ ବର୍ଜ୍ୟ ମାଇକ୍ରୋ ଏବଂ ନାନୋ ପ୍ଲାଷ୍ଟିକ୍‌ରେ ପରିଣତ ହୋଇ ପରିବେଶକୁ ନଷ୍ଟ କରିବା ସହ ସ୍ୱାସ୍ଥ୍ୟ ପ୍ରତି ବିପଦ ବଢ଼ାଇଛି।

## ଡଙ୍ଗା ଗୋଟାଇବାକୁ ...

କରି ଉଭୟଙ୍କୁ ଉଦ୍ଧାର କରିବା ସହ ଜଣଙ୍କୁ ବସ୍ତା ଡାକ୍ତରଖାନା ଓ ଅନ୍ୟଜଣଙ୍କୁ ରାସଗୋବିନ୍ଦପୁର ଡାକ୍ତରଖାନା ନେଇଥିଲେ। ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଖଇରା ବ୍ଲକ ମାଖନପୁର ପଞ୍ଚାୟତ ସାଉଣ୍ଡିଆ ଗ୍ରାମର ମଧୁସୂଦନ ମଲ୍ଲିକଙ୍କ ୩ବର୍ଷର ପୁଅ ଆଶୁତୋଷ ପୋଖରୀରେ ଭାସୁଥିବା ଡଙ୍ଗା ଆଣିବାକୁ ଯାଇ ବୁଡ଼ିଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ମାଲକାନଗିରି ଜିଲା ସଦର ଚମ୍ପାନଗର ଗ୍ରାମର କୁମାରୀ ହନ୍ତାଳଙ୍କ ଝିଅ ସାବିତ୍ରୀ ହନ୍ତାଳ (୧୨) ସାଙ୍ଗମାନଙ୍କ ସହ ଡଙ୍ଗାରୁ ଖୁଚୁରା ପଇସା ସଂଗ୍ରହ କରୁଥିବାବେଳେ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ପୋଖରୀରୁ ସାବିତ୍ରୀଙ୍କ ମୃତଦେହ ବାହାର କରିଥିଲେ। ମାଲକାନଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ସେହିପରି ସାଲେପୁର ଥାନା କରମୁଆଁ ଗ୍ରାମର ପ୍ରଦୀପ ଭୋଇଙ୍କ ପୁତ୍ର ନିତୀଶ କୁମାର ଭୋଇ(୪) ପରିବାର ଲୋକଙ୍କ ସହ ପଞ୍ଚାୟତ ପୋଖରୀରେ ଡଙ୍ଗା ଭସାଇ ଫେରିଥିଲେ। ଏହାପରେ ନିତୀଶ ପରିବାର ଲୋକଙ୍କ ଅଗୋଚରରେ ସେଠାକୁ ଡଙ୍ଗା ଆଣିବାକୁ ପୁନର୍ବାର ପଳେଇ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ପୋଖରୀରୁ ତାଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ନିତୀଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଏନ୍‌କ୍ଲୋଜରରେ...

ଟିମ୍ ନଜର ରଖିଛନ୍ତି। ସ୍ୱତନ୍ତ୍ର ଗାଡ଼ି ଯୋଗେ ସୁଦୂର ରାସ୍ତା ଅତିକ୍ରମ କରି ମହାବଳ ବାଘୁଣୀକୁ ଆଣି ଶିମିଳିପାଳରେ ଛାଡ଼ିବା ପରେ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ସୁଶାନ୍ତ ନନ୍ଦ ବନ ବିଭାଗ ଟିମ୍‌କୁ ଧନ୍ୟବାଦ ଦେଇଛନ୍ତି। କିଛିଦିନ ବାଘୁଣୀର ଗତିବିଧି ନିରୀକ୍ଷଣ ପରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଞ୍ଚଳରେ ଛଡ଼ାଯିବ ବୋଲି ବନ ବିଭାଗ ସୂଚନା ଦେଇଛି।

ପ୍ରଥମ ବାଘୁଣୀ 'ଯମୁନା' ଆସିବାର ୧୯ଦିନ ପରେ ବନ ବିଭାଗର ଏକ ଟିମ୍ ଅନ୍ୟ ଏକ ବାଘୁଣୀ ଆଣିବା ପାଇଁ ମହାରାଷ୍ଟ୍ର ତଡ଼ବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପକୁ ଯାଇଥିଲା। ସେଠାରେ ପୂର୍ବରୁ ଚିହ୍ନଟ ହୋଇଥିବା ୩ ବର୍ଷର ବାଘୁଣୀ 'ଜିନତ୍'କୁ ଧରିବା ପାଇଁ କ୍ୟାମ୍ପ ବସାଇଥିଲେ। ୧୩ ତାରିଖ ଭୋର ୪ଟାରେ ଟ୍ରାଙ୍କୁଲାଇଜ୍ କରି ଏକ ସ୍ୱତନ୍ତ୍ର ଗାଡ଼ିରେ ଦୀର୍ଘ ୯୦୦ କି.ମି.ରୁ ଊର୍ଦ୍ଧ୍ୱ ସଡ଼କପଥରେ ରାୟପୁର, ସମ୍ବଲପୁର ଦେଇ ଶିମିଳିପାଳ ଅଭୟାରଣ୍ୟକୁ ଅଣାଯାଇଛି। ଗୁରୁବାର ରାତି ୭ଟା ୩୦ରେ ଜିନତ୍ ଶିମିଳିପାଳରେ ପହଞ୍ଚିବା ପରେ ଶୁକ୍ରବାର ସକାଳ ୯ଟାରେ ତାକୁ ଏନ୍‌କ୍ଲୋଜର ମଧ୍ୟକୁ ଛଡ଼ାଯାଇଥିଲା। ତେବେ 'ଜିନତ୍' ସୁସ୍ଥ ଓ ଚଳଚଞ୍ଚଳ ଥିବା ନେଇ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ବାଘୁଣୀ ବେକରେ ରେଡିଓ କଲାର ଲଗାଯାଇ ତା'ର ସ୍ୱାସ୍ଥ୍ୟ ଓ ଗତିବିଧି ଉପରେ ୨୪ ଘଣ୍ଟିଆ ନଜର ରଖିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି।

ଅନ୍ୟପକ୍ଷରେ ଆଗକୁ ଆଉ ୨ଟି ବାଘୁଣୀ ଓ ଗୋଟିଏ ବାଘ ଆସିବାକୁ ଥିବା ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି। ସାତକୋଶିଆ ସମେତ ଦେବ୍ରିଗଡ଼ ଜଙ୍ଗଲରେ ମଧ୍ୟ ବାଘ ଛଡ଼ାଯିବା ଯୋଜନା ରହିଛି। ବନ ବିଭାଗ ପକ୍ଷରୁ ଏନେଇ ପ୍ରୟାସ ଜାରି ରହିଥିବା ମନ୍ତ୍ରୀ କହିଛନ୍ତି।

## ଖସୁଛି ପାରଦ...

ସେହିପରି ଶୁକ୍ରବାର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲାରେ ସ୍ୱାଭାବିକଠାରୁ ଅଧିକ ତାପମାତ୍ରା ରେକର୍ଡ ହୋଇଛି। ସର୍ବାଧିକ ତାପମାତ୍ରା ପାରାଦୀପରେ ୩୩.୦ ଡିଗ୍ରୀ ସେଲ୍‌ସିୟସ ରହିଥିବାବେଳେ ସର୍ବନିମ୍ନ ତାପମାତ୍ରା ରାଉରକେଲାରେ ୧୩.୯ ଡିଗ୍ରୀ ରହିଥିଲା।

## 'ଯମୁନା' ପାଇଁ...

ଛଡ଼ାଯିବା ପରେ କୌଣସି ଅଘଟଣ ପୂର୍ବରୁ ତାକୁ ଜରୁରିକାଳୀନ ପରିସ୍ଥିତିରେ କାବୁ କରିବା ପାଇଁ ଯନ୍ତ୍ର ଓ ଡାକ୍ତରୀଦଳ ପ୍ରସ୍ତୁତ କରିବାକୁ ପଡ଼ିଥାଏ। ବନ ବିଭାଗର ସ୍ୱତନ୍ତ୍ର ଟିମ୍ ଯମୁନାର ଗତିବିଧି ଉପରେ ୨୪ ଘଣ୍ଟିଆ ସତର୍କ ଦୃଷ୍ଟି ରଖିଛନ୍ତି ବୋଲି ଡ. ଗୋଗିନେନୀ କହିଛନ୍ତି।

ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ବଫର ଅଞ୍ଚଳରେ ଲୋକେ ବସବାସ କରୁଥିବା ସ୍ଥାନକୁ ଯମୁନାର ଅନୁପ୍ରବେଶ ଘଟିଲେ ତାର ଜୀବନ ପ୍ରତି ବିପଦ ରହିଛି। ବାଘ ସ୍ଥାନାନ୍ତରଣ ଓ ଛାଡ଼ିବା ପ୍ରକ୍ରିୟାରେ ତ୍ରୁଟି ଥିବା ନେଇ ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି। ମହାରାଷ୍ଟ୍ରର ସମତଳ ଶାଗୁଆନ ଜଙ୍ଗଲରେ ଯମୁନା ପରିବାର ସହ ରହି ଶିକାର କରୁଥିଲା। ଶାଗୁଆନ ଜଙ୍ଗଲରୁ ଶିମିଳିପାଳର ବଣପାହାଡ଼ଘେରା ଜଙ୍ଗଲ ମଧ୍ୟରେ ତାକୁ ଛାଡ଼ିବା ପୂର୍ବରୁ ଅଭୟାରଣ୍ୟର ଜଳବାୟୁ ଓ ପରିବେଶ ସହିତ ସେ କିପରି ନିଜକୁ ଖାପ ଖୁଆଉଛି ତାହା ଅନୁଶୀଳନ କରିବା ଅତ୍ୟନ୍ତ ଆବଶ୍ୟକତା ଥିଲା। ଯମୁନା ଶିମିଳିପାଳର ବନ୍ୟ ଜନ୍ତୁଙ୍କ ସହ ମିଶିବା ପାଇଁ ବନ ବିଭାଗ ପକ୍ଷରୁ କୌଣସି ପ୍ରଚେଷ୍ଟା କରାଯାଇ ନାହିଁ। ତାକୁ ଧରି ଆଣିବା ମାତ୍ରେ ଶିମିଳିପାଳ ଅଭୟାରଣ୍ୟରେ ଛାଡ଼ି ଦିଆଯାଇଛି। ଏପରିକି ଏନ୍‌କ୍ଲୋଜରକୁ ବୃଦ୍ଧି କରାଯାଇ ଶିମିଳିପାଳର ବନ୍ୟ ଜନ୍ତୁଙ୍କ ସହ ପରିଚିତ କରାଇବା ନିତାନ୍ତ ଆବଶ୍ୟକତା ରହିଛି। ସେହିପରି ଶିମିଳିପାଳ ଚାରିପାଖରେ ରହିଥିବା ୧୨୬୦ଟି ଗ୍ରାମର ଲୋକଙ୍କୁ ବାଘୁଣୀଠାରୁ ସୁରକ୍ଷିତ ରହିବା ସମ୍ପର୍କରେ କୌଣସି ସଚେତନ କରାଯାଇ ନାହିଁ। ଫଳରେ ବାଘୁଣୀ ଗାଁକୁ ପ୍ରବେଶ କରିବା ମାତ୍ରେ ଲୋକଙ୍କ ଆକ୍ରୋଶର ଶିକାର ହୋଇପାରେ ବୋଲି ଆଶଙ୍କା ରହିଛି। ଏପରି ସ୍ଥଳେ ବନ କର୍ମଚାରୀମାନଙ୍କୁ ମଧ୍ୟ ଆକ୍ରମଣର ଭୟ ଘାରିଛି। ତେବେ ଆବଶ୍ୟକ ବ୍ୟବସ୍ଥା କରା ନ ଗଲେ ବିଗତ ଦିନର ସାତକୋଶିଆର ମହାବଳ ବାଘ ସୁନ୍ଦରୀ ପରି ଅବସ୍ଥା ଆସିପାରେ କିମ୍ବା ଯମୁନାକୁ ନନ୍ଦନକାନନ ସ୍ଥାନାନ୍ତର କରାଯିବା ସମ୍ଭାବନା ଉପୁଜିବାରେ ଲାଗିଛି। ମନଇଚ୍ଛା ମିଶନକୁ ସଫଳ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ବିଫଳ ହେବ ବୋଲି ଆଚାର୍ଯ୍ୟ କହିଛନ୍ତି।

## 'ପେସା' ପାଇଁ ...

ଗୌରବ ଦିବସରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜନଜାତି ସମ୍ପ୍ରଦାୟ ଓଡ଼ିଶାର ଶକ୍ତି ଓ ଆତ୍ମା। ପୂର୍ବରୁ ଆଦିବାସୀଙ୍କୁ ଅବହେଳିତ କରି ରଖାଯାଇଥିଲା। ରାଜ୍ୟ ସରକାର ଜନଜାତି ସମ୍ପ୍ରଦାୟଙ୍କ ଉଚ୍ଚ ପରମ୍ପରା ଓ ଐତିହ୍ୟର ସୁରକ୍ଷା ପାଇଁ ପ୍ରତିବଦ୍ଧ। ସେମାନଙ୍କ ସର୍ବାଙ୍ଗୀନ ବିକାଶ ଲାଗି ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ଜଙ୍ଗଲ ଜମି ଅଧିକାର ପ୍ରଦାନ ବଳରେ ସେମାନଙ୍କୁ ସଶକ୍ତ କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜନଜାତିଙ୍କ ଉନ୍ନତି ଓ କଲ୍ୟାଣ ପାଇଁ ୧୫୩୫ କୋଟି ଟଙ୍କାର ପ୍ରକଳ୍ପ ଲାଗି ଭିତ୍ତିପ୍ରସ୍ତର ରଖିଛନ୍ତି। ଏଥିରେ ୧୬ଟି ଆଶ୍ରମ ସ୍କୁଲକୁ ହାଇସ୍କୁଲକୁ ଉନ୍ନୀତ କରାଯିବ। ପ୍ରତ୍ୟେକ ସ୍କୁଲ ପିଛା ୧୫କୋଟି ଟଙ୍କା ହିସାବରେ ମୋଟ ୨୪୦ କୋଟି ଟଙ୍କା ବିନିଯୋଗ କରାଯିବ। ସେହିପରି ୧୩ଟି ମାଧ୍ୟମିକ ବିଦ୍ୟାଳୟକୁ ମଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯିବ। ଏଥିପାଇଁ ପ୍ରତ୍ୟେକ ସ୍କୁଲ ପିଛା ୨୨ କୋଟି ଟଙ୍କା ହିସାବରେ ୨୮୬ କୋଟି ଟଙ୍କା ବିନିଯୋଗ ହେବ। ୪୨୬ଟି ପ୍ରାଥମିକ ସ୍କୁଲ ଛାତ୍ରାବାସ ନିର୍ମାଣ ପାଇଁ ୮୫୨ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ଭୁବନେଶ୍ୱରର ଗୋଠପାଟଣାଠାରେ ଜନଜାତି ସଂସ୍କୃତି ଓ ଐତିହ୍ୟ ଭବନ ନିର୍ମାଣ ପାଇଁ ୧୦୦ କୋଟି ଟଙ୍କା ବିନିଯୋଗ କରାଯିବ। ଗୋଠପାଟଣାଠାରେ ଜନଜାତି ଭାଷା ପ୍ରତିଷ୍ଠାନ ନିର୍ମାଣ ପାଇଁ ୫୦ କୋଟି ଟଙ୍କା ଓ ଜନଜାତି ଅସ୍ମିତା ଭବନ ନିର୍ମାଣ ପାଇଁ ୪ କୋଟି ଟଙ୍କା ବିନିଯୋଗ କରାଯିବ। ସେହିପରି ୫ଟି ବହୁମୁଖୀ କେନ୍ଦ୍ର ନିର୍ମାଣ ପାଇଁ ମଧ୍ୟ ୩ କୋଟି ଟଙ୍କା ବିନିଯୋଗ କରାଯିବ।

ଦେଶବ୍ୟାପୀ ପାଳିତ ହେଉଥିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉତ୍ସବ ବିହାରର ଜାମୁଇଠାରେ ପାଳନ କରାଯାଇଛି। ଜନତା ମଇଦାନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଭଗବାନ ବିର୍ସା ମୁଣ୍ଡା ସ୍ୱାଧୀନତା ସଂଗ୍ରାମର ଏକ ଅନନ୍ୟ ଯୋଦ୍ଧା। ବିର୍ସା ମୁଣ୍ଡାଙ୍କ ସଂଗ୍ରାମର କାହାଣୀ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ଓ ରହିବ । ଆଦିବାସୀ ମାନଙ୍କ ଉନ୍ନତି ପାଇଁ ତାଙ୍କ ଅବଦାନକୁ ଦେଶ ଓ ଜାତି କେବେ ଭୁଲିବ ନାହିଁ । ଏହି ଅବସରରେ ସେ ମହାନ୍ ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକ, ରତ୍ନା ନାୟକ, ଚକରା ବିଷୋଇ, ଦୋରା ବିଷୋଇ, ରେଣ୍ଡୋ ମାଝୀଙ୍କ ପରି ଦେଶ ଭକ୍ତଙ୍କ ବଳିଦାନ ଓ ତ୍ୟାଗକୁ ମଧ୍ୟ ସ୍ମରଣ କରିଥିଲେ। ବିର୍ସା ମୁଣ୍ଡାଙ୍କ ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିହାରର ଜାମୁଇଠାରେ ଉପସ୍ଥିତ ରହି 'ଧର୍ତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଯୋଜନା' ଅଧୀନରେ ଅନେକ କଲ୍ୟାଣକାରୀ ପ୍ରକଳ୍ପର ଶୁଭାରମ୍ଭ କରୁଛନ୍ତି। ଜନଜାତି ସମ୍ପ୍ରଦାୟଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବନ ଜୀବିକା ଓ ଭିତ୍ତିଭୂମି କ୍ଷେତ୍ରରେ ରହିଥିବା ତାରତମ୍ୟକୁ ଦୂରକରି ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ହେଉଛି ଏହି ଅଭିଯାନର ମୂଳ ଲକ୍ଷ୍ୟ । ଓଡ଼ିଶାର ୨୭ଟି ଜିଲାର ୭,୬୬୭ଟି ଗ୍ରାମକୁ ଏହି ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ସମସ୍ତ ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜଙ୍ଗଲ ଜମି ଅଧିକାର ଆଇନ ବଳରେ ରାଜ୍ୟର ୮ଟି ବିଶେଷ ଅନୁନ୍ନତ ଜନଜାତି (ପିଭିଜିଜି)ବର୍ଗଙ୍କୁ ବସବାସର ଅଧିକାର ପ୍ରଦାନ କରିଛନ୍ତି। ଆଦିବାସୀ ଛାତ୍ରୀଛାତ୍ରମାନଙ୍କ ଡ୍ରପ୍ ଆଉଟ୍ ହାର ରୋକିବା ପାଇଁ ରାଜ୍ୟ ସରକାର 'ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା' ପ୍ରଣୟନ କରିବାକୁ ଯାଉଛନ୍ତି। ଏଥିସହିତ ଆଦିବାସୀ ଅଞ୍ଚଳରେ ପିଲାଙ୍କ ପାଇଁ ଛାତ୍ରାବାସ ନିର୍ମାଣ, ସିଡ୍ୟୁଲ୍ ଅଞ୍ଚଳରେ ପେସା ଆଇନ କାର୍ଯ୍ୟକାରୀ କରିବା, ଗ୍ରାମସଭାଗୁଡ଼ିକୁ ସକ୍ରିୟ କରିବା ପାଇଁ ମଧ୍ୟ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ, ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି, ବ୍ରିଟିଶ ସରକାରଙ୍କ ଉତ୍ପୀଡ଼ନ ବିରୋଧରେ ବିର୍ସା ମୁଣ୍ଡାଙ୍କ ସଂଗ୍ରାମ ଓ ବଳିଦାନ ସଦାସର୍ବଦା ପ୍ରେରଣାଦାୟୀ ହୋଇ ରହିବ। ବିର୍ସା ମୁଣ୍ଡାଙ୍କ ତ୍ୟାଗକୁ ପୂର୍ବ ସରକାରମାନେ ଅବହେଳା କରୁଥିଲେ। ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ବିର୍ସାଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ତାଙ୍କ ଜୟନ୍ତୀକୁ ଜନଜାତୀୟ ଗୌରବ ଦିବସ ରୂପେ ପାଳନ କରାଯିବା ସହିତ ଆଦିବାସୀଙ୍କ ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି। କେନ୍ଦ୍ର ଶକ୍ତି, ନୂତନ ଓ ଅକ୍ଷୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାଏକ କହିଛନ୍ତି, ଭଗବାନ ବିର୍ସା ମୁଣ୍ଡା ଜନଜାତି ସମାଜର ବନ୍ଧନକୁ ସୁଦୃଢ଼ କରିବା ସହିତ ସେମାନଙ୍କ ଉନ୍ନତି ପାଇଁ ଯେଉଁ ଉଦ୍ୟମ କରିଯାଇଛନ୍ତି ତା'ର ତୁଳନା ନାହିଁ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ବିର୍ସା ମୁଣ୍ଡାଙ୍କ ଅବଦାନକୁ ସ୍ମରଣ କରିବା ସହିତ ଆଦିବାସୀମାନଙ୍କ ଉନ୍ନତି ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଗଦେଇ କହିଛନ୍ତି, ସ୍ୱାଧୀନତା ପରେ ଆଦିବାସୀଙ୍କ ପ୍ରତି ଅବହେଳା କରାଯାଇଛି। ଆଦିବାସୀଙ୍କୁ ଅବହେଳା ପଛରେ ରାଜନୈତିକ ଅଭିସନ୍ଧି ରହିଥିଲା। ଏହାର କାରଣ ଗୋଟିଏ ପରିବାରର ରାଜନୈତିକ ଅଭିସନ୍ଧି। ଆଦିବାସୀଙ୍କ ବିକାଶ ପାଇଁ ଏନ୍‌ଡିଏ ସରକାର ଅହରହ ଉଦ୍ୟମ କରୁଛି। ଦେଶରେ ୧୦ ବର୍ଷ ଭିତରେ ୨ଟି ନୂଆ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ଓଡ଼ିଶାର ଜଣେ ଆଦିବାସୀ ମହିଳା ଦ୍ରୌପଦୀ ମୁର୍ମୁଙ୍କୁ ଦେଶର ରାଷ୍ଟ୍ରପତି କରିବାର ସୌଭାଗ୍ୟ ଏନ୍‌ଡିଏକୁ ମିଳିଛି।

## ପେସା ଆଇନ କ'ଣ...

ଏହାର ମୁଖ୍ୟ ଉଦ୍ଦେଶ୍ୟ ଜନଜାତିମାନଙ୍କର ଜୀବନ ଜୀବିକା, କଳା ସଂସ୍କୃତି, ପରମ୍ପରା ସୁରକ୍ଷା ସମେତ ପ୍ରାକୃତିକ ସମ୍ବଳ ଇତ୍ୟାଦି ବିଷୟରେ ଗ୍ରାମସଭା ଜରିଆରେ ସମସ୍ତ ନିଷ୍ପତ୍ତି ନିଆଯିବ। ଏହି ଆଇନ ଲାଗୁହେଲେ ଗ୍ରାମସଭାର ବିନାନୁମତିରେ ସେହି ଅଞ୍ଚଳରେ କୌଣସି କାର୍ଯ୍ୟ କରାଯାଇପାରିବ ନାହିଁ। ଅନୁସୂଚିତ ଅଞ୍ଚଳରେ ପାରମ୍ପରିକ ସମ୍ବଳ, ଲଘୁ ଖଣିଜ ଦ୍ରବ୍ୟ, ଲଘୁ ବନଜାତ ଦ୍ରବ୍ୟ, କ୍ଷୁଦ୍ର ଜଳାଶୟ, ଉପଭୋକ୍ତା ଚୟନ, ପ୍ରକଳ୍ପ ଅନୁମୋଦନ ଏବଂ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକ ଉପରେ ଗ୍ରାମସଭାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିବ। ଓଡ଼ିଶା ସମେତ ୧୦ଟି ରାଜ୍ୟରେ ଏହି ଆଇନ ଲାଗୁ କରିବାର ବ୍ୟବସ୍ଥା ରହିଛି। ଅନ୍ୟ ରାଜ୍ୟଗୁଡ଼ିକ ହେଲା ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଗୁଜରାଟ, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ ଓ ତେଲଙ୍ଗାନା।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ: ...............................
ଜନ୍ମ ତାରିଖ: ...............................



ଆୟାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୭.୨% ହାରରେ ଅର୍ଥନୀତି ଅଭିବୃଦ୍ଧି ଆକଳନ

## ମୁଡିସ୍ ରିପୋର୍ଟ

ଭୁବନେଶ୍ୱର,୧୫।୧୧(ଅନୁରାଧା ମହାରଣା)





ଭାରତୀୟ ଅର୍ଥନୀତି ଭଲ ସ୍ଥିତିରେ ଅଛି ଏବଂ ୨୦୨୪ କ୍ୟାଲେଣ୍ଡର ବର୍ଷରେ ୭.୨ ପ୍ରତିଶତ ଏବଂ ୨୦୨୫ରେ ୬.୬ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ମୁଡିସ୍ ରେଟିଂରେ ଏପରି ତଥ୍ୟ ପ୍ରକାଶ ପାଇଛି। ଏହାର 'ଗ୍ଲୋବାଲ ମାକ୍ରୋ ଆଉଟ୍‌ଲୁକ୍ ୨୦୨୫-୨୬'ରେ ରେଟିଂ ଏଜେନ୍ସି କହିଛି ଯେ, ରୁଷଆ-ୟୁକ୍ରେନ୍ ଯୁଦ୍ଧ, ଉଚ୍ଚ ମୁଦ୍ରାସ୍ଫୀତି, ଶକ୍ତି ଏବଂ ଖାଦ୍ୟ ସଙ୍କଟ ସମୟରେ ମଧ୍ୟ ବିଶ୍ୱ ଅର୍ଥନୀତି ଉଲ୍ଲେଖନୀୟ ସ୍ଥିରତା ପ୍ରଦର୍ଶନ କରିଛି। ରେଟିଂ ଏଜେନ୍ସି କହିଛି, ଆମେରିକାର ଘରୋଇ ତଥା ଅନ୍ତର୍ଜାତୀୟ ନୀତିରେ ନିର୍ବାଚନ ପରବର୍ତ୍ତୀ ପରିବର୍ତ୍ତନ ବିଶ୍ୱର ଆର୍ଥିକ ଆହ୍ୱାନ ବଢ଼ାଇପାରେ। ଘରୋଇ ବ୍ୟବହାରରେ ଉନ୍ନତି, ଦୃଢ଼ ପୁଞ୍ଜି ବିନିଯୋଗ ଏବଂ ଦୃଢ଼ ଉତ୍ପାଦନ ଫଳରେ ୨୦୨୪ର ଦ୍ୱିତୀୟ ତ୍ରୈମାସିକରେ (ଏପ୍ରିଲ-ଜୁନ୍) ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ୬.୭ % ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

## ବୈଦେଶିକ ମୁଦ୍ରାଭଣ୍ଡାରରେ ହ୍ରାସ

ଭୁବନେଶ୍ୱର,୧୫।୧୧(ଅନୁରାଧା ମହାରଣା)

ସେପ୍ଟେମ୍ବର ଶେଷରେ ବୈଦେଶିକ ମୁଦ୍ରାଭଣ୍ଡାର ସର୍ବକାଳୀନ ଉଚ୍ଚସ୍ତର ୭୦୪.୮୮ ବିଲିୟନ ଡଲାରରେ ପହଞ୍ଚିଥିଲା। ମାତ୍ର ଗତ କିଛି ସପ୍ତାହ ଧରି ଏହା ହ୍ରାସ ପାଇବାରେ ଲାଗିଛି। ନଭେମ୍ବର ୮ରେ ଶେଷ ହୋଇଥିବା ସପ୍ତାହରେ ଭାରତର ବୈଦେଶିକ ମୁଦ୍ରାଭଣ୍ଡାର ୬.୪୮ ବିଲିୟନ ଡଲାର ହ୍ରାସ ପାଇ ୬୭୫.୬୫ ବିଲିୟନ ଡଲାରରେ ପହଞ୍ଚିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଶୁକ୍ରବାର ଏହି ସୂଚନା ପ୍ରକାଶ ପାଇଛି। ପୂର୍ବ ସପ୍ତାହରେ ଦେଶର ବୈଦେଶିକ ମୁଦ୍ରାଭଣ୍ଡାର ୨.୬୭ ବିଲିୟନ ଡଲାର ହ୍ରାସ ପାଇ ୬୮୨.୧୩ ବିଲିୟନ ଡଲାର ରହିଥିଲା।

# ଏଆଇପିଏନ୍‌ବିଓଏର ୫ମ ବାର୍ଷିକ କ୍ରୀଡ଼ା ସମ୍ମିଳନୀ



ଭୁବନେଶ୍ୱର,୧୫।୧୧

ଅଲ ଇଣ୍ଡିଆ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଅଫିସର୍ସ ଆସୋସାଏଶନ (ଏଆଇପିଏନ୍‌ବିଓଏ)ର ୫ମ ବାର୍ଷିକ କ୍ରୀଡ଼ା ସମ୍ମିଳନୀ ଶୁକ୍ରବାର ସମ୍ବଲପୁରର ରେଲୱେ ୟାର୍ଡ ଗ୍ରାଉଣ୍ଡଠାରେ ଆରମ୍ଭ ହୋଇଯାଇଛି। ଏପରିକି ୨୦୨୪ ନଭେମ୍ବର ୧୫ ରୁ ୧୭ ପର୍ଯ୍ୟନ୍ତ ହେବାକୁ ଥିବା ଏହି ୩ଦିନିଆ ସମ୍ମିଳନୀରେ ବ୍ୟାଙ୍କର ଭୁବନେଶ୍ୱର, କଟକ, ସମ୍ବଲପୁର, ବାଲେଶ୍ୱର ଏବଂ ବ୍ରହ୍ମପୁର ମଣ୍ଡଳର ଅଧିକାରୀମାନେ ଯୋଗଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ଯୋଗ ଦେଇ ବ୍ୟାଙ୍କର ସମ୍ବଲପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଅଜିତ ମେହେର ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଆଲୋକ ରଞ୍ଜନ ସେନାପତି, ବାଲେଶ୍ୱର ମଣ୍ଡଳର ମଣ୍ଡଳ ମୁଖ୍ୟ ବିଶ୍ୱଜିତ ବିଶ୍ୱାଳଙ୍କ ସମେତ ବୈଲୋଚନ ସାହୁ ସହାୟକ ସାଧାରଣ ସମ୍ପାଦକ ତଥା ସର୍କଲ ସେକ୍ରେଟାରି ଭୁବନେଶ୍ୱର ଓଡ଼ିଶା, ଦୀପକ ପ୍ରଧାନ ସର୍କଲ ସେକ୍ରେଟାରି କଟକ, ଆକାଶ ଦାଶ ସର୍କଲ ସେକ୍ରେଟାରି ବାଲେଶ୍ୱର, ପି.ସନ୍ତୋଷ ପାତ୍ର ସର୍କଲ ସେକ୍ରେଟାରି ବ୍ରହ୍ମପୁର ଏବଂ ସୁନୀଲ କେର୍କେଟା ସର୍କଲ ସେକ୍ରେଟାରି ସମ୍ବଲପୁର ଏବଂ ବ୍ୟାଙ୍କର ବହୁ ସଂଖ୍ୟକ ଅଧିକାରୀ ଉପସ୍ଥିତ ଥିଲେ।


## ନବମ ଜନ୍ମଦିନ ଶୁଭେଚ୍ଛା



ଆୟାନ ପ୍ରଧାନ
ଗ୍ରା- ଲୁତୁରପଙ୍କ, ବୀରମହାରାଜପୁର, ଜି- ସୁବର୍ଣ୍ଣପୁର
ଶୁଭେଚ୍ଛା ସହ- ମାତା: ଅର୍ଚ୍ଚିତା ପ୍ରଧାନ, ପିତା: ସୁଶୀଳ କୁମାର ପ୍ରଧାନ, ରାକ୍ଷୀ, ବନ୍ଧନ, କାହ୍ନା, ପିଣ୍ଟୁ, ପପୁ, ପୂଜା, ସୋନାଲୀ, ଶକ୍ତି, ଅଜା, ଆଇ, ବଡ଼ବାପା, ବଡ଼ମା, ମାମୁ, ମାଇଁ।
ଧ-୧୯୭୫


# ଜିଓ ୱାର୍ଲ୍ଡ ପ୍ଲାଜାରେ 'ଟିରା'ର ଏକ୍ସକ୍ଲୁସିଭ ଆଉଟଲେଟ୍

ମୁମ୍ବାଇ,୧୫।୧୧ (ଅଭୟ ଦାଶ)



ରିଲାଏନ୍ସ ରିଟେଲର ବିୟୁଟି ରିଟେଲ ଚେନ ତଥା ପ୍ରିମିୟମ ବ୍ରାଣ୍ଡ 'ଟିରା'ର ଏକ୍ସକ୍ଲୁସିଭ ଆଉଟଲେଟ ମୁମ୍ବାଇର ଜିଓ ୱାର୍ଲ୍ଡ ପ୍ଲାଜାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏପରି କି ଏହାର ବିଳାସପୂର୍ଣ୍ଣ ଫ୍ଲାଗଶିପ୍ ଷ୍ଟୋର୍‌ରେ ବ୍ରାଣ୍ଡର ନୂତନ କଲେକ୍ସନଗୁଡ଼ିକୁ ମଧ୍ୟ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ଉଲ୍ଲେଖଯୋଗ୍ୟ, ୬୨୦୦ ବର୍ଗଫୁଟ ପରିମିତ ସ୍ଥାନରେ ପ୍ରତିଷ୍ଠିତ ବିଶ୍ୱସ୍ତରୀୟ ବ୍ରାଣ୍ଡଗୁଡ଼ିକର ୧୫ ଟି ଶପ-ଇନ-ଶପ ବୁଟିକ୍ ରହିଛି। ଏହି ଷ୍ଟୋରରେ ବିଳାସପୂର୍ଣ୍ଣ ସ୍କିନ୍ କେୟାର ବ୍ରାଣ୍ଡ ଅଗଷ୍ଟିନସ୍ ବେଡର୍ ମଧ୍ୟ ସାମିଲ ରହିଛି, ଯାହା କେବଳ ଟିରା ଷ୍ଟୋରରେ ଉପଲବ୍ଧ।

ଏ ସମ୍ପର୍କରେ ରିଲାଏନ୍ସ ରିଟେଲ୍ ଭେଞ୍ଚର୍ସ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଇଶା ଅମ୍ବାନୀ କହିଛନ୍ତି, ଭାରତରେ ସୌନ୍ଦର୍ଯ୍ୟ ଏବଂ ବିଳାସକୁ 'ଟିରା' ବ୍ରାଣ୍ଡ ପୁନଃ ପରିଭାଷିତ କରୁଛି, ବିଶ୍ୱସ୍ତରୀୟ ବ୍ରାଣ୍ଡ ଏବଂ ସିଗନେଚର ସେବା ସହିତ ଏହା ଏକ ଭିନ୍ନ ଅନୁଭୂତି ପ୍ରଦାନ କରିବ। ସେହିଭଳି ଜିଓ ୱାର୍ଲ୍ଡ ପ୍ଲାଜାରେ ଆମର ଟିରା ଫ୍ଲାଗଶିପ୍ ଷ୍ଟୋର୍ ପ୍ରେରିତ କରିବା, ସମସ୍ତଙ୍କୁ ଏକାଠି କରିବା ଏବଂ ପରିବର୍ତ୍ତନ ଆଣିବା ପାଇଁ ବେଶ୍ ଯତ୍ନର ସହିତ ଏବଂ ସୁନ୍ଦର ଭାବେ ପରିକଳ୍ପିତ ହୋଇଛି। ଏପରି କି ବିଳାସପୂର୍ଣ୍ଣ ସୌନ୍ଦର୍ଯ୍ୟର ଏହି ଅସାଧାରଣ ଯାତ୍ରାରେ ଗ୍ରାହକମାନଙ୍କୁ ସାମିଲ କରିବାକୁ ଆମେ ପ୍ରସ୍ତୁତ ରହିଛୁ। ସେହିପରି ସୁଗନ୍ଧପ୍ରେମୀମାନଙ୍କ ପାଇଁ ଏହି ଷ୍ଟୋରରେ ଏକ ସ୍ୱତନ୍ତ୍ର ସେଣ୍ଟ ରୁମ୍ ପ୍ରସ୍ତୁତ କରାଯାଇଛି। ଏହାକୁ ଏପରି ଭାବେ ଡିଜାଇନ୍ କରାଯାଇଛି, ସୁଗନ୍ଧଗୁଡ଼ିକ ବାୟୁରେ ଭାସମାନ ରହିଥାଏ। ସେଣ୍ଟ ବା ସୁଗନ୍ଧର ଅନ୍ତର୍ଜାତୀୟ ବ୍ରାଣ୍ଡ ଏବଂ ସୀମିତ-ସଂସ୍କରଣ ସଂଗ୍ରହ ମଧ୍ୟ ଏଠାରେ ଉପଲବ୍ଧ ହେବ। ବିଳାସପୂର୍ଣ୍ଣ ସୌନ୍ଦର୍ଯ୍ୟ ରିଟେଲ ବ୍ୟବସାୟରେ ପ୍ରଥମ ଥର ପାଇଁ ଟିରା ପକ୍ଷରୁ ଟିରା ବିୟୁଟି ସୁଟ୍‌ରେ ସ୍ୱତନ୍ତ୍ର ଇନ-ଷ୍ଟୋର ସ୍କିନ୍ କେୟାର ସେବା ଆରମ୍ଭ କରିଛି। ଟିରାର ସିଗ୍‌ନେଚର ଟ୍ରିଟ୍‌ମେଣ୍ଟରେ ସିଗ୍‌ନେଚର-ଗ୍ଲୋ, ୟୁଥ୍ ଏଲିକ୍ସିର୍ ଏବଂ ଆକ୍ୱା ଇନ୍‌ଫ୍ୟୁଜନ୍ ଫେସିଆଲ ବ୍ୟତୀତ ଅଗଷ୍ଟିନସ୍-ବେଡର୍ ସିଗ୍‌ନେଚର ଫେସିଆଲ ବିଶେଷ ଭାବେ ସାମିଲ କରାଯାଇଛି।

# ଲେନୋଭୋର ନୂଆ ରେଞ୍ଜ

ନୂଆଦିଲ୍ଲୀ,୧୫।୧୧

ଗ୍ଲୋବାଲ ଟେକ୍ନୋଲୋଜି କମ୍ପାନୀ ତଥା ଅଗ୍ରଣୀ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ ଲେନୋଭୋର ନୂତନ ରେଞ୍ଜ ସମ୍ପ୍ରତି ନିକଟରେ ଶୁଭାରମ୍ଭ ହୋଇଛି। ଏପରି କି ଥିଙ୍କବୁକ୍ ୧୩ଏକ୍ସ ଜି୪ ଏବଂ ଲେନୋଭୋ କେ୧୧ ଟାବ୍‌ଲେଟ୍‌ର ଅପ୍‌ଗ୍ରେଡେଡ୍ ଭର୍ସନ ଭାବେ ଲେନୋଭୋ ଟାବ୍ କେ୧୧ (ଉନ୍ନତ ସଂସ୍କରଣ)ର ଶୁଭାରମ୍ଭ ଘରୋଇ ବଜାରରେ କରାଯାଇଛି। ସେହିଭଳି ଏହାକୁ ଉଦ୍ୟୋଗ ଓ ପେସାଦାର ଲୋକମାନଙ୍କ ବିବିଧ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି, ଯାହା ଏକ ସୁଲଭ ମୂଲ୍ୟରେ କାର୍ଯ୍ୟଦକ୍ଷତା, ସୁରକ୍ଷା, ପରିଚାଳନା କ୍ଷମତା, ସ୍ଥାୟିତ୍ୱର ଏକ ଉନ୍ନତ ମିଶ୍ରଣ ପ୍ରଦାନ କରୁଛି। ଅପରପକ୍ଷରେ ଥିଙ୍କବୁକ ୧୩ଏକ୍ସ ଜି୪ ୧୧୪,୯୯୦ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଲେନୋଭୋ ଡଟ୍ କମ୍‌ରେ ଉପଲବ୍ଧ ହେଉଥିବାବେଳେ ଲେନୋଭୋ ଟାବ୍ କେ୧୧ (ଉନ୍ନତ ସଂସ୍କରଣ) ୨୨,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟ ସହ ଲୁନା ଗ୍ରେ କଲର୍‌ରେ ଉପଲବ୍ଧ ହେଉଛି ଏବଂ ଏହାକୁ ଲେନୋଭୋ ଡଟ୍ କମ୍‌ରେ କ୍ରୟ କରାଯାଇପାରିବ।

ଏ ସମ୍ପର୍କରେ ଲେନୋଭୋ ଇଣ୍ଡିଆର ନିର୍ଦ୍ଦେଶକ ଓ କ୍ୟାଟେଗୋରି ହେଡ୍ ଆଶିଷ ସିକ୍କା କହିଛନ୍ତି, ଆମେ ଆମର ନୂତନ ଉତ୍ପାଦ ରେଞ୍ଜକୁ ଭାରତରେ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରି କି ଏକ ବିକଶିତ ଉପଭୋକ୍ତା ଚାହିଦାକୁ ଦୃଷ୍ଟିରେ ରଖି କେ୧୧ (ଉନ୍ନତ ସଂସ୍କରଣ) ଟାବ୍‌ଲେଟ୍‌କୁ ଆଜିର ଉଦ୍ୟୋଗ ଓ ପ୍ରଫେଶନାଲଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ପରିକଳ୍ପନା କରାଯାଇଛି। ଯାହା କାର୍ଯ୍ୟଦକ୍ଷତା, ସ୍ଥାୟିତ୍ୱ ଓ ପରିଚାଳନା କ୍ଷମତାର ଏକ ଉପଯୁକ୍ତ ମିଶ୍ରଣ ପ୍ରଦାନ କରୁଛି, ଏହାର ଉତ୍କୃଷ୍ଟ ଡିସ୍‌ପ୍ଲେ ଓ ଶକ୍ତିଶାଳୀ ପ୍ରୋସେସିଂ ଏହି ଟାବ୍‌ଲେଟକୁ ଗୋଟିଏ ଡିଭାଇସ୍‌ରେ ବିବିଧତା ଓ ଦକ୍ଷତାର ସନ୍ଧାନ କରୁଥିବା ବ୍ୟବସାୟ ଓ କର୍ମଚାରୀଙ୍କ ପାଇଁ ଏକ ଆଦର୍ଶ ବିକଳ୍ପରେ ପରିଣତ କରୁଛି।

# Classified Everyday
0674-2580101, 2549949




REAL ESTATE
SALE

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45, 000,00/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75578

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302.** D-1973

Duplex project at Retang Medical, Station, C.V. Raman Tamando, Apartment near Sum Hospital, Bhubaneswar. 7008459987. D-76204

କଟକ-ଭୁବନେଶ୍ୱର ମଧ୍ୟଭାଗରେ **Sum Hospital-2** ନିକଟସ୍ଥ **Grandbazar (NH-16)** ସମ୍ମୁଖରେ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ। **8249310759.** D-76209

ଭୁବନେଶ୍ୱର, ଜଟଣୀଗେଟ୍ ପାଖରେ sqft.-350/- ପ୍ଲଟ୍ ବିକ୍ରିହେବ। (1200sqft.-4,20,000/-). 9776974912. D-76209

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact-9938015048.** D-1972

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

Ready to move 4 BHK Duplex bungalow at Botanda, Sundarpada, Bhubaneswar near Saivilla, ranging 94 Lakhs. Contact: 9040521173 / 9861125539. D-76030

**Ready to move 2BHK flat for sale @ 21 Lakh near Gudiapokhari Bhubaneswar. Call-9437631769.** D-1891



CONSTRUCTION

**Construct your dream home @ 970/-, 1490/- includes archiecture struture with 3years FMC, we provide plan approval boring & interer work-SNV Engineering. 9439295469.** D-76203





Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-1949

Newly open health benefits SPA special offer @ 799 Bapujinagar. 8018429809. D-76168


## AFFIDAVIT

By virtue of an affidavit sworn before the Executive Magistrate, Bhubaneswar dtd. 06.11.2024 I, Swati Pattnaik, Address- Plot No.- 405/845, New Colony, Pokharipur, Bhubaneswar, Odisha-751020 declare that I have changed my Name from Swatishree Mohapatra to Swati Pattnaik. Henceforth I shall be known as Swati Pattnaik for all purposes.
Swati Pattnaik.
D-73563

By virtue of an affidavit in the Court of Executive Magistrate, Khordha, Affidavit No.- 1238 on dated 25.07.2024, I, Sabita Baral, aged (31), W/o- Pravakar Baral, resident of At-Bidurapur, P.O.- Jenapur, Sripurusottampur, P.S.- Delanga, Dist.-Puri, Pin-752016. Declare that after marriage I have changed my name from Sabita Behera to Sabita Baral. Henceforth, she shall be known as Sabita Baral for all purposes.
Sd/- Sabita Baral
D-1971

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Bhubaneswar dtd 12.11.2024 I, Barsa Sahoo, Address- Plot No.-1713, Lingarajnagar, Mahatab Road, Baunsakhani Area, VTC Oldtown, P.O.- Oldtown, Dist.- Khordha, State-Odisha, PIN- 751002, declare that I have changed my name from Rinky Sahoo to Barsa Sahoo. Henceforth, I shall be known as Barsa Sahoo for all purposes.
D-1976

I, Manobina Padhy, Wife of- Sudhansu Kumar Padhy, resident of At/ Post-Pandarakhali, P.S.-Purushottam Pur, Dist.-Ganjam, Pin- 761043, Odisha, declare by this affidavit No.- 490, dtd-02.06.2018 that now onwards I shall be known as Manobina Sabat for all future purposes.
D-1969

By virtue of an affidavit sworn before Executive Magistrate Erasama, dated 13.11.2024, I Prasanjeet Swain (20 yrs), S/o- Prasanta Swain, Address- Vill- Khurantutha, P.O.- Kunjakothi, P.S.- Erasama, Dist.- Jagatsinghpur, Odisha, Pin- 754139 declare that I have changed my name from Prasanjit Swain to Prasanjeet Swain. Henceforth, I shall be known as Prasanjeet Swain for all purposes.
D-1974


## ମନେ ପଡ଼ନ୍ତି

### ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ମମତା ମହାପାତ୍ର
ମାର୍କଣ୍ଡେଶ୍ୱର ସାହି, ପୁରୀ
ଆବିର୍ଭାବ: ୨୮।୦୮।୧୯୬୯ (ଜନ୍ମାଷ୍ଟମୀ)
ତିରୋଧାନ: ୧୯।୧୧।୨୦୨୧ (କାର୍ତ୍ତିକ ପୂର୍ଣ୍ଣିମା)
ଏଥି ମଧ୍ୟରେ ୩ବର୍ଷ ବିତିଯାଇଛି । ଏବେ ମଧ୍ୟ ଆପଣଙ୍କର ସେହି ହସ ହସ ମୁହଁ ଆମ୍ଭମାନଙ୍କ ମାନସପଟ୍ଟରେ ଝଲସି ଉଠୁଛି । ଆପଣଙ୍କର ଆଦର୍ଶ, ସ୍ନେହ ମନୋଭାବ ଏବଂ ଅନୁଶାସନ ଆମ୍ଭ ସଭିଙ୍କର ପଥ ପ୍ରଦର୍ଶକ ହୋଇ ପାରିଛି । ଆପଣଙ୍କର ଅନୁପସ୍ଥିତିକୁ ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ଅନୁଭବ କରୁଅଛୁ । ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା ଜ୍ଞାପନ କରୁଅଛୁ ।
ଶୋକସନ୍ତପ୍ତ: ସ୍ୱାମୀ: ଅଭୟ ନୃସିଂହ ମହାପାତ୍ର, ପୁଅ: ତୁଗୁ, ଝିଅ: ଦିଶା, ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ ।
ଧ-୧୯୮୦

### ଏକାଦଶାହରେ ଶୋକ ଶ୍ରଦ୍ଧାଞ୍ଜଳି



୰ଭାରତୀ ନାୟକ
ମାର୍କେଟ୍ ଛକ, ବଡ଼ଦାଣ୍ଡ-ପୁରୀ
ଧରାବତରଣ- ୦୨।୦୬।୧୯୬୬
ତିରୋଧାନ-୦୬।୧୧।୨୦୨୪
ପରିବାର ପାଇଁ ସମଗ୍ର ଜୀବନ ଉତ୍ସର୍ଗ କରିଥିବା ମଣିଷ, କ'ଣ ଏମିତି ହଠାତ୍ ଚାଲିଯାନ୍ତି!! ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ ଜନ୍ମ ନେଇ, ପ୍ରତିଦିନ ନୀଳଚକ୍ର ଦେଖୁଥିବା ମଣିଷ, ପବିତ୍ର କାର୍ତ୍ତିକରେ ଯିବାଟା ନିଶ୍ଚୟ ଠାକୁରଙ୍କ ଡାକରା। ଆତ୍ମାର ସଦ୍‌ଗତି ହେଉ। ଆମ ପରିବାରରେ ଆଉ ଥରେ ଜନ୍ମ ନିଅ ।
ଶୋକସନ୍ତପ୍ତ: ହତଭାଗ୍ୟ ସ୍ୱାମୀ-ଭରତ ନାୟକ, ଝିଅ-ସୁସ୍ମିତା(ମଞ୍ଜୁ), ଜ୍ୱାଇଁ-ଗୁରୁନାରାୟଣ ଛୋଟରାୟ ଓ ରୁଚିସ୍ମିତା ନାୟକ ଏବଂ ଶୋକାକୁଳ ପରିବାରବର୍ଗ।
ଧ-୭୩୫୬୨


# ଚାନ୍ଦି ଭଣ୍ଡାରର ନୂତନ ଅଭିଯାନ

ଭୁବନେଶ୍ୱର,୧୫।୧୧



ରାଜ୍ୟର ଅଗ୍ରଣୀ ରୁପା ରିଟେଲ ଚେନ୍ 'ଚାନ୍ଦି ଭଣ୍ଡାର'ର ବହୁ ପ୍ରତୀକ୍ଷିତ ତଥା ନୂତନ ଅଭିଯାନ (କ୍ୟାମ୍ପେନ) 'ୱେଡିଂ ଷ୍ଟୋରିଜ୍ ବାୟ ଚାନ୍ଦି ଭଣ୍ଡାର' ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ବିବାହ ଋତୁ ଉପଲକ୍ଷେ ଷ୍ଟୋର ପକ୍ଷରୁ ରୁପା ଗହଣା ଏବଂ ଆର୍ଟିଫାକ୍ଟର ଅନନ୍ୟ କଲେକ୍ସନଗୁଡିକୁ ମଧ୍ୟ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି।

ଅପରପକ୍ଷରେ ବିବାହ ଏକ କାହାଣୀ, ବଧୂର ଅତି ପ୍ରିୟ ବିରାସତ, ବରର ଆଭୂଷଣ ଏବଂ ପରିବାରର ସମ୍ପତ୍ତି, ଯାହା ପିଢ଼ି ପରେ ପିଢ଼ିଙ୍କୁ ଯୋଡ଼ିଥାଏ। ପ୍ରତି ପିସ୍ ଗହଣା ଏକ ଦମ୍ପତିଙ୍କ ଯାତ୍ରାର ଅଂଶ ବିଶେଷ ପାଲଟିଥାଏ,ସେମାନଙ୍କ ପ୍ରତିଜ୍ଞା ତଥା ସେମାନେ ଏକତ୍ର ତିଆରି କରିଥିବା ସ୍ମୃତିଗୁଡ଼ିକର ଏହା ମୂକସାକ୍ଷୀ ହୋଇଥାଏ। ଏହି ବିବାହ ଋତୁରେ ଚାନ୍ଦି ଭଣ୍ଡାରର ନୂତନ କ୍ୟାମ୍ପେନ 'ୱେଡିଂ ଷ୍ଟୋରିଜ୍ ବାୟ ଚାନ୍ଦି ଭଣ୍ଡାର' ଜରିଆରେ ଉକ୍ତ ସ୍ୱତନ୍ତ୍ର ସଂଯୋଗଗୁଡ଼ିକୁ ପାଳନ କରୁଛି। ନିଜ ଯାତ୍ରାରେ ଚାନ୍ଦି ଭଣ୍ଡାରକୁ ସାମିଲ କରିଥିବା ବାସ୍ତବ ଦମ୍ପତିମାନଙ୍କୁ ନେଇ ଏହି କ୍ୟାମ୍ପେନ ପ୍ରସ୍ତୁତ ହୋଇଛି। ୱେଡିଂ ଷ୍ଟୋରିଜ୍ ମାଧ୍ୟମରେ ଚାନ୍ଦି ଭଣ୍ଡାର ଉକ୍ତ ମୁହୂର୍ତ୍ତକୁ ପାଳନ କରୁଛି,ଯାହାକି ବିବାହକୁ ପରିଭାଷିତ କରିଥାଏ। ଏହି ଅବସରରେ ଷ୍ଟୋର ପକ୍ଷରୁ ରୁପା ଗହଣା ଏବଂ ଆର୍ଟିଫାକ୍ଟର ଅନନ୍ୟ କଲେକ୍ସନ ଉପଲବ୍ଧ ରହିଛି।

ଏ ସମ୍ପର୍କରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍ସା ହଂସ କହିଥିଲେ, ଆମର ସମସ୍ତ ଗହଣା ନିଜ ନିଜ କାଳଜୟୀ ଡିଜାଇନ ସହ ପ୍ରତି ବିବାହର ପ୍ରେମ, ପରମ୍ପରା ଏବଂ ସୌନ୍ଦର୍ଯ୍ୟକୁ ପ୍ରତିଫଳିତ କରିଥାଏ। ଏପରିକି ପିଢ଼ି ପରେ ପିଢି ସ୍ମୃତି ସାଇତି ରଖିବା ପାଇଁ ଆମ ଗହଣା ସର୍ବୋତ୍କୃଷ୍ଟ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ସେହିଭଳି ଚଳିତ ବିବାହ ଋତୁକୁ ପାଳନ କରିବାକୁ ଯାଇ ଚାନ୍ଦି ଭଣ୍ଡାର ଏକ ସୀମିତ ସମୟ ଅଫରର ଶୁଭାରମ୍ଭ କରିଛି। ଏହି ଅଫର ୨୦୨୪ ନଭେମ୍ବର ୧୫ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ସମସ୍ତ ଚାନ୍ଦି ଭଣ୍ଡାର ଷ୍ଟୋରରେ ଉପଲବ୍ଧ। ଏପରିକି ଏହା ଜରିଆରେ ଗ୍ରାହକ ଆମର ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଗହଣା ଏବଂ କଳାକୃତିର ଗଢ଼ା ମଜୁରିରେ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ।

ଏହି ଅଭିଯାନ ସହିତ ଆମେ ସେହି ସଂଯୋଗ ଏବଂ ପ୍ରକୃତ ଦମ୍ପତିଙ୍କ ପ୍ରାମାଣିକ ସୌନ୍ଦର୍ଯ୍ୟକୁ ପାଳନ କରିବାକୁ ଲକ୍ଷ୍ୟ ରଖିଛୁ। ଏହା ମାଧ୍ୟମରେ ପ୍ରକୃତ ଉଦ୍ଦେଶ୍ୟ ହେଉଛି, ଚାନ୍ଦି ଭଣ୍ଡାରକୁ ନିଜ ଅର୍ଥପୂର୍ଣ୍ଣ ସେଲିବ୍ରେଶନରେ ସାମିଲ କରିଥିବା ବହୁ ମୂଲ୍ୟବାନ୍ ଗ୍ରାହକଙ୍କୁ କୃତଜ୍ଞତା ଜଣାଇବା। ଆମ ଅଳଙ୍କାର ଶୋଭାଠାରୁ ଅଧିକ-ଏହା ପରମ୍ପରାର ଏକ ଅଂଶ, ପ୍ରେମର ଅଭିବ୍ୟକ୍ତି ଏବଂ ଆମ ଗ୍ରାହକଙ୍କ ବିବାହ କାହାଣୀର ଏକ ଅଂଶ।

# ବଜାରରେ ରେ-ବ୍ୟାନ୍‌ର ଚେଞ୍ଜ ମଡେଲ୍

ନୂଆଦିଲ୍ଲୀ,୧୫।୧୧

ଦେଶର ପ୍ରମୁଖ ଆଇ ୱେର ବ୍ରାଣ୍ଡ ତଥା ରେ-ବ୍ୟାନ୍‌ର ନୂତନ ଉତ୍ପାଦ 'ଚେଞ୍ଜ' (ଚେଞ୍ଜ ଯାହା ଟ୍ରାଞ୍ଜିସନ୍ସ ଦ୍ୱାରା ସମୃଦ୍ଧ)ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ରେ-ବ୍ୟାନ୍ ଫ୍ରେମଗୁଡ଼ିକ ଆଶାତୀତ ଆକର୍ଷଣ ପ୍ରଦାନ କରୁଥିବାବେଳେ ଆଲୋକର ରଙ୍ଗ ସହ ଏହା ପରିବର୍ତ୍ତିତ ହୋଇଥାଏ, ଯାହା ଅତ୍ୟାଧୁନିକ ଡିଜାଇନ ସହ ନିର୍ମିତ ହୋଇଛି। ଏହି ଶୁଭାରମ୍ଭ ଅବସରରେ ଏକ ହାଲୁକା ପ୍ରତିକ୍ରିୟାଶୀଳ ଫ୍ରେମ୍ ଟ୍ରାଞ୍ଜିସନ୍ସ ଦ୍ୱାରା ଏହା ବଜାରକୁ ଆସିଯାଇଛି। ରେ-ବ୍ୟାନ୍‌ର ଏହି ଫ୍ରେମ ଆଲୋକ ଉପରେ ନିର୍ଭର ସହ ଶୈଳୀ ଅନୁସାରେ ନିର୍ମିତ ହୋଇଛି, ଯାହା ୟୁଭି ବିକିରଣ ସଂସ୍ପର୍ଶରେ ଆସିଲାବେଳେ ଫ୍ରେମ୍‌ଗୁଡ଼ିକ ସେହି ଅନୁସାରେ ରଙ୍ଗ ପରିବର୍ତ୍ତନ କରିଥାଏ। ଏପରିକି ଏହା ଏକ ସ୍ୱତନ୍ତ୍ର ଲୁକ୍ ପ୍ରଦାନ ସହ ଘର ଓ ବାହାର ମଧ୍ୟରେ ପରିବର୍ତ୍ତନର ଅନୁଭବ ପ୍ରଦାନ କରିଥାଏ। ଏ ସମ୍ପର୍କରେ ଏସିଲୋର ଲକ୍ସୋଟିକାର ସିଏମ୍‌ଓ ଫ୍ରେଡିରିକ ବୁଫା କହିଛନ୍ତି, ଆମେ ଆମର ନୂତନ ଉତ୍ପାଦକୁ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏକ ଗତିଶୀଳ ଉତ୍ପାଦକୁ ନେଇ ଆମେ ଏକୀଭୂତ ହେବା ଲାଗି ଏହାର ଲେନ୍ସ, ଟ୍ରାନ୍ସସାଇନ୍ସ ଓ ଫ୍ରେମ୍‌ରେ ଥିବା ବ୍ରାଣ୍ଡ ଗୁଣବତ୍ତାକୁ ନେଇଛୁ। ରେ-ବ୍ୟାନ୍ ତା'ର ନୂତନତା ଧାରା ଜାରି ରଖିଛି। ଏହା ସବୁବେଳେ ତା'ର ଡିଜାଇନରେ ଅଭିନବତା ସହ ପ୍ରତିକ୍ରିୟାଶୀଳ ଫ୍ରେମ୍ ମାଧ୍ୟମରେ ଚକ୍ଷୁ ପାଇଁ ଉପଯୁକ୍ତ ଉପାୟ ସୃଷ୍ଟି କରିଛି ବୋଲି ସେ ମତପ୍ରକାଶ କରିଛନ୍ତି।

# ନିଜ ବାଟରେ ନିଜେ

ସଂକ୍ରାନ୍ତି ପଶୁ ପଶୁ ଏ ଝଡ଼ି। କାର୍ତ୍ତିକ ମାସଟାକୁ ନିସ୍ତାର ନାହିଁ। ଥରେ ନୁହେଁ, ଏକାଧିକ ଥର ମଧ୍ୟ ଝଡ଼ିବର୍ଷା ଘାରିପକାଏ ଏ ମାସଟାକୁ। ଚାଷୀର ଭେଳା ବୁଡ଼େ। ଧାନକେଣ୍ଡାରେ ଅସହାୟତା ବାରି ହୋଇଯାଏ ଯେତେବେଳେ ଦରଖଣ୍ଡିଆ ଧାନଶିଶା ବେକ ଭାଙ୍ଗି ତଳମୁହାଁ ହୋଇଯାଆନ୍ତି।

ସବୁଠି ଜମାଟ ବାନ୍ଧିଛି ଅସହାୟଭାବ। ତମସା ଝର୍କାଖୋଲି ଦୃଷ୍ଟି ପ୍ରସାରିତ କଲା। ଆକାଶର ନୀଳ ଛାତି ଫୁଲେଇ ଆକୃଷ୍ଟ କରିବା ଢଙ୍ଗରେ ନାହାନ୍ତି। ମ୍ରିୟମାଣ ସମସ୍ତେ। ପ୍ରାସାଦକୁ ଘେରିଥିବା ପାଚେରି ଆରପାଖେ ଧାନବିଲ। କେନାଲ। କାଶତଣ୍ଡୀ ସଗର୍ବରେ ମୁଣ୍ଡ ହଲେଇ ଦୋହଲୁଛି ପବନକୁ ସାହାରା କରି। ତମସା କିନ୍ତୁ ନିଜେ ନିଜକୁ ବେସାହାରା ଭାବୁଛି।

**ଗଳ୍ପ**

**ଝରଣା ପଟ୍ଟନାୟକ**



ଏଠି କିଛି ଠିକ୍ ନାହିଁ। ଦୁଇଦିନ ହେଲାଣି ଶାଶୁ କ'ଣ ଗୋଟେ କହିବାକୁ ଚାହୁଁଛନ୍ତି। କହିଥିଲେ ସକାଳୁ ରେଡି ହେବା ପାଇଁ।

ଦୀର୍ଘଶ୍ୱାସଟିଏ ଛାଡ଼ି ତମସା ଦୁଆର ଖୋଲିଲା। ଶାଶୁ ଛିଡ଼ା ହୋଇଛନ୍ତି ପିଣ୍ଡାରେ। ହାତରେ ଭ୍ୟାନିଟି ବ୍ୟାଗ୍। ମୁହଁରୁ ଜଣାପଡୁଛି କୁଆଡ଼େ ଗୋଟେ ଯିବାକୁ ବାହାରିଛନ୍ତି। କହିଲେ, "ରେଡି ହୋଇନୁ? ତତେ ପରା କହିଥିଲି ଆଜି ଦିନ ଦଶଟା ସୁଦ୍ଧା ତହସିଲ ଅଫିସ୍‌ରେ ପହଞ୍ଚିବାକୁ ହେବ ବୋଲି? ଆଉ ମାତ୍ର ତିନିଦିନ ବାକି ରହିଲା ରେଜିଷ୍ଟ୍ରେଶନ।"

ତମସା ପଚାରିଲା, "ରେଜିଷ୍ଟ୍ରେଶନ? କ'ଣ ପାଇଁ? ଚାରିଦିନ ପାଇଁ ବନ୍ଦ ଥିଲା ସ୍କୁଲ୍। ଆସନ୍ତାକାଲି ଯେମିତି ହେଲେ ସ୍କୁଲରେ ପହଞ୍ଚିବାକୁ ହେବ। ଗାଡ଼ିମଟର ମିଳିବ କି ନାହିଁ କେଜାଣି! ମୁଁ ଏଇ ସକାଳୁ ସକାଳୁ ପଳେଇବି।"

'ତୁ ଯାଇପାରିବୁନି ଘରଛାଡ଼ି।' ଶାଶୁଙ୍କ ସ୍ୱରରେ ଦୃଢ଼ପଣ। ମାନେ? 'ଚାକିରି କଲା ଲୋକଟା ଚାକିରି ଜାଗାକୁ ଯିବନି?' କହିଲା ତମସା।

ନା! ଏଥର ତୁ ହବିଷ କରିବୁ। କହିଲେ ଶାଶୁ। ମାସେ ପୁରୀରେ ରହିବୁ।

କାହିଁକି? ପଚାରିଲା ତମସା।

'କାହିଁକି', ଏଇଟା ପରା ବିଧବା ବ୍ରତ! ଜାଣିନୁ କି? ସେଇଥିଲାଗି ତ ସରକାର ପୁରୀରେ ହବିଷିଆଳିଙ୍କ ପାଇଁ ଏତେସବୁ ବ୍ୟବସ୍ଥା କରିଛନ୍ତି। ମୁଁ କହୁଛି, ହବିଷ କରିବା ଆରମ୍ଭ କର। ସ୍ତ୍ରୀ ଧର୍ମ ପାଳନ କର।

ଏଯାଏଁ ବୁଝିବା ଅସହଜ ଥିଲା କଥାଗୁଡ଼ା। ଆଜି ଶାଶୁଙ୍କର ଇଙ୍ଗିତପୂର୍ଣ୍ଣ କଥାରୁ ସେ ବୁଝୁଛି ସ୍ୱାମୀ ଚାଲିଗଲା ପରେ ସ୍ତ୍ରୀଟିର ଜୀବନ କେତେ ହିନିମାନିଆ। ଶୁଭ କାମରେ ସାତଜଣ ଅହ୍ୟଙ୍କ ସହିତ ଛିଡ଼ା ହେବାକୁ ମନା ତାକୁ। ଶାଶୁ ପ୍ରଥମରୁ କହିଦିଅନ୍ତି, "ତାଙ୍କ ଘରର ବଡ଼ ମୁଗଜାଇ ଅନୁକୂଳକୁ ତୁ ଯିବୁନି ତମସା।"

ଶାଶୁ ବେଶପଟା ହୋଇ ବାହାରି ଯାଆନ୍ତି। ତମସା ଚାହିଁଥାଏ। ଜୀବନ ଦୁର୍ବିଷହ। ଲୋକାଚାରକୁ ପ୍ରାଧାନ୍ୟ ଦେଉଥିବା ସମାଜରେ ସମ୍ଭାବନା ରହିତ ତା'ର ଜୀବନ। ବିଚ୍ଛିନ୍ନ ସେ ସବୁଥିରୁ, ଝଡ଼ ପରେ ମାଟିରୁ ଗଛ ବିଚ୍ଛିନ୍ନ ହେଲାପରି।

ତମସାର ସ୍ୱାମୀ ଲ୍ୟୁଟ୍‌ନାଣ୍ଟ ଜୟନ୍ତ ମିଶ୍ର ଦେଶ ପାଇଁ ଉତ୍ସର୍ଗୀକୃତ ଥିଲେ। କାମ କରୁଥିଲେ ବର୍ଡରରେ। ସବୁ ଠିକ୍ ଥିଲା। ଆଦବକାଇଦା ସହ ବଞ୍ଚିବାର ଜୀବନ ସ୍ଥିର କରିଥିଲେ। ବିବାହ ପରେ ପାଞ୍ଚବର୍ଷ ଉପଭୋଗ କରିବେ ଜୀବନ। ସନ୍ତାନ ଜନ୍ମକୁ 'ନା' ଥିଲା। ଆରପାରିକୁ ଯୁଦ୍ଧରତ ଜୟନ୍ତ ଚାଲିଗଲେ। ହଜିଗଲା ସବୁକିଛି। ବିଭକ୍ତ ହେଲା ତମସାର ଜୀବନ। ଫେରିଆସିଲା ଭୁବନେଶ୍ୱର। ଯୁଆଡ଼େ ଚାହିଁଲା ଦେଖିଲା କେବଳ ଧୂସର ମାଟି। ଆଶ୍ୱାସନାବିହୀନ। ବିଦୀର୍ଣ୍ଣ ଆକାଶ। ଶାଶୁଙ୍କର କାନ୍ଦ କାନ୍ଦ ମୁହଁ। ହସଶୂନ୍ୟ ଶ୍ୱଶୁରଙ୍କ ମୁହଁ। ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶ।

ତମସାର ଶିକ୍ଷାଗତ ଯୋଗ୍ୟତା ଥିଲା। ସହରଠାରୁ ଅନତିଦୂରରେ ଗୋଟେ ଇଂଲିଶ୍ ମିଡିୟମ୍ ସ୍କୁଲରେ ଚାକିରି ଆରମ୍ଭ କଲା ତମସା।

ଏବେ ଶାଶୁଙ୍କର ନୂଆନୂଆ ଜୁଲମ ତା' ଉପରେ। ସବୁକିଛି ଛିନ୍‌ଛତର ହୋଇଗଲା ପରେ ଯନ୍ତ୍ରଣାରହିତ ସକାଳଟିଏକୁ ଆଶା କରିବା ତ ସ୍ୱାଭାବିକ! ମାତ୍ର ସେ ପ୍ରତୀକ୍ଷିତ ସୂର୍ଯ୍ୟକିରଣ କାହିଁ?

ହବିଷ! ପୁରୀରେ ସରକାରଙ୍କର ଛତ୍ରଛାୟା ତଳେ ରହି ନିତି ଦି' ମୁଠା ମାଗଣା ଭୋଜନ ପାଇବ, ମନ୍ଦିର ଦର୍ଶନ କରିବ, ଏଇଆ ତ? ନା ଆଉ କିଛି?

ତମସାର ମୁହଁରେ ଅବଜ୍ଞାର ଭାବ ସ୍ପଷ୍ଟ ହେଉଥିଲା। ଶାଶୁ ଚେୟାରରେ ବସି ତମସାକୁ ଚାହିଁ କହୁଥିଲେ ସବୁ ସୁବିଧା ସେଠି। ଗାଧୋଇବା ପାଇଁ ଗରମ ପାଣି, ଦୁଇଜଣିଆ ରୁମ୍‌ରେ ଅଲଗା ଅଲଗା ଖଟ, ସମୁଦ୍ର ବାଲିରେ ଯାଇ ରାଧାଦାମୋଦର ପୂଜା କରିବା ପାଇଁ ସ୍ୱତନ୍ତ୍ର ଯାନର ବ୍ୟବସ୍ଥା। ସବୁ ସୁବିଧା ସରକାର କରିଛନ୍ତି।

ଟେକାଟିଏ ପଡ଼ିଗଲା ଯେମିତି ତମସାର ଭାବନା ଉପରେ। ସ୍ୱାଧୀନ ଭାବରେ ଜୀବନ ବିତେଇବା ପାଇଁ ଚାକିରିରେ ପଶିଲା ସେ। କାହିଁକି ଯିବ ସେ ପୁରୀ! ଏବେ ସେ ଆତ୍ମନିର୍ଭରଶୀଳ। ସେ ହବିଷ କରିବ ନାହିଁ। ସଂକୁଚିତ ହୋଇ ରହିବ ନାହିଁ ବୁଢ଼ୀହାଡ଼ିଙ୍କ ସାଙ୍ଗରେ। ପ୍ରତିଶ୍ରୁତିବଦ୍ଧ ତା' ଜୀବନ। ନୂତନ ସୂର୍ଯ୍ୟୋଦୟ ପାଇଁ ଅପେକ୍ଷାରତା ସେ। କମ୍ପିଟେଟିଭ୍ ଦେବ। ବଡ଼ ଚାକିରି କରିବ।

ତମସାର ହାବଭାବକୁ ଲକ୍ଷ୍ୟକରି ଶ୍ୱଶୁରଙ୍କର ରକ୍ଷଣଶୀଳ ମନୋବୃତ୍ତିର ତୀବ୍ର ପରିପ୍ରକାଶ ହେଲା ତାଙ୍କ ଶବ୍ଦରେ। ବସିବା ଜାଗାରୁ ଉଠିପଡ଼ି କହିଲେ, "ଏତେବେଳଯାଏଁ ଚୁପ୍ ହୋଇ ଠିଆହୋଇଛୁ କ'ଣ? ତୁ ଅଲବତ୍ ହବିଷ କରିବୁ। ପୁରୀ ତତେ ଯିବାକୁ ହେବ ପହିଲୁ ବ୍ରତ କରିବା ପାଇଁ।"

କୁଆଡ଼େ ଥିଲା କେଜାଣି ସେ ପବନ, ସୁ ସୁ ହୋଇ ମାଡ଼ିଆସିଲା। ଆକାଶର ନୀଳଛାଇକୁ ଢାଙ୍କି ପକେଇଲା କଳାହାଣ୍ଡିଆ ମେଘ। ସମ୍ପର୍କ ଛିନ୍‌ଭିନ୍ ହେବାପରି ଲାଗିଲା। ଏଇଗଲା ଦେଢ଼ବର୍ଷ ଭିତରେ କେବେ ଶୁଣି ନ ଥିବା କଟୁ ସ୍ୱର ତମସାର ଜୀବନ ପାଇଁ ଝଣ୍‌ଝଣ୍ ଶବ୍ଦ କରୁଥିବା ତୀକ୍ଷ୍ଣ ଛୁରି ସାଜିଲା।

ଏକଲା ହୋଇଗଲା ପରେ ଆଗାମୀ ଜୀବନକୁ ସାଇତି, ସଜାଡ଼ି ରଖିବା ପାଇଁ ତା'ର ପ୍ରଚେଷ୍ଟା ମାଟିକାମୁଡ଼ି ଚେତା ଯେ ଶୂନ୍ୟହେବ ସେ କଥା ସେ ସହ୍ୟ କରିପାରିବ ନାହିଁ।

ତମସା ସୁନାବୋହୂ ହୋଇ ରହିବାର ଇଚ୍ଛାକୁ ଧକ୍କା ଦେଇ କାଢ଼ିଦେଲା। ନିଜର ଜୀବନ ଜୀବିକା ପାଇଁ ମୁଠେଇ ଧରିଥିବା ସ୍କୁଲ୍‌ର ଛାତ୍ରୀଛାତ୍ରଙ୍କୁ ସେ କୋଉ ଆଳ ଦେଖେଇ ପଢ଼ିବାରୁ ବଞ୍ଚିତ କରିବ? ତମସା ଶ୍ୱଶୁରଙ୍କର ଗର୍ଜନକୁ ଡରିଲା ନାହିଁ। କହିଲା; ବାପା! ମୁଁ ହବିଷିଆଳିଙ୍କ ତାଲିକାରେ ନାଁ ରଖିବି ନାହିଁ। ମୋର ଦୋଷ କ'ଣ? ଦେଖୁଛି ଦିନକୁ ଦିନ ଆପଣମାନେ କଠୋର ହେଉଛନ୍ତି। ମୁଁ ଘର ଛାଡ଼ିବି।

କିଛି ସମୟ ଅତିକ୍ରାନ୍ତ ହୋଇଗଲା। କାନ୍ଥକୁ ଆଉଜି ଛିଡ଼ା ହୋଇଥିଲେ ତମସାର ଶାଶୁ। କ୍ରୋଧର ଭାର ସମ୍ଭାଳି ନ ପାରି ଓଗାଳି ଦେଲେ ବେହିସାବୀ ଶବ୍ଦ। କହିଲେ, ତୁଟା ଗଲୁ ଘରୁ! ସକାଳ ପାଇଲେ ଦେଖିବାକୁ ପଡୁଛି ତୋ ଅଲକ୍ଷଣୀ ମୁହଁଟା।

ଶ୍ୱଶୁର କହିଲେ; ଯିବୁ ଯଦି ଘରଛାଡ଼ି ଚାଲିଯା'। ତୋ' ହାତରେ ପାଞ୍ଚପୁରୁଷ ପାଣି ପାଇବେନି। କୋଉ କାଳବେଳାରେ ଜନ୍ମ ହୋଇଥିଲୁ ମୋ' ପୁଅକୁ ଅନ୍ତର କରିଦେଲୁ ସବୁଦିନ ପାଇଁ।

ତମସା ଉଚ୍ଚାଟିତ। କହିଲା– ମୁଁ ତ ହତ୍ୟା କରିନାହିଁ ଆପଣଙ୍କ ପୁଅକୁ। ପ୍ରାୟଶ୍ଚିତ୍ତ କାହିଁକି କରିବି। କାହିଁକି ଗୁହାରି କରିବି ଜଗନ୍ନାଥଙ୍କୁ ମୋ' ନିଜ କଥା। ଭୁଲ୍ କରିନି। 'ଠାକୁରେ ଦୋଷ କ୍ଷମା କର' ବୋଲି କାହିଁକି କହିବି? କାହିଁକି ପୁରୀରେ ହବିଷିଆଳି ଶିବିରରେ ରହିବି?

ଘର ଭିତରେ ପଶି ବ୍ୟାଗ୍ ସଜାଡ଼ିଲା ବେଳେ ପଶୁଥିଲା ହାବୁକା ହାବୁକା ପବନ ଝର୍କାବାଟେ। ବାତ୍ୟା ପରବର୍ତ୍ତୀ ଧରିତ୍ରୀର ଛାତି ଉପରେ ମୁହଁମାଡ଼ି, ଆଣ୍ଠେଇ ପଡ଼ି ବିକଳ ମୁହଁ ଦେଖାଉଛନ୍ତି ବୃକ୍ଷଲତା। ପବନର ସ୍ୱରରେ ଆକୁଳତା। ବ୍ୟାକୁଳତାର ସ୍ୱରଟେ ଘୂରିବୁଲୁଛି ସବୁଆଡ଼େ। ଜୟନ୍ତ ଛୁଇଁଥିବା, ଜୟନ୍ତ ବ୍ୟବହାର କରିଥିବା ବସ୍ତୁମାନେ ବିଳାପ କରୁଛନ୍ତି ଯେମିତି।

ତମସାର ଛାତି ଭାରି ଲାଗିଲା। କାନ୍ଥରୁ ତା'ର ଆଉ ଜୟନ୍ତଙ୍କର ବିବାହ ବେଳର ଫଟୋଟି କାଢ଼ି ବ୍ୟାଗ୍‌ରେ ରଖିବାବେଳେ ଜୟନ୍ତଙ୍କ କଥା ମନେପଡ଼ିଲା ତମସାର। ବିପୁଳାଚ ଏ ପୃଥ୍ୱୀରେ ସମସ୍ତଙ୍କର ଅଧିକାର ଅଛି ଜୀବନ ବଞ୍ଚିବା ପାଇଁ। ନିଜ ବାଟରେ ନିଜ ପାଇଁ ନିଜେ ସାମର୍ଥ୍ୟ ଜୁଟାଅ କିଛି କରିବା ପାଇଁ।

ଦୁଆରଖୋଲିଆଗକୁପାଦବଢ଼େଇଲା ତମସା। ଅନେଇଲା ନାହିଁ ପଛକୁ।

ମୋ: ୯୪୩୭୫୪୪୦୪୫

# ହାତ

**ପ୍ରଭଞ୍ଜନ ଦାଶ**

**ମିନିଗଳ୍ପ**

ଷ୍ଟେଶନ୍‌ର କୋଳାହଳ ଭିତରେ ବାଟ କାଢ଼ି ଆଗକୁ ବଢ଼ିବା ଖୁବ୍ କଷ୍ଟକର ଥିଲା। ପାଦକୁ ପାଦ ଛନ୍ଦି ହୋଇ ପଡୁଥିଲା। ସ୍ୱଳ୍ପ ଦୂରତାକୁ ଆଡ଼େଇ ଆଗେଇବା ଛଡ଼ା ଅନ୍ୟ କିଛି ଉପାୟ ନ ଥିଲା ମୋର। ଗହଳି ଭିତରେ ବ୍ୟସ୍ତ ହୋଇ ପଡୁଥିବାବେଳେ ହଠାତ୍ କାହା ହାତର ନରମ ଉଷ୍ମତାକୁ ଅନୁଭବ କରି ମୁଁ ବୁଲି ଚାହିଁଲି। ଛୋଟ ପିଲାଟିଏ ଭିଡ଼ ଭିତରେ ମୋ' ପାପୁଲିକୁ ମୁଠେଇ ଧରିଛି। ମୋ' ଚାଲିବାକୁ ଅନୁକରଣ କରି ଆଗେଇ ଚାଲୁଛି। ସେ କିଏ? ଏଠି କାହିଁକି? ପ୍ରଶ୍ନର ଲହଡ଼ି ଉଙ୍କି ମାରୁଥିଲା ମନରେ। କିନ୍ତୁ ପଚାରିବା ସମ୍ଭବ ନ ଥିଲା। ଭିଡ଼ ଭିତରେ କିଛି ବାଟ ଆସିବା ପରେ ହଠାତ୍ ସେ ହାତ ଛାଡ଼ିଦେଲା। ମୁଁ ପଛକୁ ବୁଲି ଚାହିଁଲି। ଦଉଡ଼ି ଯାଇ ସେ ଜାବୁଡ଼ି ଧରିଲା ଜଣେ ଅସହାୟା ବିଧବା ମହିଳାଙ୍କୁ। ମମତାଠୁ ଅଧିକ କ'ଣ ବା ପରିଚୟ ହୋଇପାରେ! ଦୁହିଁଙ୍କ ମୁହଁରେ ଖୁସିର ଲହଡ଼ି। ଟିକେ ନିରେଖି ଦେଖିଲି ମୋ' ପାପୁଲିକୁ, ମଇଳା ଦାଗଟେ ଲାଗିଛି। ସତେ ଯେମିତି ସେ ଆଗରୁ ମାଟିରେ ଝୁଣ୍ଟି ପଡ଼ିଛି। ନିଜେ ଉଠିପଡ଼ି ପୁଣି ଚାଲୁଛି। ମୁଁ ବି ପିଲାଦିନେ ଅନେକ ଝୁଣ୍ଟିଛି। ହେଲେ ଆଗରୁ ବାପାଙ୍କ ହାତ ମତେ ଭିଡ଼ି ଧରିଛି। ବାପାଙ୍କ ହାତ ସିନା ଚାଲିବା ଶିଖେଇଛି, କିନ୍ତୁ ଜୀବନ ରାସ୍ତାରେ ଚାଲୁଚାଲୁ ଅନେକ ଅଜଣା ହାତ ବି ଏମିତି ବାଟ କଢ଼େଇ ନେଇଛି।

ମୋ: ୭୩୨୬୯୫୯୯୯୫



**କାଳକାଳକୁ**

"ବହିଠୁଁ ଅଧିକ ରହସ୍ୟମୟ ଓ ମେଘଠୁଁ ଅଧିକ ଚଳନଶୀଳ ମଣିଷର ମନ।"
– ଲୁଇସା ମେ ଆଲ୍‌କଟ



**ଲୁଇସା ମେ ଆଲ୍‌କଟ**ଙ୍କ ଜନ୍ମ ୨୯ ନଭେମ୍ବର ୧୮୩୨ରେ ଆମେରିକାର ପେନ୍‌ସିଲଭାନିଆରେ ଓ ପରଲୋକ ୬ ମାର୍ଚ୍ଚ ୧୮୮୮ରେ ବୋଷ୍ଟନ୍‌ରେ। ତାଙ୍କ ଲିଖିତ ପୁସ୍ତକଗୁଡ଼ିକ ମଧ୍ୟରେ 'ଲିଟିଲ୍ ଓମେନ୍' (୧୮୬୮) ସବୁଠୁଁ ପଠିତ ଓ ଚର୍ଚ୍ଚିତ। ଏହି ଉପନ୍ୟାସର ପରବର୍ତ୍ତୀ ଭାଗଗୁଡ଼ିକ ହେଉଛି 'ଗୁଡ୍ ୱାଇଭ୍‌ସ' (୧୮୬୯), 'ଲିଟିଲ୍ ମେନ୍' (୧୮୭୧) ଓ 'ଜୋ'ସ୍ ବଏଜ୍' (୧୮୮୬)। ଆମେରିକାର ଗୃହଯୁଦ୍ଧ ସମୟରେ ଜଣେ ନର୍ସ ଭାବେ କାର୍ଯ୍ୟରତା ଏହି ଲେଖିକା ତାଙ୍କ ଅଭିଜ୍ଞତାର ଆଧାରରେ ଲେଖିଛନ୍ତି ତାଙ୍କର ଅନ୍ୟତମ ବହୁଆଦୃତ ପୁସ୍ତକ 'ହସ୍‌ପିଟାଲ, ସ୍କେଚେସ୍'। 'ଲିଟିଲ୍ ଓମେନ୍' ହେଉଛି ନିଜର ତିନି ଭଉଣୀଙ୍କ ସହ ଲେଖିକା ବିତାଇଥିବା ତାଙ୍କ ବାଲ୍ୟଜୀବନର ଅନୁଭୂତି ବୟାନ।

## ପୁସ୍ତକ ପରିଚୟ

### ଆମ ସଂସ୍କୃତିର ଉଭାଧନ: ପୋତାଧନ

**ଲେଖିକା:** ଡ. ଜୟନ୍ତୀ ରଥ
**ପ୍ରକାଶକ:** ବିଦ୍ୟା ପବ୍ଲିଶିଙ୍ଗ୍, ଟରୋଣ୍ଟୋ, କାନାଡ଼ା
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୫୦୦/–



ପାଖାପାଖି ୪୦୦ ପୃଷ୍ଠା ସମ୍ବଳିତ ଆଲୋଚ୍ୟ ନିବନ୍ଧଗ୍ରନ୍ଥରେ ମୋଟ ୪୫ଟି ନିବନ୍ଧ ସ୍ଥାନିତ ହୋଇଛି। ଏଥିରେ ଚର୍ଚ୍ଚିତ ବିଷୟଗୁଡ଼ିକ ବିବିଧ। ଓଡ଼ିଶାର ନୃତ୍ୟକଳା, ମନ୍ଦିର ସ୍ଥାପତ୍ୟ, ପଟ୍ଟଚିତ୍ର, ସହିଦ–ସ୍ମରଣ, ସାହିତ୍ୟ, ସଂସ୍କୃତି, ଧର୍ମ, ନୌବାଣିଜ୍ୟ, ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ଆଦିବାସୀ ଜନଜୀବନର ବିଶ୍ଳେଷଣ କଲାବେଳେ ଲେଖିକା ବିଶେଷଭାବେ ଐତିହାସିକ ତଥ୍ୟନିଷ୍ଠ। ଡ. ସଂଘମିତ୍ରା ମିଶ୍ର 'ମୁଖବନ୍ଧ'ରେ ଲେଖିଛନ୍ତି: "ଜଣେ ସଚେତନ ଶିଳ୍ପୀ ସମଗ୍ର ଜୀବନ ରାଜ୍ୟ ସଂଗ୍ରହାଳୟ ପରିସରରେ ଆମେ ଭୁଲିଯାଇଥିବା 'ପୋତାଧନ'କୁ ନେଇ ଇତିହାସର ତଥ୍ୟକୁ ଅବଲୋକନ କରିଛନ୍ତି। ସର୍ଜନଶୀଳ ଲେଖିକା ଜୟନ୍ତୀ ରଥଙ୍କ ଗଳ୍ପଗୁଡ଼ିକରେ ଏହି ଇତିହାସର ଛିଟା ପାଠକକୁ ମୁଗ୍ଧ କରେ। ସେହି ଗଭୀର ମନନଶୀଳତାର ସାର୍ଥକ ଇସ୍ତାହାର ଏହି ପୁସ୍ତକ।" ରାଜ୍ୟ ସଂଗ୍ରହାଳୟରେ ବୃତ୍ତିନିବଦ୍ଧ ଥିବାବେଳେ ଅବସର ସମୟର ସଦ୍‌ବ୍ୟବହାର କରି ଲେଖିକା ଏହି ଯେଉଁ ପ୍ରବନ୍ଧଗୁଡ଼ିକ ରଚନା କରିଛନ୍ତି, ଏଥିରେ ଏପରି ତଥ୍ୟ ଓ ଜ୍ଞାତବ୍ୟ ବିଷୟ ରହିଛି, ଯଦ୍ୱାରା ଗବେଷକ ଓ ଛାତ୍ରୀଛାତ୍ରଙ୍କଠୁଁ ଆରମ୍ଭକରି ସାଧାରଣ ପାଠିକାପାଠକଙ୍କ ଯାଏଁ ଲାଭବାନ୍ ହେବାର ପ୍ରଶସ୍ତ ଅବକାଶ ରହିଛି। ବିଶେଷକରି ଓଡ଼ିଶାର ମନ୍ଦିର ସ୍ଥାପତ୍ୟକୁ ବିଭିନ୍ନ ରାଣୀଙ୍କର ଅବଦାନ ବିଷୟ ଗ୍ରନ୍ଥରେ ଯେପରି ବିବୃତ ହୋଇଛି, ତାହା ଯେତିକି ଜ୍ଞାନବର୍ଦ୍ଧକ, ତତୋଽଧିକ ପାଠ୍ୟାନନ୍ଦ ପ୍ରଦାନରେ ଯେ ସହାୟକ, ଏଥିରେ ସନ୍ଦେହ ନାହିଁ। ଆଶା, ପୁସ୍ତକଟି ଯେକୌଣସି ପାଠାଗାର, ଅନୁଷ୍ଠାନ ଓ ସର୍ବୋପରି ବ୍ୟକ୍ତିଗତ ସଂଚୟର ବିରଳ ବାଣୀବିଭବ ହୋଇ ରହିବ।

### ଭକ୍ତର ଭଗବାନ

**ଲେଖକ:** ଶ୍ରୀ ରଘୁନାଥ ଜେନା
**ପ୍ରକାଶକ:** ଦିବ୍ୟଦୂତ ପ୍ରକାଶନୀ, ରାଜାବଗିଚା, କଟକ–୯
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୨୦/–



ଆଲୋଚ୍ୟ ପୁସ୍ତକଟି ବହୁଶ୍ରୁତ ଭକ୍ତଙ୍କ ଜୀବନବୃତ୍ତକୁ ଭାଷାରେ ଉଜାଗର କରିବାର ଏକ ମହତ୍ ପ୍ରଚେଷ୍ଟା ମନେହୁଏ। ଶିଶୁଭକ୍ତ ଧ୍ରୁବଙ୍କଠୁଁ ଆରମ୍ଭକରି ଭକ୍ତ ରଘୁ ବେହେରାଙ୍କ ଯାଏଁ ମୋଟ ୨୨ଜଣ ଭକ୍ତଙ୍କର ଜୀବନବୃତ୍ତାନ୍ତ ଗ୍ରନ୍ଥଟିରେ ସ୍ଥାନ ପାଇଛି। ପ୍ରହ୍ଲାଦ, ଅଜାମିଳ, କୈବର୍ତ୍ତ, ଶ୍ରମଣା, ସୁଦାମା, ବିଦୁର, ସୁଧନ୍ୱା, ଜୟଦେବ, ତୁଳସୀ ଦାସ, ମୀରା, କରମା ବାଈ, ବିଲ୍ୱମଙ୍ଗଳ, ବଳରାମ ଦାସ, ଜଗନ୍ନାଥ ଦାସ, ଯଶୋବନ୍ତ ଦାସ, ଅଚ୍ୟୁତାନନ୍ଦ ଦାସ, ଶିଶୁ ଅନନ୍ତ ଦାସ, ଦାସିଆ, ସାଲବେଗ, ବନ୍ଧୁ ମହାନ୍ତି, ରଘୁ ଅରକ୍ଷିତଙ୍କ ଈଶ୍ୱର–ସମର୍ପିତ ଜୀବନୀକୁ ଏପରି ସୁଖପାଠ୍ୟ ଢଙ୍ଗରେ ଲେଖକ ବାଢ଼ିଦେଇଛନ୍ତି, ଯାହା ସବୁ ବର୍ଗର ପାଠିକାପାଠକଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ। ଭକ୍ତମାନଙ୍କର ଏହି ଜୀବନଗାଥାକୁ ଲେଖକ ବିଭିନ୍ନ ପୁରାଣ, ଦାର୍ଢ୍ୟତାଭକ୍ତି, ଭକ୍ତି ଚରିତାମୃତ ଭଳି ମହନୀୟ ଗ୍ରନ୍ଥରୁ ସଂଗ୍ରହ କରିଥିଲେ ବି ନିଜସ୍ୱ ପ୍ରକାଶରୀତିରେ ତାହା ମୌଳିକ ହୋଇପାରିଛି। ବହିରେ ସଂସ୍କୃତ ଓ ଓଡ଼ିଆ କାବ୍ୟିକ ଉକ୍ତିମାନଙ୍କର ସମାବେଶ ଶିକ୍ଷଣୀୟ ହୋଇଛି। ସତ୍ୟଯୁଗରୁ କଳିଯୁଗ ପର୍ଯ୍ୟନ୍ତ ସୁଦୀର୍ଘ କାଳଅବଧିରେ ଅବିସ୍ମୃତ ଭକ୍ତମାନଙ୍କ ଜୀବନର ଘଟଣାବଳୀକୁ ଗଳ୍ପୋପମ କରି ଆଲୋଚ୍ୟ ଗ୍ରନ୍ଥରେ ସନ୍ନିବେଶିତ କରାଯାଇଥିବାରୁ ଏହାର ଗରିମା ଅନନ୍ୟ।

**କବିତା**

### ପ୍ରୀତିପଦ୍ମା

**ଦୀପ୍ତି ମିଶ୍ର**

ସେଦିନ କେହି ଜଣେ ଆଙ୍କି ଦେଇଥିଲେ
ମୋର ହସକୁ ସୁନ୍ଦର କରି।
ଏକ ଐତିହାସିକ ପୋଟ୍ରେଟ୍ ପରି
ଏହା ଆଣି ଦେଇଥିଲା
ମୋତେ ଅଋତୁରେ ଋତୁର ଅନୁଭବ।
କ୍ଷୁଦ୍ର ଅଙ୍କୁରିତ ବୀଜ
ଆକାଶକୁ ଛୁଇଁବାର ସ୍ୱପ୍ନରେ
ମସ୍‌ଗୁଲ ହୋଇ
ମାଡ଼ି ଚାଲିଥିଲା ଆଗକୁ
ମାଟିର ଆବେଗ ଆଶ୍ଳେଷକୁ ନେଇ।

ମୁଁ ଏବେ ଭୂମିଲଗ୍ନା ଫୁଲମତୀ,
ଅଭିମାନ ନାହିଁ ତୁମ
ଛଳନାର ଛଦ୍ମବେଶୀ ଆବିର୍ଭାବରେ...
ମୋ' ଆଖିରେ ପ୍ରତିବିମ୍ବିତ
ଅୟୁତ ଯୁଗର ସ୍ୱପ୍ନ,
ନିରବତାର କଥା କହେ
ଚିକ୍‌ମିକ୍ ବିଜୁଳିର ଚମକ।
ଚେତନା ବିସ୍ଫାରିତ...
ଆର୍ତ୍ତ ଚିତ୍କାର ରୂପାନ୍ତରିତ,
ସମ୍ଭାବନାର ନୀଳକଇଁ ଉଦ୍ଭିତ,
ମାଟିମଗ୍ନା କବିତା
ଆକାଶର ଛାତ ତଳେ
ପାଇଛି ତା'ର ଅସ୍ତିତ୍ୱ,
ଅନୁଭବ କରେ ତା'ର ମୁଗ୍ଧପଣ।

ଭଲପାଅ ବୋଲି ତୁମେ
ମୁଁ ଏବେ ସୁରକ୍ଷିତ...
ତୁମରି ପ୍ରେମର ସାଗରରେ
ବୁଡ଼ି ରହିଥିବା ଶାନ୍ତିର
ଶାମୁକା ମଧ୍ୟରେ ମହାନନ୍ଦର
ମୋତିଟିଏ ଅବା।
ମୁଁ ଏବେ ପ୍ରୀତିସିକ୍ତା...
ତୁମ ମଧୁର ଉଷାର କିରଣରେ
ଅନୁରଞ୍ଜିତା ପଦ୍ମକଳିଟିଏ
ଆଶାର ପଦଯାତ୍ରା ଭୂମିରୁ ଭୂମାକୁ
ବୁଣିଦିଏ ବିଶ୍ୱାସର ବୀଜ।
ହେ ପ୍ରିୟତମ! ତୁମ ପ୍ରୀତିର ଆତ୍ମୀୟତା
ବାନ୍ଧି ରଖେ ମୋତେ ଅହରହ,
ତୁମ ଅନନ୍ତ ନୀଳିମାରେ ସ୍ନାନ
କରିବାର ଅପୂର୍ବ ଆନନ୍ଦ
ଚିରପୂର୍ଣ୍ଣିମାର ଆଭାସଦିଏ...
ଆଉ ଜାଣ... ମୋତେ ଲାଗେ
ତୁମେ ଆଉ ମୁଁ ଏକ ଓ ଅଭିନ୍ନ।

ମୋ: ୯୪୩୮୪୦୪୩୦୮

### ଟଅପୋଇ

**ନୃସିଂହ ତରାଇ**

ଲୁହର କାକରବୁନ୍ଦାରେ
ଟଳମଳ ହେଉଛି
ଗୋଟେ କାନ୍ଦ କାନ୍ଦ ମୁହଁ।

ଘୋ ଘୋ ଝଡ଼
ଓ ବାଦଲଫଟା ବର୍ଷାରେ
ଭାସିଯାଉଛି ସବୁ ଅସହାୟତା
ଦାମ୍ଭିକତାର ଦରୋଟି ଉସ୍ମ।

ଘରେ ଅଦଉତିର
ଚିରା ଫଟା ଦାଗରେ
ବିବର୍ଣ୍ଣ ତା' କଅଁଳ ସ୍ୱପ୍ନ।

ଅନ୍ଧାର ଘନେଇ ଆସିଲାଣି
ଯେମିତି ରକ୍ତମୁଖା ବାଘ
କି, କାହାର ଲୋଲୁପତାର
ଭଉଁରିରେ ଚକ୍କର କାଟୁଚି
କେଉଁ ନାବାଳିକାର ଦୋରସା ଦେହ।

ନିରିମାଖି ଆଉ ଖୋଜୁନି
ଭାତ ଲୁଗା, ଅତର
କି ଆକାଶର ଚାନ୍ଦ।

ଅନ୍ଧାରର ଆୟତ୍ତରେ
ହଜିଲା ଘରମଣି,
ପ୍ରିୟ ପ୍ରତ୍ୟୟ।

ସକାଳର ସୂର୍ଯ୍ୟୋଦୟକୁ
ଚାହିଁ ବସିଛି
ଅଲିଅଳ ଟଅପୋଇ
ଅସୁମାରି ବିଶ୍ୱାସରେ।

ମୋ: ୭୯୭୮୩୮୧୨୧୩

**ଗୀତି–କବିତା**

### ପରିପୂରକ

**ସନ୍ନ୍ୟାସୀ ନାୟକ**

ଆମ ଗାଁ ନଈ, ତୁମ ଗାଁ ଦେଇ
ବୋହିନିଏ କେତେ ପାଣି,
ସେ ପାଣିରେ ମୋର
କେତେ ଲୁହ ମିଶେ
ତୁମେ କି ପାରିଛ ଜାଣି?

ଆମ ଗାଁ ପବନ, ବାତୁଳ ବାପୁଡ଼ା
ବହେ ଶୀତଳତା ନେଇ,
କେତେ ଶିହରଣ, ଖେଳାଉଥିବ ଯେ
ତୁମ ଦେହ ଛୁଇଁ ଛୁଇଁ।

ଆମ ଗାଁ ଗୁଡ଼ି, ତୁମ ଗାଁ ଆକାଶେ
କାନି ଖାଇ ଖାଇ ଉଡ଼େ,
ତୁମକୁ ଟିକିଏ ଦେଖିବା ପାଇଁକି
ଭୂଇଁରେ ସେ ଲୋଟିପଡ଼େ।

ଆମ ଗାଁ କୋଇଲି, ତୁମ ଆମ୍ବଡାଳେ
କୁହୁ କୁହୁ ଡାକେ କେତେ,
ଯେତେ ଥର ତୁମେ ଉତ୍ତର ରଖିବ
ବଢୁଥିବ ପ୍ରେମ ସେତେ।

ପ୍ରେମ ତ ଏମିତି, ଅଢ଼େଇ ଅକ୍ଷର
ମାନେ ନାହିଁ ବାଡ଼ବତା,
ଆଖିରେ ଆଖି ତ ମିଶିଗଲା ପରେ
ହୃଦୟ କୁହଇ କଥା।

ଆମ ଗାଁ ରାସ୍ତାର ଚଉଡ଼ା ଛାତିରେ
ତୁମ ଗାଁ ରାସ୍ତା ମିଶିଛି,
ସବାରି କି ତୁମ, ହୃଦୟ ପ୍ରସାରି
ଅପେକ୍ଷାରେ ରହିଅଛି।

ମୋ: ୯୪୩୭୩୫୨୫୬୦

# ହସକୁରୀ ଝିଅ

**ଲଘୁଗଳ୍ପ**

**ପଦ୍ମାଳୟା ସାମଲ**

ଚମ୍ପି ତାଳି ମାରି ଜୋରରେ ହାଃ ହାଃ ହୋଇ ହସିଉଠିଲା ତା'ର ସାନଭାଇକୁ ଘର ସାମ୍ନାରେ ସାଇକେଲରୁ ଗଳିପଡ଼ିବା ଦେଖି। ଏତିକିବେଳକୁ ଜେଜେମା'ର ଟାଣ କଥା ତା' କାନରେ ବାଜିଲା– "ହଇଲୋ ଓପରମୁହିଁ ଘୋଡ଼ୀ! ତୋର ଥାନ ଅଥାନ ବୋଲି କିଛି ନାହିଁ। ପିଲାଟା ସାଇକେଲରୁ ପଡ଼ି ରଡ଼ିଛାଡ଼ି କାନ୍ଦୁଛି ଆଉ ତୁ ଏତିକି ବେଳକୁ ଠୋ ଠୋ ହୋଇ ହସୁଛୁ। ଅଲାଜୁକୀ ଲାଜ ନାହିଁ ତୋ' ମୁହଁକୁ ଯାହା।" ଚମ୍ପିକୁ ପୁଣି ଥରେ ହସମାଡ଼ିଲା। କିନ୍ତୁ ସେ ହସିବା ପୂର୍ବରୁ ତା' ଖୁଆକୁ ଝିଙ୍କି ବୋଉ ତା'ର ଘର ଭିତରକୁ ଟାଣି ଆଣିଲା। ବଡ଼ ଆଖି ଦେଖେଇ କହିଲା, 'ବଡ଼ ଝିଅ ହେଲୁଣି, ଏଣିକି ହସରେ ରୋକ ଲଗା।' ବୋଉର ଏ କଥା ପଦକ ଚମ୍ପିକୁ ଭଲ ଲାଗିଲା ନାହିଁ। ମନେମନେ ଭାବିଲା ବଡ଼ ହେଲେ କ'ଣ ହସିବା ମନା!

ପନ୍ଦରବର୍ଷର ଝିଅ ଚମ୍ପି। ଦୁଧଅଳତା ରଙ୍ଗର ସୁନ୍ଦର ଚେହେରା। ମୁଣ୍ଡରେ ବୋଝେ କୁଞ୍ଚୁକୁଞ୍ଚିଆ କଳା ମଚମଚ କେଶ। କଥାକୁହା ଉଜ୍ଜ୍ୱଳ ଆଖି। ଯେ କେହି ତାକୁ ଦେଖିଦେଲେ ଦେଖିଲାବାଲାର ପେଟ ପୂରିଯାଏ। ସବୁଠୁ ସୁନ୍ଦର ଚମ୍ପିର ମୁହଁରେ ଲାଖିରହିଥିବା ହସଟି। ତା'ର ମୁହଁକୁ ଭାରି ମାନେ। ସେଇ ହସରେ ସେ ବାନ୍ଧିପକାଏ ସମସ୍ତଙ୍କୁ। ବସିଲେ ହସ, ଉଠିଲେ ହସ, କଥା କଥାକେ ହସ। ହସ ହସ ମୁହଁରେ ଗାଆଁଟାସାରା ଚକ୍ରିଭଳି ଘୂରି ବୁଲିଲାବେଳେ ସମସ୍ତଙ୍କର ଦୃଷ୍ଟି ତା' ଉପରେ ଅଜାଡ଼ି ହୋଇ ପଡ଼େ। ଏମିତି ଦିନେ ହସି ହସି ଶାଶୁଘରକୁ ବିଦା ହେଲା। ଅବଶ୍ୟ ସେଦିନ ସମସ୍ତଙ୍କର ଛଳଛଳ ଆଖି ଆଉ କରୁଣ ପରିବେଶରେ ଚମ୍ପିକୁ ବି କାନ୍ଦ ଲାଗିଥିଲା।

କିଛି ଦିନ ହେବ ସବୁଦିନ ପାଇଁ ଚମ୍ପି ଫେରିଆସିଛି ବାପଘରକୁ କୋଳରେ ଦୁଇବର୍ଷର ଝିଅକୁ ଧରି। ତେବେ କେତେବେଳେ ଚମ୍ପି ଓଠରୁ ହସ ଲିଭିଗଲା ସେ ନିଜେ ବି ଜାଣିପାରିଲା ନାହିଁ। ହସହସ ମୁହଁରେ ସମସ୍ତଙ୍କୁ ଆପଣାର କରି ପାରୁଥିବା ଚମ୍ପି କାହିଁକି ସ୍ୱାମୀଙ୍କୁ ଆପଣାର କରିପାରିଲା ନାହିଁ ତା'ର ଉତ୍ତର ସେ ଖୋଜି ପାଉନାହିଁ। କାହିଁକି ତା'ର ସ୍ୱାମୀ ସହକର୍ମୀ ନେହା ସହିତ ନୂଆ ସଂସାର ଗଢ଼ିବାକୁ ନିଷ୍ପତ୍ତି ନେଲେ ଏ ପର୍ଯ୍ୟନ୍ତ ଜାଣିପାରିଲା ନାହିଁ। ସେ ତ ପିଲାବେଳୁ ଜାଣିଛି ସ୍ନେହରେ, ବିଶ୍ୱାସରେ, ଭରସାରେ ବନ୍ଧା ପାରିବାରିକ ସମ୍ପର୍କ। ବାପଘରେ ପାଦ ଦେଲା ଦିନ ଜେଜେମା'ର ଟାଇଁ ଟାଇଁ କଥା ଏବେ ବି କାନରେ ଶୁଭିଯାଉଛି– "ହଇଲୋ ପୋଡ଼ାମୁହିଁ! ହସ ହସ ମୁହଁରେ ତ ସମସ୍ତଙ୍କୁ ବାନ୍ଧିଥିଲୁ, ହେଲେ କି ଲାଭ ହେଲା ଯଦି ସ୍ୱାମୀକୁ ନିଜର କରି ନ ପାରିଲୁ! ବୁଝିଲୁ ସଂସାରଟା କେବଳ ହସ ଖୁସିରେ ଚାଲେ ନାହିଁ। ସଂସାରଟା ପରା ମାୟା। ଏଠି ତିଷ୍ଠିବାକୁ ହେଲେ ମାୟା ରଚିବାକୁ ହୁଏ। ସ୍ୱାମୀଙ୍କୁ ନିଜର କରିବାକୁ ହେଲେ କୌଶଳରେ ବାନ୍ଧି ରଖିବାକୁ ହୁଏ। କୌଶଳ ଜାଣିଚି ବୋଲି ସେ ଛତରଖାଇ ନେହା ତୋ' ସ୍ୱାମୀକୁ ତୋ'ଠାରୁ ଛଡ଼େଇ ନେଲା ସବୁଦିନ ପାଇଁ। ଏବେ ଝିଅକୁ ଧରି ବାପଘରେ ବସି ହରି ନାମ ଭଜୁଥା।" ଏବେ ବି ବୁଝିପାରୁନି ଚମ୍ପି ପରିବାର ଭିତରେ ପୁଣି ମାୟା କ'ଣ! କୌଶଳ କ'ଣ! ସ୍ୱାମୀ ତ ତା' ନିଜର ମନର ମଣିଷ। ଖୁବ୍ ଭଲ ପାଉଥିଲେ ତାକୁ। ଦୁଇ ବର୍ଷ ତଳେ ଝିଅଟିଏ ହେଲା। ସ୍ୱାମୀଙ୍କୁ ନେଇ ହସ ଖୁସିରେ ସମୟ ବିତୁଥିଲା। ଜୀବନ ବଞ୍ଚିବାର ଗୋଟେ ମାନେ ଥିଲା, ଲୋଭ ଥିଲା, ମାଦକତା ଥିଲା। ଏସବୁ ତା'ହେଲେ କ'ଣ ମିଛ ଥିଲା! ଆପେ ଆପେ ଗୋଟିଏ ଅଚିହ୍ନା ଶକ୍ତ ଧକ୍କାରେ ଯେମିତି ସେ ଚାପି ହୋଇଗଲା, ମୁହଁରୁ ହସ ଲିଭିଗଲା।



ତେବେ ସମୟ କେଉଁ ଗଳିବାଟେ ପଳାଏ କେଜାଣି? ଯା ଭିତରେ ଚମ୍ପି ବୁଝିଯାଇଥିଲା ଜୀବନକୁ ଯେତେ ସହଜ ଭାବେ ବିତେଇ ଦେବାକୁ ଚେଷ୍ଟା କରିବା ସତ୍ତ୍ୱେ ଜୀବନଟା ତାକୁ ଧୋକା ଦେଇଛି। ନିଜ ମନକୁ ଟାଣ କରି ପୁଣି ହସିବାକୁ ପଣ କଲା। ବାପା ବୁଝିଥିବା ନର୍ସରୀ ସ୍କୁଲରେ ଶିକ୍ଷକତା କରିବାକୁ ରାଜି ହୋଇଗଲା। ଝିଅକୁ ସାଙ୍ଗରେ ଧରି ସବୁଦିନ ସେ ସ୍କୁଲକୁ ଗଲା। ଛୋଟ ଛୋଟ ପିଲାଙ୍କ ମେଳରେ ଭୁଲିବାକୁ ଚେଷ୍ଟା କଲା ମାନସିକ ଯନ୍ତ୍ରଣାରେ କୁହୁଳିଥିବା ଦିନସବୁକୁ। କୋମଳମତି ପିଲାଙ୍କର ନିର୍ଭେଜାଲ ଭଲପାଇବାରେ ନିଜକୁ ହଜେଇଦେଲା।

ମୋ: ୭୦୦୮୩୪୮୧୭୨

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ନଭେମ୍ବର ୧୬/୨୦୨୪ Bhubaneswar, Saturday, November 16/ 2024

# ଓଡ଼ିଶାର ସଂଘର୍ଷପୂର୍ଣ୍ଣ ବିଜୟ

**ଭୁବନେଶ୍ୱର, ୧୫।୧୧ (ତପନ ସ୍ୱାଇଁ)**

କ୍ରମାଗତ ୨ ମ୍ୟାଚ୍‌ରେ ପରାଜୟ ପରେ ଚଳିତ ରଣ୍‌ଜୀ ଟ୍ରଫି ସିଜନରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି ଓଡ଼ିଶା। ଲକ୍ଷ୍ୟ କଷ୍ଟସାଧ୍ୟ ନ ଥିଲେ ମଧ୍ୟ କଡ଼ା ସଂଘର୍ଷ ପରେ ହିଁ ଏହି ବିଜୟ ପ୍ରାପ୍ତ ହୋଇଛି। କଟକର ବାରବାଟୀ ଷ୍ଟାଡିୟମରେ ୩ ଦିନରେ ଶେଷ ହୋଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ୩ ଉଇକେଟରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଫଳରେ ପ୍ରଥମଥର ପାଇଁ ଓଡ଼ିଶାକୁ ୬ ପଏଣ୍ଟ ମିଳିଛି।

## ରଣ୍‌ଜୀ ଟ୍ରଫି

ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଅଧିନାୟକ ଗୋବିନ୍ଦ ପୋଦ୍ଦାର ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ପ୍ରଥମ ଇନିଂସରେ ମହାରାଷ୍ଟ୍ରର ୧୬୨ ରନ ଜବାବରେ ଓଡ଼ିଶା ୨୦୦ ରନ କରିଥିଲା। ଦ୍ୱିତୀୟ ଇନିଂସରେ ମହାରାଷ୍ଟ୍ର ୧୬୬ ରନ କରିଥିବାବେଳେ ୧୨୯ ରନର ବିଜୟ ଲକ୍ଷ୍ୟକୁ ଓଡ଼ିଶା ୭ ଉଇକେଟ ହରାଇବା ପରେ ଯାଇ ହାସଲ କରିଥିଲା।

## ସୁମିତଙ୍କୁ ୫ ଉଇକେଟ

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୭୮/୩ରୁ ଖେଳ ଆରମ୍ଭ କରିଥିବା ମହାରାଷ୍ଟ୍ର ତୃତୀୟ ଦିବସରେ ଆଉ ୮୮ ରନ ଯୋଡ଼ି ଅବଶିଷ୍ଟ ୭ ଉଇକେଟ ହରାଇଥିଲା। ଓଡ଼ିଶା ସ୍ପିନ୍ ଜାଲରେ ସମ୍ପୂର୍ଣ୍ଣ ଛନ୍ଦି ହୋଇପଡ଼ିଥିଲା ମହାରାଷ୍ଟ୍ର। ମିଡଲ୍ ଅର୍ଡରରେ ହର୍ଷଲ କାଟେ ୩୪ ଓ ଲୋୟର ଅର୍ଡରରେ ରାମକ୍ରିଷ୍ଣା ଘୋଷ ସର୍ବାଧିକ ୩୯ ରନ କରିଥିଲେ। ବାମହାତୀ ସ୍ପିନର



ପ୍ଲେୟର ଅଫ୍ ଦି ମ୍ୟାଚ ଗୋବିନ୍ଦ ପୋଦ୍ଦାର।

ସୁମିତ ଶର୍ମା ଚମତ୍କାର ବୋଲିଂ କରି ୫ ଉଇକେଟ ସଫଳତା ପାଇଥିଲେ। ଗୋବିନ୍ଦ ପୋଦ୍ଦାର ୩ଟି ଓ ତରନୀ ସା ୨ଟି ଉଇକେଟ ନେଇଥିଲେ।

## ପ୍ରଥମ ବିଜୟ ସ୍ୱାଦ

୧୨୯ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଓଡ଼ିଶା ମାତ୍ର ୧୧ ରନରେ ପ୍ରଥମ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଇନିଂସରେ ଶତକ ହାସଲକାରୀ ସ୍ୱସ୍ତିକ ସାମଲ ମାତ୍ର ୯ ରନ କରିପାରିଥିଲେ। କେବଳ ସେତିକି ନୁହେଁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ବିଜୟକୁ କଷ୍ଟସାଧ କରି ଦେଇଥିଲା ଘରୋଇ ଦଳ। ତେବେ ନିର୍ଭରଯୋଗ୍ୟ ସନ୍ଦୀପ ପଟ୍ଟନାୟକ ମୂଲ୍ୟବାନ ୩୬ ରନର ଯୋଗଦାନ ଦେଇଥିବାବେଳେ ଗୋବିନ୍ଦ ପୋଦ୍ଦାରଙ୍କ ୪୮ ରନ ଶେଷରେ ମ୍ୟାଚ ବିଜୟୀ ସାବ୍ୟସ୍ତ ହୋଇଥିଲା। ନିଜ ଅଭିଜ୍ଞତାର ଉପଯୋଗ କରିଥିଲେ ଗୋବିନ୍ଦ। ସେ ୫୧ ବଲ୍‌ରୁ ୩ଟି ଲେଖାଏ ଚୌକା ଓ ଛକା ସହ ଏହି ୪୮ ରନ କରିଥିଲେ। ମହାରାଷ୍ଟ୍ର ପକ୍ଷରୁ ପ୍ରଶାନ୍ତ ସୋଲାଙ୍କି ୩, ହିତେଶ ୱାଲୁଞ୍ଜ ୨ଟି ଉଇକେଟ ନେଇଥିଲେ।

## ୨ ମାସ ବ୍ରେକ୍

ଅଗରତାଲାରେ ଓଡ଼ିଶାର ତ୍ରିପୁରା ବିପକ୍ଷ ପ୍ରଥମ ମ୍ୟାଚ ବର୍ଷାରେ ଧୋଇ ଯାଇଥିବାବେଳେ ବାରବାଟୀରେ ଅନୁଷ୍ଠିତ ଜମ୍ମୁ-କଶ୍ମୀର ବିପକ୍ଷ ଡ୍ର ମ୍ୟାଚରୁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ପାଇଥିଲା। ଭଦୋଦରାରେ ବରୋଦା ଏବଂ ମୁମ୍ବାଇରେ ମୁମ୍ବାଇ ନିକଟରୁ ଇନିଂସ ପରାଜୟ ଲଭି ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ବାରବାଟୀର ଘରୋଇ ପରିବେଶ ଓ ପିଚ୍‌ରୁ ଫାଇଦା ଉଠାଇ ବିଜୟ ପଥକୁ ଫେରିବା ଓଡ଼ିଶା ପାଇଁ ଭଲ ସୂଚନା। ଓଡ଼ିଶାକୁ ଏବେ ୨ ମାସରୁ ଊର୍ଦ୍ଧ୍ୱ ବ୍ରେକ୍ ମିଳିବ। କାରଣ ଦଳ ଏହାର ପରବର୍ତ୍ତୀ ମ୍ୟାଚ ମେଘାଳୟ ବିପକ୍ଷରେ ଖେଳିବ। ଶିଲଂର ଏମ୍‌ସିଏ କ୍ରିକେଟ ଗ୍ରାଉଣ୍ଡରେ ଏହି ମ୍ୟାଚ ୨୦୨୫ ଜାନୁଆରୀ ୨୩ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

### ସଂକ୍ଷିପ୍ତ ସ୍କୋର

ମହାରାଷ୍ଟ୍ର ପ୍ରଥମ ଇନିଂସ: ୧୬୨। ଓଡ଼ିଶା ପ୍ରଥମ ଇନିଂସ: ୨୦୦। ମହାରାଷ୍ଟ୍ର ଦ୍ୱିତୀୟ ଇନିଂସ: ୧୬୬/ଅଲଆଉଟ (ରାମକ୍ରିଷ୍ଣା ଘୋଷ-୩୯, ସଚିନ ଧସ-୩୮, ହର୍ଷଲ କାଟେ-୩୪, ସୁମିତ ଶର୍ମା-୫/୪୬, ଗୋବିନ୍ଦ ପୋଦ୍ଦାର-୩/୪୨, ତରନୀ ସା-୨/୪୮)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୩୦/୭ (ଗୋବିନ୍ଦ ପୋଦ୍ଦାର-୪୮, ସନ୍ଦୀପ ପଟ୍ଟନାୟକ-୩୬, ପ୍ରଶାନ୍ତ ସୋଲାଙ୍କି-୩/୧୨, ହିତେଶ ୱାଲୁଞ୍ଜ-୨/୪୪, ସତ୍ୟଜିତ ବଚଭ-୧/୪୮, ରାମକ୍ରିଷ୍ଣା ଘୋଷ-୧/୧୦)।

# ସଞ୍ଜୁ ସାମସନ, ତିଲକଙ୍କ ଶତକ

**ଜୋହାନ୍ସବର୍ଗ, ୧୫।୧୧**

ସଞ୍ଜୁ ସାମସନ ଓ ତିଲକ ବର୍ମାଙ୍କ ଶତକ ସହାୟତାରେ ଭାରତ ୱାଣ୍ଡରର୍ସ ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଚତୁର୍ଥ ତଥା ଅନ୍ତିମ ଟି୨୦ କ୍ରିକେଟ ମ୍ୟାଚରେ ବୃହତ୍ ସ୍କୋର କରିଛି। ମାତ୍ର ୧ ଉଇକେଟ ପଡ଼ିଥିବାବେଳେ ଭାରତ ୨୮୩ ରନ ସଂଗ୍ରହ କରିଛି। ଟସ୍ ଜିତି ବ୍ୟାଟିଂ ନେଇଥିବା ଭାରତ ଓପନିଂ ଯୋଡ଼ିରେ ୩୫ ବଲ୍‌ରୁ ୭୩ ରନ କରିବାପରେ ଅଭିଷେକ ଶର୍ମାଙ୍କ ଉଇକେଟ ହରାଇଥିଲା। ଅଭିଷେକ ୧୮ ବଲ୍‌ରୁ ୨ ଚୌକା ଓ ୪ ଛକା ସହାୟତାରେ ୩୬ ରନ କରିଥିଲେ। ତେବେ ସଞ୍ଜୁ ସାମସନ ଓ ତିଲକ ବର୍ମା ବିସ୍ଫୋରକ ବ୍ୟାଟିଂ କରି ଭାରତକୁ ବୃହତ୍ ସ୍କୋରରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ୫୧ ବଲ୍‌ରୁ ୬ ଚୌକା ଓ ୮ ଛକା ସହ ଶତକ ପୂରଣ କରିଥିଲେ ସାମସନ। ତିଲକ ମଧ୍ୟ ପଛରେ ରହି ନ ଥିଲେ। ସେ ୪୧ଟି ବଲ୍ ଖେଳି ୬ ଚୌକା ଓ ୯ ଛକା ସହାୟତାରେ ତିନି ଅଙ୍କ ସ୍ପର୍ଶ କରିଥିଲେ। ଚଳିତ ସିରିଜରେ ତିଲକଙ୍କ ଏହା କ୍ରମାଗତ ଦ୍ୱିତୀୟ ଏବଂ ସାମସନଙ୍କ ମୋଟ ଦ୍ୱିତୀୟ ଶତକ। ପୁରୁଷ ଟି୨୦ର କୌଣସି ଗୋଟିଏ ଇନିଂସରେ ୨ ଜଣ ବ୍ୟାଟର ଶତକ ହାସଲ କରିବା ଏହା ତୃତୀୟ ଦୃଷ୍ଟାନ୍ତ। ୫୬ ବଲ୍ ଖେଳି ସାମସନ ୬ ଚୌକା ଓ ୯ ଛକା ସହାୟତାରେ ୧୦୯ ଓ ୪୭ ବଲ୍‌ର ସମ୍ମୁଖୀନ ହୋଇ ତିଲକ ୯ ଚୌକା ଓ ୧୦ ଛକା ସହ ୧୨୦ ରନରେ ଅପରାଜିତ ରହିଥିଲେ। ଅସମାପ୍ତ ଦ୍ୱିତୀୟ ଉଇକେଟରେ ଦୁହେଁ ମାତ୍ର ୮୬ ବଲ୍‌ରୁ ୨୧୦ ରନର ଭାଗୀଦାରି ଗଢ଼ିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଏକମାତ୍ର ଉଇକେଟଟି ପାଇଥିଲେ ଲିଥୋ ସିପାମ୍ଲା।

# ମେଘାଳୟକୁ ହରାଇଲା ଓଡ଼ିଶା



ଆୟୋଜକଙ୍କ ଗହଣରେ ଖେଳାଳିବୃନ୍ଦ।

**ବରଗଡ଼, ୧୫।୧୧**
**(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିର ଶୁକ୍ରବାର ତୃତୀୟ ଦିବସ ମଧ୍ୟାହ୍ନଭୋଜନ ବିରତି ପରେ ଓଡ଼ିଶା ଦଳ ମେଘାଳୟକୁ ଏକ ଇନିଂସ ଓ ୧୨୧ ରନରେ ପରାସ୍ତ କରିଛି। ଏହାସହିତ ଓଡ଼ିଶା ବୋନସ ପଏଣ୍ଟ ସହ ୭ପଏଣ୍ଟ ହାସଲ କରିଛି। ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ବରଗଡ ଜିଲା କ୍ରିକେଟ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କ୍ରୀଷ୍ଣା ବିକାଶ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ମେଘାଳୟ ଦଳ ଓଡ଼ିଶା ଦଳଠାରୁ ୨୪୪ ରନ ପଛରେ ଥାଇ ଗୁରୁବାରର ଦ୍ୱିତୀୟ ଇନିଂସର ଅସମାପ୍ତ ସ୍କୋର ୮୪/୨ ରନରୁ ଖେଳ ଆରମ୍ଭ କରିଥିଲା। ଶୁକ୍ରବାର ମଧ୍ୟାହ୍ନ ବିରତି ପରେ ମେଘାଳୟର ଜଣେ ପରେ ଜଣେ ଆଉଟ୍ ହୋଇଥିଲେ। ଫଳରେ ଓଡ଼ିଶା ଦଳ ମ୍ୟାଚ୍‌କୁ ଗୋଟିଏ ଇନିଂସ୍ ଓ ୧୨୧ ରନରେ ଜିତି ମ୍ୟାଚ୍‌ରୁ ବୋନସ ପଏଣ୍ଟ ସହ ମୋଟ ୭ ପଏଣ୍ଟ ହାତେଇ ନେଇଛି। ଶୁକ୍ରବାର ମେଘାଳୟ ଦଳ ତା'ର ଦ୍ୱିତୀୟ ଇନିଂସରେ ଗୁରୁବାରର ଅସମାପ୍ତ ସ୍କୋର ୮୪/୨ ରନରୁ

## କୁଚ୍ ବିହାର ଟ୍ରଫି

ଖେଳ ଆରମ୍ଭ କରି ଦଳର ସମସ୍ତ ଖେଳାଳି ୨୦୭ ରନ କରି ଅଲ୍ ଆଉଟ୍ ହୋଇଯାଇଥିଲେ। ଦଳ ପକ୍ଷରୁ ସାବିଆନ ୭୫ ରନ୍, ଶୁଭମ୍ ୪୩ ରନ, ଜି. ନାରଲେଙ୍ଗ ୨୬ ରନ କରିଥିଲେ। ଓଡ଼ିଶା ଦଳ ପକ୍ଷରୁ ସମ୍ବିତ ବେଜା ୫୨ରନ୍ ବିନିମୟରେ ୩ ଉଇକେଟ, ସୟଦ ତୁଫାୟଲ ଅହମଦ ୫୫ରନ ବିନିମୟରେ ୩ ଉଇକେଟ, ସୌଭାଗ୍ୟ ଓଝା ୩୩ ରନ ବିନିମୟରେ ୨ ଉଇକେଟ, ଅଭିଷେକ ସିଂ ୧୪ରନ ବିନିମୟରେ ୧ ଉଇକେଟ, କ୍ରିଷ୍ଣା ମହାନ୍ତି ୩୧ରନ ବିନିମୟରେ ୧ ଉଇକେଟ ନେଇଥିଲେ। ପ୍ରକାଶ ଥାଉକି ଓଡ଼ିଶା ଦଳ ପ୍ରଥମ ଇନିଂସରେ ୪୨୪/୯ ରନ କରିଥିଲା। ମେଘାଳୟ ଦଳ ପ୍ରଥମ ଇନିଂସରେ ୯୬ ରନ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ୨୦୭ ରନ କରିବାକୁ ସକ୍ଷମ ହୋଇଥିଲା।

ମ୍ୟାଚ୍‌କୁ ବିସିସିଆଇ ଅମ୍ପାୟର ଶକ୍ତିପଦ ଭଟ୍ଟାଚାର୍ଯ୍ୟ ଓ ରମେଶ କୁମାର ପରିଚାଳନା କରିଥିଲେ। ପରବିନ୍ଦର ସିଂ ମ୍ୟାଚ ରେଫରି ଥିଲେ। ବିରାଜ ଦାଶ ଓ ରାଜୁ କୁମାର ପାଣ୍ଡେ ସ୍କୋରର ଥିଲେ। ତାପସ କୁମାର ନାୟକ ଭିଡିଓ ଆନାଲିଷ୍ଟ ଏବଂ ଗୋବିନ୍ଦ ବେହେରା ଆସିଷ୍ଟାଣ୍ଟ ଭିଡିଓ ଆନାଲିଷ୍ଟ ଥିଲେ। ଲଗାତର ଦୁଇଟି ବିଜୟ ସହ ଓଡ଼ିଶା ଦଳ ନିଜର ପରବର୍ତ୍ତୀ ମ୍ୟାଚ୍ ଖେଳିବା ପାଇଁ ଶୁକ୍ରବାର ବଲାଙ୍ଗୀର ଯାତ୍ରା କରିଛି। ଜିଲା କ୍ରିକେଟ ଆସୋସିଏଶନର ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କ୍ରିଷ୍ଣା ବିକାଶ ଗ୍ରୁପ୍ ଚେୟାରମ୍ୟାନ ଡି. ମୁରଲୀ କ୍ରିଷ୍ଣା, ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନ, ସମ୍ପାଦକ ରବି ପଣ୍ଡା, ପ୍ରାକ୍ତନ ସମ୍ପାଦକ ସୁବ୍ରତ ଚାଟାର୍ଜୀ, କୋଷାଧ୍ୟକ୍ଷ ଅମୀୟ ଭୂଷଣ ସାହୁ, କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରଦୀପ ନନ୍ଦ, ଚନ୍ଦ୍ର ଶେଖର ପ୍ରଧାନ, ସଦସ୍ୟ ରଜତ ଦାଶ, କ୍ରିଷ୍ଣା ବିକାଶ ଗ୍ରୁପ୍‌ର ସିନିୟର୍ ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଖେଳାଳି, ଦଳୀୟ ପ୍ରବନ୍ଧନର ସମସ୍ତ ସଦସ୍ୟ, ମ୍ୟାଚ ଅଫିସିଆଲ୍‌ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ କ୍ରିଷ୍ଣା ବିକାଶ ଗ୍ରୁପ୍‌ର କ୍ରୀଡ଼ା ବିଭାଗ ମୁଖ୍ୟ ପୀତାମ୍ବର ପ୍ରଧାନ, କ୍ରିକେଟ କୋଚ ଅଶୋକ ସିଂ, ଆସିଷ୍ଟାଣ୍ଟ କୋଚ ରୂପକ ପ୍ରଧାନ ଉପସ୍ଥିତ ଥିଲେ।

# ଓଡ଼ିଶା-ହରିୟାଣା ଫାଇନାଲ

**ଚେନ୍ନାଇ, ୧୫।୧୧ (ପି.ଟି.):** ୧୪ତମ ହକିଇଣ୍ଡିଆ ସିନିୟର ପୁରୁଷ ଜାତୀୟ ଚାମ୍ପିୟନଶିପ୍‌ର ଫାଇନାଲ ଶନିବାର ଓଡ଼ିଶା ଓ ହରିୟାଣା ମଧ୍ୟରେ ହେବ। ଦୁଇ ଦଳ ଶୁକ୍ରବାର ସେମାନଙ୍କ ସେମିଫାଇନାଲ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ପ୍ରଥମ ସେମିଫାଇନାଲରେ ଓଡ଼ିଶା ୪-୨ ଗୋଲ୍‌ରେ ମଣିପୁରକୁ ଏବଂ ଦ୍ୱିତୀୟ ସେମିଫାଇନାଲରେ ହରିୟାଣା ୩-୨ ଗୋଲ୍‌ରେ ଉତ୍ତର ପ୍ରଦେଶକୁ ହରାଇ ଦେଇଛି। ପ୍ରଥମ ସେମିଫାଇନାଲରେ ନୀଳକାନ୍ତ ଶର୍ମା (୭ମ ମିନିଟ) ମ୍ୟାଚର ପ୍ରଥମ ଗୋଲ ସ୍କୋର କରି ମଣିପୁରକୁ ଅଗ୍ରଣୀ କରାଇଥିଲେ। ତେବେ ୧୩ତମ ମିନିଟରେ ନୀଲମ ସଞ୍ଜୀପ ଖେସ୍‌ଙ୍କ ଗୋଲ୍ ବଳରେ ଓଡ଼ିଶା ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲା। ଶିଳାନନ୍ଦ ଲାକ୍ରା ୨୦ତମ ମିନିଟ୍‌ରେ ଏକ ଗୋଲ ଦେଇଥିବାବେଳେ ଗାନେନ୍ଦ୍ରଜିତ୍ ପିଙ୍ଗୋମବାମ୍ (୨୫ତମ ମିନିଟ)ଙ୍କ ଗୋଲରେ ମଣିପୁର ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲା। ପ୍ରସାଦ କୁଜୁର ଓ ସୁଦୀପ ଚିରମାକୋଙ୍କ ଗୋଲରେ ଓଡ଼ିଶା ମ୍ୟାଚ ଜିତିଥିଲା।

# ମାର୍କ କିଙ୍ଗ୍ ୫ ବର୍ଷ ବାସନ୍ଦ




**ଶିଫିଲ୍ଡ, ୧୫।୧୧ (ଏପି)**

ଇଂଲିଶ ସ୍ନୁକର ଖେଳାଳି ମାର୍କ କିଙ୍ଗ୍‌ଙ୍କୁ ଶୁକ୍ରବାର ୫ ବର୍ଷ ବାସନ୍ଦ କରାଯାଇଛି। ମ୍ୟାଚ ଫିକ୍ସିଂ କରିବା ଓ ଟୁର୍ନାମେଣ୍ଟର ଭିତିରି ତଥ୍ୟ ଯୋଗାଇ ଦେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୫୦ ବର୍ଷୀୟ କିଙ୍ଗ୍ ୨୦୦୩ରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ ୧୧ଶ ସ୍ଥାନ ହାସଲ କରିଥିଲେ। ଗତବର୍ଷ ଫେବୃଆରୀ ୧୩ରେ ଖେଳାଯାଇଥିବା ୱେଲ୍ସ ଓପନରେ ଜୋ ପେରୀଙ୍କ ବିପକ୍ଷ ଏକ ମ୍ୟାଚ ବେଳେ ସେ ବେଟିଂ ସିଣ୍ଡିକେଟ ସହ ଯୋଗାଯୋଗରେ ଥିଲେ ବୋଲି ସନ୍ଦେହ ସୃଷ୍ଟି ହୋଇଥିଲା। ଏହାର ଏକ ମାସରେ ସ୍ନୁକର ପରିଚାଳନା ପରିଷଦ କିଙ୍ଗ୍‌ଙ୍କୁ ସସ୍‌ପେଣ୍ଡ କରିଥିଲା। ଅଭିଯୋଗର ତଦନ୍ତ ପାଇଁ ଏକ ସ୍ୱାଧୀନ ଶୃଙ୍ଖଳା କମିଟି ଗଠନ କରାଯାଇଥିଲା। ତଦନ୍ତ ପରେ ଜଣାପଡ଼ିଥିଲା ଯେ, କିଙ୍ଗ ବେଟିଂ ଉଦ୍ଦେଶ୍ୟରେ ମ୍ୟାଚ ସମ୍ପର୍କରେ ଭିତିରି ତଥ୍ୟ ପ୍ରଦାନ କରିଥିଲେ। ତାଙ୍କ ବିରୋଧରେ ଅଣାଯାଇଥିବା ଏହି ଅଭିଯୋଗକୁ ସେତେବେଳେ ସେ ଖଣ୍ଡନ କରିଥିଲେ। କିଙ୍ଗଙ୍କ ବାସନ୍ଦ ଦଣ୍ଡ ୨୦୨୮ ମାର୍ଚ୍ଚ ୧୭ରେ ଶେଷ ହେବ। ତାଙ୍କୁ ଆହୁରି ମଧ୍ୟ ୬୮,୦୦୦ ପାଉଣ୍ଡ (୮୬,୦୦୦ ଡଲାର) ଜରିମାନା କରାଯାଇଛି। ମ୍ୟାଚ ଫିକ୍ସିଂରେ ଦୋଷୀ ସାବ୍ୟସ୍ତ ହୋଇ ଚାଇନିଜ ଖେଳାଳି ଲିଆଙ୍ଗ ୱେନ୍‌ବୋ ଓ ଲି' ହାଙ୍ଗ୍‌ଙ୍କୁ ସ୍ନୁକରରୁ ଆଜୀବନ ବାସନ୍ଦ କରାଯାଇଛି।

# ଟିଆଫୋଙ୍କୁ ୧,୨୦,୦୦୦ ଡଲାର ଜରିମାନା

**ତୁରିନ୍, ୧୫।୧୧ (ଏପି):** ୟୁଏସ୍ ଓପନ ସେମିଫାଇନାଲିଷ୍ଟ ଫ୍ରାନ୍‌ସେସ୍ ଟିଆଫୋଙ୍କୁ ୧୨୦,୦୦୦ ଆମେରିକୀୟ ଡଲାର ଜରିମାନା ହୋଇଛି, କିନ୍ତୁ ତାଙ୍କୁ ସସ୍‌ପେଣ୍ଡ କରାଯାଇ ନାହିଁ। ଗତ ମାସରେ ଶାଂଘାଇ ମାଷ୍ଟର୍ସରେ ଏକ ମ୍ୟାଚରେ ପରାଜିତ ହେବାପରେ ସେ ଚେୟାର ଅମ୍ପାୟରଙ୍କୁ ବାରମ୍ବାର ଗାଳି ଦେଇଥିଲେ। ଇଟାଲୀରେ ସିଜନ ଶେଷ ଟୁର୍ନାମେଣ୍ଟ ବେଳେ ଏଟିପି (ଆସୋସିଏଶନ ଅଫ୍ ଟେନିସ ପ୍ରଫେଶନାଲ୍ସ) କହିଛି, ଜରିମାନା କମିଟି ଟିଆଫୋଙ୍କୁ ଅପମାନଜନକ ବ୍ୟବହାର ପାଇଁ ୬୦,୦୦୦ ଡଲାର ଏବଂ ମୌଖିକ ଦୁର୍ବ୍ୟବହାର ପାଇଁ ଅତିରିକ୍ତ ୬୦,୦୦୦ ଡଲାର ଜରିମାନା କରାଯାଇଛି। ମେରୀଲାଣ୍ଡର ୨୬ ବର୍ଷୀୟ ଟିଆଫୋଙ୍କୁ ହୁଏତ ସସ୍‌ପେଣ୍ଡ କରାଯାଇ ପାରିଥାନ୍ତା, ମାତ୍ର ତାଙ୍କୁ ପ୍ରତିଯୋଗିତାରେ ଅଂଶଗ୍ରହଣରୁ ବଞ୍ଚିତ କରାଯାଇ ନାହିଁ।

# ପିଓକେରେ ହୋଇପାରିବନି ଟ୍ରଫି ଟୁର୍: ଆଇସିସି

**ନୂଆଦିଲ୍ଲୀ, ୧୫।୧୧ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆପତ୍ତି ଉଠାଇବା ପରେ ବିବାଦୀୟ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଚାମ୍ପିୟନ୍ସ ଟ୍ରଫି ଟୁର୍‌କୁ ରୋକି ଦେଇଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)। ଏହାଛଡ଼ା ଏହି ପ୍ରମୋଶନାଲ ଇଭେଣ୍ଟକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିବା ଲାଗି ଆଇସିସି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ନିର୍ଦ୍ଦେଶ ଦେଇଛି। ଗତଥର ଏହି ଟୁର୍ନାମେଣ୍ଟ ୨୦୧୭ରେ ଖେଳାଯାଇଥିଲା। ପଡୋଶୀ ଦେଶ ପାକିସ୍ତାନ ସହିତ ତିକ୍ତ ସମ୍ପର୍କ ଯୋଗୁ ଭାରତୀୟ ଦଳ ବର୍ତ୍ତମାନ ପରିସ୍ଥିତିରେ ସୁରକ୍ଷା ଜନିତ କାରଣରୁ ପାକିସ୍ତାନ ଗସ୍ତ




କରିବାରେ ସକ୍ଷମ ନୁହେଁ ବୋଲି ବିସିସିଆଇ ବିଧିବଦ୍ଧ ଭାବେ ଆଇସିସିକୁ ଅବଗତ କରାଇଛି। ଏଣେ ପିସିବି 'ହାଇବ୍ରିଡ୍ ମଡେଲ' ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛି। ଏଥିରେ ଟୁର୍ନାମେଣ୍ଟରେ ଫାଇନାଲ ସମେତ ଭାରତକୁ ନେଇ ମ୍ୟାଚଗୁଡ଼ିକ ଦୁବାଇରେ ଆୟୋଜନ କରିବାଲାଗି କୁହାଯାଇଛି। ଏହି ପରିସ୍ଥିତିରେ ଟୁର୍ନାମେଣ୍ଟରେ କାର୍ଯ୍ୟସୂଚୀ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇପାରୁ ନ ଥିବା ବେଳେ ନୂଆ ବିବାଦ ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ଶୁଣାଯାଉଛି ଯେ, ବିସିସିଆଇ ସମ୍ପାଦକ ଜୟ ଶାହା ଶୁକ୍ରବାର ଆଇସିସିର ଉଚ୍ଚ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଛନ୍ତି। ପାକିସ୍ତାନର ଏହି କାର୍ଯ୍ୟକଳାପକୁ ନିନ୍ଦା କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି। ପିସିବି ପାକିସ୍ତାନ ଅଧିକୃତ ଅଞ୍ଚଳର ଏକାଧିକ ସହରରେ ଟ୍ରଫି ଟୁର୍‌ର ଯୋଜନା କରିଥିବାରୁ ଆଇସିସି ବିରକ୍ତି ପ୍ରକାଶ କରିଛି। ଟ୍ରଫି ଟୁର୍ ହେଉଛି ବିଶ୍ୱ ପରିଚାଳନା ପରିଷଦର ଏକ ପ୍ରଚାର ଅଭିଯାନ। ଆଇସିସି ଓ ଆୟୋଜକ ଦେଶ ମଧ୍ୟରେ ଆଲୋଚନା ପରେ ଏହି କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଥାଏ। ମାତ୍ର ପାକିସ୍ତାନ କ୍ରିକେଟ ବୋର୍ଡ ସମସ୍ତ ଅଂଶୀଦାରଙ୍କ ସହ ବିନା ପରାମର୍ଶରେ ଏହାର ଅଫିସିଆଲ ସୋସିଆଲ ମିଡିଆରେ ଘୋଷଣା କରିଛି ଯେ, ଟ୍ରଫିକୁ ସ୍କାର୍ଦ୍ଦୁ, ମୁରୀ ଓ ହୁଞ୍ଜା ଅଞ୍ଚଳକୁ ନିଆଯିବ; ଯାହା କି ବିବାଦୀୟ ପିଓକେ ଅଧୀନରେ ରହିଛି। ଜଣେ ଆଇସିସି ବୋର୍ଡ ସଦସ୍ୟଙ୍କୁ ଏ ବିଷୟରେ ପଚରାଯିବାରେ ସେ କହିଛନ୍ତି, ଟ୍ରଫି ଟୁର୍ ନେଇ ଆଲୋଚନା ଜାରି ରହିଛି। ଟ୍ରଫିକୁ କୌଣସି ବିବାଦୀୟ ଅଞ୍ଚଳକୁ ନେବା ଲାଗି ପିସିବିକୁ ଆଇସିସି ଆଦୌ ଅନୁମତି ଦେବ ନାହିଁ ବୋଲି ସେ ମନେ କରନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ